

ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-201 •FRIDAY •16 JANUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦୧ •ଶୁକ୍ରବାର •୧୬ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ଚୀନ ସାଗରରୁ ବାହାରି ମଧ୍ୟପ୍ରାଚ୍ୟ ଯାଉଛି ଷ୍ଟ୍ରାଇକ୍ ଗ୍ରୁପ୍

**ଟ୍ରମ୍ପଙ୍କ ଧମକ ପରେ ନରମିଲା ଇରାନ**

**ଫାଶୀ ଦଣ୍ଡ ସ୍ଥଗିତ**

**ଏବେ ଯୁଦ୍ଧ ହୋଇନପାରେ**

**ବାୟୁ ସୀମା ଖୋଲିଲା ଇରାନ**



■ ୱାସିଂଟନ, ୧୫ ।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣକରିପାରନ୍ତିଆମେରିକାସେନା। ।ତେବେ ଟ୍ରମ୍ପଙ୍କ ଧମକ ପରେ ଇରାନ ବିକ୍ଷୋଭକାରୀଙ୍କୁ ମୃତ୍ୟୁଦୁଣ୍ଡ ଦେବା ସ୍ଥଗିତ ରଖିଥିବାରୁ ଇରାନ ଉପରେ ଆମେରିକା ଏବେ ଆକ୍ରମଣ କରିନପାରେ ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ମୃତ୍ୟୁଦଣ୍ଡ ନଦେବାଲାଗି ଇରାନ ପ୍ରତିଶ୍ରୁତି ଦେବାପରେ ଟ୍ରମ୍ପ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଇରାନ ଆକ୍ରମଣ ଆଶଙ୍କାରେ କତାରରୁ ସେନା ପ୍ରତ୍ୟାହାର କରିଥିବା ଆମେରିକା ଏହି ସେନାକୁ ପୁଣି କତାର ପଠାଇଛି। ପରିସ୍ଥିତି ଶାନ୍ତ ପଡ଼ୁଥିବାରୁ ଇରାନ ଏହାର ଆକାଶ ସୀମାକୁ ମଧ ଖୋଲିଦେଇଛି।

ଅନ୍ୟପକ୍ଷରେ ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡ଼ିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍‌ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ▶ପୃଷ୍ଠା-୭

## ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



**ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ**

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ**

**ଇଡି ଅଧିକାରୀଙ୍କ ବିରୋଧରେ ଏଫ୍‌ଆଇଆର୍ ଉପରେ ରୋକ୍**

■ନୂଆଦିଲ୍ଲୀ, ୧୫ ।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସର ଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡ଼ିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▶ପୃଷ୍ଠା-୭

**ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ**

# ବିଜେଡିରୁ ନିଲମ୍ବିତ ହେଲେ ବିଧାୟକ ସନାତନ, ଅରବିନ୍ଦ



**ଦଳୀୟ ଶୃଙ୍ଖଳାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା**

**କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ**

**ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର**

**ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର**

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ▶ପୃଷ୍ଠା-୭

## ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ

# ୧୬୩ ଧାରା ଜାରି; ଇଣ୍ଟରନେଟ୍ ବନ୍ଦ



**ଇଟା, ପଥର ମାଡ଼ ଓ ଭଙ୍ଗାରୁଜା**

**୪ ପୁଲିସ ସମେତ ୧୦ ଆହତ**

■ ରାଉରକେଲା, ୧୫।୧ (ସମିସ): ଗୁରୁବାର ସୁନ୍ଦରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ପକ୍ଷରୁ ଇଟା ପଥର ମାଡ଼ ହେବାରୁ ଅନ୍ୟ ଗୋଷ୍ଠୀ ସହ ପ୍ରଥମେ ଉଚ୍ଚବାଚ ଓ ପରେ ସଂଘର୍ଷ ଘଟିଥିଲା। ଏଥିରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ)ର ୧୬୩ ଧାରା ଜାରି କରାଯିବା ସହ ଗୁରୁବାର ସଂଧ୍ୟା ୬ଟାରୁ ଶୁକ୍ରବାର ସଂଧ୍ୟା ୬ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବାକୁ ବନ୍ଦକରି ଦିଆଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ପ୍ରଶାସନିକ ଅଧିକାରୀଙ୍କ ସହ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଏବଂ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି।

ସୂଚନା ମୁତାବକ, ଗୁରୁବାର ସୁନ୍ଦରଗଡ଼ ଟାଉନ୍ ଥାନା ଅଧୀନ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ-ମାଂସ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇଥିଲା। ଏହାପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ଼ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲା। ଏସ୍‌ପି ଅମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରର ସମସ୍ତ ଦୋକାନ ବଜାର, ବସ୍ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଛି। ତୁରନ୍ତ ଏକ ଶାନ୍ତି କମିଟି ଗଠନ କରି ବୈଠକ ଡାକିବାକୁ ଏସପିଙ୍କୁ ଡିଆଇଜି ଶ୍ରୀ ରାଏ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଏହି ଘଟଣା ଯେପରି ସୋସିଆଲ ମିଡିଆରେ ନ ବ୍ୟାପିବ ସେଥିପାଇଁ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ଶୁକ୍ରବାର ସମସ୍ତ ସ୍କୁଲ କଲେଜ ବନ୍ଦ ରଖିବାକୁ ସ୍ଥିର କରାଯାଇଛି।

## ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫ ।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ପଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

## ପରିବହନ ପ୍ରାଧିକରଣକୁ ଘାରିଛି ଜୋରିମାନା ନିଶା

# ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ମନ୍ତ୍ରୀ-ଅଧିକାରୀ





**▶▶ ଗାଡ଼ି ମାଲିକଙ୍କୁ ଏସ୍‌ଟିଏର ବେଡ଼ି ଉପରେ କୋରଡ଼ା**

**▶▶ ଟୋଲଗେଟ୍‌ରେ ବନ୍ଦ ହେଲାନି ଇ-ଡିଟେକ୍ସନ ବ୍ୟବସ୍ଥା**

**▶▶ ବୈଧ ଇନସ୍ୟୁରାନ୍ସ ସତ୍ତ୍ୱେ ଆସୁଛି ଏକାଧିକ ଚାଲାଣ**

■ ଭୁବନେଶ୍ୱର, ୧୫ ।୧ (ସମିସ): ଜରିମାନା ଆଦାୟ ମୋହରୁ ଉଠି ପାରୁନି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏସ୍‌ଟିଏକୁ ଘାରିଥିବା ଟଙ୍କା ନିଶା ଉତୁରୁ ନାହିଁ। ତେଣୁ ପୂର୍ବବତ୍ ଏବେ ବି ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ଲଗାଯାଇଥିବା ଇ-ଡିଟେକ୍ସନ ବ୍ୟବସ୍ଥା ଚାଲୁ ରଖି ଏସ୍‌ଟିଏ ଲୋକଙ୍କ ଉପରେ ଜୋରିମାନା କଷୁଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଡିଟେକ୍ସନ ବ୍ୟବସ୍ଥାରେ ବୈଧ ଇନସ୍ୟୁରାନ୍ସଧାରୀଙ୍କୁ ମଧ ଚାଲାଣ ପଠାଯାଉଛି। ଏମିତି କି କେତେକ ଗାଡ଼ିମାଲିକଙ୍କୁ ୨-୩ ଦିନ ମଧ୍ୟରେ ଏକାଧିକ ଚାଲାଣ ଆସୁଛି। ଏଭଳି ଚାଲାଣ ଦେଖିବା ପରେ ଏସ୍‌ଟିଏର ଜରିମାନାଖୋର୍ ମନୋଭାବ ପଦାକୁ ଆସିଛି। ରାଜ୍ୟରେ ପିୟୁସିସି ସହିତ ପୁରୁଣା ଜରିମାନାକୁ ଯୋଡ଼ି ପରିବହନ ବିଭାଗ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ଯେଉଁ ଉଦ୍ୟମ କରିଥିଲା, ତାକୁ ନେଇ ସାରା ରାଜ୍ୟରେ ବିବାଦ ତେଜିଛି। ଏହାସହିତ ଯେଉଁ ଗାଡ଼ିଗୁଡ଼ିକର ପିୟୁସିସି କିମ୍ବା କୌଣସି ଇନ୍‌ସ୍ୟୁରାନ୍ସର ବୈଧତା ଶେଷ ହୋଇଛି, ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରିବା ପାଇଁ ରାଜ୍ୟର ▶ପୃଷ୍ଠା-୭

# ଯୋଗାଣ ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲ୍ଲା ଯୋଗାଣ ଅଫିସରେ ତାଲା

ବରଗଡ଼,୧୫।୧(ସମିସ)



ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀଙ୍କ ଦୁଃଖ ଧିରେ ଧିରେ ଗଭୀର ହେବାରେ ଲାଗିଛି। ଅଧିକାଂଶ ମଣ୍ଡିରେ କଟନିଛଟନି ଏବଂ ଦଲାଲ ରାଜ୍ ଦାଉରୁ ଚାଷୀଙ୍କର ନାହିଁ ନଥିବା କ୍ଷତି ହେଉଛି। ଏପରିକି ଯେଉଁ ଚାଷୀ କଟନିଛଟନିକୁ ସ୍ୱୀକାର କରୁନାହିଁ ତାଙ୍କ ଧାନ ମାସାଧିକ କାଳ ମଣ୍ଡିରେ ପଡିଲେ ମଧ୍ୟ ଧାନ ଉଠୁନାହିଁ। ଦିନରାତି ତା ଧାନକୁ ଜଗି ଚାଷୀ ଚିନ୍ତାରେ ରହୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଭଟଲି ବ୍ଲକ୍ ଅନ୍ତର୍ଗତ ସୁଲୁସୁଲିଆ ମଣ୍ଡିରେ ଦେଖିବାକୁ ମିଳିଛି। ଚାଷୀଙ୍କ ଧାନ ଗୋଟିଏ ମାସ ହେବ ମଣ୍ଡିରେ ପଡି ରହିଛି। ଏ ପର୍ଯ୍ୟନ୍ତ ବି ଧାନ ନ ଉଠିବାରୁ ଆଜି ବରଗଡ଼ ଜିଲ୍ଲା ଯୋଗାଣ ଅଫିସକୁ ଚାଷୀ ତାଲା ପକାଇ ବନ୍ଦ କରିଛନ୍ତି। ଦିନ ୧୨ ଟାରୁ ଅଫିସ୍ ବନ୍ଦ ହେବାରୁ ଅତିରିକ୍ତ ଯୋଗାଣ ସହାୟକ, ପୁଲିସ୍ ଏସ୍‌ଡିପିଓ ଆସି ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ବିନା କଟନିଛଟନିରେ ଧାନ ଉଠାଇବାକୁ ଚାଷୀ ଦାବି ଜଣାଇଥିଲେ। ୫ ଟା ପର୍ଯ୍ୟନ୍ତ ତାଲାବନ୍ଦ କରାଯାଇଥିଲେ ମଧ୍ୟ ସମାଧାନ ହୋଇ ନଥିଲା। ଏବେ ଚାଷୀ ସମ୍ପୂର୍ଣ୍ଣ ଭାବେ ନିରୁପାୟ। ଆଜିର କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବିଜୟ ପ୍ରଧାନ, ମିନିଷ୍ଟର ବାରିକ, ଘନଶ୍ୟାମ ସା ପ୍ରମୁଖ ଉପସ୍ଥିତ ଥିଲେ। ଯଦି ଚାଷୀଙ୍କ ଧାନ, ବିନା କଟନିଛଟନିରେ ଉଠା ନ ଯାଏ ତା ହେଲେ ସବୁ ଧାନ ଆଣି ଜିଲ୍ଲାପାଳ ଅଫିସ୍‌ରେ ଭର୍ତ୍ତି କରି ଦିଆଯିବ ବୋଲି ଜୟ କିଷାନ୍ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆଁ ଚେତାବନୀ ଦେଇଛନ୍ତି।

# ନୂତନ ଭୋଟଦାନ କେନ୍ଦ୍ର ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଗାଇସିଲେଟ,୧୫।୧(ସମିସ): ସ୍ୱାଧୀନତାର ସାତ ଦଶକ ପରେ ବି ଗ୍ରାମବାସୀଙ୍କୁ ଭୋଟଦାନ କେନ୍ଦ୍ର ମିଳିପାରି ନାହିଁ। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ କଟାବାହାଲ ପଞ୍ଚାୟତ ଅଧୀନ କେନ୍ଦୁମାଲ ଗ୍ରାମବାସୀ ନିଜ ଗାଁରେ ଭୋଟ ଦେବା ସୁଯୋଗରୁ ବଞ୍ଚିତ ଅଛନ୍ତି। ଭାରତ ସ୍ୱାଧୀନ ହେବା ଠାରୁ ନିଜ ଗାଁରେ ଭୋଟ ଦେବା ପାଇଁ ଏଠାକାର ଭୋଟର ପ୍ରାୟ ୬ କିମି ଦୂର ପରମାନନ୍ଦପୁର ଗାଁକୁ ଯାଉଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଏତେ ଦୂରକୁ ଯିବା ସମ୍ଭବ ହେଉ ନଥିବାରୁ ଅନେକ ବୟସ୍କ ଲୋକ ଭୋଟଦେବାରୁ ବଞ୍ଚିତ ହେଉଥିବାବେଳେ ସାଧାରଣ ଭୋଟର ବି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧ, ମହିଳା, ଦିବ୍ୟାଙ୍ଗ ଓ ଦୈନିକ ଶ୍ରମିକ ମାନଙ୍କ ପାଇଁ ଦୀର୍ଘ ୬ କିମି ଦୂର ଯାତ୍ରା କରି ଭୋଟ ଦେବା ଏକ ଚ୍ୟାଲେଞ୍ଜ ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ନିଜ ଗାଁରେ ଭୋଟ ଦେଉଥିବା ବେଳେ ସାଧାରଣ ନିର୍ବାଚନରେ ଏଠାରେ ଭୋଟଦାନ କେନ୍ଦ୍ର ହେଉ ନ ଥିବାରୁ ଅନେକ ଲୋକ ଭୋଟ ଦେବାରୁ ବଞ୍ଚିତ ରହୁଛନ୍ତି। ଗାଁରେ ପ୍ରାୟ ୫୬୮ ଜନସଂଖ୍ୟା ରହିଥିବା ବେଳେ ୩୩୫ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଭୋଟର ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ସୁଚାରୁ ନିର୍ବାଚନ ପ୍ରକ୍ରିୟାକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ସମାଜସେବୀ ସୁଶାନ୍ତ ପଣ୍ଡାଙ୍କ



ନେତୃତ୍ୱରେ ଆଜି ଗ୍ରାମବାସୀ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଗାଁରେ ଭୋଟଦାନ କେନ୍ଦ୍ର ସ୍ଥାପନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ଅବସରରେ ଗାଁର ସମୀର ସାହୁ, ପ୍ରିୟରଞ୍ଜନ ସାହୁ, ଲକ୍ଷ୍ମିକାନ୍ତକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ଉପଜିଲ୍ଲାପାଳ ଲୋକ ମାନଙ୍କ ଦାବି ପ୍ରତି ସକାରାତ୍ମକ ମନୋଭାବ ପ୍ରକାଶ କରି ଏହାକୁ ସମ୍ପର୍କିତ ବିଭାଗ ଓ ନିର୍ବାଚନ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

# ମହିଳାଙ୍କ ମୃତ୍ୟୁ: ଆତ୍ମହତ୍ୟା ନା ହତ୍ୟା?

## ● ଯୌତୁକ ନିର୍ଯାତନା ଅଭିଯୋଗ

ଅମ୍ବାଭୋନା,୧୫।୧(ସମିସ): ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ଥାନା ଭୁକ୍ତା ଗାଁରେ ଜଣେ ମହିଳାଙ୍କ ଅକାଳ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଭୋଲାନାଥ ପାତିକାରଙ୍କ ପତ୍ନୀ ମନିଷା ପାତିକାର (୨୯) ପାରିବାରିକ କଳହ ଯୋଗୁଁ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ହେଲେ ମୃତ୍ୟୁର ପ୍ରକୃତ କାରଣ ନେଇ ସନ୍ଦେହ ଘନୀଭୂତ ହୋଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ, ପୁଲିସ ଘଟଣାର ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ପ୍ରାୟ ୩ ବର୍ଷ ପୂର୍ବେ ଭୋଲାନାଥ ପାତିକାର ଓ ମନିଷା ପାତିକାରଙ୍କର ପ୍ରେମ ବିବାହ ହୋଇଥିଲା। ତାଙ୍କର ୨ ବର୍ଷର ଏକ ପୁଅ ମଧ୍ୟ ରହିଛି। ମୃତ ମହିଳାଙ୍କ ମା' ଶୁଭଲୟା ପାତିକାର ଅମ୍ବାଭୋନା ଥାନାରେ ଅଭିଯୋଗ କରିଛନ୍ତି ଯେ, ପୁଅ ଜନ୍ମ ପରେ ମନିଷାଙ୍କୁ ଶାରୀରିକ, ମାନସିକ ଏବଂ ଯୌତୁକ ନିର୍ଯାତନା ଦିଆଯାଉଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ, ମୃତ ମହିଳାଙ୍କ ସ୍ୱାମୀ ପକ୍ଷରୁ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା। ଖବର ଲେଖାଯିବା ସମୟ ପର୍ଯ୍ୟନ୍ତ ଅମ୍ବାଭୋନା ତହସିଲଦାରରଘୁନାଥ ପାଣିଗ୍ରାହୀ ଓ ଅମ୍ବାଭୋନା ଥାନା ଅଧିକାରୀ ସୌରଭ ଭୋଇ ଭୁକ୍ତା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

# ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ବରଗଡ଼,୧୫।୧(ସମିସ): ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ଏକ ସଭା ଏଇ ମିସନ ସ୍କୁଲ ସଭାଗୃହରେ ଡ.ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ସମ୍ପାଦକ ସନ୍ତୋଷ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଯୁଗଳ ପ୍ରସାଦ ସିଂଙ୍କ ପରିଚାଳନାରେ ଆସନ୍ତା ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଛି। ସେମାନେ ହେଲେ ସଭାପତି ଦଧିବାବନ ଶତପଥୀ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂ, ସମ୍ପାଦକ ତୁଳସୀ ଚରଣ ଦାଶ, ସହ ସମ୍ପାଦକ ଡ. ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ। ସର୍ବ ସମ୍ମତି କ୍ରମେ ସେମାନଙ୍କୁ ମନୋନୀତ କରାହୋଇଛି। ଲୁଲୁରବିନ ଦାସଙ୍କ ଆବାହକତ୍ୱରେ ସଭାରେ କୃଷ୍ଣ ଚନ୍ଦ୍ର ପଣ୍ଡା, ଉଦ୍ଧବ ଚରଣ ବେହେରା, ବିମଳ କୃଷ୍ଣ ମିଶ୍ର, ,ଶିବାନନ୍ଦ ମଟାରୀ, ନୁରାବତି ସାହୁ, ପ୍ରଦୀପ ମିଶ୍ର, ଜୟଶ୍ରୀ ପଣ୍ଡା, ସଂଘମିତ୍ରା ପଟେଲ, ମନୋଜ ବାଗ ପ୍ରମୁଖ ଯୋଗଦାନ କରି ମନୋନୟନ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ କୃଷ୍ଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ

ଅମ୍ବାଭୋନା,୧୫।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ପଠନ ପ୍ରୋତ୍ସାହନ ସପ୍ତାହ ଉପଲକ୍ଷେ 'ପଢ଼ିବା ଗଢ଼ିବା ଓଡ଼ିଶା' ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମ୍ବାଭୋନା ଏବିଇଓ ଲାଲ ମୋହନ ସିଂ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ସିଆରସିସି କେଦାର ନାଏକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମୌଖିକ ଭାଷାର ବିକାଶ, ପଠନ ଦକ୍ଷତା ବୃଦ୍ଧି ଏବଂ ଲେଖନୀ ମାଧ୍ୟମରେ ଭାବ ପ୍ରକାଶ କରିବାର ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ତେଜରାମ ସା, ପ୍ରକାଶ ପଧାନ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଶ୍ରୀପତି ସାହୁ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ରଞ୍ଜିତ ସାହୁ, ଅମୂଲ୍ୟ ଭୋଇ, ସୁଦର୍ଶନ ସାହୁ, ଦେବାଶିଷ ମିର୍ଦ୍ଧା, ଅନୀଲ ସିଦାର, ଶିକ୍ଷୟିତ୍ରୀ ରୋଜାଲିନ ଭୋଇ, ସୌଦାମିନୀ ବାରିକ, ରାଜୀ ଭୁଏ, ସରିତା ପଟେଲ, ମନୋଜା ପଟେଲ ପ୍ରମୁଖ  ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

ବରଗଡ଼,୧୫।୧(ସମିସ): ବରଗଡ଼ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗ ଦେଇଥିଲେ। ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭୀମସେନ ରାଉତ, ଆଲୁମିନି କମିଟିର ସଦସ୍ୟା ରେଣୁ ଦାଶ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଭିଜନ ଓଡ଼ିଶାର ୧୦୦ ବର୍ଷ ପାଇଁ ପୂର୍ତ୍ତି ଅବସରରେ 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬' ବିଷୟ ବସ୍ତୁ ଟାଲେଣ୍ଟ ଗ୍ୟାଲେରୀରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶନୀ, ଦୋକାନ ଯାତ୍ରା ଆଦି ଆୟୋଜନ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୩୦ଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୨୬ ନମ୍ବର ରାଜପଥ ଦୁର୍ଘଟଣାରେ ଦୁଇ ଯୁବକ ମୃତ

ବରପାଲି/ମହଦା,୧୫।୧(ସମିସ): ବରପାଲି ବ୍ଲକ୍ ମହଦା ନେହେରୁ ନଗର ରାସ୍ତା କଡ଼ ଗଛରେ ଏକ ବାଇକ ପିଟି ହୋଇ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଗତକାଲି ରାତିରେ ଡୁଙ୍ଗୁରିପାଲି ବ୍ଲକ୍ ଚିନାଜୁରୀ ଅଞ୍ଚଳର ଦୁଖନାସନ ସେଟ (୨୯) ଓ ବିନୋଦ ନାଏକ (୨୮) ବାଇକରେ କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ବରପାଲି ପଟକୁ ଆସୁଥିଲେ। ନଗର ରାଜପଥ ବୁଲାଣି ପାର ହେଉଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇଥିଲେ। ଦୁର୍ଘଟଣାରେ ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁବରଣ ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ପହଞ୍ଚାଇଥିଲେ। ପୁଲିସ ଦୁଇ ମୃତକଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ବରଗଡ଼କୁ ପଠାଇ ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରଖିଛି।

# କ୍ରୀଡ଼ାବିତ ସୀମା ଓ ଦୀପିକାଙ୍କୁ ସ୍ୱର୍ଣ୍ଣ ପଦକ

ବରପାଲି,୧୫।୧(ସମିସ): ହରିଆଣାର ମାନବରଚନା ବିଶ୍ୱ ବିଦ୍ୟାଳୟ, ଫରିଦାବାଦରେ ଅନୁଷ୍ଠିତ ଜାତୀୟ ଚାମ୍ପିଅନସିପ ଫୁଟସାଲ ୨୦୨୬ କ୍ରୀଡା ପ୍ରତିଯୋଗିତାରେ ସ୍ପେସିଆଲ ଅଲମ୍ପିକ ଭାରତ, ଓଡ଼ିଶା ପକ୍ଷରୁ କ୍ରୀଡାବିତ୍ ସୀମା ପଟେଲ ଓ ଦୀପିକା କୁମ୍ଭାର ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର ତଥା ୟୁନିଫାଏଡ ଚାମ୍ପିଅନ ସ୍କୁଲର ଦୁଇ ଛାତ୍ରୀ ଫୁଟ୍‌ସାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଲାଭ କରି ସଫଳତାର ସହ ଫେରିଛନ୍ତି। କୋଚ୍ ବିବେଶିଖା ବେହେରାଙ୍କ ତତ୍ତ୍ୱାବଧାନରେ କନିଷ୍ଠ ବିଭାଗରୁ ସୀମା ଓ କୋଚ୍ ସସ୍ମିତା ରାଉତରାୟଙ୍କ ପ୍ରଶିକ୍ଷଣରେ ବରିଷ୍ଠ ବିଭାଗରୁ ଦୀପିକା ନିଜକୁ ପ୍ରସ୍ତୁତ କରିଥିଲେ। ପୂର୍ବରୁ ଏମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ଖେଳି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।



ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ହେବାକୁଥିବା ୱାର୍ଲଡ ଗେମ ଚୟନ ନିମନ୍ତେ ସେମାନେ ପ୍ରସ୍ତୁତ ହେବେ ବୋଲି କୋଚ୍ ମାନେ ଜଣାଇଛନ୍ତି। କ୍ରୀଡାବିତ୍ ଦ୍ୱୟ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଲାଭ କରି ବରପାଲି ବ୍ଲକ୍, ବରଗଡ଼ ଜିଲ୍ଲା ଓ ରାଜ୍ୟର ସ୍ପେସିଆଲ ଅଲମ୍ପିକ ଭାରତ ପରିବାର ପାଇଁ ଗୌରବ ଆଣିଛନ୍ତି। ସେମାନଙ୍କ ସଫଳତା ପାଇଁ ୟୁନିଫାଏଡ ଚାମ୍ପିଅନ ସ୍କୁଲ ଭାବେ ସ୍ଥାନୀୟ ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପଧାନ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉପହାର ପ୍ରଦାନ କରିଥିଲେ। ଏଥିସହ ସ୍ପେସିଆଲ ଅଲମ୍ପିକ ଭାରତ ଓଡ଼ିଶା ଶାଖାର ସଭାପତି ସୁନିତା ମୁଣ୍ଡ, ସରସ୍ୱତୀ ସଂଘର କର୍ମକର୍ତ୍ତାଗଣ, ୟୁନିଫାଏଡ ଚାମ୍ପିଅନ ଲିଟିଲ ଆଞ୍ଜେଲସ ପବ୍ଲିକ ସ୍କୁଲର କର୍ମକର୍ତ୍ତାଗଣ ତଥା ଅଞ୍ଚଳ ବାସୀ ସେମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବ

ବରଗଡ଼,୧୫।୧(ସମିସ): ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ରାଜ୍ୟ ସ୍ତରୀୟ ସଙ୍କୀର୍ତ୍ତନ ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ଡ.ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶକୁ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦର ଉପଦେଷ୍ଟା ପଣ୍ଡିତ ବିଶ୍ୱନାଥ ଶତପଥୀ, ସମ୍ପାଦକ ପଣ୍ଡିତ ପ୍ରମୋଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏକ ଭବ୍ୟ ଶୋଭାଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ କଳାକାର ରାମ ମନ୍ଦିର ଦର୍ଶନ କରି ଜୟଦେବ ଭବନରେ ପହଞ୍ଚିଥିଲେ। ପ୍ରଥମ ଅଧିବେଶନରେ ସଙ୍କୀର୍ତ୍ତନ ପରିଷଦର ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ରାମ ନାରାୟଣ ଦାସ, ସାମାଜିକ କର୍ମୀ ଅର୍ଜୁନ ସେଟ, ଡ.ଉପେନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ପ୍ରମୋଦ ପଣ୍ଡା ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ.ଚନ୍ଦ୍ର ଶେଖର ହୋତା ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମହିଳା ହିନ୍ଦୁ ସଙ୍ଗଠନର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷା ସୁନିତୀ ମୁଣ୍ଡ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ସର୍ବ ଭାରତୀୟ କଳା ଓ ସଂସ୍କୃତି ସଂଗଠନର ସମ୍ପାଦକ ଡ ଉପେନ୍ଦ୍ର ଶର୍ମା, ରାଜ୍ୟ କଳାକାର ମହାସଂଘ ଅଧ୍ୟକ୍ଷ ଡ.ଚୈତନ୍ୟ ପାଇକ, ଉପଦେଷ୍ଟା ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ସଂଯୋଜକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଗୌର ଚନ୍ଦ୍ର ସାହୁ, ପ୍ରମୋଦ ପ୍ରଧାନ, ମୀନ କେତନ ମେହେର, ବିଶ୍ୱ ବାବୁ, ସୁଶିଲ ଦାଶ, ଶିବ ନାରାୟଣ ଭୋଇ, କିଙ୍କର ପଟେଲ ପ୍ରମୁଖ ଗାୟକ ମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ପଞ୍ଚାନନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ଦ୍ୱାରା ଯାତ୍ରାର ଶୁଭାରମ୍ଭ

ବରଗଡ଼: ବରଗଡ଼ ସହରରେ ଶହ ଶହ ସଂକୀର୍ତ୍ତନ କଳାକାର କୀର୍ତ୍ତନ ମାଧ୍ୟମରେ ସହର ମୁଖ୍ୟ ରାସ୍ତାରେ ଏକ ଭକ୍ତି ମୟ ପରିବେଶ ସୃଷ୍ଟି କରିଛନ୍ତି। ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ସଙ୍କୀର୍ତ୍ତନ ଜାଗରଣ ମହୋତ୍ସବ ୨୦୨୬ ଉପଲକ୍ଷେ ୫୦୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ କଳାକାର ବରଗଡ଼ ସମଲେଇ ମନ୍ଦିରରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଏହାର ଶୁଭାରମ୍ଭ କରିଛନ୍ତି। ବରଗଡ଼ରୁ ୧୦ଟି ବସ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ କଳାକାର ଭୁବନେଶ୍ୱର ପହଞ୍ଚି ଏକ ଭବ୍ୟ ଶୋଭାଯାତ୍ରା କରିବା ସହ ସ୍ଥାନୀୟ ଜୟଦେବ ଭବନ ଠାରେ ସଙ୍କୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ସଭା କରିଥିଲେ। ଏହାସହିତ ପୁରୀ ଅଭିମୁଖେ ଯାତ୍ରା କରିବେ ବୋଲି ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ଡ.ପ୍ରମୋଦ ଦାଶ, ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ବରିଷ୍ଠ ସଦସ୍ୟ ପଞ୍ଚାନନ ବାଗ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଷଡଙ୍ଗୀ ନିଜେ ମୃଦଙ୍ଗ ବଜାଇ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ।



# ଜାତୀୟ ରୋଭର ରେଞ୍ଜର ଜମ୍ବୁରୀରେ ଡଭା ବିଦ୍ୟାଳୟର ଅଂଶଗ୍ରହଣ

ଝାରବନ୍ଧ,୧୫।୧(ସମିସ): ଛତିଶଗଡର ବାଲୋଦ ଠାରେ ଚଳିତ ଜାନୁଆରୀ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ଜାତୀୟ ରୋଭର ରେଞ୍ଜର ଜମ୍ବୁରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଛତିଶଗଡର ରାଜ୍ୟପାଳ ରାମେନ ଡେକା ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଯୋଗ ଦେଇ କାର୍ଯ୍ୟକ୍ରମର ଗୌରବ ବଢ଼ାଇ ଉଦବୋଧନ ଦେଇଥିଲେ। ଏହି ଜମ୍ବୁରୀରେ ଝାରବନ୍ଧ ବ୍ଲକ୍ ଅନ୍ତର୍ଗତ ଡଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଓ ରୋଭରସ୍କାଉଟ ଲିଡର ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୨୦ ଜଣ ରୋଭର ଏବଂ ୧୭ ଜଣ ରେଞ୍ଜର ଏହି ସ୍କାଉଟ ମହାକୁମ୍ଭରେ ଅଂଶଗ୍ରହଣ କରି ଝାରବନ୍ଧ ମାଟିର ଯଶ ଦ୍ୱିଗୁଣିତ କରିଛନ୍ତି। ଭାରତର ବିଭିନ୍ନରାଜ୍ୟ ସହିତ ଶ୍ରୀଲଙ୍କାରୁ ଆସିଥିବା ପ୍ରାୟ ୧୫ ହଜାରରୁ ଅଧିକ ରୋଭର ରେଞ୍ଜର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ, ଓଡ଼ିଶାରୁ ପ୍ରାୟ୩୭୦ ଜଣ ପ୍ରତିନିଧିତ୍ୱ କରିଥିଲେ। ଜମ୍ବୁରୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରକ୍ତଦାନ, ପୟୋନିଅରିଙ୍ଗ, ନାଇଟ ହାଇକିଂ, ବିପର୍ଯ୍ୟୟ ପରିଚାଳନା, ରାତ୍ରି ପର୍ଯ୍ୟବେକ୍ଷଣ ଭଳି ବହୁମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକସେବା ଓ ନେତୃତ୍ୱ ଗୁଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୋଭର ରେଞ୍ଜରମାନେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ଥିଲେ।

# ବିଚାରରୁ ଜାଗରଣ, ଜାଗରଣରୁ ପରିବର୍ତ୍ତନର ବାର୍ତ୍ତା ଦେଲା 'ମନ୍ଥନ'

ବରଗଡ଼,୧୫।୧(ସମିସ): ଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ଭବ୍ୟ ସାରସ୍ୱତ ସମାବେଶ 'ମନ୍ଥନ ୨୦୨୬' ଆୟୋଜିତ ହୋଇଯାଇଛି। ଅର୍ଥପୂର୍ଣ୍ଣ ଆଲୋଚନା, ବିଚାର ବିମର୍ଷ, ଭାବ ବିଶ୍ଳେଷଣ ଏବଂ ଚିନ୍ତନଶୀଳ ପ୍ରତିଫଳନର ଉପଯୁକ୍ତ ଓ ବୌଦ୍ଧିକ ମଞ୍ଚ ହେଉଛି ମନ୍ଥନ ବୋଲି ବକ୍ତାଗଣ ଏଥିରେ ମତ ପ୍ରକାଶ କରିଥିଲେ। ଯଦୁମଣି ପଧାନ ଅଡିଟୋରିଅମରେ ଆୟୋଜିତ ସମାରୋହକୁ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଡ.ସୁବଳ କର ପ୍ରମୁଖ ଅତିଥି ଗଣ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ସମ୍ମିଳନୀ ପରିବର୍ତ୍ତେ, ମନ୍ଥନରୁ ଏକ ମୀମାଂସା ନିର୍ଦ୍ଧାରିତ କରିବା ଏବଂ ବହୁବିଧ ବିଷୟରେ ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ସଭାର ଉଦ୍ଦେଶ୍ୟ ଥିଲା। ମନ୍ଥନ ୨୦୨୬ ମଞ୍ଚରେ ସମାଲୋଚନାମୂଳକ ପ୍ରଶ୍ନକୁ ଉତ୍ସାହିତ କରାଯାଇଥିଲା। ଡ.ଉମେଶ ମହାପାତ୍ର, ଡ.ସଂଘମିତ୍ରା ମିଶ୍ର, ଡ.ଶେଷନ ବିଶି, ମିନୁ ହୋତା, ଡ.ଅର୍ଜୁନ ମେହେର, ଡ.ପ୍ରବୀନ ଅଗ୍ରୱାଲ, ଶଙ୍କର ଲାଲ ଶର୍ମା, ଡ.ସମରେନ୍ଦ୍ର ପଣ୍ଡା, ଡ.ପ୍ରଦୀପ ହୋତା, ଆଶିଷ ପାଣିଗ୍ରାହୀ, ଇତିସ୍ମିତା ଦେବତା, ଡ.ବେଣୁଧର ପାଣ୍ଡେ, ଦିବ୍ୟ କିଶୋର ଦେବତା, ହେମବତୀ ମିଶ୍ର, ମନୋରଞ୍ଜନ ଯୋଶୀ, ଭୀଷ୍ମଦେବ ସରାଫ, ଡ.ତପସ୍ୱିନୀ ଗୁରୁ ପ୍ରମୁଖ ଶିକ୍ଷାବିତ୍ ତଥା ସମାଜର ବିଭିନ୍ନ ବର୍ଗରୁ ଶିକ୍ଷାର୍ଥୀ ଓ ଜନ ସାଧାରଣ ଏଥିରେ ଅଂଶଗ୍ରହଣ କରିଥିଲେ। ଆୟୋଜକ ଡ.ଶକ୍ତି ତ୍ରିପାଠୀ ଏବଂ ଡ.ଇପ୍ସିତା ଦେବତା ଗୁରୁତ୍ୱାରୋପ କରିଥିଲେ ଯେ, ମନ୍ଥନ ଏକ ଦିନିକିଆ କାର୍ଯ୍ୟକ୍ରମ ନୁହେଁ ବରଂ ଚିନ୍ତାଧାରାର ଏକ ନିରନ୍ତର ଆନ୍ଦୋଳନ। ଶେଷରେ ଡ.ଶକ୍ତି ତ୍ରିପାଠୀ ଏବଂ ଡ.ଇପ୍ସିତା ଦେବତା କୃତଜ୍ଞତା ଜ୍ଞାପନ କରିଥିଲେ।

# ବୈଜ୍ଞାନିକ ନିହାର ରଞ୍ଜନ ପଧାନ ତୃତୀୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଅମ୍ବାଭୋନା,୧୫।୧(ସମିସ): ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକ୍‌ର ଝାରପାଲି ଗାଁରେ ଲକି ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ଇସ୍ରୋ ବୈଜ୍ଞାନିକ ସ୍ୱର୍ଗତ ନିହାର ରଞ୍ଜନ ପଧାନଙ୍କ ସ୍ମୃତିରେ ତୃତୀୟ ବର୍ଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ଉପସଭାପତି ସୁବ୍ରତ ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ, ଜିଲ୍ଲା ପରିଷଦ ସଭ୍ୟା ନୀଳ ନାୟକ, ଦ୍ୱାରୀ ପଞ୍ଚାୟତର ସରପଞ୍ଚ ଜ୍ଞାନରଞ୍ଜନ ଭୋଇ, ଭୁକ୍ତା ସରପଞ୍ଚ ବଳରାମ ବିଷର, ସମିତି ସଭ୍ୟ ରଘୁନାଥ ମହାନ୍ତି, ଅଶୋକ ମହାପାତ୍ର, ପୂର୍ଣ୍ଣାନନ୍ଦ ବଢ଼େଇ (ମଣ୍ଟୁ), ରାଜ ପଧାନ, ଦେବାର୍ଚ୍ଚନ ନାଏକ, ଠାକୁର ରାମ ସାହୁ, ଯାଦବ ପଧାନ, କୃଷ୍ଣ ଚନ୍ଦ୍ର ବାରିକ ଓ ଗଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୧ ଦିନ ଧରି ଚାଲିଥିବା ବେଳେ ଏଥିରେ ପ୍ରାୟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ମ୍ୟାଚ୍ ଅନ୍ତରାଡି ଓ ବଡ ଦର୍ଲିପାଲି ଦଳ ମଧ୍ୟରେ ଖେଳା ଯାଇଥିଲା ଏଥିରେ ଅନ୍ତରାଡି ଦଳ ଚାମ୍ପିଅନ ହୋଇଥିବା ବେଳେ ବଡ ଦର୍ଲିପାଲି ରନର୍ସ ଅପ୍ ହୋଇଥିଲା। ଖେଳ ପରିଚାଳନାର ଦାୟିତ୍ୱ ଦୀପକ ଓ ବାସୁ ନେଇଥିବା ବେଳେ, ଧାରାବିବରଣୀ ଓ ସ୍କୋର ଦାୟିତ୍ୱ ହିମାଂଶୁ ରାୱତ ସମ୍ପାଦନ କରିଥିଲେ। ଲକି ସ୍ପୋର୍ଟ୍ସ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ସମୀର ସାହୁ, ଶୁଭମ ବାରିକ, ଭାଗରଥି, ନିବେଶ, ଆକାଶ, ରାହୁଲ, ଚୂଡାମଣୀ, ଦଧି, ରାଜୁ, ଅଭିନାଶ, ଅକ୍ଷୟ, ଦିନେଶ, ସୌମ୍ୟ, ଶଂଶାକ, ଶେଖର, କହ୍ନେୟା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଝାରପାଲି ଗାଁର ଉଦ୍ଧବ ଭୋଇଙ୍କ ପରୋପକାର କାମ ପାଇଁ ତାଙ୍କୁ 'ମଶାନ ମିତ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ସର୍ବଭାରତୀୟ ବୋଡ଼ାସମ୍ବର କପ୍

# ୯୮ ରନ୍‌ରେ ପୁନେକୁ ପରାସ୍ତ କଲା ବାପୁଜୀ କ୍ଲବ୍ ଭୁବନେଶ୍ୱର

ପଦ୍ମପୁର,୧୫।୧(ସମିସ)





ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ତଥା ପୁଲ - ବି'ର ଦ୍ୱିତୀୟ ମ୍ୟାଚ୍ ଅମର ସ୍ପୋର୍ଟସ ପୁନେ ଓ ବାପୁଜୀ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ୱିକେଟ୍ ହରାଇ ୩୦୧ରନ୍ ସଂଗ୍ରହ କରିଥିଲା। ଜବାବରେ ପୁନେ ଦଳ ୨୮.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଭୁବନେଶ୍ୱର ଦଳର ରାକେଶ ପଟ୍ଟନାୟକ ୫୯ ବଲରେ ୧୧୭ରନ୍ ସଂଗ୍ରହ କରିଥିବା ବେଳେ ପୁନେ ଦଳର ଅମନ୍ କୋହଲି ୭୧ ବଲରେ ୮୨ରନ୍ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ବସ୍ ମାଲିକ ସଂଘ ସମ୍ପାଦକ ଏସ୍‌କେ ସମୁଏଲ୍ ହୁସେନ୍, ସମ୍ମାନିତ ଅତିଥି ଭାବେ ବୋରାସମ୍ବର କ୍ଲବ୍‌ର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମହାନ୍ତି ଯୋଗଦେଇ ଭୁବନେଶ୍ୱର ଦଳର ରାକେଶ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସହ ନଗଦରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ଶ୍ୟାମ ସୁନ୍ଦର ପଣ୍ଡା ଓ ପ୍ରତାପ ପାତ୍ର ପରିଚାଳନା କରିଥିବା ବେଳେରିଙ୍କୁ ବରିହା, ଅମରେଶ ବେହେରା ସ୍କୋରର, ରୋହିଣୀ ପାଣ୍ଡେ ଓ ଆନନ୍ଦ ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ।

## ଜିଲ୍ଲାରେ ୧୮୨ ପ୍ରାଥମିକ ବିଦ୍ୟାଳୟ ବନ୍ଦ

# ୨୪ ସ୍କୁଲ ପୁନର୍ବାର ଖୋଲିବାକୁ ପ୍ରସ୍ତୁତି ଆରମ୍ଭ

ଢେଙ୍କାନାଳ,୧୫ ।୧(ସମିସ)

ଢେଙ୍କାନାଳ ଜିଲ୍ଲାରେ ୧୮୨ ପ୍ରାଥମିକ ବିଦ୍ୟାଳୟ ଦୀର୍ଘବର୍ଷ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ତନ୍ମଧ୍ୟରୁ ୨୪ଟି ସ୍କୁଲକୁ ପୁନର୍ବାର ଖୋଲାଯିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଜଙ୍ଗଲ, ଜନ୍ତୁ, ବିପଦସଙ୍କୁଳ ରାସ୍ତା ଦେଇ କୁନି କୁନି ପିଲାମାନେ ପ୍ରତ୍ୟେକ ଦିନ ଦୂର ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି ।

ଜିଲ୍ଲାର ୮ ବ୍ଲକରେ ୮୮୭ଟି ପ୍ରାଥମିକ ବିଦ୍ୟାଳୟ, ୬୯୫ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ୨୭୬ଟି ମାଧ୍ୟମିକ ବିଦ୍ୟାଳୟ ରହିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଲକ୍ଷେ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ସାକ୍ଷରତା ହାର ୭୮.୮ ପ୍ରତିଶତ ରହିଛି । ତେବେ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ଡିଣ୍ଡିମ ପିଟାଯାଉଥିବା ବେଳେ ଗୋଟିଏ ପରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଦିଆଯାଉଛି । ଜିଲ୍ଲାରେ ୧୮୨ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ସଦର ବ୍ଲକରେ ୨୩ଟି, ଢେଙ୍କାନାଳ ପୌରାଞ୍ଚଳରେ ୧୧ଟି, ଗଁଦିଆ ବ୍ଲକରେ ୧୨ଟି, ଓଡ଼ାପଡ଼ାରେ ୨୦ଟି, ହିନ୍ଦୋଳ ବ୍ଲକରେ ୨୭ଟି, ହିନ୍ଦୋଳ ଏନଏସିରେ ଗୋଟିଏ, କାମାକ୍ଷାନଗର ବ୍ଲକରେ ୧୯ଟି, ଏନଏସିରେ ୪ଟି, ପରଜଙ୍ଗରେ ୨୦ଟି, କଙ୍କଡ଼ାହାଡ଼ରେ ୯ଟି ଏବଂ ଭୁବନରେ ୧୧ଟି ବିଦ୍ୟାଳୟ ବନ୍ଦ ହୋଇଛି । ଫଳରେ କୁନିକୁନି ଛାତ୍ରଛାତ୍ରୀମାନେ ବନ୍ୟଜନ୍ତୁ, ହାତୀ, ବାରହା ପଲଙ୍କ ଭୟ ସହ ବିପଦସଙ୍କୁଳ ରାସ୍ତା ଦେଇ ଦୂର ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି । ଏଭଳି ସ୍ଥିତିରେ

**ବନ୍ଦ ବିଦ୍ୟାଳୟଗୁଡ଼ିକରେ ଅସାମାଜିକଙ୍କ ଆଡ୍ଡା**

ଅଭିଭାବକମାନେ ଛାତ୍ରଛାତ୍ରୀଙ୍କୁ ବର୍ଷା ହେଲେ କିମ୍ବା ନିଜେ ନ ରହିଲେ ବିଦ୍ୟାଳୟକୁ ଛାଡୁନାହାନ୍ତି । ଗୋଟିଏ ଗୋଟିଏ ବିଦ୍ୟାଳୟ ଗ୍ରାମଠାରୁ ୫ କିଲୋମିଟର ଦୂରରେ ମଧ୍ୟ ରହିଛି । ଏହାମଧ୍ୟରେ ଅଧିକ ୧୮୨ଟି ବିଦ୍ୟାଳୟ ପୁଣି ବନ୍ଦ କରିବା ପାଇଁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଯେଉଁ ବିଦ୍ୟାଳୟଗୁଡ଼ିକରେ ୨୦ରୁ କମ ଉପସ୍ଥାନ କିମ୍ବା ୨୦ ଛାତ୍ରଛାତ୍ରୀ ରହିଛନ୍ତି ସେ ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯିବ । ସଦର ବ୍ଲକରେ ୯ଟି ବିଦ୍ୟାଳୟରେ ଉପସ୍ଥାନ କମ ରହିଥିବା



ବେଳେ ୧୪ଟି ମିଶ୍ରଣ ପାଇଁ ଏବଂ ପୌରାଞ୍ଚଳରେ ୫ଟି ବନ୍ଦ ଏବଂ ୬ଟି ମିଶ୍ରଣ, ଗଁଦିଆ ବ୍ଲକରେ ୭ଟି ବନ୍ଦ ୫ଟି ମିଶ୍ରଣ ପାଇଁ, ଓଡ଼ାପଡ଼ାରେ ୧୦ଟି ବନ୍ଦ ଏବଂ ୧୦ଟି ମିଶ୍ରଣ ପାଇଁ, ହିନ୍ଦୋଳରେ ୧୭ଟି ବନ୍ଦ ଏବଂ ୯ଟି ମିଶ୍ରଣ ପାଇଁ, ହିନ୍ଦୋଳ ଏନଏସିରେ ଗୋଟିଏ, କାମାକ୍ଷାନଗରରେ ୧୩ଟି ବନ୍ଦ ଏବଂ ୬ଟି ମିଶ୍ରଣ ପାଇଁ ଏନଏସିରେ ୩ଟି, ପରଜଙ୍ଗରେ ୧୫ଟି ବନ୍ଦ ଏବଂ ୫ଟି ମିଶ୍ରଣ ପାଇଁ, କଙ୍କଡ଼ାହାଡ଼ରେ ୯ଟି ଏବଂ ଭୁବନରେ ୪ଟି ବନ୍ଦ ଏବଂ ୭ଟି ମିଶ୍ରଣ ପାଇଁ ନିର୍ଦ୍ଦେଶ ରହିଛି । ଏହାକୁ ନେଇ ପୁଣି ୨୫ଟି ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ହୋଇଥିବା ବେଳେ ଅନ୍ୟ ୨୩ଟି ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ଜିଲ୍ଲା ଶିକ୍ଷାବିଭାଗ ତରଫରୁ ଓସେପାକୁ ପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ ରହିଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ବନ୍ଦ ବିଦ୍ୟାଳୟଗୁଡ଼ିକ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡ଼ିଛି ।

## ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଖାଇ ବଳଦ ଗୁରୁତର

ପରଜଙ୍ଗ,୧୫ ।୧(ସମିସ): ପରଜଙ୍ଗ ଥାନା ବସୁଲେଇ ପଞ୍ଚାୟତ ନିମଡିହ ସାହିରେ ବାରାହା ଶିକାର ପାଇଁ ଖଞ୍ଜାଯାଇଥିବା ବୋମା ଖାଇ ଏକ ବଳଦ ଗୁରୁତର ହୋଇଛି । ମହାବିରୋଡ ବନାଞ୍ଚଳ ରଙ୍ଗଥଳୀ ବିଟ୍ ଅନ୍ତର୍ଗତ ବସୁଲେଇ, କୁଲେଇ, ଧଳପୁର, ନିମଡିହି ଗ୍ରାମକୁ ଲାଗି ରହିଥିବା ଜଙ୍ଗଲ ତଥା ଆଖପାଖ ଧାନବିଲରେ ଶିକାରୀମାନେ ବିଭିନ୍ନ ସମୟରେ ବାରାହା ଶିକାର ପାଇଁ ବୋମା ଖଞ୍ଜାଉଛନ୍ତି । ନିମଡିହ ସାହିର ଦୁଷ୍ମନ୍ତ ସାହୁଙ୍କ ବଳଦ ସବୁଦିନ ପରି ମଙ୍ଗଳବାର ପାଖ ବିଲକୁ ଚରିବାକୁ ଯାଇ ଏକ ବୋମା ଖାଇ ଦେଇଥିଲା । ଫଳରେ ବୋମା ଫାଟିଯିବାରୁ ବଳଦର ମୁହଁ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା । ବୁଧବାର ସକାଳେ ଦୁଷ୍ମନ୍ତ ଗୁରୁତର ଅବସ୍ଥାରେ ବଳଦକୁ ଠାବ କରିଥିଲେ । ଖବର ପାଇ ରଙ୍ଗଥଳୀ ବିଟ୍ ବନରକ୍ଷୀ ପାର୍ଥସାରଥି ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ବଳଦର ଚିକିତ୍ସା କରାଇଛି । ଏ ନେଇ ବନରକ୍ଷୀ ଶତପଥୀ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିବା ସହ ଶିକାରୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ କରିଛନ୍ତି ।

## ଗ୍ରାମ୍ୟ ଉନ୍ନୟନ ରାସ୍ତାକାର୍ଯ୍ୟ ନିମ୍ନମାନର



ପରଜଙ୍ଗ,୧୫ ।୧(ସମିସ): ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ କିଛିଦିନ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ମରାମତି କାର୍ଯ୍ୟ ଜାରି ରହିଛି । ମାଣକିମରା ପଞ୍ଚାୟତ କାଦୁପଡ଼ାଠାରୁ ପଥରପଡ଼, କୁଆଁଳୋଠାରୁ ପରମହଂସପୁର, ମହନପଶି ଗ୍ରାମ ପୁରୁଣା ରାସ୍ତା ଉପରେ କିଛିଦିନ ତଳେ ନୂଆ ପିଚୁ ପଡ଼ିଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି । ରାସ୍ତାରୁ ଗୋଡ଼ି ମଧ୍ୟ ବାହାରି ଯାଉଥିବା ଦେଖିବାକୁ ମିଳିଛି । ଉଚ୍ଚ ଅଧିକାରୀ ଦୃଷ୍ଟିଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ପାନୀୟ ଜଳଯୋଗାଣ କରିବାକୁ ଦାବି



ଢେଙ୍କାନାଳ,୧୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ପଞ୍ଚାୟତ ଡେଙ୍ଗବୋରେଇ ଗ୍ରାମରେ ଥିବା ପମ୍ପ ହାଉସରୁ ଯୋଗାଣ ହେଉଥିବା ପାଣି ଯଥେଷ୍ଟ ହେଉ ନ ଥିବାରୁ ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପମ୍ପ ହାଉସରେ ୨ଟି ବୋରୱେଲ ଦ୍ୱାରା ପାଣି ଯୋଗାଇ ଦିଆଯାଉଛି । ତେବେ ତାହା ଯଥେଷ୍ଟ ହେଉ ନ ଥିବାରୁ ତିନି ଦିନରେ ଥରେ ପାଣି ଯୋଗାଇ ଦିଆଯାଉଛି । ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖୋଲା କୂପ ଖୋଳି ଜଳ ଯୋଗାଣ କରିବାକୁ ଗ୍ରାମବାସୀ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ଭୂଷଲରେ ଧାନମଣ୍ଡି ଉଦ୍‌ଘାଟିତ



ଭୁବନ,୧୫ ।୧(ସମିସ): ଭୁବନ ବ୍ଲକ ଭୂଷଲ ସେବା ସମବାୟ ସମିତିରେ ବ୍ଲକର ପ୍ରଥମ ଧାନମଣ୍ଡି ଉଦଘାଟନ କରିଛନ୍ତି ବିଧାୟକ ଶତ୍ରୁଘ୍ନ ଜେନା । ସଭାପତି ସହଦେବ ପରିଡ଼ା, ସରପଞ୍ଚ ଉତ୍ତମ ପଣ୍ଡା, ପୂର୍ବତନ ସମିତି ସଭ୍ୟ ବିମଳ ପଣ୍ଡା, ଚାଷୀ ପ୍ରତିନିଧି ଶୁଭେନ୍ଦୁ ମିଶ୍ର, ଭକ୍ତବନ୍ଧୁ ଦାସ, ବିଜୟ ମହାନ୍ତ, ଅଶୋକ ଦାସ, ସୌମ୍ୟରଞ୍ଜନ ଦାସ, ଭୁବନ ସମବାୟ ସମିତିର ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ । ସମ୍ପାଦକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମ ଦିନରେ ୮ ଚାଷୀ ୧୯୨ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି । ମା' ସରସ୍ୱତୀ ରାଇସ ମିଲ ଧାନ ଉଠାଣ କରିଛି ।

## ଜୟ ଭୀମ କ୍ଲବ ପକ୍ଷରୁ କ୍ରିକେଟ ମ୍ୟାଚ୍



କାମାକ୍ଷାନଗର,୧୫ ।୧(ସମିସ): କାମାକ୍ଷାନଗର ଏନଏସି ଆଳତୁମା କ୍ରିକେଟ ପଡ଼ିଆରେ ଜୟ ଭୀମ କ୍ରିକେଟ କ୍ଲବ ତରଫରୁ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ସାଇ ଶ୍ରଦ୍ଧା କ୍ରିକେଟ ଟିମ ସହିତ ଲିଟିଲ କ୍ରୀଷ୍ଣା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ମୁଖ୍ୟଅତିଥି ଭାବେ ରାକେଶ ନାଥ, ସମ୍ମାନିତ ଅତିଥି ଭାବେ ଦୀନେଶ ସାହୁ, ମୁନା ପାତ୍ର, ଡୁଗୁଆ ସାହୁ ପ୍ରମୁଖ ଯୋଗଦେଇଥିଲେ । କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ ।

## ଏମ୍‌ଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; କଙ୍କିଳି ଚାମ୍ପିଅନ

କଙ୍କଡ଼ାହାଡ଼,୧୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏମଏମସିସି ଗଡ଼ପଳାଶୁଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ୩୪ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ କଙ୍କିଳି ଏକାଦଶ ଓ ବିରିବୋଲେଇ ଦଳ ମଧ୍ୟରେ ଖେଳାଯାଇଥିଲା । କଙ୍କିଳି ବିଜୟୀ



ହୋଇ ଚାମ୍ପିଅନ ହୋଇଛି । ବିରିବୋଲେଇ ଦଳ ପ୍ରଥମେ ବ୍ୟାଟିଂ କରି ୫୨ ରନ କରିଥିଲା । ଜବାବରେ କଙ୍କିଳି ଦଳ ୧୩ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ସୁବ୍ରତ ବେହେରା ଏବଂ ସୁରେଶ ପାତ୍ର ଖେଳ ପରିଚାଳନା କରିଥିଲେ । ରଞ୍ଜିତ ସାହୁ, ବାବୁଲା ସେଠ ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଦଳର ମାନସ ସାମଲ, ବାଦଲ ସାମଲ, ଅଜିତ ସେଠ, ରାଜୁ ସେଠ, ଚିନ୍ମୟ ସେଠ, ବସନ୍ତ ସେଠ, ଜିଲୁ ବେହେରା, ଲିପୁନ ଜେନା, ଦେବେନ୍ଦ୍ର ସେଠ, ପ୍ରଦୀପ ସେଠ, ରାହୁଲ ସାମଲ, ଟୁବୁ ସେଠ, ଚଗି ବେହେରା ସହଯୋଗ କରିଥିଲେ ।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ସମ୍ମାନିତ ଅତିଥି ଭାବେ ବାପୁଜୀ ହାୟର ସେକେଣ୍ଡାରୀ ସ୍କୁଲର ଅଧାପକ ଦାମୋଦର ବେହେରା, ଦଶିପୁର ସରପଞ୍ଚ ସୁଧୀର ପାଲ, ପଡ଼ାତିରା ସରପଞ୍ଚ କରୁଣାକର ସାହୁ, ବାମର ସରପଞ୍ଚ ଫକିର ମୋହନ ମହାନ୍ତି, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ସାମ୍ବାଦିକ ଚଗଲା ଦେହୁରୀ ଯୋଗଦେଇଥିଲେ । ଅତିଥିମାନେ ଚାମ୍ପିଅନ ଦଳକୁ ୨୫ ହଜାର ଟଙ୍କା ଓ ରନର୍ସଆପ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ ।

## ମାଣିକଘାଗି ମକର ମେଳା ଟୁସୁ ପରବ ଉତ୍ସବ

କଙ୍କଡ଼ାହାଡ଼,୧୫ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାନ୍ତୋଲ ପଞ୍ଚାୟତ ମାଣ୍ଡିଆପଡ଼ା ଗ୍ରାମରେ କୁଡୁମି ସମାଜର ଜନସାଧାରଣ ମିଶି ମାଣିକଘାଗି ମକର ମେଳା ଟୁସୁ ପରବ ଧୁମଧାମରେ ପାଳନ କରିଛନ୍ତି । ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ କୁଡୁମି ସମ୍ପ୍ରଦାୟର ଟୁସୁ ଦେବୀଙ୍କୁ ସ୍ମରଣ କରିବା ପାଇଁ ସମାଜର ଜନସାଧାରଣ ଏକତ୍ରିତ ହୋଇଥାନ୍ତି । କିମ୍ବଦନ୍ତୀ ଅଛି ଯେ ଟୁସୁ ଦେବୀ ସାହସୀ ଥିଲେ




ଓ ନିଜ ଜାତି ପାଇଁ ଜୀବନ ବଳି ଦେଇଥିଲେ । ଓଡ଼ିଶା କୁଡୁମି ସମାଜ ବ୍ଲକ ସମ୍ପାଦକ ଉମେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ସମାଜର ଏହି ନିଆରା କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସନ୍ତୋଷ କୁମାର ସାହୁ, ପୂର୍ବତନ ସରପଞ୍ଚ ମିଶ୍ର ମହାନ୍ତ, ଆଶୁତୋଷ ପଣ୍ଡା, ହୃଦାନନ୍ଦ ବେହେରା, ପୂର୍ବତନ ସମିତି ସଦସ୍ୟ ମୋହନ ସିଂହ, ସମାଜର ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ସମାଜର ଲୋକମାନେ ଟୁସୁ ଦେବୀଙ୍କ ୧୫ଟି ଆକର୍ଷଣୀୟ ମେଢ଼ ଆଣି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସମାଜର ପୁରୁଷ ଓ ମହିଳା ପାରମ୍ପରିକ ନୃତ୍ୟ ଝୁମର ଏବଂ ଟୁସୁ ଗୀତ ଗାଇଥିଲେ । ମେଳଣ ପଡ଼ିଆରେ ଝୁମର ନୃତ୍ୟ ଓ ଟୁସୁ ଗୀତରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କୁଡୁମି ସମାଜ ବ୍ଲକ ସଭାପତି ଯୁଗଳ କିଶୋର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଟା ଷ୍ଟିଲ ଯାଟ୍ସରେ ଢେଙ୍କାନାଳ ଓ ତାଳଚେର ଛାତ୍ରଛାତ୍ରୀଙ୍କ ବାଜିମାତ

## ଇସ୍ରୋ ଯିବେ ଆୟୁଷୀ, ଶତାକ୍ଷୀ ଏବଂ ଓମପ୍ରକାଶ

ଢେଙ୍କାନାଳ,୧୫ ।୧(ସମିସ): ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀ ଟାଟା ଷ୍ଟିଲ ଯାଟ୍ସ ଟାଟା ଷ୍ଟିଲ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ଅଂଶଗ୍ରହଣ କରି ତାଳଚେର ଏବଂ ଢେଙ୍କାନାଳର ଛାତ୍ରଛାତ୍ରୀମାନେ ବାଜିମାତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସାରା




ଭାରତରୁ ୭୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ତାଳଚେର ଏବଂ ଢେଙ୍କାନାଳର ୩ ବିଦ୍ୟାର୍ଥୀ ଶ୍ରେଷ୍ଠ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ଫଳରେ ସେମାନେ ଇସ୍ରୋ ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି । ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ବ୍ରାହ୍ମଣୀ ପବ୍ଲିକ ସ୍କୁଲର ଆୟୁଷୀ ସାମଲ, ଜିଏମଆର ଭରଲକ୍ଷ୍ମୀ ଡିଏଭି ସ୍କୁଲର ଶତାକ୍ଷୀ ଦ୍ୱିବେଦୀ ଓ ତାଳଚେର ପଡ଼ିଆଭଙ୍ଗା ପଶ୍ଚିମାଞ୍ଚଳ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଓମପ୍ରକାଶ ବେହେରା କୃତିତ୍ୱ ହାସଲ କରିଛନ୍ତି । ଆୟୁଷୀଙ୍କ କହିବା ଅନୁସାରେ ସେ ମହାକାଶ ବିଜ୍ଞାନ ପ୍ରତି ଆଗ୍ରହୀ ଥିବାବେଳେ ଭବିଷ୍ୟତରେ ମହାକାଶ ଅଭିଯାନରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି । ସେହିପରି ଶତାକ୍ଷୀ ପ୍ରଧାନ ଇସ୍ରୋ ଭ୍ରମଣ ତାଙ୍କୁ ପ୍ରତିରକ୍ଷା ଗବେଷଣା ଏବଂ ବିଜ୍ଞାନ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି କହିଛନ୍ତି ।

## ଦୁଇଦିନିଆ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୫ ।୧(ସମିସ): ସ୍ଥାନୀୟ ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ସଭାଗୃହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆର୍‌ଥିକ ସହଯୋଗରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ଓ ଏନ୍‌ଏଏସି ବିଭାଗର ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲ୍ଲିକଙ୍କ ଆବାହକତ୍ୱ, ସଂସ୍କୃତ ଶିକ୍ଷକ ଅରିନ୍ଦମ ପାରୁଇଙ୍କ ତତ୍ତ୍ୱାବଧାନ, ଅଧ୍ୟକ୍ଷ ଡ. ଶକୁନ୍ତଳା ଜେନାଙ୍କ ପୌରୋହିତ୍ୟ, ପ୍ରଶାସନିକ ମୁଖ୍ୟ ଭୁବନେଶ୍ୱର ମୁଦୁଲିଙ୍କ ସହଯୋଗ ତଥା ସତ୍ୟନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଞ୍ଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଭାରତୀୟ ଜ୍ଞାନ ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ସେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ନିର୍ମଳ ସୁନ୍ଦର ମିଶ୍ର ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଜ୍ଞାନବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତିତା ସୁଦୂରପ୍ରସାରୀ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ବିକାଶ ରଞ୍ଜନ ରଣା, ଡ. ଶିଶିର କୁମାର ସେଠୀ, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସଂସ୍କୃତ ବିଭାଗ ମୁଖ୍ୟ ଉଦ୍ଧବ ମଲ୍ଲିକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଦ୍ୱିତୀୟ ଦିନରେ ଆଲୋଚନା ସଭା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଂସ୍କୃତ ନାଟକ, ସଂସ୍କୃତ ଗୀତ, ସଂସ୍କୃତ ରିଲ୍ସ ଏବଂ ସଂସ୍କୃତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧାପିକା ଅର୍ଚ୍ଚନା ବେହେରା, ଅଧାପକ ନେତ୍ରାନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦେବସ୍ମିତା ପାଲୌର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଂସ୍କୃତ ଅଧ୍ୟୟନ କେନ୍ଦ୍ର ସଞ୍ଚାଳକ ତଥା ଶିକ୍ଷକ ଅରିନ୍ଦମ ପାରୁଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାରଳା କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଢେଙ୍କାନାଳ,୧୫ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମ୍‌ରେ ଶାରଳା କ୍ଲବର ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି । ଗୁଣ୍ଡିଚାପଡ଼ା ଗ୍ରାମ ସଭାପତି ମୀନକେତନ ସାହୁ ତଥା ସମ୍ପାଦକ ସୁଲେମାନ ଅଲ୍ଲୀ ଖାଁ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଫୁଟବଲ୍ ଆସୋସିଏସନ ସଭାପତି ପୁରୁଷୋତ୍ତମ ରାଉତ, ଶାରଳା କ୍ଲବ୍ ପରିଚାଳକ ମହିଉଦ୍ଦିନ ଖାଁ, ବାବା ଚନ୍ଦ୍ରଶେଖର ଫୁଟବଲ ଆସୋସିଏସନ ଉପଦେଷ୍ଟା ଗଙ୍ଗାଧର ରାଉତ, ପୂର୍ବତନ ଖେଳାଳି ଅନିଲ୍ ନନ୍ଦ ଉପସ୍ଥିତ ଥିଲେ । ଉଦଘାଟନୀ ମ୍ୟାଚ୍‌ରେ ମୁକ୍ତାଦେଇପୁର ଅହମଦିୟା ଫୁଟବଲ୍ କ୍ଲବ୍ ବଳରାମପୁର ବଳଦେବଜୀଉ ଫୁଟବଲ୍ କ୍ଲବ୍‌କୁ ୧-୦ ଗୋଲରେ ପରାସ୍ତ କରିଛି । ରେଫରୀ ମଣ୍ଟି ସ୍ୱାଇଁ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳ ପରିଚାଳନା କରିଥିଲେ । ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ୨୨ ତାରିଖ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ ବୋଲି ପରିଚାଳକ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି ।

## ଜଙ୍ଗଲରୁ ଶିଶୁପୁତ୍ର ପାଇଥିଲେ ନିଃସନ୍ତାନ ଦମ୍ପତି

# ମାସକ ପରେ ଉଠାଇନେଲେ ଶିଶୁ ବିକାଶ ଅଧିକାରୀ

ଢେଙ୍କାନାଳ,୧୫ ।୧(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅନ୍ତର୍ଗତ ବାଛୁରୀବାଙ୍କ ଗ୍ରାମର ନିଃସନ୍ତାନ ଦମ୍ପତି ଜଙ୍ଗଲରୁ ଏକ ଶିଶୁପୁତ୍ରକୁ ଉଦ୍ଧାର ନିଜ ଘରେ ଲାଳନପାଳନ କରୁଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଶିଶୁ ବିକାଶ ଅଧିକାରୀ ଶିଶୁପୁତ୍ରକୁ ନେଇଯାଇଛନ୍ତି । ଶିଶୁପୁତ୍ରକୁ ଫେରାଇ ଦେବାକୁ ଦମ୍ପତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଶିଶୁପୁତ୍ରକୁ ପାଇବା ପାଇଁ ମହିଳା ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ।

ବାଙ୍ଗୁରୁସିଂହ ପଞ୍ଚାୟତ ବାଛୁରୀବାଙ୍କ ଗ୍ରାମର ମୂଷା ନାଏକଙ୍କ ଅଭିଯୋଗ ଅନୁସାରେ ଗତ ଡିସେମ୍ବର ୧୨ ତାରିଖ ସେ ଜଙ୍ଗଲରେ ଛେଳି ଚରାଉଥିବା ବେଳେ ଏକ ବୁଦାମୂଳରୁ ଶିଶୁପୁତ୍ରକୁ ପାଇଥିଲେ । ଏ ସମ୍ପର୍କରେ ମୂଷା ଗ୍ରାମବାସୀଙ୍କୁ



**ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ**

ଜଣାଇବା ପରେ ସମସ୍ତଙ୍କ ସହଯୋଗରେ ଶିଶୁର ଲାଳନପାଳନ କରିବା ସହିତ ନାମକରଣ ଉତ୍ସବ ପାଳନ କରି ଶିଶୁର ନାମ ବିଷ୍ଣୁପ୍ରସାଦ ନାଏକ ରଖାଯାଇଥିଲା । କିନ୍ତୁ ଜାନୁଆରୀ ୧୩ ତାରିଖ ହଠାତ ଶିଶୁ ବିକାଶ ଅଧିକାରିଣୀ, ମହିଳା ବିକାଶ ଅଧିକାରୀ, ସରପଞ୍ଚ, ମୋଟଙ୍ଗା ଥାନା ଅଧିକାରୀ, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତରେ ଶିଶୁପୁତ୍ରକୁ ତା'ର ପାଳିତ ମାଆ ବାସନ୍ତୀ ନାଏକଙ୍କଠାରୁ ନେଇଯାଇଥିଲେ । ଘଟଣାକୁ ନେଇ ସେ ବିଧାୟିକା, ସାଂସଦ, ବିଡିଓଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଛୁଆକୁ ନେବା ପାଇଁ ଜିଲ୍ଲାପାଳ ଅଫିସରେ କାନ୍ଦି କାନ୍ଦି ଗଡ଼ିବା ସହ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଛୁଆଟିକୁ ପାଳିଥିବା ମୂଷା ନାଏକ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ନାଏକ ଶିଶୁପୁତ୍ରକୁ ନେବା ପାଇଁ ଜିଦରେ ଅଡ଼ି ବସିଛନ୍ତି । ସୂଚନାଯୋଗ୍ୟ, ଗତ ୩୦ ବର୍ଷ ହେବ ଦମ୍ପତିଙ୍କର ବାହାଘର ହୋଇଥିଲେ ମଧ୍ୟ ତାଙ୍କର ପିଲାଛୁଆ ନ ଥିବାରୁ ପାଇଥିବା ଶିଶୁକୁ ନିଜ ଛୁଆ ଭାବି ଲାଳନପାଳନ କରିଆସୁଥିଲେ ।

## ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ ଝାଡ଼ଖଣ୍ଡ




ପରଜଙ୍ଗ,୧୫ ।୧(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଝାଡ଼ଖଣ୍ଡ ୟୁନିୟନ ସ୍ପୋର୍ଟିଂ କ୍ଲବ ଓ ବ୍ରହ୍ମପୁର ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଝାଡ଼ଖଣ୍ଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ବ୍ରହ୍ମପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ୨୦ ଓଭରରେ ଦଳ ୧୨୮ ରନ୍ ସଂଗ୍ରହ କରିଥିଲା । ଜବାବରେ ଝାଡ଼ଖଣ୍ଡ ଦଳ ୧୭.୫ ଓଭରରେ ୩ ଉଇକେଟ ହରାଇ ୧୩୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଅଭିଷେକ ସାହୁ ଓ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ । ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟର ଭାବେ ଝାଡ଼ଖଣ୍ଡର ନିତୀନ କୁମାର ଓ ବେଷ୍ଟ ବୋଲର ଭାବେ ସୁରବୀର ଚନ୍ଦ୍ର ପୁରସ୍କୃତ ହୋଇଥିଲେ । ମୁଖ୍ୟଅତିଥି ଭାବେ ଇଞ୍ଜିନିୟର ମଧୁସୂଦନ ସାହୁ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ଜିତେନ୍ଦ୍ର କୁମାର ମହାରଣା, ସମାଜସେବୀ ସରୋଜକାନ୍ତ ବେହେରା, ପୂର୍ବତନ ଖେଳାଳି ମନୋରଞ୍ଜନ ବିଶ୍ୱାଳ, ଉର୍ଜା ଟ୍ରଷ୍ଟ ଅଧ୍ୟକ୍ଷ ଦୀପକ ଗୋଛୟତ, ସଦସ୍ୟ ହରୀଶ ଚନ୍ଦ୍ର ବେହେରା, ବଦ୍ରିନାରାୟଣ ଦଳବେହେରା ଯୋଗଦେଇଥିଲେ । ଖେଳ ଜାରି ରହିଥିବା ବେଳେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ଜିଏମ୍ଆର ପ୍ଲାଣ୍ଟର ସୁଶୀଲ ଚୌଧୁରୀ ପହଞ୍ଚି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

# ଡିଆଇଇଟି ଅନୁଗୋଳରେ ଜାତୀୟ ସେମିନାର

ଛେଣ୍ଡିପଦା,୧୫ ।୧(ସମିସ)




ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅନୁଗୋଳ ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣରେ ଉନ୍ନତି ପାଇଁ ଅଭିନବ ପେଡ଼ାଗୋଜିର ପ୍ରୟୋଗ ଶୀର୍ଷକ ଦୁଇଦିନିଆ ଜାତୀୟ ସେମିନାର ଆୟୋଜିତ ହୋଇଛି । ଏହି ସେମିନାର ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଶିକ୍ଷକ ପ୍ରଶିକ୍ଷଣର ଗୁଣବତ୍ତା ବୃଦ୍ଧି ଓ ଶିକ୍ଷାରେ ନବୀନତା ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଚିହ୍ନଟ ହୋଇଛି । ସେମିନାରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷକ ଶିକ୍ଷାବିତ୍, ଗବେଷକ, ଡିଆଇଇଟିର ଅଧ୍ୟାପକ ଓ ଗୁରୁଛାତ୍ରମାନେ ଯୋଗଦେଇ ଶିକ୍ଷାର ପରିବର୍ତ୍ତନଶୀଳ ପନ୍ଥା ଉପରେ ଆଲୋଚନା କରିଥିଲେ । ସେମିନାରର ପ୍ରଥମ ଦିନ ପୂର୍ବାହ୍ନରେ ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଡିଆଇଇଟି ଅନୁଗୋଳର ଅଧ୍ୟକ୍ଷ ଓ ସେମିନାରର ପାଟ୍ରନ୍ ଶ୍ରୀ ବିକ୍ରମ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଏପରି ଜାତୀୟ ସ୍ତରର ଶିକ୍ଷାଭିତ୍ତିକ ମଞ୍ଚ ଶିକ୍ଷକ ପ୍ରଶିକ୍ଷଣକୁ ସମୟୋପଯୋଗୀ ଓ ଉଚ୍ଚମାନ ସମ୍ପନ୍ନ କରିବାରେ ସାହାଯ୍ୟ କରେ । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଡ଼. ଅଭିଳାଷ ନାୟକ ତାଙ୍କ ଭାଷଣରେ ଶିକ୍ଷାରେ ନବୀନ ପେଡ଼ାଗୋଜିର ଆବଶ୍ୟକତା, ଶ୍ରେଣୀକକ୍ଷରେ ଛାତ୍ରଙ୍କ ସକ୍ରିୟ ଅଂଶଗ୍ରହଣ ଓ ଶିକ୍ଷକଙ୍କ ପରିବର୍ତ୍ତିତ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ ଆଜିର ଶିକ୍ଷା ପ୍ରଣାଳୀର ମୂଳ ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ ଜୀବନମୁଖୀ କୌଶଳରେ ସଶକ୍ତ କରିବା । ଏହି ଅବସରରେ କୀନୋଟ୍ ସ୍ପିକର ଡ଼. ଅଜୟ କୁମାର ସ୍ୱାଇଁ ତାଙ୍କ ମୂଳ ଭାଷଣରେ ଜାତୀୟ ଶିକ୍ଷା ନୀତି ୨୦୨୦ର ପ୍ରଚଳନ, ସର୍ଟିଫିକେଟ୍ ଭିତ୍ତିକ ଶିକ୍ଷାରୁ କ୍ଷମତା ଭିତ୍ତିକ ଶିକ୍ଷା ପ୍ରତି ସ୍ଥାନାନ୍ତର, ଏବଂ ସହଯୋଗ, ସୃଜନଶୀଳତା, ସମାଲୋଚନା,କ ଚିନ୍ତନ ଓ ସଂଯୋଗ ଭଳି ୨୧ଗ୍ଣ୍ଣ ମରଭଗ୍ଣଙ୍କ୍ଷଛ ଗ୍ଣଳସକ୍ଷକ୍ଷଗ୍ଣ ଉପରେ ଗଭୀର ଆଲୋକପାତ କରିଥିଲେ । ତାଙ୍କ ଭାଷଣ ଅଂଶଗ୍ରହୀମାନଙ୍କ ମଧ୍ୟରେ ଗଭୀର ପ୍ରେରଣା ସୃଷ୍ଟି କରିଥିଲା । ଏହି ସେମିନାରରେ ଡ଼. ଜିତେନ୍ଦ୍ର କୁମାର ପାଟିଦାର, ସହକାରୀ ପ୍ରଫେସର, ଶିକ୍ଷକ ଶିକ୍ଷା ବିଭାଗ, ଏନ୍‌ସିଇଆରଟି, ନୂଆଦିଲ୍ଲୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ଅନୁଭବାଧାରିତ ଓ ଅଭିନବ ପେଡ଼ାଗୋଜି ପ୍ରଚଳନ ଉପରେ ତାଙ୍କ ମତ ରଖିଥିଲେ । ମମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ପ୍ରଥମ ଦିନ ଅପରାହ୍ଣ ଓ ଦ୍ୱିତୀୟ ଦିନ ବିଭିନ୍ନ ଟେକ୍ନିକାଲ୍ ସେସନ୍ ଆୟୋଜିତ ହୋଇଥିଲା । ଏଥିରେ ଶିକ୍ଷାରେ ନବୀନ ପେଡ଼ାଗୋଜି, ଡିଜିଟାଲ୍ ଟୁଲ୍ସର ସଠିକ୍ ବ୍ୟବହାର, ଖେଳାଧାରିତ ଓ କାର୍ଯ୍ୟମୂଳକ ଶିକ୍ଷା, ଅନୁଭବାଧାରିତ ଶିକ୍ଷା ପ୍ରଣାଳୀ ଉପରେ ୧୯ଟି ଗବେଷଣା ପତ୍ର ଉପସ୍ଥାପିତ ହୋଇଥିଲା । ଶ୍ରୀ ମଦନ ସୁନ୍ଦର ପ୍ରଧାନ, ସଂଯୋଜକ, ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମନ୍ୱୟ କରିଥିଲେ । ଦୁଇ ଦିନର ସବିଶେଷ ସେମିନାର ରିପୋର୍ଟ ଶ୍ରୀ ରାମକୃଷ୍ଣ ପରିଛା ପ୍ରସ୍ତୁତ କରିଥିଲେ । ଟେକ୍ନିକାଲ୍ ବ୍ୟବସ୍ଥାପନାରେ ଶ୍ରୀ ଛୋଟୋରାୟ ଟୁଡୁ ଓ ଶ୍ରୀ ଜ୍ଞାନୀ ଦୁଷ୍ମନ୍ତ ବେହେରା ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇଥିଲେ । ସେମିନାରର ସମାପନୀ ଅଧିବେଶନରେ ମୁଖ୍ୟଅତିଥି ଶ୍ରୀ ଧର୍ମରାଜ ତ୍ରିପାଠୀ ଉପସ୍ଥିତ ରହି ଏପରି ଜାତୀୟ ସେମିନାର ଶିକ୍ଷାର ଗୁଣବତ୍ତା ବୃଦ୍ଧିରେ ସହାୟକ ବୋଲି କହିଥିଲେ । ଗୌରବମୟ ଅତିଥି ଡ଼. ସଚିଦାନନ୍ଦ ମିଶ୍ର ମଧ୍ୟ ତାଙ୍କ ଉଦ୍‌ବୋଧନରେ ଶିକ୍ଷାରେ ନବୀନତା ଓ ଗବେଷଣାମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଉଦଯାପନ ଅବସରରେ ଅଧ୍ୟକ୍ଷ ଶ୍ରୀ ସାହୁ ସମସ୍ତ ଅତିଥି, ସାଧନ କର୍ମୀ,ଗବେଷକ, ଶିକ୍ଷକ ଓ ଛାତ୍ର ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇ ସେମିନାରକୁ ସଫଳ କରିଥିବା ସମସ୍ତଙ୍କ ଅବଦାନକୁ ସ୍ମରଣ କରିଥିଲେ ।

## ରାଧାମାଧବ ବିଦ୍ୟାଳୟର ବାର୍ଷିକ ଉତ୍ସବ




କିଶୋରନଗର,୧୫ ।୧(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମ ପିଏମଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଜିତ ଖଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବରିବେଷଣ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଆଠମଲ୍ଲିକ ବିଇଓ ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଶିଷ୍ଟ ଅତିଥି ଭାବେ ଡା. ରାଜେଶ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସମ୍ମାନିତ ଅତିଥି ଭାବେ ଜୟକୃଷ୍ଣ ପ୍ରଧାନ, କୈବଲ୍ୟ କଅଁର, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ ଯୋଗଦେଇଥିଲେ । ଶିକ୍ଷକ ଶଶିଭୂଷଣ ସାହୁ, ରୁଦ୍ରପ୍ରସାଦ ମହାରଣା, ସଲିମ ମେହେର, ଗଦାଧର ବେହେରା, ବିଷ୍ଣୁପ୍ରସାଦ ହେନ୍ତାଲିଆ, ସୌମ୍ୟରଞ୍ଜନ କଅଁର, ନରେନ୍ଦ୍ର ସାହୁ, ପ୍ରସନ୍ନ କୁମାର ପ୍ରଧାନ, ବିଜୟ କୁମାର ସିଂହ, ଅରୁଣ କୁମାର ନାୟକ, ବିନ୍ଦୁସାଗର ମହାନ୍ତି, ପପୁରଞ୍ଜନ ସାହୁ, ସୌରଭ ସରକାର, ଗଲେଖାବିହାରୀ ସାହୁ, କ୍ଷିତୀଶ କୁମାର ନାୟକ, ଅନିଲ କୁମାର ନାୟକ, ସହ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝୀ ସହଯୋଗ କରିଥିଲେ ।

## କଣ୍ଟିଆପଶି ହାଇସ୍କୁଲର ୩୧ତମ ବାର୍ଷିକ ଉତ୍ସବ



ଖମାର,୧୫ ।୧(ସମିସ): ଖମାର ନିକଟ ପରାଛାଟ ପଞ୍ଚାୟତ କଣ୍ଟିଆପଶି ଉଚ୍ଚ ବିଦ୍ୟାପୀଠର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସ୍ଥାନୀୟ ସରପଞ୍ଚ ବବିତା ଘଟୁଆରୀ ମୁଖ୍ୟଅତିଥି, ଶିବପ୍ରସାଦ ପ୍ରଧାନ ମୁଖ୍ୟବକ୍ତା, ରସାନନ୍ଦ ପ୍ରଧାନ, ରଞ୍ଜନ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ସାହୁ, ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମେଘ କିଶନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବରାଜ ଘଟୁଆରୀ, ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ମଞ୍ଚାସୀନ ଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ରାମନାଥ ରାଉଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଦେବେନ୍ଦ୍ର ଗଡ଼ନାୟକ ଧନ୍ୟବାଦ ଦେଇଥିଲେ । ମୁଖ୍ୟଅତିଥି ବିଦ୍ୟାଳୟର ସମସ୍ୟାକୁ ଗୁରୁତର ସହ ନେଇ ଆଲୋଚନା ମାଧ୍ୟମରେ ବିଧାୟକ ପାଣ୍ଠି, ପଞ୍ଚାୟତ ସମିତି ଓ ପଞ୍ଚାୟତ ପାଣ୍ଠିରୁ ସମାଧାନ କରିବେ ବୋଲି ଘୋଷଣା କରିଥିଲେ । ବାଳିକା ବର୍ଗରେ ସୁନୀତା ପେଣ୍ଟୋଇ ଓ ବାଳକ ବର୍ଗରେ ପ୍ରୀତମ ଦେହୁରୀ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ । ପରେ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଅଜୟ ସାହୁ, ସୁନୀଲ ଗଡ଼ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ନୀଳକଣ୍ଠ ବେହେରା, ଶିକ୍ଷୟିତ୍ରି ରୀନା ମହାନ୍ତି, ସୌଦାମିନୀ ସାମଲ, ଅଯୋଧ୍ୟା ବେହେରା, କର୍ମଚାରୀ କଳାକାର ସାହୁ, ରମେଶ ବେହେରା, ପ୍ରତାପ ସାମଲ ସହଯୋଗ କରିଥିଲେ ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବଇଣ୍ଡା,୧୫ ।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଗୁରୁବାର ବଇଣ୍ଡା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସନାତନ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ମଞ୍ଚର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା । ଉକ୍ତ ମଞ୍ଚକୁ ଜିଲ୍ଲା ପ୍ରଶାସନ ଗୁରୁବାର ରେଜିଷ୍ଟ୍ରେସନ ଅନୁମତି ଦେଇଥିବା ବେଳେ ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଯାଇଛି । ଆଗକୁ କିପରି ମଞ୍ଚ ପକ୍ଷରୁ ବିଭିନ୍ନ ସାମାଜିକ କାମ କରାଯିବ ଓ ସାଧାରଣତନ୍ତ୍ର ଦିବସ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଏଥିରେ ବିଚିତାନନ୍ଦ ସାହୁ, ଅର୍ଜୁନ କୁମାର ସାହୁ, ଚିନ୍ତାମଣି ସାହୁ, ଶରତ ଚନ୍ଦ୍ର ସାହୁ, ସୁକାନ୍ତ ରଣା, ଚନ୍ଦ୍ର ମଣି ପ୍ରଧାନ, ବସନ୍ତ ନାୟକ, ଶ୍ରୀଧର ବେହେରା, କୃପାସିନ୍ଧୁ ନାୟକ, ଅନାମ ଚରଣ ସାହୁ, ବୃନ୍ଦାବନ ପ୍ରଧାନ, କବିରାଜ ପ୍ରଧାନ, ସୁରେଶ ପ୍ରଧାନ, କିଶୋର ପଟ୍ଟନାୟକ,ରମେଶ ମିଶ୍ର, କୈଳାସ ପାତ୍ର, ସୂରଥ ନାୟକଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ମକର ସଂକ୍ରାନ୍ତିରେ ଦେବଦେବୀ ମନ୍ଦିରରେ ଭିଡ଼



ତାଳଚେର,୧୫ ।୧(ସମିସ): ମକର ସଂକ୍ରାନ୍ତି ଅବସରରେ ସହରଠାରୁ ଗ୍ରାମାଞ୍ଚଳ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା । ଶ୍ରଦ୍ଧାଳୁ ସ୍ୱଚ୍ଛ ପୋଷାକ ପରିଧାନ କରି ଭଗବାନଙ୍କୁ ପ୍ରାର୍ଥନା କରିବା ସହ ଫୁଲ, ଧୂପ, ଦୀପ, ସିନ୍ଦୂର, ଅରୁଆ ଚାଉଳ ଇତ୍ୟାଦି ଥୋଇ ପୂଜାର୍ଚ୍ଚନା କରିଥିଲେ । ତାଳଚେର ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ଜଗନ୍ନାଥମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଗୁଣୀ, ମା'ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୂଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶିଳା, ବହ୍ଲର, ବନ୍ତୋଲ, ଥର୍ମାଲ, ସାଉଥବଲଣ୍ଡା, ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ମନ୍ଦିର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ।

## ୫୦ତମ ବେଦ ପାରାୟଣ ଯଜ୍ଞ




କଣିହାଁ,୧୫ ।୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ବେଦ ଭବନର ୫୦ତମ ବେଦ ପାରାୟଣ ଯଜ୍ଞ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଛି । ୧୨ ତାରିଖ ପ୍ରତ୍ୟୁଷରେ ଜାଗରଣ ମନ୍ତ୍ର ପରେ ଓମ୍ ଧ୍ୱଜା ଉତ୍ତୋଳନ କରାଯାଇଥିଲା । ପ୍ରତ୍ୟହ ଦିନ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବେଦ ପାରାୟଣ ଯଜ୍ଞ ଓ ଭାଜନୋପଦେଶ ସହ ସନ୍ଧ୍ୟାରେ ସନ୍ଧ୍ୟା ଉପାସନା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଦଭବନ ଓ ଦୟାନନ୍ଦ ବୈଦିକ ସାଧନା ଆଶ୍ରମର ସଞ୍ଚାଳକ ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଯଜ୍ଞରେ ଶିବାନନ୍ଦ ତପୋଭୂମିର ବିଦ୍ୱାନ ସ୍ୱାମୀ ମୁକ୍ତାନନ୍ଦ ପରିବ୍ରାଜକ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ବେଦଶ୍ରବା ସରସ୍ୱତୀ, ଶ୍ରୀକାନ୍ତ ବ୍ରହ୍ମଚାରୀଜୀ ପ୍ରମୁଖ ଯୋଗଦେଇ ବେଦ ପାରାୟଣ ଯଜ୍ଞ, ପ୍ରବଚନ ଓ ବେଦପାଠ କାର୍ଯ୍ୟ ସମ୍ପନ୍ନ କରିଥିଲେ । ୧୪ ତାରିଖ ୨୦୦ କୁଣ୍ଡୀୟ ସାମୂହିକ ଯଜ୍ଞ ଓ ଚତୁର୍ବେଦ ପାରାୟଣ ଯଜ୍ଞର ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା । ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ରେଙ୍ଗାଳି ଡ୍ୟାମର ପ୍ରତିଷ୍ଠାତା ମୁଖ୍ୟଯନ୍ତ୍ରୀ ଦିବାକର ମିଶ୍ର ପରିବାର ସହ ଏଥିରେ ଯୋଗଦେଇଥିଲେ । ବୈଦିକ କମିଟି ପକ୍ଷରୁ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବେଦଭବନ ସଭାପତି ଅଧିକ୍ଷଣ ଯନ୍ତ୍ରୀ ସମରେନ୍ଦ୍ର ବେହେରା, ସମାଜସେବୀ ଭରତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଦୁଷ୍କର୍ମ ମାମଲାରେ ଦୋଷୀକୁ ୫ ବର୍ଷ ଜେଲ୍

ଅନୁଗୋଳ,୧୫ ।୧(ସମିସ): ଜଣେ ୫୦ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ମାମଲାରେ ଅନୁଗୋଳ ଏଡିଜେ ବଅଁରପାଳ ଥାନା ନଳଚନ୍ଦ୍ରପୁର ଗ୍ରାମର ହାଡ଼ିବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ ୨୦୨୧ ଅକ୍ଟୋବର ୨୪ରେ ହାଡ଼ିବନ୍ଧୁ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ମାମଲା ରୁଜୁ କରି ହାଡ଼ିବନ୍ଧୁଙ୍କୁ କୋର୍ଟଚାଲାଣ କରିଥିଲା । ଗୁରୁବାର ମାମଲାର ରାୟ ପ୍ରକାଶ ପାଇଛି । ଏଡିଜେ ବିରଞ୍ଚି ନାରାୟଣ ମିଶ୍ର ହାଡ଼ିବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରୀ ଓକିଲ ରଞ୍ଜନ ପାତ୍ର, ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରିଥିଲେ ।

## ଦେବେନ୍ଦ୍ରଙ୍କ ସ୍ମୃତିରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପରାମର୍ଶ



ଖମାର,୧୫ ।୧(ସମିସ): ପାଲଲହଡ଼ା ବ୍ଲକ୍ ପେଚାମୁଣ୍ଡି ପଞ୍ଚାୟତ ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଏଥିରେ ବନର ଗ୍ରାମର ଭଲିବଲ କ୍ଲବ୍ ଚାମ୍ପିଅନ ଓ ଗୋଳାବନ୍ଧ କ୍ଲବ୍ ରନର୍ସଅପ୍ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍ଗ ଅବନୀକାନ୍ତ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅବସରପ୍ରାପ୍ତ ଖେଳ ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ନାଥ, ଶାନ୍ତିଲତା ପଲେଇ, ଶିକ୍ଷକ ରାଜକିଶୋର ଗଡ଼ନାୟକ, ଫଣିଭୂଷଣ ପଲେଇ, ଗ୍ରାମ କମିଟି ସଭାପତି, ମନ୍ଦିର କମିଟି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍ଗ ସାହୁ ଗରିବ, ଅସହାୟ, ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ନିଜ ଅଭିଭାଷଣରେ ସେ କହିଲେ, ଯେହେତୁ କ୍ରିକେଟ୍ ଖେଳ ବହୁ ଆଗରେ ଅଛି, ଭଲିବଲ ଖେଳ ବହୁ ପଛରେ ପଡ଼ିଯାଇଛି । ଭଲିବଲ ଖେଳକୁ ଆଗକୁ ନେବା ପାଇଁ ବ୍ଲକ୍ ସ୍ତରରେ ଖେଳ ଆୟୋଜନ କରିବା ଜରୁରୀ । କଣିହାଁ ଓ ପାଲଲହଡ଼ା ବ୍ଲକରେ ଯେତେ ଭଲ ଖେଳାଳି ଅଛନ୍ତି ସେମାନଙ୍କୁ ଏକଜୁଟ କରି ଖେମଲା ପଡ଼ିଆରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆଞ୍ଚଳିକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ । ଏଥିପାଇଁ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ଖଇରମୁଣ୍ଡା ଗ୍ରାମରେ ୧୨୪ତମ ମକରଯାତ୍ରା

କିଶୋରନଗର,୧୫ ।୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଖଇରମୁଣ୍ଡା ଗ୍ରାମରେ ବୁଧବାର ୧୨୪ତମ ମକରଯାତ୍ରା ପାଳିତ ହୋଇଛି । ପୂର୍ବାହ୍ନ ସାଢ଼େ ୧୦ଟାରେ ହରଗୌରୀଙ୍କ ପୂଜା ଆରମ୍ଭ ହୋଇଥିଲା । ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା । ପୂଜକ ଦୟାନିଧି ଦାସ ଯଜ୍ଞ ପରିଚାଳନା କରିଥିଲେ । କର୍ତ୍ତା ଭାବେ ଅକ୍ଷୟ ପ୍ରଧାନ ଓ ତାଙ୍କ ସହଧର୍ମିଣୀ ମମତା ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ । କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଗ୍ରାମ ସଭାପତି ପ୍ରସନ୍ନ ବେହେରା, ସମ୍ପାଦକ ବାସୁଦେବ ଧଳଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ହୋଇଥିଲା ।

**● ତାଳଚେର ପରିବହନ ବିଭାଗ ପକ୍ଷରୁ ରକ୍ତଦାନ ଶିବିର**

## ୧୧୫ ୟୁନିଟ୍ ରକ୍ତ ସଂଗୃହୀତ



ତାଳଚେର,୧୫ ।୧(ସମିସ): ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଡ଼କ ସୁରକ୍ଷା ଜୀବନ ରକ୍ଷାର ସଚେତନତା କରାଯିବା ସହ ଲୋକଙ୍କୁ ଗାଡ଼ି ଚାଳନାର ସଠିକ୍ ମାର୍ଗଦର୍ଶନ କରାଇବା ଏହାର ମୂଳଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଓଡ଼ଶୀ ମୋଟର୍ସର କମଚାରୀ ଓ ତାଳଚେରରେ ରହିଥିବା ବିଭିନ୍ନ ଘରୋଇ କମ୍ପାନୀର କର୍ମଚାରୀମାନେ ରକ୍ତଦାନ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟରେ ରକ୍ତଦାନ କରିବା ସହ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଶିବିରରେ ତାଳଚେର ମଣ୍ଡାପାଳ ସରକାରୀ ଡାକ୍ତରଖାନାର ଡାକ୍ତର ଓ ରକ୍ତଭଣ୍ଡାରର କର୍ମଚାରୀମାନେ ଉପସ୍ଥିତ ରହି ୧୧୫ ୟୁନିଟ୍ ରକ୍ତ ସଂଗୃହୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଳଚେର ପରିବହନ ବିଭାଗ ଅଧିକାରୀ ଇଞ୍ଜିନିଅର ନିଖିଲ ପଟ୍ଟନାୟକ, ଏମଭିଆଇ ତପନ ବେଟିଙ୍କ ନେତୃତ୍ୱରେ ମୁଖ୍ୟଅତିଥିଭାବେ ତାଳଚେର ଏସ?ପିଓ ଭରତଚନ୍ଦ୍ର ସାହୁ ଓ ପରିବହନ ବିଭାଗର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଧଉରାପାଲ୍ଲୀ ସମିତିରେ ଧାନମଣ୍ଡି ଉଦଘାଟିତ



କିଶୋରନଗର,୧୫ ।୧(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ସେବା ସମବାୟ ସମିତି ରେ ଆଜି ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏଥିରେ ସମବାୟ ସମିତିର ସଭାପତି ଇନ୍ଦ୍ରମଣି ପ୍ରଧାନ ଯୋଗଦେଇ ପୂଜାର୍ଚ୍ଚନା କରାଯାଇ ଏହାର ଉଦଘାଟନ କରିଛନ୍ତି । ଏଥିରେ ଆର ଏମସି ର କ୍ୱାଲିଟି ଆନାଲିସିସ୍ କର୍ମଚାରୀ ଲିପସାମୟୀ ସାହୁ,ରାଜେଶ ପ୍ରଧାନ, ରଞ୍ଜନ କୁମାର ବେହେରା, ସମିତିର ଭାରପ୍ରାପ୍ତ ସମ୍ପାଦକ ଜିତେନ୍ଦ୍ର ସାହୁ, କୃଷି ବିଭାଗ ଭିଏଡବ୍ଲ୍ୟୁ ଜଗନ୍ନାଥ ଦେହୁରୀ ପ୍ରମୁଖଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଯୋଗଦେଇଥିଲେ । ପ୍ରଥମ ଦିନରେ ୧୭ ଜଣ ଚାଷୀ ଧାନବିକ୍ରି କରିଛନ୍ତି । ସେହିପରି ହିମିତିରା ସେବାସମବାୟ ସମିତିରେ ସଭାପତି ବବ୍ରୁବାହାନ ବେହେରାଙ୍କ ଦ୍ୱାରା ଧାନମଣ୍ଡି ଉଦଘାଟିତ ହୋଇଛି ।

## ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଜୟନ୍ତୀ

ଅନୁଗୋଳ,୧୫ ।୧(ସମିସ)




ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜିଲ୍ଲା ପାଠାଗାର ପରିସରରେ ବ୍ୟାସକବି ଫକୀର ମୋହନଙ୍କ ୧୮୪ତମ ଜୟନ୍ତୀ ପାଳିତ ହୋଇଛି । ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାଶ ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଏହାକୁ ଉଦଘାଟନ କରି ନିଜ ବକ୍ତବ୍ୟରେ ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ଫକୀରମୋହନଙ୍କ ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପନ କରିବା ସହ ବ୍ୟାସକବିଙ୍କ ଗଳ୍ପ ଓ ଉପନ୍ୟାସରେ ଓଡ଼ିଆ ଜୀବନଧାରା କିଭଳି ପ୍ରତିଫଳିତ ହୋଇଥିଲା ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ରୂପେ ଅନୁଗୋଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁରେଶ ଚନ୍ଦ୍ର ରାଜହଂସ ଯୋଗଦେଇ ଫକୀରମୋହନ କିଭଳି ସମକାଳ ଉପନିବେଶବାଦ, ଅନ୍ଧବିଶ୍ୱାସ, ଶୋଷଣ ଆଦି ବିରୋଧରେ କଲମ ଉଠାଇଥିଲେ ତାହା ବର୍ଣ୍ଣନା କରିଥିଲେ । ଫକୀରମୋହନଙ୍କୁ କ୍ରାନ୍ତିକାରୀ ପୁରୁଷ ଓ ଭାଷା ଆନ୍ଦୋଳନର ସାରଥି ବୋଲି ଉଲ୍ଲେଖ କରିବା ସହ ଉନବିଂଶ ଶତାବ୍ଦୀରେ ତାଙ୍କର କବିତା, ଗଳ୍ପ, ଉପନ୍ୟାସ ସାଂସ୍କୃତିକ ଚେତନାକୁ ଉଦବୁଦ୍ଧ କରିଥିଲା ବୋଲି କହିଥିଲେ । ସଂସଦର ଉପ ସଭାପତି ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଅତିଥି ପରିଚୟ ପ୍ରଦାନ କରିବା ସହ ଫକୀରମୋହନଙ୍କ ସାହିତ୍ୟରେ ପରିବାରବାଦ ଓ ନାରୀ ଚରିତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍କୁଲସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଏସଭିଏମ୍ ନାଲକୋନଗର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡିଏଭି ସାବିତ୍ରୀ ଜିନ୍ଦଲ ରନର୍ସଅପ୍ ହୋଇଥିଲା । ଅତିଥିମାନେ ସେମାନଙ୍କୁ ପ୍ରଶଂସାପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାଧ୍ୟାପକ ଦଧିବାମନ ପ୍ରଧାନ ଏବଂ ଅଧ୍ୟାପକ ମନୋଜ କୁମାର ବେହେରା ସାଧାରଣ ଜ୍ଞାନ ପ୍ରତିଯୋଗିତା ପରିଚାଳନାରେ ସହାୟତା କରିଥିଲେ । ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀର ମୋହନଙ୍କ ଜୟନ୍ତୀ ପାଳିତ

କିଶୋରନଗର,୧୫ ।୧(ସମିସ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରେବତୀ ଏକ ନିଷ୍କଳଙ୍କ ପ୍ରତିଭା । ନାରୀଶିକ୍ଷାର ପ୍ରସାର ଦିଗରେ ଏହି ଗଳ୍ପ ସେ ସମୟରେ ଜାଗରଣ ଆଣିପାରିଥିଲା ବୋଲି କିଶୋର ସାହିତ୍ୟ ସଂସଦ ତରଫରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି । ସାହିତ୍ୟ ସଂସଦ ସଭାପତି ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରାକ୍ତନ ଅତିରିକ୍ତ ବିଡିଓ ରାହାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରୂପେ ପୂର୍ବତନ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ସମ୍ମାନିତ ଅତିଥି ରୂପେ ଏବିଇଓ ରମଣୀ ରଞ୍ଜନ ସାହୁ ଯୋଗଦେଇଥିଲେ । ସଂସଦର ସମ୍ପାଦକ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁ ସଭା ପରିଚାଳନା କରିଥିଲେ ।

## ଦ୍ୱିତୀୟ ଦିନରେ ଓଲାଶୁଣୀ ମେଳା

# ଶ୍ରଦ୍ଧାଳୁଙ୍କ ଗହଳିରେ ଉଚ୍ଛୁଳୁଛି ପଡ଼ିଆ

ବାଲିଚନ୍ଦ୍ରପୁର, ୧୫ ।୧(ସମିସ)



ଓଲାଶୁଣୀ ମେଳା ଅବସରରେ ସମଗ୍ର ପାହାଡ ଓ ପାହାଡର ପାଦ ଦେଶ ଉତ୍ସବମୁଖରିତ ହୋଇଉଠିଛି । ଓଲାଶୁଣୀ ଗୁମ୍ଫା ମେଳା ନାମରେ ପରିଚିତ ଉତ୍ସବର ଦ୍ୱିତୀୟ ଦିବସରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ଦୂରଦୂରାନ୍ତରୁ ଆସିଥିବା ସାଧୁସନ୍ଥ ଶ୍ରଦ୍ଧାଳୁମାନଙ୍କ ଭଜନ, ଜଣାଣ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ ଗୀତ ନୃତ୍ୟରେ ଓଲାଶୁଣୀ ଗୁମ୍ଫା ମେଳା ପ୍ରକମ୍ପିତ ହେଉଛି । ମେଳା ପରିସରକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଧର୍ମାବଲମ୍ବୀ ଆସୁଥିବା ଦେଖିବାକୁ ମିଳିଛି । ଦିନ ୧୧ଟା ପରେ ମେଳା ପଡ଼ିଆରେ ନାହିଁ ନଥିବା ଗହଳି ଦେଖିବାକୁ ମିଳିଛି । ମହାପୁରୁଷ ଅରକ୍ଷିତ ଦାସଙ୍କ ପ୍ରିୟ ଭୋଗ ପୋଡପିଠା ସମାଧି ପୀଠ ପରିସର ଓ ମେଳା ପଡ଼ିଆରେ ପୋଡ଼ପିଠା ବିକ୍ରି କରାଯାଉଥିବାରୁ ଏହାର ବାସ୍ନାରେ ମେଳା ପଡ଼ିଆ ମହକି ଉଠୁଛି ।

### ● ବାଉଁଶ ରାଣୀ ଖେଳ ଦେଖିବାକୁ ଭିଡ଼

ଦୂର ଛତିଶଗଡ଼ ରାଜ୍ୟରୁ ଓଲାଶୁଣୀ ମେଳାକୁ ଶ୍ରଦ୍ଧାଳୁ ମାନଙ୍କୁ ନିଜର ବାଉଁଶ ରାଣୀ ଖେଳ ଦେଖିବା ପାଇଁ ବହୁ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି । ଛୋଟଛୋଟ ପିଲାମାନେ ରଶି ସାହାଯ୍ୟରେ ଚାଲିଚାଲି ଖେଳ ପ୍ରଦର୍ଶନ କରୁଛନ୍ତି ।

ସେହିପରି ଯୁବପିଢ଼ି ନିଜ ଦେହରେ ଟାଟୁ କରିବା ପାଇଁ ଟାଟୁ ଦୋକାନରେ ପ୍ରବଳ ଭିଡ଼ କରୁଥିବା ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ସାରି ମେଳାରେ ବିକ୍ରି ହେଉଥିବା ପ୍ରସ୍ତର ନିର୍ମିତ ଶିଳ, ଚକି, ଚଉଁରା ନେବା ପାଇଁ ମଧ୍ୟ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି ।

### ● ମେଳାରେ ଅବ୍ୟବସ୍ଥା

ପାଦ ଦେଶରୁ ସନ୍ଥ ଅରକ୍ଷିତ ଦାସଙ୍କ ମନ୍ଦିର ପର୍ଯ୍ୟନ୍ତ ବହୁ ପୂର୍ବରୁ ଥିବା ପାହାଚ ଏବଂ ନୂତନ କରି ହୋଇଥିବା ପିଚୁ ରାସ୍ତାରେ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯିବା ରାସ୍ତାରେ ଆଲୋକୀକରଣ ନଥିବାରୁ ମହିଳା ଶ୍ରଦ୍ଧାଳୁମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏ ବିଷୟରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ଫୋନ ଯୋଗେ ଆମ ପ୍ରତିନିଧି ଯୋଗାଯୋଗ କରିଥିଲେ । ବହୁତ ଶୀଘ୍ର ଆଲୋକୀକରଣ କରାଯିବ ବୋଲି କହିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ମେଳାରେ ଶିବିର ପକାଯାଇଛି । ତେବେ ଚଳିତବର୍ଷ ଏହି ଦଶଦିନିଆ ମେଳାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ଓଲାଶୁଣୀ ମଠ ମହନ୍ତ ଡ.ନାମାନନ୍ଦ ଦାସ ନିବେଦନ କରିଛନ୍ତି ।

# ବରୁଣେଶ୍ୱର ମେଳାରେ ଜମୁଛି ଭିଡ଼

**ବିଞ୍ଝାରପୁର, ୧୫।୧(ସମିସ):** ବରୁଣେଶ୍ୱର ମେଳାର ଦ୍ୱିତୀୟ ଦିନରେ ବିଭିନ୍ନ ଅଞ୍ଚଳରୁ ଲୋକସମାଗମ ମେଳା ପଡ଼ିଆରେ ଦେଖାଯାଇଛି । ସକାଳୁ ଠାରୁ ମେଳା ପ୍ରାଙ୍ଗଣରେ ଭିଡ଼ ଜମିବାରେ ଲାଗିଛି । ବିଭିନ୍ନ ଦୋକାନ, ହସ୍ତଶିଳ୍ପ ଓ ଖାଦ୍ୟ ଷ୍ଟଲଗୁଡ଼ିକୁ ଦେଖିବା ପାଇଁ ଦର୍ଶକମାନେ ଉତ୍ସାହର ସହିତ ଆସୁଛନ୍ତି । ଦୋଳି, ଟାଟୁ ଓ ମେହେନ୍ଦି, ଚୁଡ଼ି ଆଦି ଷ୍ଟଲଗୁଡ଼ିକରେ ବିଶେଷ ଭିଡ଼ ଦେଖିବାକୁ ମିଳୁଛି । ମେଳା ପରିସରରେ ଆୟୋଜିତ ହେବାକୁ ଥିବା ବରୁଣେଶ୍ୱର ମହୋତ୍ସବ ବନ୍ଦ ପଡ଼ିବା ଫଳରେ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନକୁ ଦର୍ଶକମାନେ ଉପଭୋଗ କରିବାରୁ ବଞ୍ଚିତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ମେଳାର ସୁରକ୍ଷା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ମେଳା ଆଗାମୀ ଦିନଗୁଡ଼ିକରେ ଆଉ ଅଧିକ ଆକର୍ଷଣୀୟ ହେବ ବୋଲି ବ୍ଲକ ଓ ଜିଲ୍ଲା ପ୍ରଶାସନ ଆଶା ପ୍ରକାଶ କରିଛନ୍ତି ।



ବରୁଣେଶ୍ୱର ମେଳା ପଡ଼ିଆରେ ଆଜି ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ମେଳା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷା ରଞ୍ଜିତା ଦାସ, ବିଡିଓ ଆକାଶ ପଟ୍ଟନାୟକ, ଉପାଧ୍ୟକ୍ଷ ସେକ ଇର୍ଶାଦ ସହ ଅନ୍ୟାନ୍ୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଏହି ମେଳା ବୁଲି ଦେଖିବା ସହ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ, ପଲିଶ୍ରୀ ମେଳା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନୂଆ ପରିଚୟ ମିଳିବ । ଏପରି ମେଳା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ମେଳାରେ ଜିଲ୍ଲା ଓ ଜିଲ୍ଲା ବାହାରର ୩୦ଟି ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରି ବିଭିନ୍ନ ସ୍ୱଦେଶୀ ଉତ୍ପାଦ, ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି ।

### ● ଫ୍ରିଡମ୍ ଷ୍ଟଲ ଉଦ୍‌ଘାଟିତ

ବରୁଣେଶ୍ୱର ମେଳାରେ ଫ୍ରିଡମ୍ ତେଲ ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି । ଏହାକୁ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ବାମଦେବ ନନ୍ଦ, ବରିଷ୍ଠ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ, ସ୍ମୃତିରଞ୍ଜନ ସାହୁ, ବଟକୃଷ୍ଣ ନାୟକ, ଫ୍ରିଡମ୍ ପକ୍ଷରୁ ଅମୀୟ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜସେବୀଙ୍କ ପରଲୋକ

**ଯାଜପୁର, ୧୫।୧(ସମିସ):** ଯାଜପୁର ସହରର ପ୍ରତିଷ୍ଠିତ ସମାଜସେବୀ ତଥା ସାମ୍ବାଦିକ ତପନ ମହାରଣ୍ୟ ଶର୍ମାଙ୍କ ପିତା ଅର୍ଦ୍ଧେନ୍ଦୁ ଶେଖର ମହାରଣ୍ୟଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି । ସେ କିଛିଦିନ ଧରି ଅସୁସ୍ଥ ରହି ଘରେ ଚିକିତ୍ସିତ ହେଉଥିଲେ । ସେ ବିଭିନ୍ନ



ସମାଜ ସେବା କରିବା ସହ ସ୍ଥାନୀୟ ଲକ୍ଷ୍ମୀ ପୂଜା କମିଟିର ସଭାପତି ରୂପେ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ଏଥିସହ ୮୦ ଦଶକରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ସାମ୍ବାଦିକତା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ପୁଅ ତପନ ମହାରଣ୍ୟ ଶର୍ମା, ପୁତ୍ର ଡିଗ୍ମାଂଶୁ ମହାରଣ୍ୟ ଶର୍ମା, ତ୍ରିମୂର୍ତ୍ତୀ ଶର୍ମା, ତମଘ୍ନ ଶର୍ମା, ତରଣୀ ଶର୍ମା, ଓ ପୁତ୍ରବଧୂ, ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁରର ପୂର୍ବତନ ନଗର ପାଳ ଭବପ୍ରକାଶ ଦାସ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଯୁବନେତା ବଳଭଦ୍ର ଦାସ, ବିଜେପି ଯୁବନେତା କଳିଙ୍ଗ କେଶରୀ ମହାନ୍ତି, ସୁଧାନନ୍ଦ ଦାସ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ରାଜୀବ ମହାନ୍ତି, ବିରଜା ପାଣି, ଅଜୟ ରାଉଳ, ତରୁଣ ନନ୍ଦ, ମହେଶ୍ୱର ସାହୁ, ଦିଲ୍ଲୀପ ଦାଶଙ୍କ ସମେତ ବହୁ ସାମ୍ବାଦିକ ଓ ବରିଷ୍ଠ ନାଗରିକ ଶୋକ ପ୍ରକାଶ କରିଛନ୍ତି ।

## ଯୁବ ସମାଜସେବୀଙ୍କ ବିୟୋଗରେ ଶୋକ



**କବାଟବନ୍ଧ, ୧୫ ।୧(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମର ଯୁବ ସମାଜସେବୀ ଚିନ୍ମୟ ରାଉତ, ଚିନୁ(୩୮)ଙ୍କ ଅକାଳ ବିୟୋଗ ହୋଇଛି । ଚିନ୍ମୟଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଚିନ୍ମୟ ଜଣେ ଉଦୀୟମାନ ଯୁବକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ । ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନରେ ସାମିଲ ହୋଇ ସେ ସମାଜ ପାଇଁ କାମ କରୁଥିଲେ । କିଛି ବର୍ଷ ହେଲା ସେ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ । ବୁଧବାର ବିଳମ୍ବିତ ରାତିରେ ତାଙ୍କର କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ଜଣାପଡ଼ିବା ପରେ ତାଙ୍କ ନିଜ ଗ୍ରାମ ବଳଭଦ୍ରପୁର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଚିନ୍ମୟଙ୍କ ହାଇସ୍କୁଲ ସହପାଠୀ ମାନେ ତାଙ୍କ ମରଶରୀରକୁ ୫୩ ନମ୍ବର ଜାତୀୟ ରାଜପଥ ବାଘୁଆ ଛକ ଠାରୁ ଗାଁ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ । ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

## ନାଳ ଭିତରୁ ନବଜାତ ମୃତ ଶିଶୁକନ୍ୟା ଉଦ୍ଧାର

**କର୍ଯ୍ୟାଁଗୋଲା/ମଙ୍ଗଳପୁର, ୧୫।୧(ସମିସ):** ଅଲୋଡ଼ା ହେଲା ଶିଶୁକନ୍ୟା । ନିଜର କର୍ତ୍ତବ୍ୟ ଭୁଲି ନବଜାତ ଶିଶୁକନ୍ୟାର ଯତ୍ନ ନେବା ପରିବର୍ତ୍ତେ ନିଜେ ହିଁ ନିଜ ଶିଶୁକନ୍ୟାର ହତ୍ୟାକାରୀ ସାଜିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦଶରଥପୁର ବ୍ଲକ ମଲ୍ଲିକାପୁର ଅଞ୍ଚଳରେ । ବୈଷପାନ ଗ୍ରାମ ରାସ୍ତା ପାର୍ଶ୍ୱରେ କେହି ଦମ୍ପତି ମୃତ ଶିଶୁକନ୍ୟାକୁ ନାଳରେ ଫିଙ୍ଗି ଦେଇଥିବା ବେଳେ ଆଜି ଅପରାହ୍ନରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଜଣେ ସ୍ଥାନୀୟ ବାସିନ୍ଦା ଦେଖି ମଙ୍ଗଳପୁର ଥାନାକୁ ଜଣାଇଥିଲେ ।

ସୂଚନା ପାଇ ମଙ୍ଗଳପୁର ଥାନା ଏସଆଇ ଜଟାଧାରୀ ଦାସ ଏବଂ ସଂଯୁକ୍ତା ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ମୃତ ଶିଶୁକନ୍ୟାକୁ ଉଦ୍ଧାର କରି ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ମୃତ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ୨୪ଘଣ୍ଟା ପୂର୍ବରୁ ଜନ୍ମ ନେଇଥିବା କହିଛନ୍ତି । ତେବେ ମୃତ ଶିଶୁକନ୍ୟା କାହାର ତାହା ଜଣାପଡ଼ିନଥିବା ବେଳେ ମଙ୍ଗଳପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

## ଶିକ୍ଷକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା

**ବରୀ, ୧୫ ।୧(ସମିସ) :** ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ଅନ୍ତର୍ଗତ ରାଉତସାହି ଗ୍ରାମର ବରିଷ୍ଠ ଶିକ୍ଷକ ତଥା ଆଧ୍ୟାତ୍ମିକ ସଂଗଠକ ଅଶୋକ କୁମାର ଦାସଙ୍କୁ ସନ୍ଥ ଅରକ୍ଷିତ ଦାସ ଗବେଷଣା ପରିଷଦ, କଟକ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ ସଂଗଠନଗୁଡ଼ିକର ସର୍ବାଙ୍ଗୀନ ବିକାଶ ନିମିତ୍ତ ଥିବା ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷର ମର୍ଯ୍ୟାଦାଜନକ ସନ୍ଥ ଅରକ୍ଷିତ ଆଧ୍ୟାତ୍ମିକ ସଂଗଠକ ଗୌରବ ସମ୍ମାନ ପ୍ରଦାନ କରାଯାଇଛି । କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ସଭାପତି ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଭୁବନେଶ୍ୱର ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉଦ୍‌ଘାଟକ ଭାବେ ଉପସ୍ଥିତ ଥିବାବେଳେ ମାନବାଧିକାର କମିସନର ସଦସ୍ୟ ଅସୀମ ଅମିତାଭ ଦାଶ ଅତିଥି ଓ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ମୁଖ୍ୟ ବକ୍ତା ଏବଂ ଇଞ୍ଜିନିୟର ରଶ୍ମିରଞ୍ଜନ ରାୟ ଓ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ । ସମ୍ପାଦକ ସୁଧାଂଶୁ ଶେଖର ସାମଲ ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ । ସମ୍ମାନିତ ହେବା ପରେ ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦର ସାଧାରଣ ସମ୍ପାଦକ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ, ଓଡ଼ିଶା ରାଜ୍ୟ ଦନ୍ତ ପରିଷଦର ଅଧ୍ୟକ୍ଷ ଡାକ୍ତର ଆଶିଷ କୁମାର ବାରିକ, ଉତ୍କଳ ଯାଦବ ମହାସଭାର ଉପ ସଭାପତି ମନୋଜ କୁମାର ପରିଡ଼ା, ରାଜକନିକାର ବରିଷ୍ଠ ସମାଜସେବୀ ଶ୍ରୀନିବାସ ପ୍ରଧାନ, ଆଳି ମଧୁବନର ସମବାୟବିତ୍ ବାଙ୍କବିହାରୀ ଦାସ ଓ ଆଳି ସାନମଙ୍ଗ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ସୁମନ୍ତ କୁମାର ମହାନ୍ତିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଟାଟା ଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ଦାନଗଦି, ୧୫।୧(ସମିସ)




୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗରର (ଟିଏସକେ) ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ ସହଯୋଗରେ କଳିଙ୍ଗନଗରଠାରେ ଏକ ଦୁଇ ଦିନିଆ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଗୁରୁବାର ଡୁବୁରିସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଗେଟ୍ ନଂ-୧ ନିକଟରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସଞ୍ଜୟ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ସୁରକ୍ଷା (ଅପରେସନ୍ସ) ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷର ବିଷୟବସ୍ତୁ 'ଏକ ରାସ୍ତା, ଏକ ପରିବାର ସମସ୍ତଙ୍କ ପ୍ରତି ସମ୍ମାନ' ଉପରେ ଆଧାରିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ଅଂଶୀଦାର ଦାୟିତ୍ୱକୁ ଗୁରୁତ୍ୱ ଦେବା । ଏହି ଅଭିଯାନ ସମୟରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିବାବେଳେ ଦୁଇଚକିଆ ଯାନ ଚାଳକ ଏବଂ ପଛରେ ବସୁଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପାଇଁ ସବୁବେଳେ ହେଲମେଟ ପିନ୍ଧିବାକୁ ଉତ୍ସାହିତ କରାଯାଇଥିଲା ।

ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ସୂଚନା ଥିବା ଲିଫଲେଟ୍ ମଧ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ, ସଡ଼କ ସୁରକ୍ଷା ନିୟମ ପାଳନ କରିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସୁରକ୍ଷା ଏବଂ ଲଜିଷ୍ଟିକ୍ ବିଭାଗ ପକ୍ଷରୁ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ମାସବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗର ବିଶେଷ କରି ଗତି ସୀମା ମାନିବା, ସିଟ୍ ବେଲ୍ଟ (ଆଗ ଏବଂ ପଛ) ବ୍ୟବହାର, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର ନକରିବା, ଗାଡ଼ି ମଧ୍ୟରେ ସୁରକ୍ଷିତ ଦୂରତା ବଜାୟ ରଖିବା, ଲେନ୍ ଶୃଙ୍ଖଳା ଅନୁସରଣ କରିବା, ଗାଡ଼ିର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଜରୁରିକାଳୀନ ଯାନକୁ ବାଟ ଛାଡ଼ିବା ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦିଆଯିବ ।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କର୍ଯ୍ୟାଁଗୋଲା, ୧୫ ।୧(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଶରଥ ଦାସଙ୍କ ପୌରୋହିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନ୍ନଦାପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଗୌତମ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡ଼ା ଶିକ୍ଷକ ଖଗେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ଗତ ୩ ଦିନ ହେବ ଆୟୋଜିତ ବିଭିନ୍ନ କ୍ରୀଡ଼ା ବିଭାଗରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ପ୍ରଦର୍ଶନ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ସିଲ ଓ ପ୍ରମାଣପତ୍ର ଆଦି ଦ୍ୱାରା ପୁରସ୍କୃତ କରାଯାଇଛି । ଏହି ବିଦ୍ୟାଳୟରୁ ଜାତୀୟସ୍ତରରେ ୨ ଜଣ ଏବଂ ରାଜ୍ୟ ସ୍ତରରେ ୯ ଜଣ ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ପୀତବାସ ବେହେରା, ପୀତବାସ ସାମଲ, ଖଗେଶ୍ୱର ମଲିକ, ସୁଦୀପ୍ତ କୁମାର ନାୟକ, ସୁବ୍ରତ ମଲିକ, ସୁଦୀପ୍ତ ଶୁଭ୍ରପ୍ରକାଶ ସାମଲ, ଯୁଧିଷ୍ଠିର ବାରିକ, ସୁରଜ କୁମାର ସାମଲ, ସଂଘମିତ୍ରା ସାହୁ, ସୁଶ୍ରୀ ଶ୍ୱେତା ସତପଥୀ, ବୀଣାପାଣି ସାମନ୍ତ, ନିରୁପମା ଷଡ଼ଙ୍ଗୀ, ମଞ୍ଜୁଲତା ନାୟକ, ରେହେନୁମା ପରବିନ, ଝୁନୁଲତା ମଲିକ, ପ୍ରତ୍ୟାଶା ମହାନ୍ତି, ଅଶ୍ରୁମୋଚନ ବିଶ୍ୱାଳ, ସୁରେଶ ଦାସ ସନ୍ତୋଷ କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ଦାସ, ନରେନ୍ଦ୍ର କୁମାର ଚାନ୍ଦ, ସଞ୍ଜୀବ ଦାସ, ଶ୍ରଦ୍ଧାଞ୍ଜଳି ପରିଡ଼ା, ସୁଜାତା ରାଣୀ ବେହେରାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।






## ମା' ଖଣ୍ଡୁରାଇ ପୀଠରେ ମକର ମେଳା



**ଯଖପୁରା ୧୫ ।୧(ସମିସ):** ଦାନଗଦି ବ୍ଲକ ମାନତୀରା ପଞ୍ଚାୟତର ରାବଣା କେନ୍ଦୁଡିପ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ୨୧ ତମ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଠାକୁରାଣୀଙ୍କ ମେଳା ତିନି ଦିନ ଧରି ଚାଲୁ ରହିବ । ପ୍ରଥମ ଦିନରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ଉଭୟ ଗ୍ରାମର ମହିଳା ପୁରୁଷ କଳସ ଧରି ଗ୍ରାମ ପରିଭ୍ରମଣ କରିଥିଲେ । ପ୍ରଥମେ ଅଙ୍କୁରାରୋପଣ, କଳସ ପୂଜା, ଗୋ ମାତା ପୂଜା, ସୂର୍ଯ୍ୟ ପୂଜା ପରେ ମା'ଙ୍କ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଅନେକ ଭକ୍ତଙ୍କ ସମାବେଶ ମା'ଙ୍କ ପୀଠରେ ଦେଖିବାକୁ ମିଳୁଛି । ଭକ୍ତଙ୍କ ଗହଳିରେ ମା'ଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଶଙ୍ଖ ହୁଳହୁଳିରେ ମା'ଙ୍କ ପୀଠ ପ୍ରକମ୍ପିତ ହେଉଛି । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।













## ଜିଲ୍ଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ

କେନ୍ଦ୍ରାପଡ଼ା, ୧୫।୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଥିଲା। ଲୋକନୃତ୍ୟ, ପାରମ୍ପରିକ କଳା ଓ ସୁମଧୁର ସଙ୍ଗୀତର ସମନ୍ୱୟରେ ଦର୍ଶକ ଦୀର୍ଘ ସମୟ ଧରି ମଞ୍ଚ ସାମ୍ନାରେ ମତୁଆଲା ହୋଇ ରହିଥିଲେ। ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ଝୁମିଥିଲେ।

ଆଜି ସନ୍ଧ୍ୟାର ଅତିଥି ଭାବେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ଡ. ବାସୁଦେବ ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶା କଲଚର ଆର୍ଟ ଏକାଡେମୀ ଓ ସାଇନାଥ କଳା ପରିଷଦ ଦ୍ୱାରା ପ୍ରସ୍ତୁତ ଲୋକନୃତ୍ୟ ପ୍ରଦର୍ଶନ ହୋଇଥିଲା। ପରେ ନୁପୁର ଡ୍ୟାନ୍ସ ଏକାଡେମୀ ଓଡ଼ିଶା ପରମ୍ପରା ଆଧାରିତ ନୃତ୍ୟ ଦର୍ଶକଙ୍କ ପ୍ରଶଂସା ଲାଭ କରିଥିଲା। ଶୁଭଶ୍ରୀ ଶଙ୍ଖଧ୍ୱନି ଲୋକନୃତ୍ୟ କଳା କେନ୍ଦ୍ର, ଗଞ୍ଜାମ ଯୋଡି ଶଙ୍ଖ ଓ ରଣପା ନୃତ୍ୟ ମଞ୍ଚକୁ ଆହୁରି ଆକର୍ଷଣୀୟ କରିଥିଲା। ଚନ୍ଦ୍ରଶେଖର ଗୋଟିପୁଅ କଳା ସଂସଦ, ପୁରୀର ପ୍ରସିଦ୍ଧ ଗୋଟିପୁଅ ନାଚ ଦର୍ଶକଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସ୍ମୃତି ଦେଇଥିଲା। ସର୍ବୋଚ୍ଚ ଆକର୍ଷଣ ଭାବେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ଗୀତରେ ଦର୍ଶକ ନାଚିଥିଲେ।

● ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ ଧମକ

# ଅଭିଯୁକ୍ତକୁ ଗିରଫ କଲା ମହାକାଳପଡ଼ା ପୁଲିସ



ମହାକାଳପଡ଼ା, ୧୫।୧(ସମିସ): ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଓ ଅଶ୍ଳୀଳ ଫଟୋ ଭାଇରାଲ କରିବା ଧମକ ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୀଡ଼ିତା ମହିଳା। ମହିଳାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଗିରଫ କରିଛି ମହାକାଳପଡ଼ା ପୁଲିସ। ଜହଁରା ଗ୍ରାମର ମହିଳାଙ୍କ ସ୍ୱାମୀ ବାହାରେ ଥିବା ସୁଯୋଗ ନେଇ ସେହି ଗ୍ରାମର ଅଶୋକ ସେଠୀ ବାରମ୍ବାର ତାଙ୍କ ଘରକୁ ଆସୁଥିଲେ। ପ୍ରାୟ ଦୁଇବର୍ଷ ପୂର୍ବେ ଶାଶୂ ଘରେ ନ ଥିବାବେଳେ ମହିଳାଙ୍କୁ ଏକାକୀ ପାଇ ଅଶୋକ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ଚେଷ୍ଟା କରିଥିଲେ। ଏହାକୁ ବିରୋଧ କରିଥିଲେ ମହିଳା। ପରେ ଅଶୋକ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଧମକ ଦେଇଥିଲେ। ୧୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ମହିଳା ଜଣକ ନଦୀ ପାର୍ଶ୍ୱକୁ ଯାଇଥିବା ସମୟରେ ଅଶୋକ ତାଙ୍କୁ ଅସଦବ୍ୟବହାର କରିଥିଲେ। ସେ ଏଥିରୁ ମୁକୁଳି ଘରକୁ ଫେରି ସମସ୍ତ ଘଟଣା ଜଣାଇଥିଲେ। ପରେ ଏ ସମ୍ପର୍କରେ ପ୍ରଭାତୀ ମହାକାଳପଡ଼ା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

## ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ବୈଠକ

ରାଜନଗର, ୧୫।୧(ସମିସ): ରାଜନଗର ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। କବି ହେମନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, କବି ଓ ପରିଷଦର ସହସମ୍ପାଦକ ସ୍ୱର୍ଗତ ପ୍ରମୋଦ ସେଠୀଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କବି ଶତ୍ରୁଘ୍ନ ତରାଇ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବାବାଜୀ ଧଳ, କବି ଶରତ ନାୟକ, ମଞ୍ଚ ଅଭିନେତା ପ୍ରଫୁଲ୍ଲ ଦାସ, କବି ଭବାନୀ ମହାପାତ୍ର, ସାମ୍ବାଦିକ ଜଗନ୍ନାଥ ଦାସ, ଅଭିରାମ ଦାସ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା, ଶିକ୍ଷକ ହେମନ୍ତ ବାରିକ, କଳାକାର ଅରୁଣ ପାତ୍ର, ଦେବରତୀ ରାଉତ, ପବିତ୍ର ମୋହନ ମଲ୍ଲିକ ପ୍ରମୁଖ ସାହିତ୍ୟ ସଂସ୍କୃତି ପରିଷଦର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରାଜନଗରରେ ପୁସ୍ତକ ମେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା।

● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ଚତୁର୍ଥ କ୍ୱାର୍ଟରରେ ୟୁନାଇଟେଡ୍ ଇଲେଭେନ୍ ବିଜୟୀ

ରାଜନଗର, ୧୫।୧(ସମିସ): ବଡ଼ଲ୍ଲୀ ମିନି ଷ୍ଟାଡ଼ିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଶେଷ କ୍ୱାର୍ଟରଫାଇନାଲରେ ହିନ୍ଦୁସ୍ଥାନ ସ୍ପୋର୍ଟ୍ସ କ୍ଲବ, ଜଗତସିଂହପୁରକୁ ୫ ୱିକେଟରେ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ଓ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁର ମଧ୍ୟରେ ଅନୁଷ୍ଠିତ ହେବ। ଆଜି ଜଗତସିଂହପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୧.୩ ଓଭରରେ ସମସ୍ତ ୱିକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ବ୍ରହ୍ମପୁର ୨୧.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବ୍ରହ୍ମପୁରର ଇଲୁ ଗୋଚ୍ଛାୟତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ରାଜନଗର, ୧୫।୧(ସମିସ): ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ରାଜନଗର ଗ୍ରାମର ଶରତ ଦାସଙ୍କ ଆଜି ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଦାସ କର୍କଟ ରୋଗରେ



ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଭୋର ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ରାଜନଗରରେ ଶୋକର ଛାୟା ଖେଳିଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମୀ ଭାବେ ୪୦ ବର୍ଷ ଧରି କାମ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ରାଜନଗର ବଣିକ ସଂଘ ସଭାପତି ବାଇଧର ସେଠୀ, ସରପଞ୍ଚ ସଙ୍ଗୀତା ମିଶ୍ର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଦର୍ଶ ଥାନା ଓ ଏମ୍‌ଏନ ହାଇସ୍କୁଲ ମିଳିତ ଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ଏମଏନ ହାଇସ୍କୁଲ ଏନସିସି ଶିକ୍ଷକ ସରୋଜ ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କ ସାହୁ, ସହକାରୀ ଶିକ୍ଷକ ଅଶୋକ ଦାଶ, ସହକାରୀ ଶିକ୍ଷୟିତ୍ରୀ ଅନୀତା ଧଳ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହାଇସ୍କୁଲର ଏନସିସି, ସ୍କାଉଟ ଓ ଶହ ଶହ ଛାତ୍ରଛାତ୍ରୀ ଯୋଗଦେଇ ଏମଏନ ହାଇସ୍କୁଲରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା, ନିଶା ସେବନ କରି ଗାଡ଼ି ଚଳାଇବା ନାହିଁ, ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ସରକାରୀ ନୀତି ନିୟମ ଓ ଟ୍ରାଫିକ ନିୟମ ମାନିବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ପୋଖରୀଆପଡ଼ା,




ବେଲତଳ, ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ସମୟରେ ଆଇଆଇସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଥାନା କର୍ମଚାରୀ ବିଭିନ୍ନ ଗାଡ଼ି ଆରୋହୀଙ୍କୁ ଗୋଲାପ ଫୁଲ ଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

# ଧାନମଣ୍ଡି ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ତେରୋହୀ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ



କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ ଏ ଓ କମଳାକାନ୍ତ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ତେରୋହୀ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ବୀର କିଶୋର ମିଶ୍ର, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଉପସଭାପତି ମଞ୍ଜୁଲତା ରାଉତ, ନିର୍ଦ୍ଦେଶକ ସର୍ବଶ୍ରୀ ବିଜୟ ରାଉତ, ଧୂଳି ଚରଣ ମଲିକ, ମନୋଜ ରାଉତ, ସାବିତ୍ରୀ ସାମଲ, ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ନାୟକ, ଉତ୍ତମା ସେଠୀ, ସନ୍ଧ୍ୟାରାଣୀ ନାୟକ, ରାଜକିଶୋର ସେଠୀ, ବାସନ୍ତୀ ଛଟାଇ, ନଟବର ନାୟକ, କୃଷକ ସାଥୀ ରବୀନ୍ଦ୍ର ସ୍ୱାଇଁ, ପବିତ୍ର ସାମଲ ତୁଳସୀ ରାଉତ, ଦଧିବାମନ ପ୍ରଧାନ, ଅନାଦି ପ୍ରଧାନ, ମନୋଜ ନାୟକ, ସରୋଜକାନ୍ତ ବିଶ୍ୱାଳ, ହରେକୃଷ୍ଣ ରାଉତ ପ୍ରମୁଖ ବହୁ ସମବାୟ ଅଧିକାରୀ, ପଞ୍ଚାୟତ ଅଧିକାରୀ, ସମବାୟ ସମିତି କର୍ମକର୍ତ୍ତା, ନିର୍ଦ୍ଦେଶକ ଓ ସ୍ଥାନୀୟ କୃଷକମାନେ ଯୋଗ ଦେଇଥିଲେ।

# ଧାନେଶ୍ୱରୀ ପୀଠରେ ବ୍ରହ୍ମ ଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଲ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡା, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ



ନାରଦ ବିଶ୍ୱାଳ, ଗଗନ ମହାଲିକଙ୍କ ତତ୍ତ୍ୱାବଧାନ ଓ ମନୋଜ ଧଳ, ପ୍ରତିଶ୍ରୁତି ଧଳଙ୍କ ପୌରୋହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା କରିଥିଲେ। ମେଳାରେ କଳ୍ପତରୁ ନାୟକ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ସୁକାନ୍ତ ରାଉତ, କିଶୋର ରାଉତ, ଆଦିତ୍ୟ ରାଉତ, ପ୍ରବୀର ଜେନା, ନକୁଳ ମଲିକ, ବାବୁରାମ ସେଠୀ, ଅଙ୍କୁର ସେଠୀ, ଘନଶ୍ୟାମ ମଲିକ, ନିରଞ୍ଜନ ଧଳ, ଗଗନ ଧଳ, ଭରତ ସାହୁ, ପଦ୍ମନାଭ ନାୟକ, ଗୀତାଞ୍ଜଳି ନାୟକ, ମନସ୍ୱିନୀ ବିଶ୍ୱାଳ, କୁଳମଣି ଧଳ ପ୍ରମୁଖ ମେଳକୁ ପରିଚାଳନା କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ବରିଷ୍ଠ ସଭ୍ୟ ବାଟିପଡ଼ା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ, ସାମ୍ୟବାଦୀ ନେତା ଲକ୍ଷ୍ମୀଧର ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କଣ୍ଡୁରି ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଳୁ ଚରଣ ସ୍ୱାଇଁ, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର ପ୍ରଫେସର ରବୀନ୍ଦ୍ର ବରାଳ, ବିଜୟ କୁମାର ସାହୁ, ଚର୍ତୁଭୂଜ ରାଉଳ ଶିକ୍ଷାବିତ ଶଚିନନ୍ଦନ ଦାସ ଓ ପ୍ରମୋଦ ନାୟକ ସୁରେଶ ଚନ୍ଦ୍ର ଜେନା, ସଚିତ୍ର କୁମାର ବେହୁରା ପ୍ରଦୀପ ନାୟକ, ପାବନୀ କୁମାର ରାଉତ, ସନାତନ ତରାଇ, ବିଜୟ କୁମାର ରାଉତ, ତପନ କୁମାର ପାତ୍ର, ଶିକ୍ଷାବିତ ପ୍ରମୋଦ କୁମାର ନାୟକ, କହ୍ନାଇ ଚରଣ ପରିଡ଼ା, ବଂଶୀଧର ପରିଡ଼ା, ଭୂପତି ପ୍ରସାଦ ନାୟକ, ପ୍ରମୋଦ କୁମାର ସାହୁ, ଗର୍ନ୍ଧବ ଲେଙ୍କା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ଲକ୍ଷ୍ମୀଧର ପାତ୍ରଙ୍କ ପଟାମୁଣ୍ଡାଇ ଅଞ୍ଚଳ ପାଇଁ ଅବଦାନ ଓ ଆର୍ଦଶ ପ୍ରଧାନଶିକ୍ଷକ ଭାବରେ ଶହ ଶହ ମେଧାବୀ ଛାତ୍ର ଛାତ୍ରୀ ସୃଷ୍ଟି କରିଥିଲେ ବୋଲି ମତ ପ୍ରକାଶ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ଓ ଶେଷରେ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ସମାଜସେବୀ ପୁରୁଷୋତ୍ତମ ପଲାଇ ସମ୍ବର୍ଦ୍ଧିତ



ଗୋବିନ୍ଦପୁର, ୧୫।୧(ସମିସ): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବରୁଣେଶ୍ୱର ପୀଠସ୍ଥ ବରୁଣେଶ୍ୱର୍ କଲେଜରେ ସାରସ୍ୱତ ଅନୁଷ୍ଠାନ ଅଖିଳ ଚକ୍ର ପକ୍ଷରୁ ଆଳି ବ୍ଲକ ଅନ୍ତର୍ଗତ ଏରଡାଙ୍ଗ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ସମାଜସେବୀ ପୁରୁଷୋତ୍ତମ ପଲାଇକୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାକ୍ତନ ସାଂସଦ ତଥାଗତ ଶତପଥି ଓ ବିଧାନସଭା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶ୍ରୀ ପଲାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**'କାମ କଲେ ଠିକାଦାର, ଯନ୍ତ୍ରୀ ଟଙ୍କା ନେଇ ଛୁ'**

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଠିକାଦାର

ରାଜନଗର, ୧୫।୧(ସମିସ): ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମିସନ ଶକ୍ତି କାଫେକୁ ବାଉଁଶ ମାଧମରେ ତିଆରି କରାଯାଇଛି। ୨୦୨୧ରେ ଏହା ନିର୍ମାଣ ସରି କାର୍ଯ୍ୟକ୍ଷମ ହୋଇଛି। ମାତ୍ର ଏହାକୁ ନିର୍ମାଣ କରିଥିବା ଠିକାଦାର ଆଜି ଯାଏଁ ଟଙ୍କା ପାଇନାହାନ୍ତି। ଦାୟିତ୍ୱରେ ଥିବା ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ବିଲ କରି ଏହି ଅର୍ଥ ଉଠାଇ ନେଇଛନ୍ତି। ୯ ଲକ୍ଷ ଟଙ୍କା ବିଲ ଆମାଉଣ୍ଟରୁ ୨ ଲକ୍ଷ ଟଙ୍କା ପିସି ଦାବି କରିଥିଲେ। କନିଷ୍ଠ ଯନ୍ତ୍ରୀ ପିସି ଦେବାକୁ କହିଥିବାବେଳେ ଠିକାଦାର ରାଜି ନ ହେବାରୁ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ତାଙ୍କୁ ଦେଉନାହାନ୍ତି ବୋଲି ଠିକାଦାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାଜନଗର ଡାଙ୍ଗମାଳଠାରେ ବାଉଁଶରେ ମିସନ ଶକ୍ତି କାଫେ ନିର୍ମାଣ କରାଯାଇଛି। ଏହି କାମ ନିମନ୍ତେ ସେତେବେଳେ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଥିବା ଅନିରୁଦ୍ଧ ନାୟକଙ୍କ ନାଁରେ କାର୍ଯ୍ୟାଦେଶ କରାଯାଇଥିଲା।ଳ

**ପଦକ୍ଷେପ ନିଅନ୍ତୁ, ନଚେତ୍ ଆତ୍ମହତ୍ୟା କରିବି**

ଏହି ବ୍ଲକ ଅନ୍ତର୍ଗତ ବେଲପାଳ ଗ୍ରାମର ଠିକାଦାର ସନ୍ତୋଷ ମହାନ୍ତି ଏହି କାମ କରିଥିଲେ। ଏହି କାମର ବିଲ ୨୦୨୪ ଅଗଷ୍ଟ ପ୍ରଥମ ସପ୍ତାହରେ ହୋଇସାରିଛି। କନିଷ୍ଠ ଯନ୍ତ୍ରୀ ଅନ୍ୟ ବ୍ଲକକୁ ବଦଳି ହୋଇ ସାରିଥିଲେ ମଧ ତାଙ୍କ ଆକାଉଣ୍ଟକୁ ଅଗଷ୍ଟ ମାସରେ ୯ ଲକ୍ଷ ଟଙ୍କା ପେମେଣ୍ଟ ଦିଆଯାଇଛି। ଏହି ଟଙ୍କା କନିଷ୍ଠ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ଯିବା ପରେ କନିଷ୍ଠ ଯନ୍ତ୍ରୀ ଏହି ଟଙ୍କା ଦେଉନାହାନ୍ତି। କନିଷ୍ଠ ଯନ୍ତ୍ରୀ ପିସି ବାବଦକୁ ୨ ଲକ୍ଷ ଟଙ୍କା ଦାବି କରୁଛନ୍ତି। ମୁଁ କାମ କରିଛି ପିସି କାହିଁକି ଦେବୀ ବୋଲି କହିବାରୁ କନିଷ୍ଠ ଯନ୍ତ୍ରୀ ଟଙ୍କା ଦେଉନାହାନ୍ତି ବୋଲି ଠିକାଦାର ଶ୍ରୀ ମହାନ୍ତି କେନ୍ଦ୍ରପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏ ନେଇ ବାରମ୍ବାର ରାଜନଗର ବିଡିଓ ଓ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ପଦକ୍ଷେପ ନିଆ ନ ଗଲେ ବାଧହୋଇ ଆତ୍ମହତ୍ୟା କରିବେ ବୋଲି ଠିକାଦାର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସୂର୍ଯ୍ୟଘର ବିଦ୍ୟୁତ୍ ଯୋଜନା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୫।୧(ସମିସ): କେନ୍ଦ୍ର ସରକାରଙ୍କ ଗୃହସ୍ଥ ସୌରଶକ୍ତି ପ୍ରଚାର ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା କେନ୍ଦ୍ରାପଡ଼ା ସହର ତିନିମୁହାଣିସ୍ଥ ମାରୁତି ସୋଲାର ସିଷ୍ଟମ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର



ବେହେରା ଏହି ଯୋଜନାକୁ ଉଦ୍‌ଘାଟନ କରିଥିବାବେଳେ ନଗରପାଳ ସରିତା ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ୨ ଲକ୍ଷ ୧୦ ହଜାର ଟଙ୍କା ମୂଲ୍ୟର ସୌରଶକ୍ତି ପ୍ୟାନେଲ ସରକାରୀ ରିହାତି ସହ ୬୨ ହଜାର ଟଙ୍କାରେ ଉପଲବ୍ଧ ହେବ। ଏଥିସହ ବ୍ୟାଙ୍କ ଜରିଆରେ କ୍ଷୁଦ୍ର ସୁଧ ହାରରେ ଋଣ ସୁବିଧା ରହିଥିବାବେଳେ ଉପଭୋକ୍ତା ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିପାରିବେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୌର ସଭ୍ୟ ପ୍ରଦୀପ୍ତ ଜେନା, ଉମେଶ ନାୟକ, ପ୍ରଭାଶିଷ ପଣ୍ଡା, କାଳୀପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିବଜୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, ହିରଣ୍ୟ ପଣ୍ଡା, ଫକୀର ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।




# ଏମ୍‌ଏନ୍ ହାଇସ୍କୁଲର ପ୍ରତିଷ୍ଠା ଉତ୍ସବ



ପଟ୍ଟାମୁଣ୍ଡାଇ, ୧୫।୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ମନ୍ମଥ ନାଥ ଉଚ୍ଚବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ସଚ୍ଚିନନ୍ଦନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ପୁରାତନ ଛାତ୍ର ପ୍ରଫେସର ଭରତ ପାତ୍ର ସ୍କୁଲର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରଫେସର କୈଳାସ ପାତ୍ର, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପୁରାତନ ଛାତ୍ର ସଂସଦ ଉପସଭାପତି ବିଜୟ ସାହୁ, ସମ୍ପାଦକ କଣ୍ଡୁରୀ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ସଭାପତି ତପନ ଦାଶ, ଉପସଭାପତି ରାଜେନ୍ଦ୍ର ଦାଶ, ଉପଦେଷ୍ଟା ଇଓ ତପନ ପାତ୍ର, ରମେଶ ଦେ, ସଞ୍ଜୟ ବର୍ମା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ଏମଏନ ହାଇସ୍କୁଲର ସୁନାମ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ସ୍ୱାଗତ ଭାଷଣ ଓ ଅନୀତା ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ଶିକ୍ଷକ ସୁଜୟ ରାଉତରାୟ, ଅନୀଲ ଦାସ, ଅଭିଷେକ ନାୟକ, ଗୋମତୀ ସ୍ୱାଇଁ, ଜ୍ୟୋର୍ତିଲକ୍ଷ୍ମୀ ବେହେରାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଦାଶ ଧନ୍ୟବାଦ ଦେଇଥିଲେ।














# ସିଟି କଟକ

## ଅଗ୍ନି ନିରାପତ୍ତା ନିୟମକୁ ଆଖି ଠାର | ଘରୋଇ ହସ୍ପିଟାଲରେ ବେଆଇନ ନିର୍ମାଣ ଅଭିଯୋଗ

**କଟକ, ୧୫।୧(ସମିସ):** ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିୟମିତ ଯାଞ୍ଚ ପ୍ରକ୍ରିୟା କରାଯାଉ ନଥିବାରୁ ସହରର ଅନେକ ଘରୋଇ ହସ୍ପିଟାଲ ଅସାଧୁ ଉପାୟରେ ସରକାରୀ ବ୍ୟବସ୍ଥାର ଫାଇଦା ଉଠାଉଥିବା ଦେଖିବାକୁ ମିଳୁଛି। ନିୟମକୁ ଠକି ଅଗ୍ନିନିରାପତ୍ତା ସାର୍ଟିଫିକେଟ ହାସଲ କରୁଥିବା ଜଣାପଡ଼ିଛି। ନୂଆବଜାର ଅଞ୍ଚଳରେ ଥିବା ଏକ ନର୍ସିଂହୋମ ବିରୋଧରେ ଏବେ ପୁଣି ଏଭଳି ସଙ୍ଗୀନ ଅଭିଯୋଗ ଆସିଛି। ସମ୍ପୃକ୍ତ ନର୍ସିଂହୋମ ଦ୍ୱାରା ରାସ୍ତା ଉପରେ ଜବରଦଖଲ କରାଯାଇ ଦ୍ୱିତୀୟ ପାହାଚ ନିର୍ମାଣ କରାଯାଉଛି। ଯଦ୍ୱାରା ଅଗ୍ନି ନିରାପତ୍ତା ସାର୍ଟିଫିକେଟ ମିଳିବା ସହ ଆଇସିୟୁ ବ୍ୟବସ୍ଥାର ଫାଇଦା ନେଇ ପାରିବ ଏହି ନର୍ସିଂହୋମ। ସମ୍ପୃକ୍ତ ନର୍ସିଂହୋମର ଏଭଳି କାର୍ଯ୍ୟଧାରାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ରାଜ୍ୟ ନର୍ସିଂହୋମ୍ ମାଲିକ ସଂଘର ଜଣେ ସଦସ୍ୟ କହିଛନ୍ତି।



କଟକରେ ମାଳମାଳ ନର୍ସିଂହୋମ ଖୋଲାଯାଇଥିବା ବେଳେ ଅଧାରୁ ଅଧିକ ନର୍ସିଂହୋମ୍‌ର ଅଗ୍ନି ନିରାପତ୍ତା ସାର୍ଟିଫିକେଟ ନାହିଁ। ଏପରିକି ଅନେକ ନର୍ସିଂହୋମ ଅଗ୍ନି ନିରାପତ୍ତା ନିୟମ ପୂରଣ କରି ପାରୁ ନ ଥିଲେ ସୁଦ୍ଧା ଚଞ୍ଚକତା କରି ସାର୍ଟିଫିକେଟ ହାତେଇଛନ୍ତି। ଅଗ୍ନି ନିରାପତ୍ତା ସାର୍ଟିଫିକେଟ ହାସଲ କରିବାକୁ ହେଲେ ନର୍ସିଂହୋମ୍ କୋଠାକୁ ପୃଥକ ପୃଥକ ଭାବେ ଯାତାୟତ ପଥ ରହିବା ଆବଶ୍ୟକ। ହଠାତ୍ ଅଗ୍ନିକାଣ୍ଡ ଘଟିଲେ ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଶସ୍ତ ରାସ୍ତା ରହିଥିବା ଉଚିତ୍। ନୂଆବଜାର ଅଞ୍ଚଳରେ ରହିଥିବା ସମ୍ପୃକ୍ତ ନର୍ସିଂହୋମ୍ ପକ୍ଷରୁ ଏବେ ରାସ୍ତା ଉପରେ ବେଆଇନ ଭାବେ ଏକ ଅସ୍ଥାୟୀ ପାହାଚ ନିର୍ମାଣ ଚାଲିଛି। ସରକାରୀ ଜମି ଉପରେ ଏହି ପାହାଚ ତିଆରି କରାଯାଉଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସମ୍ପୃକ୍ତ ନର୍ସିଂହୋମ୍ ଅସାଧୁ ଉପାୟରେ ଆଇସିୟୁ ଶଯ୍ୟା ବ୍ୟବସ୍ଥା କରି ବିଭିନ୍ନ ସରକାରୀ ସୁବିଧାର ଫାଇଦା ନେଇ ପାରିବ ବୋଲି ଅଭିଯୋଗରେ କୁହାଯାଇଛି। ଏହି ଘଟଣା ନେଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରକାଶଯୋଗ୍ୟ, କିଛି ଦିନ ପୂର୍ବେ ନକଲି ଟ୍ରେଡ୍ ଲାଇସେନ୍ସରେ ନର୍ସିଂହୋମ ଚାଲିଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା। ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟରେ ଅନ୍ୟ ଏକ ସଂସ୍ଥାର ରସିଦ ନଂ ପକାଇ ଜାଲ ସାର୍ଟିଫିକେଟ ପ୍ରସ୍ତୁତ ହୋଇଥିଲା। ଏହା ପଛରେ କଟକ ମହାନଗର ନିଗମ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ପୃକ୍ତି ରହିଥିଲା। କାଠଗୋଲା ଅଞ୍ଚଳରେ ଥିବା ଏକ ନର୍ସିଂହୋମ ଏଭଳି କେଲେଙ୍କାରୀ ଚଳାଇଥିବା ସାମ୍ନାକୁ ଆସିବା ପରେ ଆଲୋଚନା ଜୋର ଧରିଥିଲା। ଜଗତପୁରସ୍ଥିତ ଏକ ବାୟୋଟେକ କମ୍ପାନୀର ରସିଦ ନଂକୁ କାଠଗୋଲା ସାହିସ୍ଥିତ ନର୍ସିଂହୋମ ଲାଇସେନ୍ସ ସାର୍ଟିଫିକେଟରେ ଦେଇଥିବା ଜଣାପଡ଼ିଥିଲା। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ପୁଣି ଡରାଉଛି ମାଞ୍ଜା ସୂତା

**କଟକ, ୧୫।୧(ସମିସ)**

ମାଞ୍ଜା ସୂତା ବ୍ୟବହାରକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ମାଞ୍ଜା ଓ ସିନ୍ଥେଟିକ୍ ସୂତା ବିକ୍ରି ଓ ବ୍ୟବହାରକୁ ବନ୍ଦ କରିବା ପାଇଁ କଡାକଡି ନିର୍ଦ୍ଦେଶ ରହିଥିଲା। ମାତ୍ର ପ୍ରଶାସନର କଟକଣା ଆଦୌ କାମ୍ଟୁ କରିନାହିଁ। ବଜାରରେ ବହୁ ପରିମାଣରେ ମାଞ୍ଜା ସୂତା ବିକ୍ରି କରାଯାଉଥିବା ବେଳେ ଏହାର ପରିଣାମସ୍ୱରୂପ ଗୁରୁବାର ୩ଜଣ ପଥଚାରୀ ଗୁରୁତର ଆହତ ହୋଇଛନ୍ତି। ଖାନନଗର ନଦୀବନ୍ଧ ରୋଡ, ମଲାଚଣ୍ଡିଆ ଟ୍ରାଫିକ ଛକରେ ଦୁଇ ପଥଚାରୀଙ୍କ ବେକ ଓ ନାକ କଟିଥିବା ବେଳେ ମେରିଆବଜାର ଅଞ୍ଚଳର ଜଣେ ଯୁବକଙ୍କ ଅଙ୍ଗୁଠି କଟିଛି। ପୁଲିସ ପକ୍ଷରୁ ଚଡ଼ଉ କରାଯାଉଛି ବୋଲି କୁହାଯାଉଥିଲେ ସୁଦ୍ଧା ମାଞ୍ଜା ସୂତା ବ୍ୟବହାର ଉପରେ ରୋକ୍ ଲଗା ଯାଇପାରିନାହିଁ।

ଗୁରୁବାର ଦିନ ସମୟରେ ସୂର୍ଯ୍ୟକାନ୍ତ ଦାସ ଖାନନଗର ନଦୀ ବନ୍ଧ ଦେଇ ବାଇକରେ ଆସୁଥିବା ବେଳେ ମାଞ୍ଜା ସୂତା ତାଙ୍କ ବେକରେ ଗୁଡ଼ାଇ ହୋଇ ଯାଇଥିଲା। ତତ୍‌କ୍ଷଣାତ ସେ ଗାଡ଼ି ଅଟକାଇ ବେକରୁ ସୂତା କାଢ଼ିଥିଲେ ସୁଦ୍ଧା ବେକ କଟି ରକ୍ତସ୍ରାବ ହେଉଥିବା




ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ନରେ ମଲାଚଣ୍ଡିଆ ଟ୍ରାଫିକରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ବେକ ଏବଂ ନାକ ମାଞ୍ଜା ସୂତା ଗୁଡ଼ାଇ ହୋଇ କଟିଯାଇଛି। ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ପରିଚୟ ଜଣାପଡ଼ିନାହିଁ। ମାଞ୍ଜା ସୂତା ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ରହିଛି। ତଥାପି ଏହି ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଅନେକ ଲୋକଙ୍କ ପାଇଁ କାଳ ସାଜୁଛି। ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡ଼ି ଉଡାଉଛନ୍ତି। ଗୁଡ଼ି ଉଡ଼ାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଉଛି। ଏହି ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ପ୍ଲାଷ୍ଟିକ୍‌ର ଆବରଣ ରହିଥାଏ। ଯାହା ଅନ୍ୟ ଗୁଡି ସୂତାକୁ କାଟିବାରେ ସହାୟକ ହୋଇଥାଏ। ତେବେ ପ୍ରତିଯୋଗିତାମୂଳକ ଗୁଡି ଉଡ଼ାଇବା ବେଳେ ସୂତା କଟିଯାଇ ଘର, ଗଛ କିମ୍ବା ରାସ୍ତାର ବିଭିନ୍ନ

### ୩ ପଥଚାରୀ ଆହତ; ୨ ଜଣଙ୍କ ବେକ କଟିଲା

ସ୍ଥାନରେ ଖେଳେଇ ହୋଇ ପଡୁଛି। ଫଳରେ ଯାତ୍ରୀଙ୍କ ଦେହରରେ ଏହି ସୂତା ଗୁଡାଇ ହୋଇ କ୍ଷତି ପହଞ୍ଚାଉଛି। ଏଥିପ୍ରତି ସିଏମ୍‌ସି, ପୁଲିସ ଓ ପ୍ରଶାସନ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଥିବା ଘୋଷଣା କରାଯାଉଛି। ମାତ୍ର ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୂତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଛି। ଏପରିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୂତା ବିକ୍ରି କରାଯାଉଛି।

## ମୋରମ୍ ବୋଝେଇ ହାଇୱା ଜବତ

**ତ୍ରିଶୂଳିଆ, ୧୫।୧(ସମିସ):** କଟକ ଜିଲ୍ଲା ଲଘୁ ଖଣିଜ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବେଳେ ଗୋଡିସାହି ଫାଣ୍ଡି ପୁଲିସ ଗୋଟିଏ ମୋରମ ବୋଝେଇ ହାଇୱା ଗାଡି ଜବତ କରିଛି। ଘଟଣାରୁ ପ୍ରକାଶ ଯେ ଗୁରୁବାର ରାତିରେ ନରାଜ ଅଞ୍ଚଳରୁ ଏକ ଓଡି ୦୫ ଏଡି ୯୪୪୭ ହାଇୱା ଗାଡ଼ିଟି ବେଆଇନ ମୋରମ ବୋଝେଇ କରି ମୁଣ୍ଡଳୀ ଅଭିମୁଖେ ଯାଉଥିବା ବେଳେ ସାନ ମୁଣ୍ଡଳୀ ଥୋରିଆପାଟଣା ଗ୍ରାମ ନିକଟରେ ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣୀ ଗାଡ଼ିଟିକୁ ଅଟକାଇ ଆବଶ୍ୟକ କାଗଜପତ୍ର ମାଗିଥିଲେ। ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଫାଣ୍ଡି ଅଧିକାରୀ ଶ୍ରୀ ପାଣି ଘଟଣାସ୍ଥଳରୁ ବେଆଇନ ମୋରମ ବୋଝେଇ ହାଇୱା ଗାଡି ଜବତ କରିବା ସହିତ ଚାଳକ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଲୁଟ୍ | ଲୁଟେରା ଗିରଫ; ଟଙ୍କା, ସ୍କୁଟି ଜବତ

**କଟକ, ୧୫ ।୧(ସମିସ):** କଟକର ଜାଉଁଳିଆପଟି ଅଞ୍ଚଳରେ ଆଜି ସକାଳୁ ଏକ ଲୁଟ୍ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟବସାୟୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଦୁର୍ବୃତ୍ତ ଜଣକ ନଗଦ ଟଙ୍କା ଲୁଟି ନେଇଥିଲା। ତେବେ ପୁରୀଘାଟ ଥାନା ପୁଲିସର ତତ୍ପରତା ଯୋଗୁଁ ଅଭିଯୁକ୍ତ ତୁଷାର ମହାନ୍ତି (୩୦) ଏବେ ପୁଲିସ ହାଜତରେ। ଭଗତପୁରର ବ୍ୟବସାୟୀ ଉପେନ୍ଦ୍ର ମହାରଣାଙ୍କ ଜାଉଁଳିଆପଟିରେ ଏକ ପିତଳ ବାସନ ଦୋକାନ ଅଛି। ଆଜି ସକାଳ ପ୍ରାୟ ୮ଟା ସମୟରେ ଉପେନ୍ଦ୍ର ଦୋକାନ ଖୋଲି ସଫାସୁତରା କରୁଥିବା ବେଳେ ଏକ ସ୍କୁଟିରେ ଅଭିଯୁକ୍ତ ତୁଷାର ସେଠାରେ ପହଞ୍ଚିଥିଲା। ସେଠାରେ କେହି ନ ଥିବାର ସୁଯୋଗ ନେଇ ତୁଷାର ହଠାତ ଏକ ବନ୍ଧୁକ କାଢି ଉପେନ୍ଦ୍ରଙ୍କ ମୁଣ୍ଡରେ ଲଗାଇ ଦେଇଥିଲା। ଫଳରେ ଉପେନ୍ଦ୍ର ନିଜ ପାଖରେ ଥିବା ୫ ହଜାର ଟଙ୍କା ତାକୁ ବଢ଼ାଇ ଦେଇଥିଲେ। ପରେ ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ସିସିଟିଭି ଓ ଲୁଟ୍‌ରେ ବ୍ୟବହୃତ ସ୍କୁଟିର ନମ୍ବର ଆଧାରରେ ଅଭିଯୁକ୍ତକୁ ଚିହ୍ନଟ କରିଥିଲେ। ଅଭିଯୁକ୍ତ ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ହୋଇଥିବା ବେଳେ ସେ ଖାନନଗର ନୂଆସାହିରେ ରହୁଥିଲା। ପୁଲିସ ଦିନ ପ୍ରାୟ ୨ଟା ୩୦ରେ କଲେଜ ଛକ ନିକଟରୁ ତୁଷାରକୁ କାବୁ କରିଥିଲା। ଲୁଟ୍ ହୋଇଥିବା ୫ ହଜାର ଟଙ୍କାରୁ ସେ ୨ ହଜାର ଟଙ୍କା ନିଶା ପାଇଁ ଖର୍ଚ୍ଚ କରିସାରିଥିବା ବେଳେ ବାକି ୩ ହଜାର ଟଙ୍କା, ୨ଟି ମୋବାଇଲ ଓ ସ୍କୁଟିକୁ ପୁଲିସ ଜବତ



କରିଛି। ତେବେ ଲୁଟ୍‌ରେ ବ୍ୟବହୃତ ବନ୍ଧୁକଟି ଖେଳଣା ବୋଲି ଅଭିଯୁକ୍ତ ଦାବି କରୁଥିବା ବେଳେ ପୁଲିସ ଏହାକୁ ସହଜରେ ବିଶ୍ୱାସ କରୁନାହିଁ। ତୁଷାର ନାମରେ ପୂର୍ବରୁ ଲାଲବାଗ, କ୍ୟାଣ୍ଟନମେଣ୍ଟ ଓ ପୁରୀଘାଟ ଥାନାରେ ୪ଟି ଅପରାଧିକ ମାମଲା ରହିଥିବାରୁ ବନ୍ଧୁକଟି ଅସଲି ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି।

## ସିଦ୍ଧ ମହାବୀର ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ

କଟକ, ୧୫।୧(ସମିସ): ମର୍କତନଗର ସେକ୍ଟର ୬ସ୍ଥିତ ସିଦ୍ଧ ମହାବୀର ଯୋଗ ସାଧନା କେନ୍ଦ୍ରର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଯୋଗ ପ୍ରତିଷ୍ଠାନର ସହବନ୍ଧିତ ଏହି କେନ୍ଦ୍ରର ସାଧକ ସାଧିକାମାନେ ଯୋଗାସନ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ପ୍ରମୁଖ ପ୍ରଦୀପ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶଶିଭୂଷଣ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଉପପ୍ରମୁଖ କେଦାରନାଥ ଜାଲି, ଉପଦେଷ୍ଟା ରାଜକିଶୋର ଦାଶ, ଡ଼ଃ ସତ୍ୟ ରାୟ, ଡ଼ଃ ଶୈଳଜା ନନ୍ଦିନୀ ଜେନା, କବିତା ପ୍ରଧାନ ନିୟମିତ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେତେକ ବରିଷ୍ଠ ସାଧକ ସାଧିକାଙ୍କୁ ସେମାନଙ୍କର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବଟକୃଷ୍ଣ ସାମଲ, କିଶୋର ଦାସ, ପ୍ରଜ୍ଞା ସାମଲ, ସାରଦା ପ୍ରସାଦ ମହାପାତ୍ର, ନନ୍ଦିତା ନାୟକ, ଜୟନ୍ତୀ ମଲ୍ଲିକ, ଓ ମାଳତୀ ଜାଲି ପ୍ରମୁଖ ଆସନ ଅଭ୍ୟାସ କରାଇଥିଲେ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

**କଟକ, ୧୫।୧(ସମିସ):** ଗତ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ପିଠାପୁର କୋଠାସାହି ଗଳି ଅଞ୍ଚଳରେ ଏକ ଦୁଃଖଦାୟକ ଘଟଣା ଘଟିଥିଲା। ସ୍ଥାନୀୟ ବାସିନ୍ଦା ସୁଧୀର ରଞ୍ଜନ ଛାଟୋଇଙ୍କ ଚାଳ ଘରେ ଭୟାବହ ନିଆଁ ଲାଗିଯିବା ଫଳରେ ତାଙ୍କର ବହୁମୂଲ୍ୟ ସାମଗ୍ରୀ ସହ ଘରଟି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ଏହି ବିପତ୍ତି ସମୟରେ ଅଗ୍ନି ବିପନ୍ନଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଛି କାଳୀୟଦଳନ ପୂଜା କମିଟି। ଆଜି କମିଟି ପକ୍ଷରୁ ସୁଧୀରଙ୍କ ପରିବାରକୁ ଶୁଖିଲା ଖାଦ୍ୟ ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ ସମୟରେ ଗ୍ରାମର ଅଧିକାରୀ ଫଗୁମଣି ରାଉତ, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ ଏବଂ ଯୁଗ୍ମ ସମ୍ପାଦକ ସନ୍ତୋଷ ରାଉତ ଉପସ୍ଥିତ ରହି ବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ଏଥିସହିତ ବଜାର କମିଟି ସଦସ୍ୟ ସରୋଜ ରାଉତ, ମାନସ ପାଇଟାଲ, ଆଲୋକ ଜେନା



ଏବଂ ଦୀପକ ରାଉତଙ୍କ ସମେତ ସୋମନାଥ ଖୁଣ୍ଟିଆ ଓ ସୁଜିତ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

## ହତ୍ୟାକାରୀ ଗିରଫ: ୪ ହଜାର ଟଙ୍କା ପାଇଁ ହତ୍ୟା

**କଟକ, ୧୫ ।୧(ସମିସ)**

ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ଦୁର୍ଗା ମଣ୍ଡପ ନିକଟସ୍ଥ ନଦୀ ଗଡ଼ାରୁ ପପୁ ଓରଫ ପ୍ରକାଶ ଦାସ (୩୫)ଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ଘଟଣାର ଆଜି ପର୍ଦ୍ଦାଫାସ କରିଛି ପୁଲିସ। ମାତ୍ର ୫ ଦିନର ତଦନ୍ତ ପରେ ଜଣେ ହତ୍ୟାକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ମାଲଗୋଦାମ ଥାନା ଯୋବ୍ରା ସାମଲ ସାହିର ୬୫ ବର୍ଷୀୟ ଅଶୋକ ସାମଲ। ପୁଲିସ ସୂଚନା ମୁତାବକ, ଗତ ୧୦ ତାରିଖରେ ମୃତ ପ୍ରକାଶ ଏବଂ ଅଭିଯୁକ୍ତ ଅଶୋକ ଏକାଠି ମଦ୍ୟପାନ କରିଥିଲେ। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଅଶୋକ ରାସ୍ତାକଡ଼ରେ ଅଚେତ ହୋଇ ପଡ଼ିଯାଇଥିଲା। ଚେତା ଫେରିବା ପରେ ନିଜ ପକେଟରେ ଥିବା ୪ ହଜାର ଟଙ୍କା ହଜିଯାଇଥିବା ସେ ଜାଣିବାକୁ ପାଇଥିଲା। ଏହି ଟଙ୍କା ତାଙ୍କ ବନ୍ଧୁ ପ୍ରକାଶ ଚୋରି କରିଥିବା ସନ୍ଦେହ କରି ଅଶୋକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଖୋଜିବାକୁ ବାହାରିଥିଲା। ଖାନନଗର ରିଙ୍ଗ ରୋଡ ତଳେ ଥିବା ଏକ ଅସ୍ଥାୟୀ ଜରିପାଲ ଘରେ ପ୍ରକାଶ ଶୋଇଥିବା ଅବସ୍ଥାରେ ଅଶୋକ ସେଠାରେ

### ମଦ୍ୟପାନ ପରେ ମୁଣ୍ଡକୁ ପଥରରେ ଛେଚି ଦେଇଥିଲା ଅଭିଯୁକ୍ତ



ପହଞ୍ଚି ଟଙ୍କା ମାଗିଥିଲା। ପ୍ରକାଶ ଏହାକୁ ଅସ୍ୱୀକାର କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଅଶୋକ ଏକ ବଡ଼ କଙ୍କ୍ରିଟ୍ ପଥରରେ ପ୍ରକାଶଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ପ୍ରକାଶ ଚିତ୍କାର କରିବାକୁ ଚେଷ୍ଟା କରୁଥିବା ବେଳେ ଆଉ ଏକ ପଥରରେ ଆକ୍ରମଣ କରି ଅତି ନିର୍ମମ ଭାବେ ତାଙ୍କୁ ହତ୍ୟା କରିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଘଟଣାସ୍ଥଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଖାନନଗର ମଣିମନ୍ଦିର ନିକଟରେ ଥିବା କ୍ୟାମେରାରେ ଅଶୋକଙ୍କ ସନ୍ଦେହଜନକ ଗତିବିଧି କଏଦ ହୋଇଥିଲା। ହତ୍ୟା କରିବା ପରେ ସେ ସିଏନ୍‌ବିଟି ବସ୍‌ଷ୍ଟାଣ୍ଡ ରାସ୍ତାରେ ଫେରାର ହେଉଥିବା ଦେଖାଯାଇଥିଲା। ଏହି ଫୁଟେଜ୍ ଓ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇ ପୁଲିସ ଶେଷରେ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ଗତ ୧୧ ତାରିଖରେ ମୃତକଙ୍କ ପୁତୁରା ରାଜେଶ ଦାସ ଦେଇଥିବା ଏଫ୍‌ଆଇଆର୍ ଆଧାରରେ ପୁଲିସ ତଦନ୍ତ କରି ଏହି ସଫଳତା ପାଇଛି। ଆଜି ଅଭିଯୁକ୍ତ ଅଶୋକ ସାମଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ମାତ୍ର ୪ ହଜାର ଟଙ୍କା ପାଇଁ ଜଣେ ବୟସ୍କ ବ୍ୟକ୍ତି ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇବା ସହରବାସୀଙ୍କୁ ସ୍ତବ୍ଧ କରିଦେଇଛି।

## ସାଧାରଣ ଧର୍ମଘଟ ପାଇଁ ମିଳିତ ବୈଠକ

**କଟକ, ୧୫।୧(ସମିସ):** ସମଗ୍ର ଦେଶର ଦଶଟି କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଓ ଶତାଧିକ କର୍ମଚାରୀ ଫେଡେରେସନ୍ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନରେ ଆସନ୍ତା ୧୨ ଫେବୃଆରୀ ଦେଶବ୍ୟାପୀ ଧର୍ମଘଟ ପାଳିତ ହେବାକୁ ଯାଉଛି। ଏହି ଧର୍ମଘଟର ଦାବିଗୁଡିକ ମଧ୍ୟରେ ଶ୍ରମିକ, କୃଷକ, କୃଷି ଶ୍ରମିକ, ଯୁବକ, ଛାତ୍ର ଓ ମହିଳାମାନଙ୍କର ଜୀବନ ଜୀବିକା ଓ ଅଧିକାରର ସୁରକ୍ଷା ଦାବି ରହିଛି। ଧର୍ମଘଟକୁ କଟକ ସହର ସମେତ ଜିଲ୍ଲାର ୧୪ଟା ଯାକ ବ୍ଲକରେ ସଫଳ କରିବା ପାଇଁ ଆଜି କଟକ ଏଆଇୟୁଟିୟୁସି ଅଫିସରେ ବରିଷ୍ଠ ଶ୍ରମିକ ନେତା କିଶୋର ଜେନାଙ୍କ ସଭାପତିତ୍ୱରେ ଏକ ମିଳିତ ବୈଠକ ହୋଇଥିଲା। ଏଥିରେ ରବିନାରାୟଣ ମଲ୍ଲିକ୍, ପୀତାମ୍ବର ଲେଙ୍କା, ରାଜ କିଶୋର ମଲ୍ଲିକ, କେଶବ ଷଡ଼ଙ୍ଗୀ, ମନୋରଞ୍ଜନ ମହାରଣା, ବସନ୍ତ ନାୟକ, ପ୍ରତାପ ମହାପାତ୍ର, ଚନ୍ଦ୍ରକାନ୍ତ ବେହେରା ଓ ମୃତ୍ୟୁଞ୍ଜୟ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଏହି ସଭାରେ କଟକ ଜିଲ୍ଲାରେ ୧୨ ଫେବୃଆରୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରଚାରକୁ ତୃଣମୂଳସ୍ତରକୁ ନେବାକୁ ସଭା, ସମିତି, ଗ୍ରୁପ୍ ବୈଠକ ଓ ପଥପ୍ରାନ୍ତ ସଭା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆସନ୍ତା ୨୫ ଫେବୃଆରୀ ସକାଳ ୧୦ଟାରେ ଯୋବ୍ରା ଏସ୍‌ଏନ୍ ସରକାର ସ୍ମୃତି ସଦନରେ ଶ୍ରମିକ- କୃଷକମାନଙ୍କର ଏକ ଜିଲ୍ଲାସ୍ତରୀୟ କନଭେନସନ୍ ହେବ ଏବଂ ଏଥିରେ ପ୍ରତ୍ୟେକ ଅଂଶୀଦାର ସଂଗଠନର ୧୦ ଜଣ ଲେଖାଏଁ ପ୍ରତିନିଧି ଯୋଗଦେବାକୁ ସ୍ଥିର ହୋଇଛି। ଏଥି ସହିତ ୧୭ ଜାନୁଆରୀ ସକାଳ ୧୦ଟାରେ ଭୁବନେଶ୍ୱର ରେଡକ୍ରସ୍ ଭବନରେ ରାଜ୍ୟସ୍ତରୀୟ କନଭେନସନ୍ ଏବଂ ୧୯ ଜାନୁଆରୀ କଟକ ଜିଲ୍ଲାପାଳ ଅଫିସ ସାମନାରେ ସଂହତି ବିକ୍ଷୋଭରେ ଯୋଗଦେବାକୁ ସିଦ୍ଧାନ୍ତ ହୋଇଛି।


















## ବେନାମୀ ନମ୍ବର ପ୍ଲେଟ୍ ଗାଡ଼ି ଜବତ

**ତ୍ରିଶୂଳିଆ, ୧୫ ।୧(ସମିସ):** ଗୁରୁବାର ରାତିରେ କଟକ ପରିବହନ ବିଭାଗ ଗାଡି ଯାଞ୍ଚ କରୁଥିବା ବେଳେ କାଗଜପତ୍ର ଠିକ୍ ନ ଥିବା କାରଣରୁ ୪ଟି ପିକନିକ ଗାଡି ମଧ୍ୟରୁ ୨ଟି ଗାଡ଼ିକୁ ଫାଇନ କରାଯାଇଥିବା ବେଳେ ୨ଟି ଗାଡ଼ିକୁ ଜବତ କରାଯାଇଛି। ପ୍ରକାଶ ଯେ ଗୁରୁବାର ରାତିରେ ବାଙ୍କୀ ଅଞ୍ଚଳରୁ ଏକ ସରକାରୀ ସ୍କୁଲର



ପିଲାମାନେ ୪ଟି ବସ ଯୋଗେ ନନ୍ଦନକାନନ ଓ ଧଉଳି ବୁଲିବାକୁ ଆସି ବାରଙ୍ଗ ଗୋଡିସାହି କେନାଲବନ୍ଧ ଦେଇ ଫେରୁଥିଲେ। ଏହି ସମୟରେ ଆର୍‌ଟିଓ ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ ଉକ୍ତ ୪ଟି ବସର କାଗଜପତ୍ର ଯାଞ୍ଚ କରିଥିଲେ। ସେଥିମଧ୍ୟରୁ ଓଡ଼ି ୦୨ ଏଡି ୪୫୦୩ ନମ୍ବର ସ୍କୁଲ ବସ ଓ ଅନ୍ୟ ଏକ ବସ ଓଡ଼ି ୦୫ ଜି ୬୯୭୪ ନମ୍ବରର କାଗଜପତ୍ର ଠିକ୍ ନ ଥିବା

### ଦୁଇଟି ବସ୍‌ରୁ ପାଞ୍ଚ ଲକ୍ଷ ଫାଇନ୍

ବେଳେ ବେନାମୀ ନମ୍ବର ପ୍ଲେଟ୍ ଲଗାଇ ଚଳାଉଥିବା ଗାଡ଼ି ଦୁଇଟିକୁ ଜବତ କରାଯାଇଥିଲା। ଗାଡ଼ିରେ ଥିବା ପିଲାଙ୍କୁ ଅନ୍ୟ ଏକ ଗାଡ଼ିରେ ଛାଡିଥିଲେ। ଅନ୍ୟ ଦୁଇଟି ଗାଡି ମଧ୍ୟରୁ ଓଡ଼ି ୦୫ସିବି ୬୭୦୬ ନମ୍ବର ଗାଡ଼ିର ପରମିଟ ନ ଥିବାରୁ ୧୦ ହଜାର ୫୦୦ ଟଙ୍କା ଜରିମାନା ଓ ଓଡ଼ି ୦୫ ଜି ୬୯୭୪ ନମ୍ବର ଗାଡିର ପରମିଟ ସହ କାଗଜ ପତ୍ର ସଠିକ୍ ନ ଥିବାରୁ ତାକୁ ୫ ଲକ୍ଷ ଟଙ୍କା ଜରିମାନା କରାଯାଇଛି। କଟକ ଏମଭିଆଇ ରଞ୍ଜନ ଦୋରା ଓ ସହଯୋଗୀ ଟିମ୍‌ରେ ସାମିଲ ଥିଲେ।

# ଅଟୋ ସହ ଗଞ୍ଜେଇ ଜବତ, ୨ ଗିରଫ



ମୁନିଗୁଡ଼ା,୧୫।୧(ସମିସ): ଚେକିଂ ସମୟରେ ମୁନିଗୁଡା ପୁଲିସକୁ ମିଳିଛି ସଫଳତା। ମୁନିଗୁଡ଼ା ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ 'ଅପରେସନ୍ ଷ୍ଟ୍ରାଇକ୍' ଅଭିଯାନରେ ବିଭିନ୍ନ ସ୍ଥାନରେ ଗାଡିମଟର ତନଖି ସମୟରେ ଏକ ଅଟୋରେ ଗଞ୍ଜେଇ ଚୋରା ଚାଲାଣ ସମୟରେ ୨୮ କେଜି ଗଞ୍ଜେଇ ସହ ୨ଜଣ ଚାଲାଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ। ସୂଚନା ଅନୁଯାୟୀ ଗୋଟିଏ ଅଟୋ ରିକ୍ସା (ରେଜି. ନଂ ଓଡି-୧୨-ଏବ-୭୩୧୯)ରେ ଏହି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅଟୋରୁ ଗଞ୍ଜେଇ ଜବତ କରିବା ସହ ଦୁଇଟି ମୋବାଇଲ ଫୋନ୍ ଏବଂ ୧୦,୦୦୦ ନଗଦ ଟଙ୍କା ଜବତ କରାଯାଇଛି। ଚାଲାଣ କାରୀ ମାନେ ହେଲେ ଆହିତା ମଣ୍ଡଳ(୨୫)ଓ ସଦମ୍ ନାୟକ(୨୭)। ଉଭୟଙ୍କ ଗ୍ରାମ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମାଳିପଡ଼ା ଗ୍ରାମର। ଏହି ଗଞ୍ଜେଇ ତୁମୁଡିବନ୍ଧରୁ କେରଳକୁ ଅବୈଧ ଗଞ୍ଜେଇ ପରିବହନ କରୁଥିଲେ। ଏ ସମ୍ପର୍କରେ ମୁନିଗୁଡ଼ା ପୁଲିସ୍ ଥାନା ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ବାଲି ଭର୍ତ୍ତି ଟ୍ରାକ୍ଟର ଜବତ କଲା ପୁଲିସ



କୋରୁକୋଣ୍ଡା,୧୫ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ପୁଲିସ ବେଆଇନ ଭାବେ ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଜବତ କରିଛି। କୋରୁକୋଣ୍ଡା ଥାନା ଅଧିକାରୀ ଆର ବିଜୟୀ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ମହାପ୍ରଶାଦ ନାୟକଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ କୋରୁକୋଣ୍ଡା ବାଲିମେଳା ମୁଖ୍ୟ ରାସ୍ତାରେ ସନ୍ଧ୍ୟା ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ରାସ୍ତାର ସିରାଗୁଡା ଛକଠାରେ ବାଲି ବୋଝେଇ କରି ଆସୁଥିବା ଗୋଟାଏ ଟ୍ରାକ୍ଟର (ଓଡିଶା୦ଇ ୮ ୯୦୬) କୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରାକ୍ଟର ଚାଳକ ତ୍ରିନାଥ ଖିଲ କୌଣସି କାଗଜପତ୍ର ପତ୍ର ଦେଖାଇପାରି ନ ଥିବାରୁ ଏସ୍ଆଇ ଶ୍ରୀ ନାୟକ ଗାଡିକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ଥାନାରେ ଏକ କେସ ନମ୍ବର-୫/ ୨୬ରେ ଘଟଣାର ମାମଲା ରୁଜୁ କରାଯାଇଛି। ଏହି ଘଟଣାର ତଦନ୍ତ ଏସ୍ଆଇ ପ୍ରଶାନ୍ତ କୁମାର ସାବତ ଜାରି ରଖୁଛନ୍ତି।

# କେନାଲରେ ଛଡ଼ା ହୋଇନି ପାଣି, ଚାଷୀ ହନ୍ତସନ୍ତ



କୋରାପୁଟ,୧୫।୧(ସମିସ): କେନାଲରେ ପାଣି ଛଡା ହୋଇ ନଥିବାରୁ ଚାଷ କାର୍ଯ୍ୟ ପାଇଁ ହନ୍ତସନ୍ତ ହେଉଛନ୍ତି ଚାଷୀ। ଯଥାଶୀଘ୍ର କେନାଲରେ ପାଣି ଛାଡିବାକୁ ନେଇ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ପଦମପୁର ଓ ବିଚଲକୋଟା ଅଞ୍ଚଳର ଚାଷୀ ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟ କେନାଲ ଗୁଡିକ ମରାମତି ପରେ ପାଣି ଛଡା ଯାଇଥିଲେ ମଧ୍ୟ ଆମ ଅଞ୍ଚଳରେ କଣ ପାଇଁ ପାଣି ଛଡା ଯାଉ ନାହିଁ ବୋଲି ବାଲିଆର ଚାଷୀ ସତ୍ୟବ୍ରତ ପାଢ଼ୀ କହିଛନ୍ତି। ଜଳସେଚନ ବିଭାଗର ବୈଠକରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ନିର୍ଦ୍ଧାରିତ ସମୟରେ ପାଣି ଛଡାଯିବ ବୋଲି ନିଷ୍ପତି ନିଆ ଯାଇଥିଲା। ସେଥିପାଇଁ ଚାଷୀ ମାନେ ତଳି ପକାଇଥିଲେ । ପାଣି ନ ଛାଡ଼ିଲେ ତଳି ଗୁଡିକ ନଷ୍ଟ ହୋଇଯିବା ସହିତ ଚାଷୀ ମାନେ ଚାଷ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି। ଋଣ କରି ତଳି ପକାଇଛୁ ପାଣି ନ ଛାଡିଲେ ଚାଷ ନଷ୍ଟ ହେଇଯିବ, ତେଣୁ ଆମେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଚାଷୀ ସନ୍ତୋଷ ବିଷୋୟୀ କହିଛନ୍ତି।

# ନନ୍ଦପୁରରେ ଟେରାକୋଟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ନନ୍ଦପୁର, ୧୫।୧ (ସମିସ):

କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମା ଠାରେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପ୍ରାୟୋଜିତ ଓ ହସ୍ତଶିଳ୍ପ ସହନିର୍ଦ୍ଦେଶକ, ଜୟପୁରଙ୍କ

## ତାଲିମପ୍ରାପ୍ତଙ୍କୁ ମାନପତ୍ର ପ୍ରଦାନ

ତରଫରୁ ଆୟୋଜିତ ଶିଳ୍ପ ଗ୍ରାମ ଯୋଜନା ୨୦୨୪- ୨୫ ଅଧୀନରେ ନନ୍ଦପୁରରେ କୁମ୍ଭାର ସମାଜର ଲୋକଙ୍କ ପାଇଁ ଟେରାକୋଟା ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଗତ ମାର୍ଚ୍ଚ ୨୪ ତାରିଖରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିର ମାଧ୍ୟମରେ କୁମ୍ଭାର କୌଳିକ ବୃତ୍ତିରେ ନିୟୋଜିତ କାରିଗରମାନଙ୍କୁ ଉନ୍ନତ ମାନର ଯନ୍ତ୍ରପାତି ଓ ଆଧୁନିକ କୌଶଳ ପ୍ରଦାନ କରାଯାଇ ସେମାନଙ୍କର ନିପୁଣତା, ସୃଜନଶୀଳତା ଓ ଆତ୍ମନିର୍ଭରଶୀଳତାକୁ ସଶକ୍ତ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ କିପରି ସ୍ୱାବଲମ୍ବୀ ହୋଇ ନିଜ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଯୋଗ ଦେଇ ଥିବା ବେଳେ ବିଭାଗୀୟ ଏଡିଏଚ୍ ସମୀର ପାତ୍ର, ଯଶବନ୍ତ ପ୍ରଧାନ, ଏମସିପି ଶିବାନୀ ପ୍ରିୟଦର୍ଶିନୀ ସାହୁ, ମା ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ଗୌର କୁମ୍ଭାର, ବରିଷ୍ଠ ସମାଜସେବୀ ଜଗନ୍ନାଥ ପାଙ୍ଗି ଓ ଯୁବ ନେତା ମୁନା ଦଳପତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିବା ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ବିଡିଓ ଶ୍ରୀ ଦୋରା କୌଳିକ ବୃତ୍ତିକୁ ଆପଣେଇ ନିଜର କଳା ଓ ନିପୁଣତା ମାଧ୍ୟମରେ ନନ୍ଦପୁର ମାଟିର ଗୌରବ ବଢ଼ାଇବା ପାଇଁ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗର ହାତ ବଢାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

■ ଆଖୁବାଡ଼ରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି

# ଋଣ ପରିଶୋଧ ପାଇଁ ଚିନ୍ତାରେ ଚାଷୀ

ନନ୍ଦାହାଣ୍ଡି,୧୫।୧(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦହଣା ଗ୍ରାମର ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ଆଖୁ ବାଡ଼ରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ବହୁତ କ୍ଷୟକ୍ଷତି ଘଟିଥିବା ଜଣାପଡିଛି। ମକା ଅମଳ କରି ସାରିଥିବା ପାଶ୍ୱର୍ସ୍ଥ ଏକ ଜମିରୁ ନିଆଁ ଲାଗି ଆଖୁ ବାଡ଼କୁ ବ୍ୟାପି ଥିବା ସନ୍ଦେହ କରାଯାଉଛି। କିଛି ଲୋକ ନିଆଁ ଲାଗି ଥିବା ଦେଖି ଚାଷୀ ଶ୍ରୀ ତ୍ରିପାଠୀଙ୍କୁ ଜଣାଇଥିଲେ। ସ୍ଥାନୀୟ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ପ୍ରାୟ ତିନି ଏକରରୁ ଅଧିକ ଆଖୁ ଜଳି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା। ଆଉ ବଳକା ଦୁଇ ଏକର ଆଖୁକୁ ନିଆଁ କବଳରୁ ରକ୍ଷା କରି ପାରିଥିଲେ। ବର୍ତ୍ତମାନ ଚାଷୀ ଶ୍ରୀ ତ୍ରିପାଠୀ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇ ହତାଶ ହୋଇ ଭାଙ୍ଗି ପଡ଼ିଛନ୍ତି। ବ୍ୟାଙ୍କରୁ ଋଣ ଆଣି ଆଖୁ ଚାଷ କରିଥିଲେ ତେଣୁ କେମିତି ଋଣ ପରିଶୋଧ କରିବି ବୋଲି ଚିନ୍ତା ଗ୍ରସ୍ତ ହୋଇଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

● ବାଣ ଫୁଟି ହାବିଲଦାର ଗୁରୁତର ଘଟଣା

# ପୁଲିସର ତନାଘନା

ରାୟଗଡ଼ା,୧୫।୧(ସମିସ): ରାୟଗଡ଼ା ହାବିଲଦାର କନେଷ୍ଟବଳ ସଂଘର ନିର୍ବାଚନ ଫଳାଫଳ ଘୋଷଣା ପରେ ଏକ ଶୋଭାଯାତ୍ରାର ବେଳେ ବାଣ ଫୁଟି ଜଣେ ହାବିଲଦାରଙ୍କ ହାତ ପାପୁଲି ଫାଟି ଯାଇଥିଲା। ହାବିଲଦାର କୃଷ୍ଣଚନ୍ଦ୍ର ବାଗ୍ ଗୁରୁତର ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। କିନ୍ତୁ ଏହି ଘଟଣା କିଭଳି ପରିସ୍ଥିତିରେ ଘଟିଲା ତାକୁ ନେଇ ପୁଲିସ ବିଭାଗରେ ତନାଘନା ଚାଲିଛି। ଏହି ଘଟଣାକୁ ବିଭାଗୀୟ ଅଧିକାରୀ ମାନେ ଗୁରୁତର ସହ ନେଇଥିବା ବେଳେ କୌଣସି ବେନିୟମ କାର୍ଯ୍ୟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗରେ ତତ୍ପରତା ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ପଚାରିଲେ ତଦନ୍ତ ଚାଲୁଥିବା କହୁଥିବା ବେଳେ କୌଣସି ତଥ୍ୟ ପ୍ରଦାନ କରୁନଥିବା ଦେଖିବାକୁ ମିଳିଛି।




# ଯୁବ ସମାଜସେବୀଙ୍କ ଅକାଳ ବିୟୋଗ



କୋରାପୁଟ,୧୫।୧(ସମିସ): କୋରାପୁଟ ବ୍ଲକ ଡୁମୁରିପୁଟ ହାଟପଦା ଗ୍ରାମର ଯୁବ ସମାଜସେବୀ ସୁଶାନ୍ତ କୁମାର ନାୟକଙ୍କର ଅକାଳ ବିୟୋଗ ଘଟିଛି। କିଛି ଦିନ ପୂର୍ବରୁ ଅଚାନକ ଅସୁସ୍ଥ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନହେବାରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ଗୁରୁବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ଭଉଣୀ ଓ ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ। ସୁଶାନ୍ତଙ୍କର ମୃତ୍ୟୁ ଖବର ପହଞ୍ଚିବା ପରେ ଡୁମୁରିପୁଟରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୁଶାନ୍ତଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ବାରିକ, ତିରୁମଲେଶ୍ୱର୍ ଚୌଧୁରୀ, ଦିଲୀପ ସାମନ୍ତରାୟ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୋପୀନାଥ ପାଣିଗ୍ରାହୀ, ଅବକାଶ ମହାନ୍ତି, ଅରୁଣ ଜେନା, ଭିଏସଏସ ପାଠାଗାର ସଭାପତି ସୁରେଶ କୁମାର, ସମ୍ପାଦକ ଜଗଦୀଶ ଖୋସଲା, ବରିଷ୍ଠ ସଦସ୍ୟ ତ୍ରିପତି ପାଣିଗ୍ରାହୀ, ମଧୁ ଖେମୁଣ୍ଡୁ, ବିଷ୍ଣୁ ଦାସ, ସୁକାନ୍ତ ନାୟକ, ଟୁଟୁ ସାହୁ, ଜିତେନ୍ଦ୍ର ସାହୁ, ଅରୁଣ ପାଳ, ବସନ୍ତ ରାଓ, ସୁବୋଧ ଚେଟ୍ଟି, ସନ୍ତୋଷ ଶତପଥୀ, ଯୁବ ସମାଜସେବୀ ସୁଶାନ୍ତ ପାଣିଗ୍ରାହୀ କୈଳାଶ ନାୟକ, ତୁଷାର ମିଶ୍ର ଓ ସିଦ୍ଧାର୍ଥ ରାଉତ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମକର ସଂକ୍ରାନ୍ତି ଉତ୍ସବ



ଜୟପୁର, ୧୫ ।୧ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜୟପୁର ନଗରସ୍ତରୀୟ ମକର ସଂକ୍ରାନ୍ତି ଉତ୍ସବ ସ୍ଥାନୀୟ ଇନ୍ଦିରା ଛକ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନ୍ସିଲର ତଥା ବ୍ୟବସାୟିକ ସଂଘର ଉପସଭାପତି ଏ.ଶ୍ରୀନିବାସ ରାଓ, ନଗର ସଂଘ ଚାଳକ ଡ.ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନଗରକାର୍ଯ୍ୟବାହ ଡ.ମନୋରଞ୍ଜନ ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ କୁମାର ପଣ୍ଡା ମଞ୍ଚାସିନ ରହିବା ସହିତ ସଂଘର ଦେଶ ପ୍ରତି ରହିଥିବା କର୍ତ୍ତବ୍ୟ ଏବଂ ନିଷ୍ଠା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରୁ ସାମୂହିକ ଗୀତ ପରେ ଧ୍ୱଜାରୋପଣ, ଅମୃତ ବଚନ ବ୍ୟକ୍ତିଗତ ଗୀତ ପରେ ଅତିଥି ପରିଚୟ ହୋଇଥିଲା। ସାରା ବର୍ଷରେ ସଂଘର ୪ଟି ପର୍ବ ମଧ୍ୟରୁ ଏହି ମକର ଉତ୍ସବ ଶେଷ ପର୍ବ । ଏହି ଦିବସରେ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ପ୍ରବେଶ ସହିତ ଉତ୍ତରାୟଣ ହୁଅନ୍ତି । ଶୀତର ପ୍ରକୋପ କମିବା ସହିତ ଗରମ ଦିନର ଆଗମନ ରାଷ୍ଟ୍ରର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ନାଁ ମକର ଉତ୍ସବ ପାଳନ ହୁଏ। ଗତକାଲି ପ୍ରଭାତରୁ ସଂଘ ପକ୍ଷରୁ ସ୍ଥାନୀୟ ସ୍ଥାନୀୟ ସୂର୍ଯ୍ୟମହଲ ପଡିଆ ଠାରେ ସାମୁହିକ ସୂର୍ଯ୍ୟ ନମସ୍କାର ଏବଂ ସଂଘର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଶତାୟୁ କମ୍ୟୁନିଷ୍ଟ ନେତା ସୋମନାଥ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଜୟପୁର,୧୫ ।୧(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ , ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ,ତଥା ବିଶିଷ୍ଟ ସାହିତ୍ୟିକ ସୋମନାଥ ପାତ୍ରଙ୍କ ୧୦୨ ବର୍ଷ ବୟସରେ ଆଜି ପୂର୍ବାହ୍ନରେ ଦେହାନ୍ତ ହୋଇଯାଇଛି। ସେ ଏକାଧାରାରେ ଜଣେ ପ୍ରବୀଣ ବକ୍ତା ତଥା ଉତ୍କୃଷ୍ଟ ସାହିତ୍ୟର ରଚୟିତା ହିସାବରେ ରାଜ୍ୟରେ ପରିଚିତ। ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ କୃଷକ ସଭାର ନେତା ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଭୁବନ କମାର, ସୁବାସ ବେହେରା, ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୋକ ବ୍ୟକ୍ତ କରିଛନ୍ତି।




# ବିଜେଡି ପକ୍ଷରୁ ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା



ବୈପାରୀଗୁଡ଼ା,୧୫।୧(ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବୈପାରିଗୁଡା ବ୍ଲକ୍‌ରେ ଆଠ ମାସ ପରେ ସ୍ଥାୟୀ ବିଡିଓ ପଦବୀ ପୂରଣ ହେଲା। ନୂତନ ବିଡିଓ ଭାବେ ସୁବ୍ରତ ସାହୁ ଯୋଗଦାନ ଦେଇଛନ୍ତି । ଏହି ଅବସରରେ ବୈପାରୀଗୁଡା ବିଜୁ ଜନତା ଦଳର ଶତାଧିକ କର୍ମୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ନୂତନ ବିଡ଼ିଓ ସୁବ୍ରତ ସାହୁଙ୍କୁ ଫୁଲ ତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିଲେ । ସୂଚନା ଥାଉକି ସ୍ଥାୟୀ ବିଡ଼ିଓ ପୂରଣ ପାଇଁ ବହୁବାର ଦାବି ପରେ ନୂତନ ବିଡିଓ ଯୋଗ ଦେଇଛନ୍ତି। ବିଡ଼ିଓଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ବୈପାରୀଗୁଡା ବ୍ଲକର ୨୦ ପଞ୍ଚାୟତର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।




# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ




କୋରାପୁଟ,୧୫।୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜାତୀୟ ରାଜପଥ ୨୬ ଓ ୩୨୬, ସାମାଜିକ ସୁରକ୍ଷା, ସାମାଜିକ ମଙ୍ଗଳ, ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସ୍ୱାସ୍ଥ୍ୟ, ଭାରତମାଳା ଏକ୍ସପ୍ରେସ ହାଇୱେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ସହରୀ ଓ ଗ୍ରାମୀଣ ଆବାସ ଯୋଜନା , ଏକଲବ୍ୟ ମଡେଲ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଅଧିକାରୀ ତରୁଣ ତପନ ପ୍ରହରାଜ ଜିଲ୍ଲାରେ କେତେ ଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ପାଉଛନ୍ତି ତାହା ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଭତ୍ତା ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀ ମାନେ କିପରି ଅତି ଶୀଘ୍ର ଚୟନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ଉଲାକା ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ ଥିବା ଅଙ୍ଗନବାଡିର ନିଜସ୍ୱ ଗୃହରେ ବିଦ୍ୟୁତକରଣ ଏବଂ ପାନୀୟ ଜଳର ସୁବନ୍ଦୋବସ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ସହରର ଆରଟିଓ ଅଫିସ ଛକରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥକୁ ଓସାରିଆ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଦାବି ଉପସ୍ଥାପନା କରିଥିଲେ। ରାସ୍ତାରେ ବାରମ୍ବାର ଦୁର୍ଘଟଣା ହେଉଥିବା ସତ୍ତ୍ୱେ ପ୍ରଶସ୍ତି କରଣ କାର୍ଯ୍ୟ କାହିଁକି ବିଳମ୍ବ କରାଯାଉଛି ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରଶ୍ନ କରିବା ସହ ତୁରନ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। କୋରାପୁଟ ସହରବାସୀଙ୍କ ବହୁଦିନର ସ୍ୱପ୍ନ କୋରାପୁଟ ବାଇପାସ ରାସ୍ତା ନିର୍ମାଣରେ କାହିଁକି ବିଳମ୍ବ ହେଉଛି ବୋଲି ସଭ୍ୟ ମାନେ ପ୍ରଶ୍ନ କରିଥିଲେ। ସବିଶେଷ ପ୍ରକଳ୍ପ ରିପୋର୍ଟରେ ସାମାନ୍ୟ ପରିବର୍ତ୍ତନ ହେବ ଏବଂ ଏହା ହୋଇଗଲା ପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ବିଭାଗକୁ ପଠାଯିବ।ଏ ହା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୁନାବେଡ଼ା ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ ସୌମର୍ଜିନୀ ସେଠୀ ପ୍ରକାଶ କରିଥିଲେ।ଜୟପୁର ଘାଟି ରାସ୍ତା ଓସାରିଆ କରିବାକୁ କୁହାଯାଇଥିବା ବେଳେ ବନ ବିଭାଗର ଅନୁମତି ନ ମିଳିବାରୁ ତାହା ଏବେ ବନ୍ଦ ହୋଇଯାଇଥିବା ବୈଠକରେ ପ୍ରକାଶ ପାଇବା ପରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏ ସମ୍ପର୍କରେ ବନ ବିଭାଗ ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ପ୍ରତ୍ୟେକ ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ନିୟମିତ ଅବସ୍ଥାନ କରି ଶ୍ରମିକ ମାନଙ୍କୁ ପଞ୍ଜିକରଣ ସହ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିବାକୁ ସାଂସଦ ଶ୍ରୀ ଉଲାକା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।






# ଧାମରା ୨ ୟୁନିଅନରେ ଟ୍ରକ୍ ପଞ୍ଜୀକରଣ ବନ୍ଦ ନିଷ୍ପତ୍ତିକୁ ନେଇ ବୈଠକ



**ଭଦ୍ରକ, ୧୫।୧(ସମିସ):** ଧାମରା ଅଞ୍ଚଳରେ ଥିବା ୨ଟି ଟ୍ରକ୍ ୟୁନିଅନ୍‌ରେ ଆଉ ନୂତନ ଭାବେ ଟ୍ରକ୍ ପଞ୍ଜୀକରଣ ହେବ ନାହିଁ ବୋଲି ଗୁରୁବାର ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୨ଟି ୟୁନିୟନ ଯଥା- ଧାମରା ଟ୍ରକ୍ ଟିପ୍ପର ଆସୋସିଏସନ ଏବଂ କଳିଙ୍ଗ ଟ୍ରାନ୍ସପୋର୍ଟ୍ସ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏହି ସାମ୍ବାଦିକ ସମ୍ମିଳନୀରେ ଏକତ୍ରିତ ହୋଇଥିଲେ। ସେମାନଙ୍କ ଦାବି ଅନୁଯାୟୀ ୨୦୨୨ ନଭେମ୍ବର ମାସରେ ଧାମରା ବନ୍ଦରରୁ କୋଇଲା ପରିବହନ ଆରମ୍ଭ ହୋଇଥିବାବେଳେ ସ୍ୱାବଲମ୍ବୀ ହେବା ଆଶାରେ ବହୁ ବେକାର ଯୁବକଯୁବତୀ ପରିବହନ ପାଇଁ ଟ୍ରକ୍ ଏବଂ ଟିପ୍ପର କିଣି ଏହି ପରିବହନ କାର୍ଯ୍ୟ କରି ଆସୁଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ୨ଟି ସଂଘରେ ୮୦୦ରୁ ଊର୍ଦ୍ଧ୍ୱ ଗାଡ଼ି ପରିବହନ କରି ଆସୁଥିବାବେଳେ ଜିଲ୍ଲାପାଳ ଏବଂ ପରିବହନ ଅଧିକାରୀଙ୍କ ମଧ୍ୟରେ ବହୁବାର ସମନ୍ୱୟ ବୈଠକ ବସିବା ପରେ ମଧ୍ୟ ଗାଡ଼ି ସଂଖ୍ୟା ଅନୁଯାୟୀ ପରିବହନ କ୍ଷମତା ବୃଦ୍ଧି ପାଉନାହିଁ। ଫଳରେ ଗାଡ଼ି ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସେମାନଙ୍କ ଋଣ ବୃଦ୍ଧି ହେବା ସହ ମାସିକିଆ କିସ୍ତି ଖିଲାପ ସଂଖ୍ୟା ବଢ଼ିଚାଲିଛି। ଏହି ସମସ୍ତ କଥାକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୧ ତାରିଖଠାରୁ ଧାମରା ଅଞ୍ଚଳରେ ଥିବା ୨ଟି ଆସୋସିଏସନ ଆଉ ନୂତନ ଭାବେ ଟ୍ରକ୍ ଏବଂ ଟିପ୍ପର ପଞ୍ଜୀକରଣ କରିବେ ନାହିଁ। ଏହି ନିଷ୍ପତ୍ତି ଅନୁଯାୟୀ ୨ଟି ସଂଘର ସମସ୍ତ କର୍ମକର୍ତ୍ତା ଏହି ସିଦ୍ଧାନ୍ତରେ ଉପନୀତ ହେବା ସହ ଧାମରା ବନ୍ଦରରୁ ପରିବହନ କରିବା ପାଇଁ ଆଉ ନୂତନ ପଞ୍ଜୀକରଣକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହ ଏ ବିଷୟରେ ଏକ ଲିଖିତ ଦାବିପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯିବାକୁ ସ୍ଥିରୀକୃତ କରାଗଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅଶୋକ ଜାନା, ଦିଗମ୍ବର ଦାସ, ବୈରୀଗଞ୍ଜନ ସାମଲ, ବନବିହାରୀ ମାଇତି, ପାପା ଜେନା, ବାବୁନି ଲେଙ୍କା, ମଦନ ଦିନ୍ଦା, ସୁବ୍ରତ ଦାସ, ନରେନ୍ଦ୍ର ମାଇତିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧାମରାଶ୍ରୀ ପତ୍ରିକା ଉନ୍ମୋଚିତ



**ଭଦ୍ରକ, ୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ଧାମରା ତଥା ଚାନ୍ଦବାଲି ଅଞ୍ଚଳର ମୁଖପତ୍ର ଧାମରାଶ୍ରୀ ଉନ୍ମୋଚନ ହୋଇଯାଇଛି। ଧାମରା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜନ୍ମେଜୟ ବେହେରା ଧାମରାଶ୍ରୀକୁ ଧାମରାଇ ମନ୍ଦିର ପ୍ରାଙ୍ଗଣରେ ଶୁଭ ଉନ୍ମୋଚନ କରିଥିବା ଅବସରରେ ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧାମରା ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ପତ୍ରିକା ଉନ୍ମୋଚନ ସମୟରେ ଧାମରା ମତ୍ସ୍ୟଜୀବୀ କମିଟିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଜେନା, ମା' ଧାମରାଇ ମନ୍ଦିର ପରିଚାଳନା କମିଟିର ସୁରେଶ ମାହୁନ୍ତ, ପାପା ଜେନା, ପ୍ରମୋଦ ନାୟକ, ସୋନୁ ଲେଙ୍କା, ଅଭିମନ୍ୟୁ ରାଉତ, ସୁଦର୍ଶନ ଲେଙ୍କା, ପ୍ରଫୁଲ୍ଲ ମଣ୍ଡଳ, ଶୁକଦେବ ପରିଡ଼ା, ଶରତ ଦଳେଇ, ସୁବାସ ପଣ୍ଡାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ।

# ଚୋରି ସାମଗ୍ରୀ ଜବତ; ୪ ଗିରଫ

**ତିହିଡ଼ି, ୧୫।୧(ସମିସ):** ତିହିଡ଼ି ପୁଲିସ ନିଜ ଥାନା ଅଞ୍ଚଳର ୪ ଜଣ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଯୁବକମାନେ ହେଉଛନ୍ତି ଛଦାସାହି ଗାଁର କୀର୍ତ୍ତନ ମଳିକ, ତରାଶୁଣି ଗ୍ରାମର ଜୟନ୍ତ ମଳିକ, ଚନ୍ଦ୍ରକାନ୍ତ ମଳିକ ଓ ଅଚକର ରାମନାରାୟଣ ମହାପାତ୍ର। ସେମାନଙ୍କ ନିକଟରୁ ଏକ ନମ୍ବରବିହୀନ ବାଇକ୍, ଦୁଇଟି ପାଣି ମୋଟର ଓ ଗୋଟିଏ ଡ୍ରିଲ୍ ମେସିନ୍ ଜବତ କରାଯାଇଛି। ଗତ କିଛି ଦିନ ଭିତରେ ତିହିଡ଼ି ପୁଲିସ ବ୍ରାଉନ୍‌ସୁଗର ଓ ଛିନ୍‌ତାଇ ଆଦି ଘଟଣାରେ ୧୦ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଲାଣି। ଚୋରି ଓ ବ୍ରାଉନ୍‌ସୁଗର ବିକ୍ରି ଆଦି ଘଟଣାରେ ସମ୍ପୃକ୍ତ ଥିବା କିଛି ଯୁବକଙ୍କ ଚିଠା ପ୍ରସ୍ତୁତ କରିସାରିଛୁ ଓ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସୂଚନା ଦେଇଛନ୍ତି।



## ବାବା ଆଖଣ୍ଡଳମଣିଙ୍କ ମହାଶିବରାତ୍ରି ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ରାତି ୧ଟାରେ ସୁନାବେଶ, ଭୋର୍ ୪ଟା ୩୦ରେ ଉଠିବ ମହାଦୀପ

**ଭଦ୍ରକ/ଆରଡ଼ି, ୧୫।୧(ସମିସ)**

ଆସନ୍ତା ଫେବୃଆରୀ ୧୫ରେ ବାବା ଆଖଣ୍ଡଳମଣିଙ୍କ ମହାଶିବରାତ୍ରି(ଜାଗରଯାତ୍ରା)। ଚଳିତ ବର୍ଷ ୩ ଦିନ ଧରି ପାଳନ ହେବ ଯାତ୍ରା। ଏହି ଅବସରରେ ମଣିବାବାଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଭକ୍ତଙ୍କ ସମାଗମ ହେବ। ଏଥିପାଇଁ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରିନ୍ସ ରାକେଶ ନାୟକ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଟ୍ରଷ୍ଟବୋର୍ଡ ସଭ୍ୟ ସନ୍ତୋଷ ପାଢ଼ୀ, ସରୋଜ ଦାସ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକଙ୍କ ସହ ବିଭିନ୍ନ ବିଭାଗର ଉଚ୍ଚ ପ୍ରଦାଧିକାରୀ ଯୋଗଦେଇଥିଲେ। ମହାଶିବରାତ୍ରି ଦିନ ହେବାକୁ ଥିବା ସମସ୍ତ ନୀତିକାନ୍ତି ସମ୍ବନ୍ଧରେ ବରିଷ୍ଠ



ସେବାୟତ ବିଜୟ କୁମାର ଦାଶ ସୂଚନା ଦେଇଥିଲେ। ଚଳିତ ବର୍ଷ ଜାଗରଯାତ୍ରା ଦିନ ଭୋର୍ ୪ଟାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, କନିକା ରାଜାଙ୍କ ତରଫରୁ ପହିଲି ଘର୍ଷଣ ଲାଗି, ଜଳାଭିଷେକ ସରିବା ପରେ ସକାଳ ୫/୧୫ରୁ ରାତ୍ର ୧୧ଟା ୩୦ ଯାଏ ଭକ୍ତଙ୍କ ସାହାଣମେଲା ଦର୍ଶନ ରହିବା ସହ ପୁନର୍ବାର ରାତ୍ର ୧ଟା ୩୦ରେ ସୁନାବେଶ ସମ୍ପନ୍ନ ହେବା ପରେ ସାହାଣମେଲା ଦର୍ଶନ କରାଯିବ। ଭୋର୍ ୪ଟା ସୁଦ୍ଧା ମହାଦୀପ ପ୍ରସ୍ତୁତି ସହ ପୂଜାର୍ଚ୍ଚନା ସରିବା ପରେ ୪ଟା ୩୦ରୁ ୫ଟା ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ।

- ଜଳପଥକୁ ଜଗିବେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ
- ୩ଟି ନଦୀଘାଟରେ ନିୟୋଜିତ ରହିବ ଅତ୍ୟାଧୁନିକ ପାୱାର ବୋଟ୍
- ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସେହିପରି ମହାଶିବରାତ୍ରି ଦିନ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ଜଳପଥର ନଦୀଘାଟକୁ ଜଗି ରହିବେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ। ଚଳିତ ବର୍ଷ ଜଳପଥରେ ଅତ୍ୟାଧୁନିକ ସ୍ପିଡ୍‌ବୋଟ୍ ପଇଁତରା ମାରିବ କହିଛନ୍ତି ଅଗ୍ନିଶମ ବିଭାଗର ଅଧିକାରୀ। ସେହିପରି ପୀଠରେ ଯାତ୍ରା ପୂର୍ବଦିନଠାରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ୩ଦିନ ଧରି ପୀଠରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ପାଇଁ ଆଲୋଚନା କରାଯାଇଥିଲା। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖାଯିବା ସହ ମନ୍ଦିର ପରିସରରେ ଅତିରିକ୍ତ କ୍ୟାମ୍ପ୍ କରାଯିବ। ପୀଠରେ ପରିମଳ ବ୍ୟବସ୍ଥା ସହ ଅତିରିକ୍ତ ଶୌଚାଳୟ ନିର୍ମାଣ କରାଯିବ ବୋଲି ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବିଶେଷକରି ଭକ୍ତମାନଙ୍କର ଗହଳି ସମୟରେ ଅସାମାଜିକ ବ୍ୟକ୍ତିଙ୍କୁ ଧରିବା ପାଇଁ ସାଦା ପୋଷାକଧାରୀ ପୁଲିସ ନିୟୋଜିତ ରହିବା ସହ ଆକାଶମାର୍ଗରୁ ଡ୍ରୋନ୍ କ୍ୟାମେରା ଓ ସିସି କ୍ୟାମେରା ଚାଳନା କରାଯିବ, ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ପୀଠରେ ସନ୍ଧ୍ୟାରୁ ମଧ୍ୟରାତ୍ର ଯାଏଁ ଭଜନ ପରିବେଷଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପୀଠରେ ଗାଡ଼ି ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ପରେ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଉକ୍ତ ବୈଠକରେ ସେବାୟତ ଅରବିନ୍ଦ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ଦେବଦତ୍ତ ପାଢ଼ୀ, ଲଲାଟକିଶୋର ପାଢ଼ୀ, ଆଶିଷ ପାଢ଼ୀ, ଶିବାନନ୍ଦ ପାଢ଼ୀ, ସରୋଜ ପାଢ଼ୀ, ସଞ୍ଜୟ ପାଢ଼ୀ, ମନୋରଞ୍ଜନ ପାଢ଼ୀ, ସବ୍ୟସାଚୀ ହୋତା, ବିବେକାନନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

# 'ବୁଦ୍ଧିମତ୍ତାଯୁକ୍ତ ସାମାଜିକ ଗାଳ୍ପିକ ଥିଲେ ବ୍ୟାସକବି'

**ଭଦ୍ରକ, ୧୫।୧(ସମିସ):** ଆମ ମାତୃଭାଷା ପରିଷଦର 'ମକର ସଂକ୍ରାନ୍ତି ଆସର' ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରକୁ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ। 'ଓଡ଼ିଆ କ୍ଷୁଦ୍ରଶିଳ୍ପରେ ବ୍ୟାସକବି ଫକୀରମୋହନ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୟାଧର ପଣ୍ଡା, ସମ୍ମାନିତ ଅତିଥି ଶାନ୍ତନୁ କୁମାର ରାଉତ, ବିଶିଷ୍ଟ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ଅତିଥି ପର୍ଶୁରାମ ଦ୍ୱିବେଦୀ, ଅଧ୍ୟାପିକା ଭାନୁମତୀ ମାଟିଆ, ବିପ୍ଳବୀ କବି ମୁକୁନ୍ଦଦେବ ନାୟକ, ରମେଶ ଚନ୍ଦ୍ର ଦାସ, ବାବୁଲାଲ ଦାସ, ପୂର୍ଣ୍ଣଚନ୍ଦ୍ର ବହଳୀ, ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବ୍ୟାସକବି ଫକୀରମୋହନ ଜଣେ ଦକ୍ଷ ବୁଦ୍ଧିମତ୍ତାଯୁକ୍ତ ସାମାଜିକ କ୍ଷୁଦ୍ରଗାଳ୍ପିକ ଥିଲେ। ତାଙ୍କର ଶେଷ ଜୀବନ ଦାରିଦ୍ର୍ୟତା ମଧ୍ୟରେ କଟିଥିଲେ ମଧ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ମାତୃଭାଷା ଓ ମାତୃଭୂମିର ଉତ୍‌ଥାନ ପାଇଁ ତାଙ୍କର ଅଧ୍ୟବସାୟ ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ମକର ସଂକ୍ରାନ୍ତି କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ନାୟକ, ମାନସ ରଞ୍ଜନ ପଣ୍ଡା, ଉପେନ୍ଦ୍ର ବାରିକ, ଡା. ଚିତ୍ତରଞ୍ଜନ ମହାପାତ୍ର, ମହେନ୍ଦ୍ର ଓଝା, ମାନସୀବାଳା ସୂତାର, ମୀନତି ବାରିକ, ମୋନାଲିସା ସାହୁ, ବିଜୟ କୁମାର ବହଳୀ, ଅମର ପାଣିଗ୍ରାହୀ, ଧିରେନ୍ଦ୍ର ନାୟକ, ମନୋରଞ୍ଜନ ଦାସ, ସେକ୍ ଅବ୍‌ଦୁଲ୍ ଦୟାନ, ମୁସ୍ତାକ୍ ଗୌହର, କୈଳାସ ଦାସ, ନିରଞ୍ଜନ ନାୟକ, ସୁରେଶ ସାହୁଙ୍କ ସମେତ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବାବେଳେ ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ, ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ଓ ବ୍ୟଙ୍ଗକବି ଗୋକୁଳାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପାର୍ଥସାରଥୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# ନାବାଳିକାକୁ ଦୁଷ୍କର୍ମ କରି ବୃଦ୍ଧ ଗିରଫ

**ଭଦ୍ରକ/ଆରଡ଼ି, ୧୫।୧(ସମିସ):** ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନସ୍ଥ ଓଳଗ ପଞ୍ଚାୟତ ବୋଡ଼କ ଗାଁରେ ଜଣେ ୧୩ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ୫୫ ବର୍ଷୀୟ ବୃଦ୍ଧକୁ କୋର୍ଟ ଚାଲାଣ କରାଯାଇଛି। ପରେ ପୁଲିସ ନାବାଳିକାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲ ପଠାଯାଇଛି। ସୂଚନାଯାୟୀ, ବୁଧବାର ଉକ୍ତ ଗାଁର ନାବାଳିକା ଜଣକ ସ୍କୁଲରୁ ଘରକୁ ଯାଉଥିବା ସମୟରେ ସେହି ଗାଁର ବିଘିନା ଜେନା(୫୫) କିଛି ଟଙ୍କା ପ୍ରଲୋଭନ ଦେଖାଇ ଏକ ନିଛାଟିଆ ଜାଗାକୁ ନେଇ ଦୁଷ୍କର୍ମ କରିବା ସହ ଚେତାଶୂନ୍ୟ କରି ପଳାଇ ଯାଇଥିଲା। ନାବାଳିକାର ଚେତା ଫେରିବା ପରେ ପ୍ରଥମେ ବିଦ୍ୟାଳୟର ସହପାଠୀ ଓ ପରେ ଘର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକଙ୍କ ପକ୍ଷରୁ ଆରଡ଼ି ଫାଣ୍ଡିରେ ଅଭିଯୋଗ କରାଯାଇଥିଲା।

# ଟ୍ରେନ୍ ଧକ୍କାରେ ମହିଳା ମୃତ

**ଭଦ୍ରକ, ୧୫।୧(ସମିସ):** ଭଦ୍ରକ-ଧାମରା ରେଳପଥର ପୀରହାଟ ଥାନା ଅଧୀନ ବିନ୍ଧାବଜାର ନିକଟରେ ଗୁରୁବାର ପୂର୍ବାହ୍ଣରେ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ପୀରହାଟ ଥାନା ଅଧୀନ ଦୌଲତପୁର ଗାଁର ନିରଞ୍ଜନ ସାହୁଙ୍କ ଝିଅ ଝୁନି ସାହୁ (୪୨) ବୋଲି ଜଣାପଡ଼ିଛି। ଝୁନି ତାଙ୍କ ବାପଘର ଦୌଲତପୁର ଗାଁକୁ ବୁଲିବାକୁ ଆସିଥିଲେ। ପୂର୍ବାହ୍ଣରେ ସେ ରେଳପଥ ଅତିକ୍ରମ ହେଉଥିବାବେଳେ ଧାମରାରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରପାଇ ଆଇଆଇସି ରୋଜାଲିନ୍ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାଯାଇଛି।

# ଲୁଟ୍ ଅଭିଯୋଗରେ ୩ ଗିରଫ



**ତିହିଡ଼ି, ୧୫।୧(ସମିସ):** ଭଦ୍ରକ-ଚାନ୍ଦବାଲି ରାସ୍ତାରେ ମଧ୍ୟରାତ୍ରରେ ଏକ ଟ୍ରକ୍‌କୁ ଅଟକାଇ ଟଙ୍କା ଲୁଟି ନେବା ଘଟଣାରେ ତିହିଡ଼ି ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ନୟାପାଟଣା ଗ୍ରାମର ବବୁଆ ଓରଫ ପ୍ରଶାନ୍ତ ପରିଡ଼ା ଓ ବିଜୟ ପରିଡ଼ାଙ୍କ ପୁଅ ସତ୍ୟକାନ୍ତ ପରିଡ଼ା ଏବଂ ମିର୍ଜାପୁର ଗ୍ରାମର ରାଜାରାମ ଦାସଙ୍କ ପୁଅ ଶଶିକାନ୍ତ ଦାସ ତିନି ଜଣ ମିଶି ଧାମରାରୁ କଟକ ଯାଉଥିବା ଏକ ଟ୍ରକ୍‌କୁ ଦୋଲସାହି ଗୋରୁହାଟ ନିକଟରେ ଅଟକାଇଥିଲେ। ଧମକଚମକ ଦେଇ ଡ୍ରାଇଭରଙ୍କଠାରୁ ୮୦୦ ଟଙ୍କା ଛଡ଼ାଇ ନେଇଥିଲେ। ତେବେ ଅଧିକ ଟଙ୍କା ଦାବି କରିବା ପରେ ଡ୍ରାଇଭର ନିଜ ଆକାଉଣ୍ଟରେ ଥିବା ଅବଶିଷ୍ଟ ୭୫୦ ଟଙ୍କା ଫୋନ୍ ପେ'ରେ ଦେଇ ଜୀବନ ବିକଳରେ ପଳାଇ ଆସି ତିହିଡ଼ି ଥାନରେ ଅଭିଯୋଗ କରିଥିଲେ। ୨ବର୍ଷ ତଳେ ଏକ ଲୁଟ୍ ଘଟଣାରେ ବବୁଆକୁ ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବାବେଳେ ଟ୍ରକ୍ ଡ୍ରାଇଭରଠାରୁ ଟଙ୍କା ନେବା ଘଟଣାରେ ଅନ୍ୟ ୨ ଜଣ ସତ୍ୟକାନ୍ତ ଓ ଶଶିକାନ୍ତକୁ ଗିରଫ କରାଯାଇ ବିଭିନ୍ନ ଦଫାରେ ଗିରଫ କରାଯାଇଛି।

# କଇଥଖୋଲା ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଠପ୍

**ଭଦ୍ରକ, ୧୫।୧(ସମିସ)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ଧାମରା ନିକଟସ୍ଥ କଇଥଖୋଲା ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେଉ ନ ଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସରପଞ୍ଚ ବନ ବିହାରୀ ମାଇତିଙ୍କ ଆବାହକତ୍ୱରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କଇଥଖୋଲାଠାରୁ କନକପଲ୍ଲୀ ହେଲିପ୍ୟାଡ୍ ରାସ୍ତାର ଦୈର୍ଘ୍ୟ ୨ କି.ମି ହୋଇଥିବାବେଳେ ଏହି ରାସ୍ତା କାର୍ଯ୍ୟ ପାଇଁ ଧାମରା ବନ୍ଦର କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପୁନଶ୍ଚ ୭ଲକ୍ଷ ଏହିଭଳି ୪୨ଲକ୍ଷ ଟଙ୍କା ଦେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି ରାସ୍ତା କାର୍ଯ୍ୟ ଆରମ୍ଭବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ବାଧା ଦେବା ସହ କଇଥଖୋଲା ପଞ୍ଚାୟତର ସେହି ରାଜନୈତିକ ଦଳର ଠିକାଦାରଙ୍କୁ ଏହି କାର୍ଯ୍ୟ ଦେବାକୁ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିଥିଲେ। ଫଳରେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହି ରାସ୍ତା କାର୍ଯ୍ୟ ପାଇଁ ଦେଇଥିବା ଅନୁଦାନ ଫେରସ୍ତ ନେଇଯିବା ସହ ଏହି ରାସ୍ତା କାର୍ଯ୍ୟ ବନ୍ଦ ମଧ୍ୟ କରିଦେଇଥିଲେ।




**ବାଧକ ସାଜିଛନ୍ତି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା: ବିଜେଡି**

ସେହିପରି କଇଥଖୋଲା ପଞ୍ଚାୟତର ସରପଞ୍ଚ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଥିବାବେଳେ ସେହି ସ୍ଥାନରେ କୌଣସି ସୂଚନାଫଳକ ମଧ୍ୟ ଲଗାଉ ନାହାନ୍ତି। ଫଳରେ ବିଭିନ୍ନ କାର୍ଯ୍ୟର ଅନୁଦାନ ରାଶି ଏବଂ କାର୍ଯ୍ୟ ବିଷୟରେ ପଞ୍ଚାୟତର ଲୋକମାନଙ୍କୁ ଅବଗତି କରାଉନାହାନ୍ତି। ହେଉଥିବା କାର୍ଯ୍ୟର ମାନ ମଧ୍ୟ ଠିକ୍ ହେଉ ନାହିଁ ବୋଲି ଅଭିଯୋଗ ଆସିଥିଲା। ଏଥିସହ କଇଥଖୋଲା ପଞ୍ଚାୟତରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ବହୁବାର ପଞ୍ଚାୟତବାସୀ ଦାବି କରି ଆସୁଥିବାବେଳେ ଭଦ୍ରକ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଜାଣିଶୁଣି ଏହାକୁ ସ୍ଥାନାନ୍ତରିତ କରୁନାହାନ୍ତି। ବିଦ୍ୟାଳୟ ଆଗରେ ଥିବା ଏହି ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତରିତ କରିବାକୁ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା।

ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ବନବିହାରୀ ମାଇତି, ବାକର ଅଲ୍ଲି ଖାଁ, ଅମୂଲ୍ୟ ବେହେରା, ମୁରଲୀଧର ବେହେରା, ନନ୍ଦକିଶୋର ପାତ୍ର, ମିଥୁନ ଖଟୁଆ, ରାମେଶ୍ୱର ଦାସ, ରମେଶ ଚନ୍ଦ୍ର ସାହୁ, ଗୌତମ ବର, ଶ୍ୟାମସୁନ୍ଦର ବାଗ, ରେଜାକ୍ ଅଲ୍ଲି ଖାଁ, ଅଭୟ ମାନ୍ନା, ସତ୍ୟପ୍ରକାଶ ସେଠୀ, ସେକ୍ ମୁସ୍ତାଫା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପଞ୍ଚାୟତର ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି, କଇଥଖୋଲାଠାରୁ କନକପଲ୍ଲୀ ହେଲିପ୍ୟାଡ୍ ପର୍ଯ୍ୟନ୍ତ ଥିବା ରାସ୍ତାଟି ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଅଧୀନରେ ଆସୁଥିବାବେଳେ ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ୍ ହୋଇଛି। ୨ କୋଟି ଟଙ୍କା ଏହି ରାସ୍ତା ପାଇଁ ଆକଳନ କରାଯାଇଛି, ଖୁବ୍‌ଶୀଘ୍ର ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଏଥିସହ କଇଥଖୋଲା ପଞ୍ଚାୟତରେ ସମସ୍ତ କାର୍ଯ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମାନଦଣ୍ଡ ଆଧାରରେ ହେଉଥିବାବେଳେ ସମସ୍ତ କାର୍ଯ୍ୟର ମାନ ଠିକ୍ ଅଛି ବୋଲି ନିଜର ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସରପଞ୍ଚ ବନବିହାରୀ ମାଇତି କହିଛନ୍ତି, ଜିଲ୍ଲାପାଳଙ୍କ ଦ୍ୱାରା ଏହି ସମସ୍ତ କାର୍ଯ୍ୟର ସମୀକ୍ଷା ହେଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ।



# ସେଲ୍ ସାବାସ୍ ପୁରସ୍କାର ଯୋଜନାରେ କର୍ମଚାରୀ ପୁରସ୍କୃତ




**ରାଉରକେଲା, ୧୫।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସିଜିଏମ ଇନଚାର୍ଜ (ସେବା)ଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୪ ତାରିଖରେ ସିଭିଲ୍ ଇଞ୍ଜିନିୟରିଂ ସେବା (ସିଇଏସ), ସାମଗ୍ରୀ ପୁନରୁଦ୍ଧାର ବିଭାଗ, ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସିଆଣ୍ଡଆଇଟି) ଏବଂ ଆରଆଣ୍ଡସି ଲାବୋରେଟୋରୀ (ଆରସିଏଲ) ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ଏବଂ ଅନୁକରଣୀୟ ଅବଦାନ ପାଇଁ 'ସେଲ୍‌ଫ ଶାବାସ' ପୁରସ୍କାର ପ୍ରଦାନ କରିବା ପାଇଁ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ସେବା ବିଭାଗର ସିଜିଏମ ଇନଚାର୍ଜ ଅତିଶ ଚନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ସରକାର ବିଭାଗୀୟ ଦକ୍ଷତା ବୃଦ୍ଧିରେ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନର ପ୍ରଶଂସା କରିଥିଲେ। ସେ ଅନ୍ୟମାନଙ୍କୁ ପୁରସ୍କାର ବିଜେତାଙ୍କଠାରୁ ପ୍ରେରଣା ନେବାକୁ ଏବଂ ସେମାନଙ୍କ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଥିଲେ। ଏହି ଯୋଜନା ଅଧୀନରେ ଉପରୋକ୍ତ ପ୍ରତ୍ୟେକ ବିଭାଗରୁ ଦୁଇଜଣ କରି କର୍ମଚାରୀ ପୁରସ୍କୃତ ହୋଇଥିଲେ। ଯୋଜନାର ବର୍ଗ-୨ ଅଧୀନରେ ସିଇଏସ ବିଭାଗର ଡେପୁଟି ମ୍ୟାନେଜର ନିହାର ରଞ୍ଜନ ଜେନା ଏବଂ ଆରସିଏଲ୍ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଧୀରେନ୍ଦ୍ର କୁମାର ସିଂହ ପୁରସ୍କାର ଲାଭ କରିଥିଲେ। ବର୍ଗ-୧ ଅଧୀନରେ ଜିଏମ ଅରୁଣାଂଶୁ ଶୋମ, ଆସିଷ୍ଟାଣ୍ଟ ମ୍ୟାନେଜର ରଣଜିତ ଜେନା, ସିଇଏସ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ପଣ୍ଡା ଭୂୟାଁ, ସି ଆଣ୍ଡଆଇଟି ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ରବୀନ୍ଦ୍ର ପସାୟତ ଓ ବିରୋଜ କୁମାର କବି ଏବଂ ଆରସିଏଲ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ରତନ କୁମାର ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଜିଏମ ଏସ୍. କେ. ଭୂୟାଁ, ସିଇଏସ ବିଭାଗର ଜିଏମ ଇନଚାର୍ଜ ପବନ ଗୁପ୍ତା, ସିଆଣ୍ଡ ଆଇଟି ବିଭାଗର ଜିଏମ ଇନଚାର୍ଜ ସୁମିତା ଭଟ୍ଟାଚାର୍ଯ୍ୟ, ଆରସିଏଲ ବିଭାଗର ଜିଏମ ଇନଚାର୍ଜ ରମାଶଙ୍କର ଶର୍ମା, ସିଆଣ୍ଡ ଆଇଟି ବିଭାଗର ଜିଏମ ଧୀରେନ୍ଦ୍ର ମହାପାତ୍ର ଏବଂ ଉଜ୍ଜ୍ୱଳେଶ୍ୱର ବେହେରା ଉପସ୍ଥିତ ଥିଲେ। ଜିଏମ୍ (ଟେକ୍ନିକାଲ୍) ପି. ପ୍ରସାଦ ପରିଚାଳନା କରିଥିଲେ।

# ବୋଲାଣି ଓର୍ ମାଇନ୍ସରେ ଫେଲ୍-ସେଫ୍ ବ୍ରେକିଂ କୌଶଳ

**ରାଉରକେଲା, ୧୫।୧(ସମିସ)**

ସେଲ ଅଧୀନ ବୋଲାଣି ଓର୍ ମାଇନ୍ସ (ବିଓଏମ)ରେ ଡାଉନହିଲ୍ କନଭେୟର ପିସି -୮ରେ ଏକ ଉନ୍ନତ 'ଫେଲ୍-ସେଫ୍ ଡିସ୍କ ବ୍ରେକିଂ' ସିଷ୍ଟମକୁ ସଫଳତାର ସହ ସ୍ଥାପନ କରାଯାଇଛି। ଯାହା କନ୍‌ଭେୟର ସିଷ୍ଟମର ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଉଲ୍ଲେଖନୀୟ ଯେ, ବ୍ରେକିଂ ବ୍ୟବସ୍ଥା ଡାଉନହିଲ୍ କନଭେୟରର ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପାଦାନ ଅଟେ। ପୂର୍ବରୁ, ବୋଲାଣି ଓର୍ ମାଇନ୍ସର ଡାଉନହିଲ୍ କନଭେୟର ପିସି-୮ ଥ୍ରଷ୍ଟର ବ୍ରେକିଂ ସିଷ୍ଟମ ସହିତ ସମସ୍ୟାର ସମ୍ମୁଖୀନ ହୋଇଥିଲା, ବିଶେଷକରି ଲୋଡ୍ ହୋଇଥିବା ପରିସ୍ଥିତିରେ ଏବଂ ବିଦ୍ୟୁତ୍ ନ ଥିବା ସମୟରେ ଏଭଳି ସମସ୍ୟା ଦେଖାଦେଉଥିଲା ଯାହା ଅଧିକ ନିର୍ଭରଯୋଗ୍ୟ ବ୍ରେକିଂ ସମାଧାନର ଆବଶ୍ୟକତା କରୁଥିଲା। ସମସ୍ୟାର



ସମାଧାନ କରିବା ଦିଗରେ, ବୋଲାଣି ଓର୍ ମାଇନ୍ସର ସାମୂହିକ ବିଦ୍ୟମାନ ଥ୍ରଷ୍ଟର ବ୍ରେକଗୁଡ଼ିକୁ ପରିପୂରକ କରିବା ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମ ସ୍ଥାପନ କରିବାର ଧାରଣା ଦେଇଥିଲେ। ଡ୍ରାଇଭ୍ ପୁଲିର କମ୍-ଗତି ପାର୍ଶ୍ୱରେ ଡିସ୍କବ୍ରେକ୍ ସ୍ଥାପନ କରାଯାଇଥିଲା, ଯାହାପାଇଁ ଏକ ବିସ୍ତାରିତ ଶାଫ୍ଟ ସହିତ ଏକ ପରିବର୍ତ୍ତିତ ଡ୍ରାଇଭ୍ ଡ୍ରମ୍ ସ୍ୱତନ୍ତ୍ର ଭାବରେ କ୍ରୟ ହୋଇଥିଲା। ଏହା ବ୍ରେକିଂ ସିଷ୍ଟମକୁ ଅଣାଯିବା ସହ ଏହି ବ୍ୟବସ୍ଥାକୁ ସଫଳତାର ସହିତ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସିଷ୍ଟମଟି ସାଧାରଣ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବ୍ରେକିଂ ନିର୍ଭରଯୋଗ୍ୟତା, କାର୍ଯ୍ୟକ୍ଷମ ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଆତ୍ମବିଶ୍ୱାସରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏହା ଏକ ଫେଲ-ସେଫ ନୀତିରେ କାର୍ଯ୍ୟ କରୁଥିବା, ଡିସ୍କ ବ୍ରେକିଂ ସିଷ୍ଟମ ପାୱାର ଫେଲର କିମ୍ବା ସିଷ୍ଟମ ବିଫଳତା ସମୟରେ ସ୍ୱୟଂଚାଳିତ ବ୍ରେକ୍ ପ୍ରୟୋଗକୁ ସୁନିଶ୍ଚିତ କରେ, ଯାହାଦ୍ୱାରା ବ୍ରେକିଂ ପ୍ରଭାବଶାଳୀତା ଏବଂ ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଉଲ୍ଲେଖନୀୟ ଯେ, ଏହା ସେଲ ଖଣିରେ ପ୍ରଥମ ଥର ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମର ସ୍ଥାପନ ହୋଇଛି ଯାହା, ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ହେବା ସହିତ ସମଗ୍ର ସେଲର ଖଣି କାର୍ଯ୍ୟଗୁଡ଼ିକରେ ଡାଉନହିଲ୍ କନଭେୟର ସିଷ୍ଟମରେ ଉନ୍ନତ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଉନ୍ନତ ବ୍ରେକିଂ କୌଶଳ ଗ୍ରହଣ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି।

# ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଜମି ଭିତରକୁ ପଶିଗଲା ଟ୍ରକ୍

**ବଣାଇଁ, ୧୫।୧(ସମିସ):** ବଣାଇଁ ଥାନା ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥ କେନାଭେଟା ଛକ ନିକଟରେ ଜଣେ ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଏକ ୧୨ ଚକିଆ ଟ୍ରକ୍ ଜମି ଭିତରକୁ ପଶିଯାଇ ଥିବା ଜଣାପଡ଼ିଛି। ସୌଭାଗ୍ୟ ବଶତଃ ଏକ ବଡ଼ ଦୁର୍ଘଟଣାରୁ ବାଇକ୍ ଆରୋହୀଙ୍କ ସମେତ ଟ୍ରକ ଡ୍ରାଇଭର ବର୍ତ୍ତିଛନ୍ତି। ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ ବାରକୋଟ ପଟୁ ଏକ ୧୨ ଚକିଆ ଯାନ ରାଜଗାଙ୍ଗପୁର ଅଭିମୁଖେ ଯାଉଥିବା ବେଳେ କେନାଭେଟା ଛକ ନିକଟରେ ହଠାତ୍ ଜଣେ ବାଇକ୍ ଆରୋହୀ ଗାଡ଼ି ସାମ୍ନାକୁ ଚାଲି ଆସିଥିଲା। ବାଇକ୍ ଆରୋହୀକୁ ବଞ୍ଚାଇବାକୁ ଯାଇ ଟ୍ରକ ଡ୍ରାଇଭର ଚେଷ୍ଟା କରି ସଫଳ ହୋଇଥିଲେ ମଧ୍ୟ ଭାରସାମ୍ୟ ହରାଇ ଟ୍ରକ୍‌ଟି ଜମି ଭିତରକୁ ପଶିଯାଇଥିଲା। ଟ୍ରକ୍ ଡ୍ରାଇଭର ଜଣକ କେବିନ୍ ଭିତରେ ପିଟି ହୋଇ ଆହତ ହୋଇଥିବାବେଳେ ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ବଣାଇଁ ଡାକ୍ତରଖାନା ପଠାଇ ତଦନ୍ତ କରୁଥିବା ଜଣାପଡ଼ିଛି।



# ବଣାଇଁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ବଣାଇ, ୧୫।୧(ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥାନୀୟ ପ୍ରଶାସନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବଣାଇଁ ରାଜା ଧରଣୀଧର ଖେଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟପିଲ୍ଲେ ଯୋଗଦେଇ ଥିଲେ। ସାଧାରଣତନ୍ତ୍ର ଦିବସକୁ କେମିତି ସୁନ୍ଦର ଭାବେ ପାଳନ କରାଯିବ ସେ ବିଷୟରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ସକାଳ ୬ଟାରେ ବଣାଇଁର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିଭାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବିକ୍ରାନ୍ତ ପାତ୍ର, ବଣାଇଁ କଲେଜ ଅଧ୍ୟକ୍ଷ ଜେନାମଣି ସାହୁ, ବଣାଇଁ ସରପଞ୍ଚ ନମିତା ନାଗ, ଏସ୍‌ଡିଏମ୍‌ଓ ମନୋଜ କୁମାର ପତି, ଅତିରିକ୍ତ ତହସିଲଦାର ଜ୍ଞାନରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବଣାଇଁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି



**ରାଉରକେଲା, ୧୫।୧(ସମିସ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ସଦଭାବନା ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୧, ୨୨ ଏବଂ ୨୪ ତାରିଖ ଦିନ ସକାଳ ୭:୩୦ ଟା ସମୟରେ ପରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଗୁଡ଼ିକ ଆୟୋଜିତ ହେବ। ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିଭଳି ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସକ୍ଲବ ଏବଂ ଜିଲ୍ଲା ବାର ଆସୋସିଏସନ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଡେପୁଟି କଲେକ୍ଟର ଅଶ୍ୱନୀ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶୁଦ୍ଧପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ବଣାଇଁ, ୧୫।୧(ସମିସ):** ବଣାଇଁଗଡ଼ ସହରସ୍ଥ ରଥଛକ ନିକଟରେ ରୁଙ୍ଗଟା ଖଣିର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏକ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିବା ବେଳେ ଆଜି ଏହାକୁ ସର୍ବସାଧାରଣଙ୍କ ନିମିତ୍ତ ଉଦ୍‌ଘାଟିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗଦେଇ ସର୍ବସାଧାରଣଙ୍କ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ। ଫକୀର ମୋହନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବରିଷ୍ଠ ବିଜେପି ନେତ୍ରୀ ଦିବ୍ୟମଞ୍ଜରୀ ଶେଖର ଦେଓ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ରୁଙ୍ଗଟା ଖଣିର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ସ୍ଥାନରେ ପାନୀୟଜଳ ପ୍ରକଳ୍ପ ଖୁବ୍ ଆବଶ୍ୟକତା ଥିଲା, ଏଥିପାଇଁ ଅଞ୍ଚଳବାସୀ ଉପ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ପ୍ରଶାନ୍ତ କୁମାର ଜେନା, ସହକାରୀ ନାଜିର ଲଳିତ କୁମାର ପାତ୍ରଙ୍କ ସମେତ ଉକ୍ତ ଅଞ୍ଚଳବାସୀ ସାମିଲ ଥିଲେ।



## ବାସନ୍ତୀ ପରିଷଦର ନୂତନ କାର୍ଯ୍ୟକର୍ତ୍ତା ଚୟନ

# ରାମଚନ୍ଦ୍ର ସଭାପତି ଓ ଅକ୍ଷୟ ସାଧାରଣ ସମ୍ପାଦକ



**ରାଉରକେଲା, ୧୫।୧(ସମିସ):** ସହରର ବହୁ ପୁରାତନ ସାମାଜିକ ସାଂସ୍କୃତିକ ସଂଗଠନ ବାସନ୍ତୀ ପରିଷଦର ଆଗାମୀ ତିନି ବର୍ଷ ତଥା ମା' ବାସନ୍ତୀକ ଦୁର୍ଗାପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଚଳିତବର୍ଷ ଦୁର୍ଗାପୂଜା ପାଇଁ ସ୍ଥାନୀୟ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଖଡ଼ଗ ମନ୍ଦିରରେ ବାସନ୍ତୀ ପରିଷଦର ସାଧାରଣ ପରିଷଦ ବୈଠକ ପରିଷଦର ସଭାପତି ଶଶଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗମୀ ପୂଜାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବରେ ପାଳନ ପାଇଁ ସର୍ବସମ୍ମତି କ୍ରମେ ଏକ ନୂତନ କମିଟି ଗଠିତ ହୋଇଥିଲା। ଉକ୍ତ କମିଟିରେ ସଭାପତି ଭାବେ ରାମଚନ୍ଦ୍ର ଗୌଡ଼, କାର୍ଯ୍ୟକାରୀ ସଭାପତି ଉଗ୍ରସେନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ସେହିପରି ୫ ଜଣିଆ ଉପସଭାପତି ମଣ୍ଡଳୀରେ ବୃନ୍ଦାବନ ମାହାନ୍ତି, ଆସି ଟୁଡୁ, ରବୀନ୍ଦ୍ର ବାରିକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ ଓ କମଳାକାନ୍ତ ବେହେରା ପ୍ରମୁଖ ରହିଛନ୍ତି। ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ସାହୁ ଚୟନ ହୋଇଥିବାବେଳେ ତାଙ୍କୁ ସହଯୋଗ କରିବା ପାଇଁ ଯୁଗ୍ମ ସମ୍ପାଦକ ଭାବେ ଭବାନୀଶଙ୍କର ଦାସ, ରାଜପ୍ତି ପାଲ, ସୁବାସ ଚନ୍ଦ୍ର ପଣ୍ଡା ଓ ଧନେଶ୍ୱର ସେଠୀ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ ପ୍ରହ୍ଲାଦ ଚନ୍ଦ୍ର ନାୟକ ଚୟନ ହୋଇଥିବା ବେଳେ ସମସ୍ତ କମିଟି ମଧ୍ୟରେ ସମନ୍ୱୟ ଓ ସଂଯୋଗ ରଖି ପୂଜା ସୂଚାରୁ ସମ୍ପାଦନା ପାଇଁ ସଞ୍ଜୀବ କୁମାର ନାୟକଙ୍କୁ ମୁଖ୍ୟ ସଂଯୋଜକ ଭାବେ ଚୟନ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବେ ନିରଞ୍ଜନ ଶତପଥୀ, ବି. ମିଶ୍ର ରହିଛନ୍ତି। ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଏମାନଙ୍କ ଠାରୁ କମିଟି ଆବଶ୍ୟକୀୟ ମତାମତ ଓ ଉପଦେଶ ନେଇ କାର୍ଯ୍ୟ କରିବେ। ଉପଦେଷ୍ଟା ମଣ୍ଡଳୀରେ ଶଶଧର ପାତ୍ର, ନିରଞ୍ଜନ ଖଣ୍ଡାୟତ ରାୟ, ଏଚ୍.କେ. ପରିଡ଼ା, ସତ୍ୟବାନ୍ ରାଉତ, ଅନିରୁଦ୍ଧ ବିଶ୍ୱାଳ, ନିଳମଣି ଜେନା, ସୁପ୍ରକାଶ ତ୍ରିପାଠୀ ଓ ଭାସ୍କର ପୁହାଣ ରହିଛନ୍ତି। ଉକ୍ତ ବୈଠକରେ ପ୍ରଦୀପ ମହାପାତ୍ର, ଧନଞ୍ଜୟ ଦାସ, ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ଲହୁଣୀପଡ଼ା ଡିଏସ୍କ ସ୍ପୋର୍ଟସ କ୍ଲବ୍ ଚାମ୍ପିଅନ

**ଲହୁଣୀପଡ଼ା, ୧୫।୧(ସମିସ):** ରାଜାମୁଣ୍ଡା କ୍ରିକେଟ ଖେଳପଡ଼ିଆଠାରେ ଚାଲିଥିବା ତିନି ଦିନିଆ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ଖେଳରେ ଲହଙ୍ଗାପଡ଼ା କ୍ରିକେଟ କ୍ଲବ ଦଳକୁ ହରାଇ ଲହୁଣିପଡ଼ା ଡି ଏସ୍କ ସ୍ପୋର୍ଟସ କ୍ଲବ କ୍ରିକେଟ ଦଳ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଜୟ ପଣ୍ଡା ଯୋଗ ଦେଇଥିଲେ। ଆୟୋଜକ ରାଜା ମୁଣ୍ଡା ସ୍ପୋଟ କ୍ଲବର ସଭାପତି ଅଭିଜିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲ।






# ଜାତୀୟ ସିନିୟର ଖୋ ଖୋ ଚାମ୍ପିଅନସିପ୍‌ରେ ବିଶାଳଙ୍କ ସଫଳତା



**ରାଉରକେଲା, ୧୫।୧(ସମିସ)**

କାଜିପେଟ୍, ତେଲେଙ୍ଗାନାଠାରେ ଆୟେଜିତ ୫୮ ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିଅନସିପରେ ଓଡ଼ିଶା ମହିଳା ଦଳ ରୌପ୍ୟ ଓ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛି। ରାଜ୍ୟ ପୁରୁଷ ଦଳରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଳ ଓରାମ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସେ ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ ଅଟନ୍ତି। ବିଶାଳ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ର। ରାଜ୍ୟସ୍ତରୀୟ ଖୋ ଖୋ ରେଫ୍‌ରି ତଥା ପ୍ରଶିକ୍ଷକ ଅନିଲ ସାହୁ ନେତୃତ୍ୱରେ ବିଶାଳ କ୍ରୀଡା ଅଭ୍ୟାସ ଜାରି ରଖିଛନ୍ତି ଓ ଓଡ଼ିଶା ଏଏମ/ଏନଏସ୍ ଭାରତ ଖୋଖୋ ଉଚ୍ଚପ୍ରଦର୍ଶନ କେନ୍ଦ୍ର (ଏଚପିସି) ପୁରୀରେ ରହି ଖେଳ ଅଭ୍ୟାସ କରୁଛନ୍ତି। ନିଜ ପ୍ରତିଭା ବଳରେ ବିଶାଳ ବର୍ତ୍ତମାନ ଯାଏ ୧୨ ଥର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ, ଚାରିଟି ରୌପ୍ୟ ଓ ଚାରିଟି କାଂସ୍ୟ ପଦକ ହାସଲ କରିଛନ୍ତି। ବିଶାଳଙ୍କ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ସାହୁ ଶୁଭେଚ୍ଛା ଜଣାଇଛନ୍ତି।

### ଧାନ ବିକ୍ରି ସମସ୍ୟା ନେଇ କଂଗ୍ରେସ ସଭାପତିଙ୍କ ଧାରଣା

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

ଦେବଗଡ଼, ୧୫ା୧(ସମିସ)



ଦାବି ପୂରଣ ପାଇଁ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ଧାନ କ୍ରୟରେ ଚରମ ଅବ୍ୟବସ୍ଥା ଓ କଟନିଛଟନି ଆଦି ବିଭିନ୍ନ ସମସ୍ୟାର ପ୍ରତିବାଦରେ ଗତ ୧୩ ତାରିଖ ଠାରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ଆମରଣ ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଆଜି ପ୍ରଶାସନ ପକ୍ଷରୁ ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା ଓ ଡିଆରସିଏସ୍ ଭୀମସେନ ସାହୁ ପ୍ରମୁଖ ଅନଶନ ସ୍ଥଳୀରେ ପହଞ୍ଚି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ହେମ୍ବ୍ରମଙ୍କ ସହିତ ଆଲୋଚନା କରିଥିଲେ।

ଏହି ଅବସରରେ ବିଲୁଙ୍ଗ ଯୋଗ୍ୟତା ଥାଇ ଟୋକନ ପାଇବାରୁ ବଞ୍ଚିତ ଚାଷୀଙ୍କୁ ଟୋକନ ପ୍ରଦାନ ନେଇ ନିର୍ଭର ପ୍ରତିଶ୍ରୁତି ଦେଥିଲେ। ଏଥିସହିତ କଟନିଛଟନି ନେଇ ଚାଷୀ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ସରକାରୀ ନୀତି ନିୟମ ଅନୁଯାୟୀ ଚାଷୀଙ୍କୁ ବସ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ଅନଶନ ପ୍ରତ୍ୟାହାର ନିମନ୍ତେ ଶ୍ରୀ ହେମ୍ବ୍ରମଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମ ଏଥିରେ ରାଜି ହେବାରୁ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗ ତାଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସର ଉପସଭାପତି ସସ୍ମିତା ବେହେରା ଓ ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ ନାଏକଙ୍କ ସମେତ ଜିଲ୍ଲା କୃଷକ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସର ଉପସଭାନେତ୍ରୀ ସସ୍ମିତା ବେହେରା ଦେବଗଡ଼ ଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ସ୍ଥଳୀରେ ପହଞ୍ଚି ଅନଶନକାରୀ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମର୍ଥନ ଜଣାଇଥିଲେ। ଏଥିସହ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବି ଗୁଡିକ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲା କୃଷକ ସଂଘର୍ଷ ସଂଘ ଓ ଜିଲ୍ଲା ଆଦିବାସୀ ମହାସଂଘର ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଅନଶନ ସ୍ଥଳୀରେ ପହଞ୍ଚି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ହେମ୍ବ୍ରମଙ୍କୁ ସମର୍ଥନ ଜଣାଇଥିଲେ। ଅନ୍ୟ ପକ୍ଷରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ମଧ ଫୋନ ଯୋଗେ ଜିଲ୍ଲାପାଳ ଶ୍ରୀ ସାହୁଙ୍କ ସହ ଆଲୋଚନା କରିଥିବା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ମିଳିଛି।

## ବିପୁଳ ପରିମାଣରେ ମହୁଲଫାଶ ନଷ୍ଟ

କୋଲାବିରା, ୧୫ା୧(ସମିସ): ଦେଶୀ ମଦ ପ୍ରସ୍ତୁତ କରି ବେପାର କରିବା ପାଇଁ କୋଲାବିରା ଅଞ୍ଚଳକୁ ମଦ ଚୋରା ବେପାରୀ ସୁରକ୍ଷିତ ମଣୁଛନ୍ତି। ନିୟମିତ ଭାବେ ଅବକାରୀ ବିଭାଗ ଆଉ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣରେ ରନ୍ଧା ମଦ, ମହୁଲ ଫାଶ, ପ୍ରସ୍ତୁତି ସାମଗ୍ରୀ ଆଦି ଧରାଯାଇ ନଷ୍ଟ କରାଯାଉଛି। ହେଲେ ଏହି କାରବାର କରୁଥିବା ଲୋକେ ଧୂର୍ତ୍ତତାର ସହିତ ନିତିଦିନ ସ୍ଥାନ ପରିବର୍ତ୍ତନ କରି, ନୂଆ ନୂଆ ଉପାୟରେ ଏହି ବେଆଇନ କାମ କରି ଚାଲିଛନ୍ତି। ଏହି କ୍ରମରେ ଆଜି ଭୋରରୁ କୋଲାବିରା ପଞ୍ଜିକୃତ ଦେଶୀ ଭାଟିର କର୍ମଚାରୀ ମାନଙ୍କୁ ନେଇ କୋଲାବିରା ପୁଲିସ କୋଉଠି ମଦରନ୍ଧା ହେଉଛି ଖୋଜଖବର ନେବାକୁ ରୁଟିନ ଡ୍ୟୁଟିରେ ବାହାରିଥିଲେ। କୋଲାବିରା ଥାନା ଅନ୍ତର୍ଗତ ଆମଝରନ ଗାଁ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମଦ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପୁଲିସ ଅଚାନକ ଛାପା ମାରିଥିଲା। ପୁଲିସକୁ ଦେଖି ସେଠାରେ ଉପସ୍ଥିତ ଲୋକେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଉକ୍ତ ସ୍ଥାନରୁ ବିପୁଳ ପରିମାଣରେ ମଦରନ୍ଧା ପାଇଁ ରଖାଯାଇଥିବା ମହୁଲଫାଶ ଜବତ ହୋଇ ପାରିଥିଲା। ପାଖାପାଖି ୫ କ୍ୱିଣ୍ଟାଲରୁ ଅଧିକ ବତୁରା ଯାଇଥିବା ମହୁଲ ଫାଶକୁ ଜବତ କରିବା ସହିତ ସେଠାରେ ନଷ୍ଟ କରାଯାଇଥିଲା।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଦେବଗଡ଼, ୧୫ା୧(ସମିସ): ଜଣେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ ଅଭିଯୋଗରେ ରିଆମାଳ ଥାନା ପୁଲିସ ଗୁରୁବାର ମୁଣ୍ଡଗୋହିରା ଭଦ୍ରସାହିର ଜଣେ ୨୮ ବର୍ଷୀୟ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ଦେବଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୬ ମସିହାରୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରେମ ଫାଶରେ ଫସାଇ ସମ୍ପର୍କ ସ୍ଥାପନ କରିଥିଲା। କିଛିଦିନର ମିଳାମିଶା ପରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଷ୍କର୍ମ କରିଥିଲା। ବିବାହ ବୟସ ହେବା ପରେ ପ୍ରେମିକାଙ୍କ ପରିବାର ଲୋକେ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଅଭିଯୁକ୍ତ ଯୁବକ ରୋକଠୋକ ମନା କରି ଦେଇଥିଲା। ଫଳରେ ପୀଡିତା ଜଣକ ଦେବଗଡ଼ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ୨୦୨୫ରେ ଅଭିଯୁକ୍ତ ବିରୁଦ୍ଧରେ ପକ୍ସୋ ସମେତ ବିଭିନ୍ନ ସଙ୍ଗୀନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଆଜି ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ବାବା ଝାଡ଼େଶ୍ୱରଙ୍କ ପୀଠର ଉନ୍ନୟନମୂଳକ କାର୍ଯ୍ୟାରମ୍ଭ

ଝାରସୁଗୁଡ଼ା, ୧୫ା୧(ସମିସ): ଝାରସୁଗୁଡ଼ା ପୌର ପରିଷଦ ଅଧୀନ ଝାରସୁଗୁଡ଼ାର ଆରାଧ୍ୟ ପ୍ରଭୁ ବାବା ଝାଡେଶ୍ୱରଙ୍କ ପୀଠର ଉନ୍ନତି ସକାଶେ ରାଜ୍ୟ ସରକାର ଦେଇଥିବା ୪.୫ କୋଟି ଟଙ୍କାର ଅନୁଦାନ ରାଶିର କାର୍ଯ୍ୟାରମ୍ଭ ଗୁରୁବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ କରକମଳରେ ଶୁଭାରମ୍ଭ କରାଯାଇଛି। ଝାରସୁଗୁଡ଼ାର ପ୍ରସିଦ୍ଧ ଶୈବ ପୀଠ ଓ ଜିଲ୍ଲାର ଆରାଧ୍ୟ ଦେବତା ବାବା ଝାଡେଶ୍ୱରଙ୍କ ପୀଠର ଉନ୍ନତି ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ ଆଜି ନିଅଖୋଲି ନଡିଆ ଭାଙ୍ଗି କାର୍ଯ୍ୟର ଆରମ୍ଭ କରିଛନ୍ତି। ପୀଠର ଉନ୍ନତି ପାଇଁ ବିଧାୟକଙ୍କ ପ୍ରଚେଷ୍ଟାରେ ପାଖାପାଖି ୪.୫ କୋଟି ଅନୁଦାନ ରାଶି ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏହାଦ୍ୱାରା ଝାଡେଶ୍ୱର ପୀଠର ପାରିପାର୍ଶିକ ବିକାଶ, ପୂଜା ମଣ୍ଡପ ଏବଂ ପାର୍କ ନିର୍ମାଣରେ ସହାୟକ ହୋଇପାରିବ। ଏହା ସହିତ ବିଭିନ୍ନ ପର୍ବ ଯଥା ଶିବରାତ୍ରି, ଶ୍ରାବଣ ସୋମବାର ତଥା ମକର ସଂକ୍ରାନ୍ତି ପରି ଦିନ ମାନଙ୍କରେ ହେଉଥିବା ଭିଡ ନିୟନ୍ତ୍ରଣ ହେବା ସହିତ ଭକ୍ତ ମାନେ ବହୁ ସୁବିଧା ପାଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି ଅନୁଦାନ ରାଶିର କାର୍ଯ୍ୟାରମ୍ଭ ସମୟରେ ବିଧାୟକଙ୍କ ସହିତ ଝାରସୁଗୁଡ଼ା ପୌର ପରିଷଦର ଇଓ ମାନସରଞ୍ଜନ ମଲ୍ଲିକ, ଝାଡେଶ୍ୱର ମନ୍ଦିର କମିଟିର କର୍ମକର୍ତ୍ତା ତଥା ବହୁ ଭାଜପା କର୍ମୀ ଏବଂ ଝାରସୁଗୁଡ଼ା ପୌର ପରିଷଦର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଫେବୃଆରୀ ୧ରେ ନବଦିଗନ୍ତ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରିଆମାଳ, ୧୫ା୧(ସମିସ): ରାଜ୍ୟର ଅନ୍ୟତମ ପ୍ରମୁଖ ସାହିତ୍ୟ ସଂସଦ ଭାବେ ପରିଚିତ ଦେବଗଡ଼ ଜିଲ୍ଲା ରିଆମାଳ ନବଦିଗନ୍ତ ସାହିତ୍ୟ ସଂସଦର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳନ କରାଯିବ। ସଂସଦର ସଭାପତି ପଣ୍ଡିତ ଜଳନ୍ଧର ଦାସଙ୍କ ସଭାପତିତ୍ୱରେ ଆସନ୍ତା ଫେବୃଆରୀ ମାସ ୧ରେ ବାର୍ଷିକ ଉତ୍ସବ ପାଳିତ ହେବ। ଏହି ଉତ୍ସବ ପାଇ ୬୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏ ନେଇ ସମ୍ପାଦକ ଅଧ୍ୟାପକ ଗୋଲବଦନ ବିଶ୍ୱାଳ ସୂଚନା ଦେଇଛନ୍ତି। ଉତ୍ସବରେ ବହୁ କବି କବୟିତ୍ରୀ, ସାହିତ୍ୟ ପ୍ରେମୀ ଓ ସାରସ୍ୱତ ସାଧକ ଯୋଗ ଦେବାକୁ ସମ୍ପାଦକ ଅନୁରୋଧ କରିଛନ୍ତି। ଏହି ସଂସଦ ବହୁ ପ୍ରତିଭାବାନ ସାହିତ୍ୟିକ, କବି, କବୟିତ୍ରୀ ସୃଷ୍ଟି କରି ସାହିତିକ୍ୟଙ୍କ ପାଇଁ ଏକ ପ୍ରମୁଖ ସଂସଦ ଭାବେ ପରିଚିତ ହୋଇପାରିଛି।

## ଗାଁ ସାଥୀ ସଙ୍ଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ରିଆମାଳ, ୧୫ା୧(ସମିସ): ରିଆମାଳ ବ୍ଲକର ସମସ୍ତ ପଞ୍ଚାୟତ ଗାଁ ସାଥୀ ସେମାନଙ୍କ ୭ଟି ଦାବିକୁ ସରକାର ପୂରଣ କରିନେବା ପାଇଁ ସରକାରୀ ଭାବେ ଏକ ଚିଠି ଦେବଗଡ଼ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ପ୍ରକଳ୍ପ ଅଧିକାରୀ ମଧ୍ୟ ବିଡିଓଙ୍କୁ ଜଣାଇଛନ୍ତି। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ଚିଠି ପଠାଯାଇ ନ ଥିବାରୁ ଗାଁ ସାଥୀ ମାନେ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ତୁରନ୍ତ ଏହାର ସତ୍ୟାସତ୍ୟ ଜଣାଇବାକୁ ରିଆମାଳ ବ୍ଲକ ଗାଁ ସାଥୀ ସଙ୍ଘ ପକ୍ଷରୁ ବିଡିଓ ଆଦିତ୍ୟ ପଣ୍ଡାଙ୍କୁ ସମାଧାନ ପାଇଁ ପତ୍ର କରାହୋଇଛି। ଗାଁ ସାଥି ମାନେ ଅନେକ ଦିନରୁ ବହୁ ସମସ୍ୟା ଦେଇ ଗତି କରୁଥିବା ବେଳେ ତୁରନ୍ତ ଏହାର ସମାଧାନ କଲେ ପଞ୍ଚାୟତର ସମସ୍ତ ଗାଁ ସାଥୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଜି ଏହି ପତ୍ର ଦେବା ବେଳେ ସଦାନନ୍ଦ ବେହେରା, ନଳିନୀ ବେହେରା, ଡିଲେଶ୍ୱର ବେହେରା, ଗଣେଶ୍ୱର ବେହେରା, ଲବଣୀକାନ୍ତ ସାହୁ, ସନ୍ତୋଷ ମୁଣ୍ଡା ସମେତ ବହୁ ଗାଁ ସାଥୀ ଉପସ୍ଥିତ ଥିଲେ।

## ଶିଳ୍ପ ସଂସ୍ଥାଙ୍କ ବେଆଇନ ଜବରଦଖଲ ଅଭିଯୋଗରେ ଡିଆର୍ଏମ୍ଙ୍କୁ ଦାବିପତ୍ର

ଝାରସୁଗୁଡ଼ା, ୧୫ା୧(ସମିସ): ଶ୍ରୀପୁରାରୁ ଠେଲକୋଲୋଇ ମଧରେ ଥିବା ଇଷ୍ଟକୋଷ୍ଟ ରେଲୱେ ଜମିକୁ କିଛି କମ୍ପାନୀ ବେଆଇନ ଭାବେ ଜବରଦଖଲ କରି ବ୍ୟବହାର କରୁଛନ୍ତି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଶ୍ରୀପୁରା ଗ୍ରାମବାସୀ ସମ୍ବଲପୁର ଡିଆରଏମଙ୍କ ଉଦ୍ଦେଶ୍ୟରେ ଇଷ୍ଟକୋଷ୍ଟ ରେଲୱେର ବୃନ୍ଦାମାଲ କାର୍ଯ୍ୟାଳୟରେ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ କିଛି ଶିଳ୍ପ କମ୍ପାନୀ ତାଙ୍କର ଭାରୀ ଶିଳ୍ପ ଯାନବାହାନ ଚଳାଚଳ ପାଇଁ ରେଳବାଇ ଜମି ଉପରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଫଳରେ ରେଳବାଇ ସମ୍ପତ୍ତି ସହିତ ନିକଟସ୍ଥ ଜଙ୍ଗଲ ଜମି ମଧ ଅବୈଧ ଭାବେ ଦଖଲ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଧୀରେ ଧୀରେ ଏହି କମ୍ପାନୀ ଗୁଡିକ ରେଲୱେ ବିଭାଗର ଜମି ଏବଂ ଜଙ୍ଗଲ ଜମି ଉପରେ ନିଜର କର୍ତ୍ତୃତ୍ୱ ଜାହିର କରି ବସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବେଆଇନ ଦଖଲ ଯୋଗୁଁ ଅସାମାଜିକ ବ୍ୟକ୍ତି ଏବଂ ଗୋଷ୍ଠୀ ମାନେ ମଧ ସକ୍ରିୟ ହୋଇଛନ୍ତି। ଫଳରେ ଅବୈଧ ଲଘୁ ଖଣିଜ ପଦାର୍ଥ ଯୋଗାଣ, କୋଇଲା ଚୋରି ଭଳି କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହା ସହିତ, ଶିଳ୍ପ ସଂସ୍ଥାଗୁଡିକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ରେଳବାଇ ଜମିରେ ଥିବା ଗଛ ଗୁଡିକୁ ମନଇଚ୍ଛା କାଟୁଛନ୍ତି। କେତେକ ସ୍ଥାନରେ ପ୍ରାକୃତିକ ନାଳ ଓ ଜଳସମ୍ପଦକୁ ମଧ ଜବରଦଖଲ କରାଯାଇଛି। ଗ୍ରାମବାସୀମାନେ ସମ୍ବଲପୁର ଡିଆରଏମଙ୍କୁ ଦେଇଥିବା ଦାବିପତ୍ରରେ ଦାବି କରିଛନ୍ତି ଯେ, ରେଲୱେ ବିଭାଗ ଏବଂ ପ୍ରଶାସନ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ରେଳବାଇ ଜମିକୁ ଜବରଦଖଲ ମୁକ୍ତ କରୁ। ପରିବେଶ ସୁରକ୍ଷା ପାଇଁ ଏହି ଜମିରେ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି କରିବାକୁକୁ ଅନୁମତି ପ୍ରଦାନ କରୁ। ଦାବିପତ୍ର ଦେବା ସମୟରେ ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେଙ୍କ ସହିତ ଶତାଧିକ ଶ୍ରୀପୁରା ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ଭିନୀତ ସିଂଙ୍କୁ ପଚାରିବାରୁ କମ୍ପାନୀ ମାନେ ପ୍ରକୃତରେ ଯଦି ରେଲୱେ ଜମିକୁ ବେଆଇନ ଭାବେ ଦଖଲ କରୁଛନ୍ତି, ତେବେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ମିଥ୍ୟା କାଗଜପତ୍ରରେ ଜମି ହଡ଼ପ ଘଟଣା, ଅଭିଯୁକ୍ତ ଗିରଫ

ଦେବଗଡ଼, ୧୫ା୧(ସମିସ): ଶ୍ୱଶୁରଙ୍କ ମୃତ୍ୟୁ ପରେ ମିଥ୍ୟା କାଗଜପତ୍ର ଦାଖଲ କରି ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ସହ ଶ୍ୱଶୁରଙ୍କ ଜମି ହଡପ ଘଟଣାରେ ଅଭିଯୁକ୍ତ ଜ୍ୱାଇଁକୁ ଗିରଫ କରି ଦେବଗଡ଼ ଜିଲ୍ଲା ଲଇମୁରା ଥାନା ପୁଲିସ ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଲଇମୁରା ଥାନା ଦେଓପାଣି ଗାଁର ସ୍ୱର୍ଗତ ଲୋକନାଥ ମହାକୁଳଙ୍କ ପୁଅ ରଞ୍ଜିତ ମହାକୁଳ (୫୩) ବୋଲି ଜଣାପଡ଼ିଛି। ରଞ୍ଜିତ ଦେଓପାଣି ଗାଁର ଲକ୍ଷ୍ମଣ ଗୌଡଙ୍କ ଝିଅକୁ ବିବାହ କରିଥିବା ବେଳେ ବିବାହର କିଛି ବର୍ଷ ପରେ ଶ୍ୱଶୁର ଏବଂ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା।

**ସନ୍ଦେହରେ ତହସିଲ ଅଧିକାରୀ ଓ କର୍ମଚାରୀ**

ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ଭାବେ ଘରେ ତାଙ୍କର ବିଧବା ସ୍ତ୍ରୀ ଓ ଗୋଟିଏ ପୁଅ ରହିଛନ୍ତି। ତେବେ ରଞ୍ଜିତ ଚଞ୍ଚକତା ପୂର୍ବକ ମିଥ୍ୟା କାଗଜପତ୍ର ଦାଖଲ କରି ଶ୍ୱଶୁରଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ନିଜର ପୁଅ, ଝିଅ ଏବଂ ନିଜ ନାମରେ କରାଇ ନେଇଥିଲେ। ପରେ ଉତ୍ତରାଧିକାରୀ ପ୍ରମାଣପତ୍ର ବଳରେ ଲକ୍ଷ୍ମଣଙ୍କ ନାମରେ ଥିବା ଦେଓପାଣି ମୌଜା ଖାତା ନମ୍ବର ୧୬, ପ୍ଲଟ ସଂଖ୍ୟା ୩୦ ଅନ୍ତର୍ଗତ ୧୯.୨୪ ଏକର ଜମି ରଞ୍ଜିତଙ୍କ ପୁଅ, ଝିଅଙ୍କ ସହିତ ନିଜ ନାମରେ କରାଇ ନେଇଥିଲେ। ରଞ୍ଜିତଙ୍କ ଶଳା ଅନାମ ଗୌଡ ଏ ବିଷୟରେ ଜାଣିବା ପରେ ଭିଣୋଇ ରଞ୍ଜିତଙ୍କ ବିରୋଧରେ ୨୦୨୩ରେ ଲଇମୁରା ଥାନାରେ ଅଭିଯୋଗ କରିଥିଲେ। ଏଥିସହ ମିଥ୍ୟା ପ୍ରମାଣପତ୍ର ଯୋଗାଇବାରେ ତତ୍କାଳୀନ ଲଇମୁରା ରାଜସ୍ୱ ନିରୀକ୍ଷକ ସଞ୍ଜିତ ବେହେରା, ତତ୍କାଳୀନ ଦେବଗଡ଼ ଅତିରିକ୍ତ ତହସିଲଦାର ସୌଦାମିନୀ ନାୟକ ଓ ତତ୍କାଳୀନ ବରିଷ୍ଠ କିରାଣୀ ମମତା ନନ୍ଦ ପ୍ରମୁଖ ସହଯୋଗ କରିଥିବା ଏବଂ ମ୍ୟୁଟେସନ ତଦନ୍ତ ବେଳେ ଦେଓପାଣି ଗାଁର ପବିତ୍ର କିଷାନ ଏବଂ ଆନ୍ଦ୍ରିଆସ ତିର୍କୀ ମିଥ୍ୟା ସାକ୍ଷ୍ୟ ଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ବିଭାଗୀୟ ଅଧିକାରୀ ଜାଣିଶୁଣି ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ବିଧବା ସ୍ତ୍ରୀ ଏବଂ ଏକମାତ୍ର ପୁଅକୁ ଉତ୍ତରାଧିକାରୀ ପ୍ରମାଣପତ୍ରରେ ସାମିଲ କରି ନଥିବାରୁ ରଞ୍ଜିତ ଜମି ହଡପ କରିବାର ସୁଯୋଗ ପାଇଥିବା ଅନାମ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜମି ଫେରସ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଲଇମୁରା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିଲା। ପୁଲିସ ଆଜି ରଞ୍ଜିତକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍ଘାଟିତ

ଦେବଗଡ଼, ୧୫ା୧(ସମିସ): ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ ଗୌଡ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ପିଏମଶ୍ରୀ ମେଳା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିବରଣୀ ପଠନ କରିଥିଲେ। ଙରା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବ ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ଓଏମପିସିଏ ସେଣ୍ଟୋ ସହକାରୀ ଶିକ୍ଷକ ପ୍ରଜ୍ଞାଶ୍ରୀ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାର ଜାଗରଣ, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଏବଂ ଆକାଂକ୍ଷୀ ମେଳା ୨୦୨୬ ଅବସରରେ ଦୋକାନ ବଜାର, ଗ୍ରାମୀଣ କୁଟୀର ଶିଳ୍ପ, ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟ୍ୟାଲେଣ୍ଟ ଗ୍ୟାଲେରୀ ପ୍ରଦର୍ଶନ କରିଥିଲେ। ଦୁଇଦିନ ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ଜିଲ୍ଲାର ତିନୋଟି ପିଏମଶ୍ରୀ ବିଦ୍ୟାଳୟ ଭାଗ ନେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନଶିକ୍ଷକ ବରୁଣ ପ୍ରଧାନ, ମହିମା ହେମ୍ବ୍ରମ, ପଦ୍ମାଳି ଲାକ୍ରା, ଦମୟନ୍ତୀ ବେହେରା, ଇନ୍ଦ୍ରମଣି ସାମଲ, ତପନ ପ୍ରଧାନ, ରଞ୍ଜନ ବ୍ରହ୍ମା, କାଦମ୍ବିନୀ ମିଶ୍ର, କୁମୁଦବନ୍ଧୁ ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ରାମକୃଷ୍ଣ ସାହୁ ସତ୍ୟପ୍ରକାଶ ମିଶ୍ର, ଚୂଡାମଣି ସାହୁ, ଭବାନୀକାନ୍ତ ପ୍ରଧାନ, ଭାଗ୍ୟଶ୍ରୀ ଗିରିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଉତ୍ସବମୁଖର କଲା ମକରଯାତ୍ରା

ଝାରସୁଗୁଡ଼ା, ୧୫ା୧(ସମିସ)






ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଅଧୀନ ନିକ୍ତିମାଲ ଗାଁଠାରେ ମକର ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଶ୍ରୀହରି ବିଷ୍ଣୁଙ୍କୁ ବଘିଆବେ୍ରଣ୍ଡା ଗାଁରୁ ସୁସଜ୍ଜିତ ରଥରେ ଅଣାଯାଇଥିଲା। ଶିବ ମନ୍ଦିର ପଡ଼ିଆରେ ୧୬ତମ ମକର ମହୋତ୍ସବ ହୋଇଥିଲା। ରୀତିନୀତି ଅନୁସାରେ ହରି ଓ ହରଙ୍କ ମିଳନ ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ହରିହରଙ୍କ କର୍ତ୍ତା ଭାବେ ଗାଁର ସନ୍ତୋଷ ନାଏକ ଓ ତାଙ୍କ ଧର୍ମପତ୍ନୀ ଶେଷ ନାଏକ ଦାୟିତ୍ୱ ତୁଲାଇଥିଲେ ଓ ପଣ୍ଡିତ ଅଂଶୁମାନ ମିଶ୍ର ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିବ ମନ୍ଦିର ପଡ଼ିଆରେ ଛୋଟ ଛୋଟ ଶିଶୁ ମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମକର ଯାତ୍ରା ଅବସରରେ ଗାଁର ଖେଳ ପଡ଼ିଆ ଠାରେ ଏକ ଦିବସୀୟ ଫୁଟବଲ୍ ପ୍ରତିଯୋଗିତା ୮ଟି ଦଳକୁ ନେଇ ଅନୁଷ୍ଠିତ କରାଯାଇଥିଲା। ଯାତ୍ରା ଦେଖିବାକୁ ସୁନ୍ଦରଗଡ଼ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତିରେ ନୃତ୍ୟ ପ୍ରତିଯୋଗିତା ସହ ବରଗଡ଼ ଜିଲ୍ଲାର ଦୁଇଟି ସଙ୍କୀର୍ତ୍ତନ ମଣ୍ଡଳୀ ମଧ୍ୟରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ ସିଂ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପହଲ୍ଲାଦ ନାଏକ, ଶିକ୍ଷକ ଦିଲୀପ ନାଏକ, ହେମନ୍ତ ନାଏକ, ଅଶୋକ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟିର ସଦସ୍ୟ ସଞ୍ଜୀବ କରାଳି, ପ୍ରଦୀପ ଭୋଇ, ରତ୍ନା କିଷାନ, ବାବୁଲୁ ବିଶି, ସମୀର ଭଇଁଷାଲ, ଅନୀଲ କିଷାନ, ବୀରେନ ଭଇଁଷାଲ, ରାଜ କିଷାନ, ସିବେଲ ଭୋଇ, ରିଙ୍କୁ ପ୍ରଧାନ, ପିଣ୍ଟୁ ପ୍ରଧାନ, କିରଣ ପ୍ରଧାନ, ରତନ ପ୍ରଧାନ, ସୁଶୀଲ ପ୍ରଧାନ ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

**ଝାରସୁଗୁଡ଼ା:** ମକର ସଂକ୍ରାନ୍ତି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଖଲିଆକାନି ରାଧାକୃଷ୍ଣ ଉନ୍ନୟନ ପରିଷଦ ଦ୍ୱାରା ଅଞ୍ଚଳର ସର୍ବ ବୃହତ୍ତମ ମକର ଯାତ୍ରାରେ ସ୍ଥାନୀୟ ଖଲିଆକାନି ସ୍ଥିତ ମକର ପଡ଼ିଆରେ ୬୬ତମ ମକର ଯାତ୍ରା ତଥା ମକର ମହୋତ୍ସବ ପାଳିତ ହୋଇଯାଇଛି। ଆବାହନ କାଳରୁ ସ୍ଥାନୀୟ ଖଲିଆକାନି ଗାଁରେ ହରି ହରଙ୍କ ମିଳନ ତଥା ମକର ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପ୍ରତ୍ୟେକ ବର୍ଷ ପରି ହରିଙ୍କୁ ରାଜପୁର କଣ୍ଡାପାଲି ଓ ହରଙ୍କୁ ହଂସ ମୁରା କଣ୍ଡାପାଲିରୁ ଅଣାଯାଇ ଖଲିଆକାନି ଗାଁରେ ରଖାଯାଇଥିଲା। ମକର ସଂକ୍ରାନ୍ତି ଦିନ ଗାଁ ମଣ୍ଡପରେ ଉଭୟ ହରି ଓ ହରଙ୍କୁ ମିଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ହରିଙ୍କ କର୍ତ୍ତା ଭାବେ ଗାଁର କାହ୍ନା ସେଟ ଓ ତାଙ୍କ ଧର୍ମପତ୍ନୀ କେତକି ବଡ଼େଇ ରହିଥିବା ବେଳେ ହରଙ୍କ କର୍ତ୍ତା ଭାବେ ରବିନ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ କୁସୁମିତା ପ୍ରଧାନ ରହିଥିଲେ। ହରିଙ୍କ ପୂଜକ ମନବୋଧ ପଣ୍ଡା ଓ ହରଙ୍କ ପୂଜକ ନବୀନ ମହାପାତ୍ର ରହିଥିଲେ। ପୂଜା ଓ ହରି ହରଙ୍କ ମିଳନ ପରେ ମକର ଲଡୁ ବଣ୍ଟନ ହୋଇଥିଲା। ଏହି ମକର ଲଡୁ ଭୋଗ ପାଇଲେ ନିଃସନ୍ତାନ ସନ୍ତାନ ପ୍ରାପ୍ତି ହେବା ସହ କୌଣସି ରୋଗବ୍ୟାଧି ହୋଇ ନଥାଏ ବୋଲି ଅଞ୍ଚଳର ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ଏହି ଭୋଗ ଲଡୁ ପାଇବା ପାଇଁ ସବୁଥର ପରି ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମକର ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ଏକ ସଭା କମିଟିର ସଭାପତି କ୍ଷୀରୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ଉପ ସଭାପତି ବିଶିଷ୍ଟ ଆଇନଜୀବୀ ବିଶ୍ୱନାଥ ନାୟକ, ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ କ୍ରିଷ୍ଣ ଗୋପାଳ ସିତାନୀ, ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶି, କବି କ୍ଷିରୋଦ କୁଅଁର କମିଟିର ଆଇନ ପରାମର୍ଶଦାତା ପବିତ୍ର ବିଶି, ଉପଦେଷ୍ଟା ରାଧାକାନ୍ତ ପ୍ରଧାନ, ପରାମର୍ଶ ଦାତା ମହେନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ.ଦିବେନ୍ଦୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ଲରେନ୍ସ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ଉପଦେଷ୍ଟା ରାଧାକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେଡି ନେତା ମହେନ୍ଦ୍ର ନାୟକ, ଗାଁର ବରିଷ୍ଠ ବ୍ୟକ୍ତି ଜଗଦୀଶ ପ୍ରଧାନ, ଚୈତନ୍ୟ ପ୍ରଧାନ, ଖଗେଶ୍ୱର ପ୍ରଧାନ, କାଶୀନାଥ ଖମାରୀ, ପର୍ଶୁରାମ ସାହା, ଭୋଦେବ ବିଶି, ଦାଶରଥି ବିଶି, ସୁରେନ୍ଦ୍ର ବଡ଼େଇ, ଉମେଶ ପ୍ରଧାନ, ସୌଦାଗର ବିଶି, ଅରିବିନ୍ଦ ବିଶି, ସରୋଜ ବଡ଼େଇ, ବିକାଶ ପ୍ରଧାନ, ବଲ୍ଲଭ ପ୍ରଧାନ ପ୍ରମୁଖ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅର୍ପିତା ବଡ଼େଇ, କମିଟି ପୂର୍ବତନ ସଭାପତି ଚୈତନ୍ୟ ପ୍ରଧାନ, ସାମ୍ବାଦିକ ମେହେବୁବ ମେହେତାବଙ୍କୁ ମାନପତ୍ର ସହ ଉପଢୌକନ ଦେଇ ରାଧାକୃଷ୍ଣ ଉନ୍ନୟନ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ କମିଟି ଆଇନ ପରାମର୍ଶଦାତା ପବିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ସୁଉଚ୍ଚ ମକରଧ୍ୱଜ ଗିରିଶୃଙ୍ଗରେ ମକର ଉତ୍ସବ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ପ୍ରଧାନପାଟ ପର୍ବତମାଳାର ସୁଉଚ୍ଚ ମକରଧ୍ୱଜ ଗିରିଶୃଙ୍ଗରେ ପୌରାଞ୍ଚଳ ତଅଁଳା ସାହି ଶଙ୍କର ମଧୁସୂଦନ କ୍ଲବ୍ ପକ୍ଷରୁ ପତାକା ସ୍ଥାପନ କରାଯିବା ସହ ମକରଯାତ୍ରା ପାଇଁ ପୂଜକ ସୁଦୀପ୍ତ ବେହେରା ଆଜ୍ଞାମାଳ ଆଣିଥିଲେ। ଏହାପରେ ମାନସିକଧାରୀମାନେ ଗିରିଶୃଙ୍ଗରେ ମାନସିକ ଧ୍ୱଜା ବାନ୍ଧିଥିଲେ। ମକରଧ୍ୱଜ ଶୃଙ୍ଗକୁ ଚଢ଼ିବା ଏକ କଷ୍ଟକର ଯାତ୍ରା। ହେଲେ ମଧ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯେଉଁ ଶ୍ରଦ୍ଧାଳୁ ମାନେ ପର୍ବତ ଶିଖରକୁ ଚଢ଼ିପାରି ନଥିଲେ ସେମାନେ ପୂଜକଙ୍କୁ ମାନସିକ ଧ୍ୱଜା ଓ ଦକ୍ଷିଣା ପ୍ରଦାନ କରିଥିଲେ। ପର୍ବତ ଶୃଙ୍ଗରେ ଶ୍ରଦ୍ଧାଳୁଙ୍କ ପାଇଁ ପୌରାଞ୍ଚଳ ଖଡିଆସାହି ଶ୍ରୀଶ୍ରୀ ବାବା ମକରଧ୍ୱଜ କମିଟି ପକ୍ଷରୁ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। କମିଟିର ସଭାପତି ଅତୁଲ୍ୟ ଖଡିଆ, ସମ୍ପାଦକ ସୁମନ୍ତ ସଂଖାରୀ, କୋଷାଧ୍ୟକ୍ଷ ମୋତିଲାଲ ମିସ୍ତ୍ରୀ, ଅଶ୍ୱିନୀ ନେତୁର, ସମ୍ବିତ ମିସ୍ତ୍ରୀ, ନରେନ୍ଦ୍ର କେରକେଟ୍ଟା, ଶୁଭେନ୍ଦୁ କେରକେଟ୍ଟା, ବିକ୍ରମ ଖଡିଆ, କପିଳ ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ଶଙ୍କର ମଧୁସୂଦନ କ୍ଲବ୍ ପୂଜା କମିଟିର ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ଗୁଲସନ ବେହେରା, କୋଷାଧ୍ୟକ୍ଷ ସଞ୍ଜିତ ବେହେରା, ଗୋଲବଦନ ବେହେରା, ଗଙ୍ଗା ବେହେରା, ପ୍ରଶାନ୍ତ ବେହେରା, ସୁବାସ ଚନ୍ଦ୍ର ବେହେରାଙ୍କ ସମେତ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। କ୍ଲବ୍ ପକ୍ଷରୁ ୪ଦିନ ଧରି ମକରଯାତ୍ରା ଆୟୋଜନ ହୋଇଛି। ପ୍ରତ୍ୟୁଷରେ ପୂଜକ ମକରଧ୍ୱଜ ପର୍ବତ ଶିଖରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ସେଠାକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ବହୁ ମାନସିକ ଧାରୀ ମାନସିକ ଧ୍ୱଜା ଉଡାଇଥିବା ଦେଖିବାକୁ ମିଳିଥିଲା। ମକର ଉତ୍ସବ ଅବସରରେ ଦେବଗଡ଼ ପୌରାଞ୍ଚଳ ଓ ପୁରପଲ୍ଲୀର ହଜାର ହଜାର ଶ୍ରଦ୍ଧାଳୁ ପ୍ରାୟ ୪ କିମି ପର୍ବତାରୋହଣ କରି ଗିରିଶୃଙ୍ଗରେ ଉତ୍ସବର ମଜା ଉଠାଇଥିଲେ। ଫଳରେ ସମଗ୍ର ପର୍ବତ ଶୃଙ୍ଗ ଲୋକାରଣ୍ୟ ହୋଇଥିଲା।

**କୋଲାବିରା:** ପବିତ୍ର ମକର ସଂକ୍ରାନ୍ତି ଅବସରରେ କୋଲାବିରା ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁଙ୍କ ଗହଳି ଜମିଛି। ଏହି କ୍ରମରେ କୋଲାବିରା ସ୍ଥିତ ଶନିମନ୍ଦିରରେ ମକର ଉତ୍ସବ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଶନିଦେବତାଙ୍କ ନିକଟରେ ହୋମଯଜ୍ଞାଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପୂଜାକାର୍ଯ୍ୟରେ ଯୋଗଦେଇ ଦର୍ଶନ ଲାଭ କରିଥିଲେ। ସାମୂହିକ ପ୍ରସାଦ ସେବନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଟଳ ମିଶ୍ର ଏବଂ ଭରତ ମିଶ୍ର ପୂଜାନୀତି ସମ୍ପାଦିତ କରିଥିଲେ। କର୍ତ୍ତା ଭାବେ ରାକେଶ ଦାସ ଏବଂ ତାଙ୍କ ପତ୍ନୀ ରଚି ଦାସ କାର୍ଯ୍ୟନିର୍ବାହ କରିଥିଲେ। ରବୀନ୍ଦ୍ର ମହାପାତ୍ର ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ନବଗ୍ରହ କର୍ତ୍ତା ଭାବେ ଗାଁର ସତ୍ୟନାରାୟଣ ଦାସ, ପ୍ରମୋଦ ମିଶ୍ର, ରଞ୍ଜନ ଦଲାଇ, ଜଗଦୀଶ ଭଞ୍ଜ, ଅଶୋକ ବେହେରା, ନବୀନ ଭଞ୍ଜ, ସଦାନନ୍ଦ ନାଏକ, ବାପିନା ମହାପାତ୍ର, ଶଚିକାନ୍ତ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ସପତ୍ନୀକ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପାର୍ଶ୍ୱଦେବତାଙ୍କ ମଧ୍ୟରେ କପିଳେଶ୍ୱର ମହାଦେବ ଏବଂ ହନୁମାନଙ୍କୁ ମଧ ପୂଜାର୍ଚ୍ଚନା କରାଯାଇଥିଲା। ଭଜନ କୀର୍ତ୍ତନ, ନାମସଙ୍କୀର୍ତ୍ତନ ତଥା ଜ୍ୟୋସ୍ନାମୟୀ ଦିକ୍ଷୀତ ଓ ସାଥିଙ୍କ ପାରାୟଣରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯଦୁମଣୀ ମହାପାତ୍ର, ରଞ୍ଜିତ ଦଲାଇ, ପ୍ରବୀଣ ବିଜାର, କୁନୁ ମରେଇ, ଈଶ୍ୱର ଟଣକାର, ସୁମିତ ଭଞ୍ଜ, ସୁଜିତ ଭଞ୍ଜ, ଶ୍ରୀମନ୍ତ ସାହୁ, ଦ୍ୱିବେନ୍ଦୁ ଦାସ, ଟ୍ୱିଙ୍କଲ ମହାପାତ୍ର, କୁନାଲ ମହାପାତ୍ର, ବିକାଶ ମହାପାତ୍ର, ପ୍ରଫୁଲ୍ଲ ଖରସେଲ, କୁନୁ ଟଣକାର, ଅମିତ ବିଜାର, ଉତ୍ତମ ସିଂ, ଦୀପକ ଖରସେଲ, ଧଧୋ ବିଜାର, ଉତମ ସିଂ, ନିରଞ୍ଜନ ନାଏକ, ରାହୁଲ ସିଂ, ସୁବ୍ରତ ଦାସ, ପିଣ୍ଟୁ ବେହେରା, ରାଜାକୁଅଁର, ଦେବାଶିଷ ସିଂ ଠାକୁର, ସ୍ମୃତିରଞ୍ଜନ ରାଏ, ଶେଖର ଭଞ୍ଜ, ସୁରଜ ଦାସ, କୁନା ଭଇଁଷା, ନିଖିଲ ଦାସ, ବୁଟୁ ପାଣ୍ଡେ, ଦେବାଶିଷ ବେହେରା, କୁନାଲ ବହିଦାର, ଅସିତ ବହିଦାର, ଭିମ ଭଞ୍ଜ, ରାମ ମହାପାତ୍ର, ନିପୁ ମହାପାତ୍ର, ଅଜିତ କଉଡି ପ୍ରମୁଖ ସହଯୋଗ କରିଥିଲେ। କୋଲାବିରା ଅଞ୍ଚଳରେ ଭକ୍ତଙ୍କ ପ୍ରଚେଷ୍ଟାରେ ଶନିଦେବଙ୍କ ସ୍ଥାପନ କରାଯାଇ ଗଛମୂଳେ ନିୟମିତ ପୂଜାର୍ଚ୍ଚନା କରାଯାଉଥିଲା। ବର୍ଷକ ପୂର୍ବରୁ ନୂତନ ମନ୍ଦିରଟି ନିର୍ମାଣ କରାଯାଇ ମନ୍ଦିର ପ୍ରତିଷ୍ଠା ସହିତ ପ୍ରାଣ ପ୍ରତିଷ୍ଠା ପଶ୍ଚାତ ମନ୍ଦିର ଭିତରେ ପୂଜା ହୋଇଆସୁଛି।



# ମୁକୁଳା ଡ୍ରେନ୍‌ରେ ଗଲା ଯୁବକଙ୍କ ଜୀବନ

ଭୁବନେଶ୍ୱର, ୧୫।୧(ସମିସ): ରାଜଧାନୀ ପାଇଁ ପୁଣି କାଳ ପାଲଟିଲା ମୁକୁଳା ଡ୍ରେନ୍। ସାଲିଆସାହି ଆଦିବାସୀ ଗାଁରେ ଏକ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ଜଣଙ୍କ ହେଲେ ସିନୁ ଗାଗରାଇ(୪୫)। ସେ ମକର ସଂକ୍ରାନ୍ତି ପାଳିବାକୁ ଆଦିବାସୀ ଗାଁର ତାଙ୍କ ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ସମ୍ପର୍କୀୟଙ୍କ ଘରେ ଏକ ଚେୟାର ବସି ଖାଦ୍ୟ ଖାଉଥିଲେ। ଚେୟାର ଭାଙ୍ଗି ଯିବାରୁ ଡ୍ରେନ୍ ଭିତରକୁ ଗଳି ପଡ଼ିଥିଲେ। ଫଳରେ ତାଙ୍କ ମୃତ୍ୟୁ ହୋଇଛି।



## ■ ବିଭାଗୀୟ ଅସାବଧାନତା କେବେ ସୁଧୁରିବ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଡ୍ରେନ୍‌ଟି ଏକାମ୍ର ପାର୍କରୁ ହାତିଆଶୁଣି ପର୍ଯ୍ୟନ୍ତ ଯାଇଛି। ଗତ ଡିସେମ୍ବର ମାସ ୧୮ ତାରିଖରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବାମ ସମାନ୍ତରାଳ ରାସ୍ତା ଦେଇଥିବା ଏହି ଡ୍ରେନ୍‌କୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରଯାଉଛି। ହେଲେ ନିର୍ମାଣସ୍ଥଳରୁ ଦୂରେଇ ରହିବାକୁ ଠିକାସଂସ୍ଥା କୌଣସି ପ୍ରକାର ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରୁନାହିଁ। ବ୍ୟାରିକେଡ୍ ନାହିଁ କିମ୍ବା ଡ୍ରେନ୍ ନିର୍ମାଣାଧୀନ ଅବସ୍ଥାରେ ରହିଛି ବୋଲି କୌଣସି ସୂଚନା ଫଳକ କି ବ୍ୟାନ୍‌ର ବି ଲଗାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ଏଣୁ ବାରମ୍ବାର ଏଠାରେ ଲୋକେ ଦୁର୍ଘଟଣାର ଶିକାର ହୋଇଛନ୍ତି। ରାତିରେ ବାଇକ୍ ଠାରୁ ଆରମ୍ଭ କରି ବୁଲା ପଶୁ ଡ୍ରେନ୍ ଭିତରେ ପଡ଼ିଯାଉଛନ୍ତି। ଯାହାକୁ ସ୍ଥାନୀୟ ଲୋକେ ଉଦ୍ଧାର କରୁଛନ୍ତି। ଏଭଳି ଅଘଟଣ ବାରମ୍ବାର ହେଉଥିଲେ ମଧ୍ୟ ବିଭାଗ କିମ୍ବା ଠିକା ସଂସ୍ଥାର ଚେତା ପଶୁ ନାହିଁ। ଯାହା ପରିଣାମ ଶେଷରେ ଯୁବକଙ୍କ ଜୀବନ ଚାଲିଗଲା।

ବୁଧବାର ସିନୁ ମକର ଭୋଗ ଖାଇବାକୁ ଘଟଣାସ୍ଥଳରେ ଥିବା ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ପର୍ବ ପାଳିବା ପରେ ଅପରାହ୍ନ ୩ଟା ସମୟରେ ସେ ଘର ସାମ୍ନାରେ ବସି ପିଠା ଖାଉଥିଲେ। ଏହି ସମୟରେ ଚେୟାର ଭାଙ୍ଗି ପଡ଼ିଥିଲା। ଆଉ ସେ ନିକଟସ୍ଥ ଡ୍ରେନ୍ ଭିତରେ ଗଳି ପଡ଼ିଥିଲେ। ୩ଫୁଟ୍‌ର ଗଭୀର ନିର୍ମାଣାଧୀନ ଡ୍ରେନ୍‌ର ତଳେ କଂକ୍ରିଟ୍ ପଡ଼ିଥିଲା। ଏହି କଂକ୍ରିଟ୍‌ରେ ତାଙ୍କ ମୁଣ୍ଡ ମାଡ଼ ହୋଇଥିଲା। ଯାହାଫଳରେ ସେ ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡ୍ରେନ୍ ପଡ଼ିବା ଘଟଣାକୁ ପୁଲିସ ଚାପିବାକୁ ଚେଷ୍ଟା କରିଥିଲେ ମଧ୍ୟ ଶବ ଶକ୍ରାର ବେଳେ ଉକ୍ତ ଘଟଣାଟି ସାମ୍ନାକୁ ଚାଲି ଆସିଥିଲା। ତେବେ ଠିକାସଂସ୍ଥା ଦୋଷ ଲୁଚାଇବାକୁ ଘଟଣାକୁ ଚାପିବାକୁ ପ୍ରଶାସନ ଯଥା ସମ୍ଭବ ଚେଷ୍ଟା କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଡ୍ରେନ୍‌ରେ ପଡ଼ି ବାରମ୍ବାର ଲୋକଙ୍କ ମୃତ୍ୟୁ ହେଉଛି। ବିଭାଗୀୟ ଅସାବଧାନତା କେବେ ସୁଧୁରିବ ବୋଲି ପ୍ରଶ୍ନ କରାଯାଇଛି।

ଏସମ୍ପର୍କରେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ କହିଛନ୍ତି ଠିକାସଂସ୍ଥା ବ୍ୟାରିକେଡ୍ କିମ୍ବା ଅନ୍ତତ କାମ ଚାଲୁଅଛି ବୋଲି ସତର୍କ ସୂଚନା ଲଗାଇବା କଥା। ହେଲେ ଠିକା ସଂସ୍ଥା ତାହା କରି ନାହିଁ। ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅନ୍ୟପକ୍ଷରେ ମୃତକଙ୍କ ତାଙ୍କ ପରିବାର ଜଣେ ମାତ୍ର ରୋଜଗାରକ୍ଷମ ସଦସ୍ୟ। ତାଙ୍କର ୨ଟି ପିଲା ଅଛନ୍ତି। ଜଣେ ଭିନ୍ନକ୍ଷମ ଭାଇ ଅଛନ୍ତି। ପରିବାରରେ ବୟସ୍କ ସଦସ୍ୟ ମଧ୍ୟ ଅଛନ୍ତି। ତେଣୁ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ମେୟର ଦାବି କରିଛନ୍ତି।

# ସ୍ୱାଭାବିକ ହେଲା ଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର, ୧୫ ।୧(ସମିସ): ଦେଢ଼ ଦିନ ଉପବାସ ରହିବା ପରେ ଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଛି। ଗୁରୁବାର ସକାଳୁ ମନ୍ଦିର ପହୁଡ଼ ଖୋଲା ଦିଅଙ୍କର ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ କ୍ଷୀର ଆଉଟା ନୀତିକୁ କିଏ କରିବ ନେଇ ବିବାଦ ଯୋଗୁଁ ମଙ୍ଗଳବାର ସନ୍ଧ୍ୟାରୁ ଦିଅଁ ନିତୀକାନ୍ତି ବନ୍ଦ ରହିଥିଲା। ଯେଉଁଥିପାଇଁ ଲିଙ୍ଗରାଜଙ୍କୁ ଦେଢ଼ଦିନ ଉପବାସରେ ରହିଲେ। ବୁଧବାର ମକରସଂକ୍ରାନ୍ତି ଭଳି ଏତେବଡ଼ ଦିନରେ ଶହ ଶହ ଶ୍ରଦ୍ଧାଳୁ ଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଛୁଟି ଆସିଥିଲେ। ହେଲେ ମନ୍ଦିରରେ ନୀତିକାନ୍ତି ବନ୍ଦ ରହିବା ସହ ଭକ୍ତମାନେ ଟିକେ ପ୍ରସାଦ ବି ପାଇନଥିଲେ। ଯେଉଁଥିପାଇଁ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥଲା।

# ବେଆଇନ ଡମ୍ପିଂୟାର୍ଡ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

ଭୁବନେଶ୍ୱର, ୧୫।୧(ସମିସ): ସୈନିକ ସ୍କୁଲ ଗାଡ଼କଣ ଅଳିଆଗଦାକୁ ନେଇ ବିଏମସିକୁ ତାଗିଦ ସହ ତିନୋଟି ପର୍ଯ୍ୟାୟ ରେ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଚିଠି କରିଛି। ଗାଡ଼କଣ ଅଳିଆ ପ୍ରୋସେସିଂ ସମ୍ପୂର୍ଣ୍ଣ ସେଟ୍ ଅପ୍ ସ୍ଥାନାନ୍ତର ସହ ପୀଡିତଙ୍କୁ କ୍ଷତିପୂରଣ ପାଇଁ ଦୀର୍ଘ ଦିନ ଧରି ଦାବି କରିଆସୁଛି ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ଅଭିଯାନ। ଏହି ପ୍ଲାଣ୍ଟକୁ ସମସ୍ତ ଆଇନ ଉଲ୍ଲଙ୍ଘନ କରି ଅନୁମତି ପ୍ରଦାନ କରାଯାଇଛି। ପ୍ରଦୂଷଣ ବୋର୍ଡ ଅତ୍ୟନ୍ତ ନାକଫଟା ପଚା ଗନ୍ଧ ସହ ପ୍ରଦୂଷିତ ବାୟୁ ଯୋଗୁଁ ସେହି ଅଞ୍ଚଳରେ ଅନେକ ଲୋକ ବିଭିନ୍ନ ମାରାନକ ରୋଗ ରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ଅନେକ ଲୋକ କିଡ଼ନୀ, ଲିଭର ଜନିତ ସମସ୍ୟା ଓ ଚର୍ମ ରୋଗରେ ପୀଡିତ। ସେମାନଙ୍କୁ ବିଏମସି କ୍ଷତି ପୂରଣ ଦେଉ ଓ ବିଏମସି ଠାରୁ ଜରିମାନା ଆଦାୟ ପାଇଁ ଭିକ୍ଷାକାରୀ ତ୍ରିପାଠୀ, ଦିଲୀପ ଦାସଶର୍ମା, ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଚିନ୍ତାମଣି ବାରିକ, ନିମାଇଁ ଦାସ, ସନ୍ଦୀପ୍ତ ଦାସ, ସଞ୍ଜୟ ମଲ୍ଲିକ, ଶଙ୍କର୍ଷଣ ବାରିକ, ଲଲାଟ କେଶରୀ ଜେନା, ଶାରଦା ଦାସ ପ୍ରମୁଖ ଦାବି କରିଛନ୍ତି।

# ମୋବାଇଲ୍ ଚୋରକୁ ବର୍ଷେ ଜେଲ୍

ଭୁବନେଶ୍ୱର, ୧୫।୧ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ମୋବାଇଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ସୁଶ୍ରୀ କରୋଣିକା ଘୋଷ ମାମଲାର ବିଚାରକରି ଅଭିଯୁକ୍ତ ସୁକମଣି ଦିଗାଲକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନା ମୁତାବକ, ଗତବର୍ଷ ଅଗଷ୍ଟ ୨୧ ତାରିଖ ଦିନ ସୁକମଣି ଏକାମ୍ର ପାର୍କ ଗେଟ୍ ନିକଟରେ ଚୋରା ମୋବାଇଲ ଫୋନ ବିକ୍ରି କରୁଥିବା ବେଳେ ନୂଆପଲ୍ଲୀ ଥାନାର ଏଏସ୍‌ଆଇ ପ୍ରଦୀପ୍ତ କୁମାର ରାଉତ ତାକୁ କାବୁ କରିଥିଲେ। ଯାଞ୍ଚ ସମୟରେ ତା' ଠାରୁ ଦୁଇଟି ଆଣ୍ଡ୍ରଏଡ୍ ସ୍ମାର୍ଟ ମୋବାଇଲ୍ ଫୋନ୍ ମିଳିଥିଲେ ମଧ୍ୟ ସେ କୌଣସି ବିଲ୍ ଦେଖାଇ ପାରିନଥିଲା। ଆଇଡି ମାର୍କେଟ ଓ ନିକୋ ପାର୍କ ଛକ ନିକଟରୁ ମୋବାଇଲ୍ ଦୁଇଟିକୁ ଚୋରି କରିଥିବା ସୁକମଣି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏନେଇ ନୂଆପଲ୍ଲୀ ଥାନା ପୁଲିସ ନିଜଆଡୁ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଅଭିଯୁକ୍ତ ସୁକମଣିକୁ ଗିରଫ କରିବା ସହ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ।

ଉପରୋକ୍ତ ମାମଲାର ବିଚାର କରି, ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ସୁକମଣି ଦିଗାଲକୁ ବିଏନ୍‌ଏସ୍ ଧାରା ୩୦୩(୧) ଆଧାରରେ ୧ ବର୍ଷ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୧୦ ଦିନର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜୟ କୁମାର ବାରିକ, ସୟଦ ମହମ୍ମଦ ଅନୱର ଓ ଅକ୍ଷୟ ପ୍ରସାଦ ବେହେରା ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ରିଲାଏନ୍ସ ଷ୍ଟୋରରୁ ଚୋରି; କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୫।୧(ସମିସ): ରିଲାଏନ୍ସ ଷ୍ଟୋରରୁ ଚୋରିରେ ସହଯୋଗ କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ପ୍ରଣୟ ମହାନ୍ତି (୪୮)।

ପୁଲିସ ସୂଚନାନୁଯାୟୀ, ପଟିଆସ୍ଥିତ ରିଲାଏନ୍ସ ରିଟେଲ ମଲରେ ପ୍ରଣୟ ଲସ୍ ପ୍ରିଭେନ୍ସନ୍ ଆସୋସିଏଟ୍ ଭାବେ କାମ କରିବା ସହ ଗେଟ୍ ନିକଟରେ ବିଲ୍ ଓ ଜିନିଷ ଯାଞ୍ଚ କରିବା ଦାୟିତ୍ୱରେ ଥିଲେ। ସିସିଟିଭି ନଜରରେ ଥିବା କିଛି ଘିଅ ପ୍ୟାକେଟ ମିଳୁ ନ ଥିବା ଓ ସେଗୁଡ଼ିକର ବିଲ୍ ମଧ୍ୟ କରାଯାଇ ନ ଥିବା ଜଣାପଡ଼ିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା। ଜଣେ ଗ୍ରାହକ କୌଣସି ବିଲିଂ ନ କରି ଗୁଡ଼ାଏ ଜିନିଷ ନେଇ ଯାଉଥିବା ବେଳେ ପ୍ରସ୍ଥାନ ଗେଟ୍‌ରେ ଡ୍ୟୁଟିରେ ଥିବା ପ୍ରଣୟ ମଧ୍ୟ ସଠିକ୍ ଭାବରେ ଯାଞ୍ଚ କରି ନ ଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଥିଲା। ସେହି ସମୟରେ ପ୍ରଣୟ ଫୋନରେ କଥାବାର୍ତ୍ତା ହେଉଥିବା ଭଳି ଆଚରଣ କରୁଥିବା ବେଳେ କଲ୍ ଡିଟେଲ୍ ରେକର୍ଡ ଯାଞ୍ଚରୁ, ସେ କୌଣସି କଲ୍ କରି ନ ଥିବା ଜଣାପଡ଼ିଥିଲା। ଏନେଇ ସନ୍ଦେହ ହେବାରୁ ଅଧିକ ଯାଞ୍ଚ କରିଥିଲା ପୁଲିସ। ପ୍ରଣୟ ସମ୍ପୃକ୍ତ ଗ୍ରାହକଙ୍କ ସହ ସମ୍ପର୍କରେ ଥିବା ମୋବାଇଲ୍ ଯାଞ୍ଚରୁ ପୁଲିସ ଜାଣିବାକୁ ପାଇଥିଲା। ପୂର୍ବରୁ ପ୍ରଣୟ ଡ୍ୟୁଟିରେ ଥିବାବେଳେ ସେହି ଗ୍ରାହକ ଜଣକ ଅନେକଥର ବିଲ୍ ନ କରି ଷ୍ଟୋରରୁ ଖୁବ ସହଜରେ ବାହାରି ଯାଉଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଦେବାନନ୍ଦ ବେହେରାଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିବା ସହ ପ୍ରଣୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମୋଟରସାଇକଲ ଚୋର ଗିରଫ

ଯାଁଳା, ୧୫ ।୧(ସମିସ): ଇନଫୋଭ୍ୟାଲି ଥାନା ପୁଲିସ ଜଣେ ମୋଟରସାଇକଲ ଚୋରକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଧଳପୁରର ପ୍ରଦିପ ଗିରି। ଅଭିଯୁକ୍ତ ନିକଟରୁ ଚୋରି ମୋଟରସାଇକଲ ଜବତ କରିବା ସହ ଆଜି ଅଦାଲତ ଚାଲାଣ କରିଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ରାଜା ବେହେରା ଗଙ୍ଗପଡ଼ା ଗ୍ରାମରେ ଭଡାରେ ରୁହନ୍ତି। ଗତ ଅକ୍ଟୋବର ୧୬ ତାରିଖ ରାତିରେ ରାଜା ତାଙ୍କ ମୋଟରସାଇକଲକୁ ଦାଣ୍ଡ ଦୁଆରେ ତାଲା ପକାଇ ରଖିଥିଲେ। ସକାଳୁ ଉଠି ଦେଖିବା ବେଳକୁ ତାଙ୍କ ମୋଟରସାଇକଲ ସେଠାରେ ନାହିଁ।ପାଖ ଆଖ ଲୋକଙ୍କୁ ପଚରାଉଚରା କରିବା ପରେ ଚୋରି ହୋଇଥିବା ଜାଣି ଇନଫୋଭ୍ୟାଲି ଥାନା ଏକ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରିବା ବେଳେ ସେହି ଗଙ୍ଗପଡ଼ାରେ ଭଡାରେ ରହୁଥିବା ପ୍ରଦିପ ମୋଟରସାଇକଲଟି ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ପ୍ରଦିପ ନିକଟରୁ ଚୋରି ମୋଟରସାଇକଲ ଜବତ କରିଛି।

**ପୂର୍ବଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ**

# ଆଖି ହରାଇଲେ ଯୁବକ; ଜଣେ ଗିରଫ

ଯାଁଳା ୧୫ ।୧(ସମିସ): ଗତ ୧୦ ତାରିଖରେ ଇନଫୋଭ୍ୟାଲି ଥାନା ଓଗାଳପଡ଼ା ଖେଳ ପଡ଼ିଆରେ ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଆକ୍ରମଣ ଫଳରେ ଯୁବକ ଜଣକ ଗୁରୁତର ଆହତ ହେବା ସହ ଆଖି ମଧ୍ୟ ହରାଇଥିବା ଜଣାପଡ଼ିଛି। ଯୁବକ ଜଣକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୁଲିସ କହିଛି। ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋଭ୍ୟାଲି ଥାନା ଓଗାଳପଡ଼ା ଗ୍ରାମର ବିଜୟ କୁମାର ବେହେରା। ଅଭିଯୁକ୍ତ ନିକଟରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିବା ସହ କୋର୍ଟ ଚାଲାଣ କରିଛି ପୁଲିସ।

ପୁଲିସ ସୂଚନା ଅନୁସାରେ ଓଗାଳପଡ଼ାରେ ରହୁଥିବା ଅଭିରାମ ଲେଙ୍କା ଗତ ୧୦ ତାରିଖ ରାତିରେ ଓଗାଳପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଏକ ନୂତନ ବର୍ଷ ପିକନିକ୍ ଭୋଜି ଏବଂ ମିଟିଂ ଚାଲିଥିଲା।ସେହି ପିକନିକ ଭୋଜିରେ ଅଭିଯୋଗକାରୀ ଅଭିରାମଙ୍କ ପୁଅ କୁମାର ଅଭିଷେକ ଲେଙ୍କା ମଧ୍ୟ ଥିଲେ। ଅଭିଯୁକ୍ତ ବିଜୟ ଏବଂ ଅଭିଷେକଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା।ସେହି ମିଟିଂ ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା।ଅଭିଯୁକ୍ତ ବିଜୟ ଓ ତାଙ୍କ ସହଯୋଗୀମାନେ ଅଭିଷେକଙ୍କୁ ଅସ୍ତ୍ରଶସ୍ତ୍ରରେ ନୃଶଂସ ଭାବରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଭିଷେକଙ୍କ ଶରୀରରେ ଗଭୀର ଆଘାତ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ ଲାଠି, ଛୁରି ଓ ଲୁହା ଛଡ଼ ଭଳି ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଅଭିଷେକଙ୍କ ମୁଣ୍ଡ ଓ ଆଖି ସହିତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଫଳରେ ଅଭିଷେକ ସ୍ଥାୟୀ ଦୃଷ୍ଟିଶକ୍ତି ହରାଇଥିବା ଜଣାପଡ଼ିଛି। ସ୍ଥାନୀୟ କିଛି ଲୋକ ଅଭିଷେକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଅଭିରାମ ଏବଂ ଅନ୍ୟମାନଙ୍କୁ ଥାନାକୁ ଗଲେ ଜୀବନରେ ମାରିଦେବାର ଧମକ ଦେଇ ଅପରାଧିକ ଭାବରେ ଭୟଭୀତ କରିଥିଲେ। ତେଣୁ ଭୟଭୀତ ହୋଇ ଅଭିଯୋଗକାରୀ ଅଭିରାମ ପ୍ରଥମେ ଏହି ଘଟଣାକୁ ଏକ ଦୁର୍ଘଟଣା ବୋଲି ଭୁଲ ଭାବରେ ଉପସ୍ଥାପନ କରିବାକୁ ବାଧ୍ୟ କରିଥିଲେ। କିନ୍ତୁ ପରେ ଗୁରୁତର ଆହତ ହୋଇଥିବା ଅଭିଷେକଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହେବାକୁ ଲାଗିଲା।ଅଭିଷେକ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ସେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଏନେଇ ଅଭିରାମ ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ପୂର୍ବଶତ୍ରୁତା ଏବଂ ହତ୍ୟା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ ହୋଇଥିଲା। ଆଜି ଅଭିଯୁକ୍ତ ବିଜୟ କୁମାର ବେହେରାଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ନିଜ ଅପରାଧରେ ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ତାଙ୍କ ଘରୁ ଅପରାଧରେ ବ୍ୟବହୃତ ଗୋଟିଏ ଷ୍ଟେନଲେସ୍ ଷ୍ଟିଲ୍ ଆତ୍ମରକ୍ଷା ବାଡ଼ି ଜବତ କରାଯାଇଥିଲା। ତାଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ସେ ପୂର୍ବରୁ ଜଟଣୀ ଥାନାରେ ଏକ ଅପରାଧିକ ମାମଲାରେ ସମ୍ପୃକ୍ତ ଥିଲେ।

# ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କଲେ ବ୍ୟବସାୟୀ

ଧଉଳି, ୧୫।୧(ସମିସ): ବାଳକାଟି ବଜାରରେ ଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କରିଛନ୍ତି ସ୍ଥାନୀୟ ବ୍ୟବସାୟୀ। ସେମାନଙ୍କ ଗୁଜୁରାଣ ମେଣ୍ଟିବା ସହ ବେକାରୀ ସମସ୍ୟା ଦୂର ହେବା ନିମନ୍ତେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାପାଇଁ ପ୍ରଭାବିତ ବ୍ୟବସାୟୀ ବିଧାୟକ ଏବଂ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି।

ସରଦେଇପୁର-ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବା ବେଳେ ଏହା ଉପରେ ବାଳକାଟି ବଜାର ଉପରେ ଆଖପାଖ ଏବଂ ପଡୋଶୀ ୨୦ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପୂର୍ତ୍ତବିଭାଗ ଏହି ରାସ୍ତାକୁ ଚଉଡା କରିବା ପାଇଁ ସ୍ଥିର କରିଛନ୍ତି। ଏନେଇ ବିଭାଗ ମହଜୁଦ ଥିବା ନିଜ ଜାଗାକୁ ଜବରଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନ ସାହାଯ୍ୟ ଲୋଡ଼ିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ନୋଟିସ ଅନୁସାରେ ବ୍ୟବସାୟୀ ମାନେ ୩ ଟି ପର୍ଯ୍ୟାୟରେ ତହସିଲ ପ୍ରଶାସନ ନିକଟରେ ହାଜିରା ହୋଇଥିଲେ। ତହସିଲ ପ୍ରଶାସନ ଗୋଟେ ମାସ ମଧ୍ୟରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ କିଛି ବ୍ୟବସାୟୀ ତହସିଲଦାରଙ୍କ ନିର୍ଦ୍ଦେଶ ଅନୁପାଳନ କରି ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି। ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଳକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ବ୍ୟବସାୟୀ ମାନଙ୍କ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ସେମାନଙ୍କ ଦୋକାନ ଉଚ୍ଛେଦ କରାଗଲେ ଅନ୍ୟ କେଉଁଠିକୁ ଯିବାପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଫଳରେ ଉଚ୍ଛେଦ ହେଲେ ହାତଗୋଡ଼ ବାନ୍ଧି ଘରେ ବସିବା ଛଡ଼ା ହେବ। ଏପରିକି ଜୀବିକା ନିର୍ବାହ କରିବା ସେମାନଙ୍କ ପାଇଁ କାଠିକର ପାଠ ହୋଇଯିବ। ଏନେଇ ସମ୍ପୃକ୍ତ ବ୍ୟବସାୟୀ ମାନେ ତହସିଲଦାର ଏବଂ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକଙ୍କ ନିକଟରେ ନିଜର ଅସୁବିଧା ଜଣାଇଥିଲେ। ଉଚ୍ଛେଦ ପୂର୍ବରୁ ମହଜୁଦ ଥିବା ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରିବାପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।




# ଗାଡ଼ି ଚଢ଼ାଇ ଗୋଡ଼ ଭାଙ୍ଗିବା ପରେ ଅପହରଣ

## ଡ୍ରାଇଭରଙ୍କୁ ପୁଲିସ ଛାଡ଼ିଦେଲା

ଭୁବନେଶ୍ୱର, ୧୫।୧(ସମିସ): ଡ୍ରାଇଭର ଯାତ୍ରୀଙ୍କ ସହ ପାଟିତୁଣ୍ଡ କଲେ। ଗାଳିଗୁଲଜ କଲେ। ରାଗ ତମ ତମ ହୋଇ ଗାଡି ଚଢାଇ ଗୋଡ ଭାଙ୍ଗିଦେଲେ। ଶେଷରେ କିଛି ଯାତ୍ରୀମାନଙ୍କୁ ଅପହରଣ କରି ନେଇ ବସଷ୍ଟାଣ୍ଡ ଭିତରେ ସଂଘବଧ ଆକ୍ରମଣ କଲେ। ଦୀର୍ଘ ସମୟ ଧରି ଅଟକ ରଖିଲେ। ପୁଲିସ ଅପହୃତ ଯାତ୍ରୀମାନଙ୍କୁ ମୁକାଳିଲା। ଏନେଇ ଭରତପୁର ଥାନାରେ ଅଭିଯୋଗ ହେଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଛାଡି ଦେଲା। ଏଭଳି ଏକ ସମ୍ବେଦନାଶୀଳ ଘଟଣାରେ ଅଭିଯୁକ୍ତଙ୍କୁ ଛାଡିଦେବା ଯୋଗୁଁ ଭରତପୁର ଥାନା ପୁଲିସ ପୁଣି ଥରେ ଚର୍ଚ୍ଚାକୁ ଆସିଛି।



ଅପହୃତା ବିଶ୍ୱଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୧ତାରିଖ ଦିନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀ ପିକ୍‌ନିକ୍ ବନାଇବାକୁ ସପ୍ତଶଯ୍ୟା ଯାଇଥିଲେ। ପ୍ରାରମ୍ଭରୁ ଗାଡି ଚାଳକ ଯାତ୍ରୀଙ୍କ କୌଣସି ଅସୁବିଧା ବୁଝୁ ନଥିଲେ। ପିକ୍‌ନିକ୍ ଶେଷ କରି ସପ୍ତସଯ୍ୟାରୁ ଫେରିଲା ବେଳେ ଡ୍ରାଇଭର ଯାତ୍ରୀମାନଙ୍କୁ ବିଡ଼ିଏ କାର୍ଯ୍ୟାଳୟ ସମ୍ମୁଖରେ ଛାଡିବା କଥା। ହେଲେ ଡ୍ରାଇଭର ଏହା ନକରି ଯାତ୍ରୀମାନଙ୍କୁ ହାଉସିଂବୋର୍ଡ ନିକଟରେ ଓହ୍ଲାଇଥିଲେ। ଏହାକୁ ନେଇ ଯାତ୍ରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷୀପ୍ତ ହୋଇ ଡ୍ରାଇଭର ସୌମ୍ୟ ବର୍ଦ୍ଧନ ଦାସ ନାମକ ଯାତ୍ରୀଙ୍କ ଉପରେ ବସ୍ ଚଢାଇ ଦେଲେ। ତାଙ୍କ ଦୁଇ ଗୋଡ ଭାଙ୍ଗିଯାଇ ସେ ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଗାଡି ଭିତରେ ୩ଜଣ ଯାତ୍ରୀ ଓହ୍ଲାଇବାକୁ କହୁଥିଲା ବେଳେ ସେମାନଙ୍କୁ ଅପହରଣ କରି ବରମୁଣ୍ଡା ସ୍ଥିତ ବସ୍‌ଆଡ୍ଡା ନେଇ ଯାଇଥିଲେ। ଡ୍ରାଇଭର ଏବଂ ତାଙ୍କର ସହଯୋଗୀମାନେ ମିଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ମୁକାଳିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୁଲିସ ଅଭିଯୁକ୍ତମାନଙ୍କୁ ଧାରା ୪୧ରେ ନୋଟିସ୍ ଦେଇ ଛାଡି ଦେଇଥିବା କହିଥିଲା। ଯାହାକୁ ନେଇ ଅଭିଯୋଗକାରୀ ବିଶ୍ୱଜିତ୍ ସାମଲ ସ୍ତବ୍ଧ ହୋଇଥିବା କହିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି, ଅଭିଯୋଗ ହେବା ପରେ ଆମେ ଜଣକୁ ଡାକି ଥାନାରେ ପଚରାଉଚରା କରିଛୁ। ଏ ନେଇ ତଦନ୍ତ ଜାରି ରହିଛି।



# ଭୁବନେଶ୍ୱର ସିଟି

# ନୂଆ ରୂପ ନେବ ପଠାଣିସାମନ୍ତ ପ୍ଲାନେଟାରିୟମ

**■ ନବୀକରଣ ପାଇଁ ହେଲା ବୁଝାମଣା**
**■ ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ପ୍ରକଳ୍ପ ରିପୋର୍ଟ**



ଭୁବନେଶ୍ୱର, ୧୫ ।୧(ସମିସ):ରାଜ୍ୟର ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଏବଂ ମହାକାଶ ବିଜ୍ଞାନକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ନିଭାଉଥିବା ପଠାଣି ସାମନ୍ତ ପ୍ଲାନେଟାରିୟମର ହେବ ନବୀକରଣ। ଏନେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କୋଲକାତାସ୍ଥିତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଟେକ୍ନୋଲୋଜି ମ୍ୟୁଜିୟମ (ବିଆଇଟିଏମ) ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଗୁରୁବାର ଲୋକସେବା ଭବନସ୍ଥିତ ଉନ୍ନୟନ କମିଶନରଙ୍କ ସମ୍ମିଳନୀ କକ୍ଷରେ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଏବଂ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅନ୍ତର୍ଗତ ନ୍ୟାସନାଲ କାଉନସିଲ ଅଫ ସାଇନ୍ସ ମ୍ୟୁଜିୟମସ୍ ଅଧିନସ୍ଥ ବିର୍ଲା ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍ (ବିଆଇଟିଏମ୍)ର ନିର୍ଦ୍ଦେଶକ ଅର୍ଣ୍ଣବ ଚାଟାର୍ଜୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ଖୁବ୍‌ଶିଘ୍ର ଏକ ବୈଷୟିକ ଟିମ୍ ଦ୍ୱାରା ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଦେଓରଞ୍ଜନ କୁମାର ସିଂହ ଯୋଗଦେଇ ବିଜ୍ଞାନ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରି ପ୍ଲାନେଟୋରିୟମ୍‌ର ନବୀକରଣ ପାଇଁ ସମସ୍ତ ସହଯୋଗ ପ୍ରଦାନ କରାଯିବ ଓ ଏହି ଅନୁଷ୍ଠାନ ଆଗାମୀ ଦିନରେ ରାଜ୍ୟରେ ପଠାଣି ସାମନ୍ତ ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ନବୀକରଣ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ନବୀକରଣ କାର୍ଯ୍ୟ ଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀ ଏବଂ ସାଧାରଣ ବ୍ୟକ୍ତି ବିଶେଷ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ବିଷୟରେ ଅଧିକ ଉନ୍ନତ ତଥା ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଭିନ୍ନ ତଥ୍ୟ ଜାଣିପାରିବାର ସୁଯୋଗ ପାଇବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଇଡକୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଯୋଜନା ଓ ସଂଯୋଜନ ସ୍ୱତନ୍ତ୍ର ଶାସନ ସଚିବ ଦେବେନ୍ଦ୍ର କୁମାର ଜେନାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ସ୍ତରରେ ଓଡ଼ିଆ ଝିଅଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୧୫ ।୧(ସମିସ): ଜୁନିୟର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଓଡ଼ିଶାରୁ ନିର୍ବାଚିତ ହୋଇ ଲୟଲା ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ଦୀକ୍ଷା ମହାପାତ୍ର 'ବେଷ୍ଟ ପାର୍‌ସନାଲିଟି' ଶୀର୍ଷ ସମ୍ମାନ ଲାଭ କରିଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଜୟପୁରଠାରେ ଅନୁଷ୍ଠିତ ହୋଇଥିଲା। ଦୀକ୍ଷା ସମସ୍ତ ରାଉଣ୍ଡରେ ନିଜ ବୁଦ୍ଧିମତା ଓ ପାରଦର୍ଶିତା ପ୍ରଦର୍ଶନ କରି ସାଂସ୍କୃତିକ ରାଉଣ୍ଡରେ ଓଡ଼ିଶାର ଗୌରବ ବର୍ଦ୍ଧନ କରିବା ସହ ବେଷ୍ଟ ପର୍ସନାଲିଟି ଉପାଧି ଲାଭ କରିଛନ୍ତି। ସେ ତାଙ୍କ ଜେଜେମାଙ୍କର ପୁରୁଣା ୨୫ ବର୍ଷର ସମ୍ବଲପୁରୀ ପାଟଶାଢ଼ି ପରିଧାନ କରିଥିଲେ। ଏହା ହିଁ ତାଙ୍କୁ ଗୌରବ ଆଣି ଦେଇଛି ବୋଲି ଦୀକ୍ଷା କହିଛନ୍ତି। ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଦୀକ୍ଷାଙ୍କର ଏହି ସଫଳତା ହାସଲ କରିଛନ୍ତି। ଦୀକ୍ଷା ଆଚାର୍ଯ୍ୟବିହାରର ପ୍ରଶାସନିକ ସେବାନିବୃତ୍ତ ବାସବ କୁମାର ମହାପାତ୍ର ଏବଂ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କର ପୌତ୍ରୀ।

## ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ସଫଳ ଜେନ-ଏଆଇ ହ୍ୟାକାଥନ୍




ଭୁବନେଶ୍ୱର, ୧୫।୧(ସମିସ): ବିର୍ଲା ଗ୍ରୁପ୍‌ର ଏକ ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ତାହାର କ୍ୟାମ୍ପସରେ ଗୁଗୁଲ୍ ଡେଭେଲପର୍ ଗ୍ରୁପ୍ (ଜିଡିଜି) ସହଯୋଗରେ 'ନେକ୍ସଟ୍ ମାଇଣ୍ଡ ୧୨' ଜେନଏଆଇ ହ୍ୟାକାଥନ୍ ସଫଳତାର ସହ ଆୟୋଜନ କରିଛି। ଏହି ୧୨ ଘଣ୍ଟିଆ ନବୋନ୍ମେଷମୂଳକ ହ୍ୟାକାଥନ୍‌ରେ ଓଡ଼ିଶାର ବିଭିନ୍ନ ୟୁନିଭର୍ସିଟି ଓ ଶିକ୍ଷା ପ୍ରତିଷ୍ଠାନର ପ୍ରତିଭାଶାଳୀ ଛାତ୍ର ଡେଭେଲପର୍ମାନେ ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୦ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରଯୁକ୍ତିବିଦ୍ୟା ଦକ୍ଷତା ଓ ସୃଜନଶୀଳତାର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ବାଇଟ୍‌ଆଇକ୍ୟୁ ଆନାଲିଟିକ୍ସର ସିଇଓ ଆର୍ଯ୍ୟ ୱେଦବ୍ରତ, ଏଫ୍‌ଏକ୍ସୟୁଏଭି ର ନିର୍ଦ୍ଦେଶକ ସୁଭମ୍ ଆଚାର୍ଯ୍ୟ, ଉବଲ୍ ର ସିଇଓ ଆକାଶ ଜୟସ୍ୱାଲ୍ ଏବଂ ଟାଟା କନସଲଟେନ୍ସି ସର୍ଭିସେସ୍‌ର ସିନିୟର କନସଲଟାଣ୍ଟ ସ୍ମୃତି ରଞ୍ଜନ ଧଳ ରହିଥିଲେ। ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଥିଲେ, 'ନେକ୍ସଟ୍ ମାଇଣ୍ଡ ୧୨' ଭଳି ମଞ୍ଚ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଯୁକ୍ତିବିଦ୍ୟା ଓ ଉଦ୍ୟୋଗପତି ସୃଷ୍ଟି କରିବାରେ ସାହାଯ୍ୟ କରିବ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁଅଁର ଏପରି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ, ସୃଜନଶୀଳତା ଓ ନବୋନ୍ମେଷ ପାଇଁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ଆଇଆଇଆଇଟି ଭୁବନେଶ୍ୱରର ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ସହିତ ୨୫, ୦୦୦ ଟଙ୍କା ନଗଦ ପୁରସ୍କାର ପାଇଥିଲେ। ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟି ପ୍ରଥମ ରନ-ର୍‌ଅପ୍ ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଦ୍ୱିତୀୟ ରନ-ର୍‌ଅପ୍ ହୋଇ ୧୫, ୦୦୦ ଓ ୧୦, ୦୦୦ ଟଙ୍କା ପୁରସ୍କାର ହାସଲ କରିଥିଲେ।

## ଗାଈ ପଶିଯିବାରୁ ଦୁର୍ଘଟଣା; ଛାତ୍ର ଗୁରୁତର

ନନ୍ଦନକାନନ, ୧୫।୧(ସମିସ): ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ବୁଲା ଗାଈଗୋରୁଙ୍କ ପାଇଁ ଦୁର୍ଘଟଣାର ଶିକାର ହୋଇ କିଛି ଜନସାଧାରଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ୬ଟା ପାଖାପାଖି ଏକ ବୁଲା ଗାଈ ପଶିଯିବାରୁ ଜଣେ ଛାତ୍ର ଗୁରୁତର ହୋଇ ହସ୍ପିଟାଲ ଭର୍ତ୍ତି ହୋଇଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ନିକଟରେ ଥିବା ଏକ ବିଶ୍ୱବିଦ୍ୟାଳୟରୁ ଛାତ୍ର ଜଣକ ସ୍କୁଟିରେ କିଟ ଛକପଟୁ ଝାରପଡ଼ା ଘରକୁ ଫେରୁଥିବା ବେଳେ ନନ୍ଦନକାନନ ଜୟଦେବ ବିହାର ରାସ୍ତା ବଜରଙ୍ଗୀ ବିହାର ନିକଟରେ ହଠାତ ଏକ ଗାଈ ପଶି ଯାଇ ତାଙ୍କ ସ୍କୁଟି ସହ ମାଡ଼ ହୋଇଯାଇଥିଲା। ଫଳରେ ଛାତ୍ର ଜଣକ ସ୍କୁଟି ସହ ରାସ୍ତାରେ ଛିଟିକି ପଡ଼ିଥିଲେ। ଏଥିରେ ଛାତ୍ର ଜଣକର ମୁଣ୍ଡ ମୁହଁ ରାସ୍ତାରେ ଜୋର ପିଟି ହୋଇଥିଲା। ହେଲମେଟ ପିନ୍ଧିଥିବା ବେଳେ ବି ତାଙ୍କର ମୁହଁ ଗୁରୁତର ଆଘାତ ପାଇ ଫାଟି ଯାଇଥିଲା। ଦାନ୍ତ ମାଡି ଦୋହଲି ଯାଇଥିଲା। ଡାହାଣପଟ କାନରୁ ଓ ମୁହଁରୁ ପ୍ରଚୁର ରକ୍ତଶ୍ରାବ ହୋଇଥିଲା। ସ୍ଥାନୀୟଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ପ୍ରାଥମିକ ସେବା ଶୁଶ୍ରୁଷା କରିଲା ପରେ ଚିକିତ୍ସା ପାଇଁ ନିକଟସ୍ଥ ଏକ ହସ୍ପିଟାଲକୁ ନେଇଥିଲେ। ସେହିଭଳି ଆଜି ଦିନରେ ବି ସେଠାରେ ଏକ କାଳିଆ ଷଣ୍ଢ ପଶି ଯିବାରୁ କିଛି ଲୋକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଆକ୍ରମଣ କରି ଲୁଟିନେଲେ ସୁନା ଚେନ୍, ଟଙ୍କା

ଭୁବନେଶ୍ୱର, ୧୫ ।୧(ସମିସ): ବାଟରେ ଅଟକାଇ ବାଇକ ଆରୋହୀଙ୍କ ଠାରୁ ୬ ଜଣ ଦୁର୍ବୃତ୍ତ ସୁନା ଚେନ୍ ସମେତ ୪୨ ହଜାର ଟଙ୍କା ଲୁଟି ନେଇଥିବା ନୂଆପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ପୁଲିସ କହିବା ଅନୁଯାୟୀ ସଂଧ୍ୟା ୬ଟାରେ ଆଇଆର୍‌ସି ଭିଲେଜ ସବ୍‌ଷ୍ଟେସନ ନିକଟରେ ଦେଇ ନୂଆସାହିର ଜ୍ଞାନରଞ୍ଜନ ରାଉତ ବାଇକ୍‌ରେ ଯାଉଥିବାବେଳେ ୬ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ ଓ ଲୁହାରଡ଼ରେ ଆକ୍ରମଣ କରି ତାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିଲେ। ପରେ ତାଙ୍କ ମୋବାଇଲ ଛଡାଇନେଇ ଅନଲାଇନ୍ ମାଧ୍ୟମରେ ୪୨ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି।

## ସରକାରୀ କ୍ୱାର୍ଟର୍ସରୁ ଯୁବକ ଝୁଲନ୍ତା ମୃତଦେହ ଉଦ୍ଧାର


ଭୁବନେଶ୍ୱର, ୧୫।୧(ସମିସ): ୟୁନିଟ୍-୧ ସ୍ଥିତ କଲେଜ ନିକଟରେ ଥିବା ଏକ ସରକାରୀ କ୍ୱାର୍ଟର୍ସରୁ ଠିକାଦାରଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ଗଙ୍ଗାଧର ପଟ୍ଟନାୟକ। ରାଜଧାନୀରେ ଠିକାଦାର କାମ କରନ୍ତି। ତେବେ କାରଣରୁ ସେ ଫାଶୀ ଲଗାଇଛନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। ସନ୍ଧ୍ୟା ସମୟରେ ପୁଲିସ ଖବର ପାଇଁ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି।

## ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ



ଭୁବନେଶ୍ୱର, ୧୫।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରୁ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଭୁବନେଶ୍ୱରର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ଓ ଟିଭି ପ୍ରତିଷ୍ଠାନର ଅଧ୍ୟକ୍ଷ ହିମାଂଶୁ ଖଟୁଆ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଇଣ୍ଟାକ୍, ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର, ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ସେନସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଜୟନ୍ତୀ ଅବସରରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସହ ଉପାଧ୍ୟକ୍ଷ ସୁବାସ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଡ. ପଞ୍ଚାନନ ସାମଲ ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅଭିଷେକ ମହାପାତ୍ର ପ୍ରମୋଦ ପତିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହୁ, ସୁନିଲ କୁମାର ଡାକୁଆ ଏବଂ ଅନ୍ୟତମ ଉପାଧ୍ୟକ୍ଷ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିଲେ।

## ଆର୍ଟ ଚାଟଶାଳୀ ତରଫରୁ ବିଶାଳ ଚିତ୍ରାଙ୍କନ ପ୍ରତିଯୋଗିତା



ଭୁବନେଶ୍ୱର, ୧୫ ।୧(ସମିସ): ବରମୁଣ୍ଡା ନୀଳକଣ୍ଠେଶ୍ୱର ମନ୍ଦିରରେ ଆର୍ଟ ଚାଟଶାଳୀ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୫ଟି ସ୍କୁଲର ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ଶ୍ରେଣୀ ପିଲାଙ୍କ ନିମନ୍ତେ ସେଭ୍ ଟ୍ରୀ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ନିମନ୍ତେ ସେଭ୍ ୱାଟର, ତୃତୀୟ ଶ୍ରେଣୀ ପିଲାଙ୍କ ନିମନ୍ତେ ଚଢ଼େଇ ବସା ଚିତ୍ର, ଚତୁର୍ଥ ଶ୍ରେଣୀ ପିଲାଙ୍କ ନିମନ୍ତେ ଗୁଡ଼ିଉଡା ଚିତ୍ର, ପଞ୍ଚମ ଶ୍ରେଣୀ ପିଲାଙ୍କ ନିମନ୍ତେ ଶୀତ ସକାଳ, ଷଷ୍ଠ ଶ୍ରେଣୀ ପିଲାଙ୍କ ନିମନ୍ତେ ଗ୍ରାମୀଣ ଦୃଶ୍ୟ, ସପ୍ତମ ଶ୍ରେଣୀ ପିଲାଙ୍କ ନିମନ୍ତେ ଦୁର୍ଗା ମୁଖ, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ନିମନ୍ତେ ହୋଲି ଉତ୍ସବ ଉପରେ ବିଷୟ ରହିଥିଲା। ଏହି କାର୍ଯ୍ୟରେ ଆର୍ଟ ଚାଟଶାଳୀ ପରିବାରର କର୍ମକର୍ତ୍ତା ଅଭୟ ନାଥ, ଚନ୍ଦନ କୁମାର ସାହୁ, ରଶ୍ମିତା ଓ ଇତିଶ୍ରୀ ସାମନ୍ତସିଂହାର ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରତି ଶ୍ରେଣୀରୁ ୧୦ ଜଣ ହିସାବରେ ୧୦୦ ଜଣଙ୍କୁ ଏପ୍ରିଲ ୨ ତାରିଖ ଦିନ ଜୟଦେବ ଭବନଠାରେ ଟ୍ରଫି ଓ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ।

## ବିଜେଇଏମ୍ ସ୍କୁଲର 'ଇନ୍‌ସେପ୍‌ସନ୍'

ଭୁବନେଶ୍ୱର, ୧୫ ।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ 'ଇନ୍‌ସେପ୍‌ସନ୍- ୨୦ ୨୬' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଜେ ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇଥିଲେ।




ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ବିଦ୍ୟାଳୟର ୫୨ ବର୍ଷର ଇତିହାସ କହି ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ରାଧାମୋହନ ମହାନ୍ତି ଏବଂ ସ୍ୱର୍ଗତ କେକେ ନାୟକ ପ୍ରମୁଖଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ଦାଶ, ଉପପରିଚାଳକ ଅନୁପ ପଟ୍ଟନାୟକ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶ୍ରୀପତି ନାରାୟଣ ମିଶ୍ର, ପରିଚାଳନା କମିଟିର ଅନ୍ୟତମ ସଦସ୍ୟ କେଦାରନାଥ ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ କଠୋର ପରିଶ୍ରମ ଓ ଅଧ୍ୟବସାୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମଲ୍ଲିକ ବିଜେଇଏମ୍ ଶିକ୍ଷାରୂପକ ଆଲୋକବର୍ତ୍ତିକା ଯାହା ଭବିଷ୍ୟତ ପିଢ଼ିଙ୍କ ପାଇଁ ଉଜ୍ୱଳ ଭବିଷ୍ୟତ ଆଣିଦେବ ବୋଲି ପ୍ରାରମ୍ଭିକ ସୂଚନାରେ ପ୍ରକାଶ କରିଥିଲେ। ପର୍ଯ୍ୟବେକ୍ଷକ ନରେଶ କୁମାର ରଥ ଧନ୍ୟବାଦ ଅର୍ପଣ କରି ବିଦ୍ୟାଳୟର ସମୃଦ୍ଧି କାମନା କରିଥିଲେ। ଏଥିରେ ବିଜେ ଏଜୁକେସନ୍ ସୋସାଇଟିର ସଦସ୍ୟଗଣ, ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୱେଷଣରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ବ୍ୟାସକବିଙ୍କ ଜୟନ୍ତୀ ପାଳିଲା ଉସାକା**

## ସ୍କୁଲରେ ପଢ଼ାହେଉ ଫକୀରମୋହନ ସାହିତ୍ୟ




**ମୋବାଇଲ ଛାଡ଼ି ସାହିତ୍ୟମନସ୍କ ହୁଅନ୍ତୁ ଯୁବପିଢ଼ି**

ଭୁବନେଶ୍ୱର, ୧୫ ।୧(ସମିସ): ଉତ୍କଳ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ(ଉସାକା) ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ଉତ୍ସବରେ ପ୍ରଫେସର ମାନସ ରଞ୍ଜନ ବେହେରା ଯୋଗଦେଇ ସମସ୍ତ ବିଦ୍ୟାଳୟରେ ଫକୀରମୋହନ ସାହିତ୍ୟ ପଠନର ବ୍ୟବସ୍ଥା ହେଉ ବୋଲି ମତବ୍ୟକ୍ତ କରିବା ସହ ଯୁବପିଢ଼ି ମୋବାଇଲ୍‌ରେ ବ୍ୟସ୍ତ ନ ହୋଇ ସାହିତ୍ୟମନସ୍କ ହେବାକୁ ପରାମର୍ଶ ଦେଇଛନ୍ତି। ଉସାକାର ସଭାପତି ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉସାକା ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫକୀରମୋହନଙ୍କ ଜୟନ୍ତୀ ଭିନ୍ନ ଭିନ୍ନ ସ୍ଥାନରେ ପାଳନ ନ କରି ଗୋଟିଏ ସ୍ଥାନରେ ଦିବସବ୍ୟାପୀ ପାଳନ କରନ୍ତୁ ଏବଂ ଏକତା ଦିବସରେ ଗଣଦୌଡ଼ କରିବା ଭଳି ଫକୀରମୋହନଙ୍କ ଉଦ୍ଦେଶ୍ୟରେ ଗଣ ଦୌଡ଼, ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ଲେନିନ ମହାନ୍ତି, ଉସାକାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ମିହିର ରାୟ, ରାମଜୀବନ ଗୋଛାୟତ, ଅଧ୍ୟାପିକା ଅମୀୟବାଳା ପରିଡ଼ା, ଡ. ରୋଜା ଘୋଷ, ପ୍ରଫେସର ଅଦୈତ୍ୱ ପାତ୍ର, ରାଜ୍ୟ ସମାଜସେବୀ ସଂଘର ଟ୍ରଷ୍ଟି ସାଗର ସୁନ୍ଦରଦାଶ ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ସ୍ମୃତିଚାରଣ କରିଥିଲେ।

## ବ୍ୟାସକବି ଫକୀରମୋହନ ଜାତୀୟ ଆଲୋଚନାଚକ୍ର ଆୟୋଜିତ




ଭୁବନେଶ୍ୱର, ୧୫ ।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଫକୀର ମୋହନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ନେଇ ଏକ ଦିବସୀୟ ଜାତୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ ଡ଼. ପ୍ରତିଭା ରାୟ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ 'ଫକୀରମୋହନ ସେନାପତିଙ୍କ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା', 'ଓଡ଼ିଆ ଆତ୍ମଜୀବନୀ ଇତିହାସରେ ଫକୀରମୋହନଙ୍କ ଆତ୍ମଚରିତ' ଶୀର୍ଷକକୁ ନେଇ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକମାନେ ଆଜିର ଆଲୋଚନା ଚକ୍ରରେ ଭାଗନେଇ ବ୍ୟାସକବିଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ରଚିତ କବିତା, ଗଳ୍ପ ଓ ଉପନ୍ୟାସ ଆଦିର ବିଶ୍ଳେଷଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସର୍ବଭାରତୀୟ ବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲାଗି ଚୟନ

ଭୁବନେଶ୍ୱର, ୧୫ ।୧(ସମିସ): ସର୍ବଭାରତୀୟ ବେସାମରିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ୨୦୨୫-୨୬ ଆସନ୍ତା ମାସ ୧୫ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ 'ଗୋଆ'ରେ ଅନୁଷ୍ଠିତ ହେବ। ସେଥିପାଇଁ, ଖେଳାଳି ଚୟନ ପ୍ରକ୍ରିୟା ଚଳିତ ମାସ ୧୮ ତାରିଖ ସକାଳ ୮ ଘଟିକା ସମୟରେ ୟୁନିଟ୍-୮ ସ୍ଥିତ ପୁରାତନ କ୍ରିଡାବିଭାଗ ଇନ୍‌ଡ଼ୋର ହଲ୍ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ (ଅନ୍ୟୁନ ୬ ମାସ ବିତେଇଥିବା) ସରକାରୀ କର୍ମଚାରୀମାନେ ଭାଗ ନେଇପାରିବେ। ଭାଗନେବାକୁ ଇଚ୍ଛୁକ ସରକାରୀ କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ବିଭାଗ / ଅଫିସ ପରିଚୟ ପତ୍ର ଉଚ୍ଚ ଅଧିକାରୀଙ୍କ ଠାରୁ ନୋ ଅବ୍‌ଜେକ୍ସନ ସାଟିଫିକେଟ୍ ସହ ଏକ ପାସ୍ ଫଟୋ ସାଙ୍ଗରେ ଆଣି ଉକ୍ତ ସ୍ଥାନ ଏବଂ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି। ଅଧିକ ବିବରଣୀ ପାଇଁ ଏହି ନମ୍ବରରେ ୭୦୦୮୧୭୦୪୪୩) ଯୋଗାଯୋଗ କରିପାରିବେ ବୋଲି ଶ୍ରୀ ନାୟକ କହିଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ସଂସ୍କୃତି ବିଚିତ୍ରା'

ଭୁବନେଶ୍ୱର, ୧୫ ।୧(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଙ୍ଗୀତ ଓ ନୃତ୍ୟଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ କବି ସହଦେବ ଜୟସିଂହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତି ଥିଲା ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦିଶ୍‌ରେ 'ପାର୍ ଲଗା ଦେରେ ମେରେ ନୈୟାଁ' ଓ ଭଜନ ପରିବେଷଣ। ଏହାର ସ୍ୱର ସଂଯୋଜନା କରିଥିଲେ ଗୁରୁ ଡ. ଇତିଶ୍ରୀ ସାହୁ। ପରେ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ତାଳକୁ ନେଇ 'ତାଳଯାତ୍ରା' ବୃନ୍ଦବାଦ୍ୟ ଗୁରୁ ଡ. ସନ୍ଦୀପ କୁମାର ରାଉତଙ୍କ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନାରେ ପରିବେଷିତ ହୋଇଥିଲା। ଶେଷରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ସଙ୍ଗୀତ ଓ ପଦ୍ମଶ୍ରୀ ଗୁରୁ ପଙ୍କଜ ଚରଣ ଦାସଙ୍କ ନୃତ୍ୟ ସଂଯୋଜନାରେ ପ୍ରସ୍ତୁତ ନୃତ୍ୟନାଟିକା 'ଗ୍ଲାନି ସଂହାରେ' ପରିବେଷିତ ହୋଇଥିଲା। ଏଥିରେ କୁଳସଚିବ ଅନାମିକା ଅଧିକାରୀ, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା।

**ପିୟୁସିସି ଜରିମାନାକୁ ବିରୋଧ**

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ନବନିର୍ମାଣ ଯୁବଛାତ୍ର ସଂଗଠନ



ଭୁବନେଶ୍ୱର,୧୫ ।୧(ସମିସ): ପ୍ରଦୂଷଣ ଜୋରିମାନା ନାମରେ ଲୋକଙ୍କୁ ନିର୍ଯାତନା ଓ ଲୁଟ୍ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ନବନିର୍ମାଣ ଯୁବଛାତ୍ର ସଂଗଠନ। ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀଙ୍କ ନେତୃତ୍ୱରେ ଶହ ଶହ ଯୁବଛାତ୍ର ଫରେଷ୍ଟ ପାର୍କଠାରୁ ଏକ ସୁସଜ୍ଜିତ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ଦେଶ୍ୟରେ ମାଡ଼ି ଆସିଥିଲେ। ଭୁବନେଶ୍ୱର ପୁଲିସ୍ ବ୍ୟାପକ ବନ୍ଦୋବସ୍ତ କରିଥିଲେ ହେଁ ଯୁବଛାତ୍ର ନେତାମାନଙ୍କୁ ଅଟକାଇ ପାରିନଥିଲା। ପ୍ରଥମଥର ପାଇଁ ଏକ ବିଶାଳ ଷ୍ଟିଲ୍ ପ୍ରାଚୀର ମାଧ୍ୟମରେ ପୁଲିସ୍ ଏହି ଆନ୍ଦୋଳନକାରୀମାନଙ୍କୁ ଅଟକାଇଥିଲା। ଆନ୍ଦୋଳନକାରୀମାନେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ରୁଣ୍ଡ ହୋଇଥିଲେ।

ଏହି କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଅଧ୍ୟକ୍ଷ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସଂଗଠନର ରାଜ୍ୟ ସଭାପତି ମନଓ୍ୱର ଅଲ୍ଲୀ, ଭୁବନେଶ୍ୱର ସଭାପତି ଅମିତ ଜେନା, ପୁରୀଜିଲ୍ଲା ସଭାପତି ସ୍ମୃତିରଞ୍ଜନ ସାମଲ, ଭଦ୍ରକ ଜିଲ୍ଲା ସଭାପତି ଜାହିର ଖାନ, ବାଲେଶ୍ୱର ଜିଲ୍ଲା ସଭାପତି ରଣଜିତ ପଟ୍ଟନାୟକ, ଏମ୍‌ଡି ମୁନଓ୍ୱାର, ଏସ୍‌କେ ହେଦାୟୀ, ଆୟୁଷ ଦାଶ, ରାକେଶ ସେନାପତିଙ୍କ ସମେତ ବହୁ ଯୁବ କର୍ମକର୍ତ୍ତା ଯୋଗ ଦେଇଥିଲେ।

ପର୍ବ ନାମରେ ମଉଜ

# କୁକୁଡ଼ା ଲଢେଇ ପାଇଁ ମୟୂରଭଞ୍ଜରେ ବଢୁଛି ଅପରାଧ

ବାରିପଦା, ୧୫ ।୧(ସମିସ): କୁକୁଡ଼ା ଲଢେଇ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବଢୁଛି ଅପରାଧ। ଲଢ଼େଇ ସ୍ଥଳ (ପାଡା)ରେ ଖୁଲମଖୁଲା ଜୁଆଖେଳ ସାଙ୍ଗକୁ ମଦ ବେପାର ଅପରାଧକୁ ଇନ୍ଧନ ଯୋଗାଉଛି। ଯୁବ ଗୋଷ୍ଠୀ ସ୍ୱଳ୍ପ ବୟସରୁ ଅବାଟକୁ ଯାଉଥିବାବେଳେ ସ୍ୱର୍ବସାନ୍ତ ହୋଇ ଶେଷରେ ଅପରାଧକୁ ବାଛୁଛନ୍ତି। ପାଡାରୁ ନିରାଶ ହୋଇ ଫେରିବା ବେଳେ ଛିନତାଇ, ଚୋରି, ତତସହିତ ଦୁର୍ଘଟଣା ଭିଆଇ ଅନେକଙ୍କ ଜୀବନ ନେବା ସାଙ୍ଗକୁ ନିଜେ ମଧ ମୃତ୍ୟୁମୁଖରେ ପଡୁଛନ୍ତି।



- ଚାଲିଛି ଖୁଲମଖୁଲା ଜୁଆଖେଳ ଓ ମଦ ବେପାର
- ଜୀବେ ନିଷ୍ଠୁରତା ପ୍ରତିରୋଧ ଆଇନ ହେଉନି କାର୍ଯ୍ୟକାରୀ

ମୟୂରଭଞ୍ଜ ଜିଲ୍ଲାରେ ଖରିଫ ଫସଲ ଅମଳ ପରେ ଅର୍ଥାତ ନଭେମ୍ବର ମାସ ପାଖରୁ ଜୁନ ମାସ ପର୍ଯ୍ୟନ୍ତ ୮ ମାସ ପ୍ରାୟତଃ ସମସ୍ତ ହାଟରେ କୁକୁଡ଼ା ଲଢେଇ ଅନୁଷ୍ଠିତ ହେଉଛି। ତତସହିତ ପର୍ବପର୍ବାଣୀରେ ବିଭିନ୍ନ ସ୍ଥାନରେ କୁକୁଡ଼ା ଲଢେଇ ହେଉଛି। ସାଧାରଣତଃ ମକର ସମୟରେ ଏହା ଅଧିକ ହେଉଛି। ଏହି ଲଢ଼େଇ ସ୍ଥଳ (ପାଡା)କୁ ଜିଲ୍ଲା ବାହାର, ଏପରିକି ପଡୋଶୀ ରାଜ୍ୟର ନିଶାଡି ନାମୀଦାମୀ ଗାଡ଼ିରେ ଆସି ନିଜର କୁକୁଡା ଲଢ଼େଇ କରୁଛନ୍ତି। ଏମାନଙ୍କ ମଧରେ ଅନେକ ପେଷାଦାର ଅପରାଧି ରହିଥା'ନ୍ତି। କୁକୁଡା ପାଡ଼ାରେ ଅନ୍ୟ ଅପରାଧିଙ୍କ ସହିତ ଘନିଷ୍ଠତା ସମ୍ପର୍କ ସ୍ଥାପନ ସେମାନଙ୍କ ପାଇଁ ସହଜ ହେଉଛି। ପରବର୍ତ୍ତୀ ସମୟରେ ଏକ ଗ୍ୟାଙ୍ଗରେ ମିଶି ଅପରାଧ ଭିଆଉଛନ୍ତି। ସେହିପରି ପ୍ରତ୍ୟେକ ପାଡାରେ କୁକୁଡା-କୁକୁଡାର ହାରଜିତକୁ ନେଇ ବାଜି, ଏକ ପ୍ରକାର ଜୁଆଖେଳ ଚାଲିଥିବାବେଳେ ପାଖାପାଖି ସ୍ଥାନରେ ଧଣ୍ଡିପାଲି ଓ ଫୁଲଖେଳ ଜୁଆ ବ୍ୟାପକ ମାତ୍ରାରେ ଚାଲିଛି। କୁକୁଡା ଲଢେଇ ଆୟୋଜନ ପରମ୍ପରା ନାମରେ ରକ୍ତପାତ ବୋଲି ଅଭିଯୋଗ କରି କେତେକ ସାମାଜିକ ଅନୁଷ୍ଠାନ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ଚିଠି ଲେଖିଥିଲେ। ଏହାକୁ ଭିତ୍ତି କରି ୨୦୧୪ ଡିସେମ୍ବର ୨୦ ତାରିଖରେ ହ୍ୟୁମେନ ସୋସାଇଟି ଇଣ୍ଟରନ୍ୟାସନାଲ କ୍ୟାମ୍ପେନ୍ ମ୍ୟାନେଜର ଅର୍କପ୍ରଭା ଭାର ଏହାକୁ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ପ୍ରିଭେନ୍‌ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ୍ (ଜୀବେ ନିଷ୍ଠୁରତା ପ୍ରତିରୋଧ ଆଇନ ୧୯୬୦)ର ସେକ୍ସନ ୧୧(୧)(ଏମ୍)(୨) ମୁତାବକ ଏହି କୁକୁଡା ଲଢେଇ ବେଆଇନ ଓ ଏଥିପାଇଁ ରାଜ୍ୟ ସରକାର ଉତ୍ତରଦାୟୀ ବୋଲି ଉଲ୍ଲେଖ କରିବା ସହିତ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକୁ ଅବମାନନା କରି ଯଦି କୁକୁଡ଼ା ଲଢେଇ ଜାରି ରହେ, ତେବେ ରାଜ୍ୟ ସରକାରଙ୍କୁ ଦୋଷାରୋପ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ଏହି ନିର୍ଦ୍ଦେଶ ମିଳିବା ପରେ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ସେମାନେ ପ୍ରଚାର ପ୍ରସାର ମାଧ୍ୟମରେ ସେତେବେଳେ କୁକୁଡ଼ା ପାଡ଼ା ବନ୍ଦ କରିଥିଲେ। ତତ୍କାଳୀନ ଏସପିଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ କୁକୁଡ଼ା ପାଡାରେ ଚଢ଼ାଉ ପରେ ଅପରାଧିଙ୍କୁ ଗିରଫ ସାଙ୍ଗକୁ ବହୁ ସଂଖ୍ୟାରେ ବାଇକ ଜବତ ହେତୁ ଏଥିରେ ଅଙ୍କୁଶ ଆସିଥିଲା। ପରନ୍ତୁ ଏକବର୍ଷ ହେବ ପୁଣି ଯେସାକୁ ତେସା ପରିସ୍ଥିତି ଉପୁଜିଛି। ପରମ୍ପରା ଓ ସଂସ୍କୃତିରେ ଅଭ୍ୟସ୍ତ କୁକୁଡ଼ା ହାଉସୀ ଏହି ଅପରାଧିଙ୍କ ପାଇଁ ପର୍ବପର୍ବାଣୀର ମଜା ନେବାକୁ ଯାଇ ସର୍ବସ୍ୱାନ୍ତ ହେବା ସାଙ୍ଗକୁ ସେମାନଙ୍କ ଅପରାଧର ଶିକାର ହେଉଛନ୍ତି। ଜିଲ୍ଲାର ଯଶିପୁର, ସାହାରପଡ଼ା, ମିରିଗଦାରୀ, ଭାଲକି, ହାତୀସାହି ଗଡ଼ିଆମାଳ, ଉଦଳା, ଖୁଣ୍ଟା, ବଡ଼ସାହି, ବଦଳିଗାଁ, ଭୋଳାଗଡ଼ିଆ, କରତବସା, ଧାନଶୋଳ, ଅସ୍ତିଆ, ବାରମାଇଲ, ଝିଙ୍କିରିଆ, ମଣଦା, ଝାରପୋଖରିଆ, ପାଣିହେଣା (ଅସନଯୋଡା) ଆଦି ସ୍ଥାନ ବ୍ୟତୀତ ପ୍ରାୟ ଅଧିକାଂଶ ସାପ୍ତାହିକ ହାଟରେ ନିୟମିତ କୁକୁଡ଼ା ଲଢେଇ ସହିତ ଜୁଆଖେଳ ହେଉଛି। ଏ ନେଇ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପଦକ୍ଷେପ ନେବାକୁ ଦାବି ହେଉଛି।

# ସରକାରୀ ମେଧାବୃତ୍ତି ପରୀକ୍ଷାରେ ଡାଳିମୁଣ୍ଡିର ସଫଳତା



ଉଦଳା, ୧୫।୧(ସମିସ):ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଉକ୍ତ ମେଧାବୃତ୍ତି ପରୀକ୍ଷାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡାଳିମୁଣ୍ଡିରେ ପଢୁଥିବା ତୃତୀୟ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ମିଶ୍ର ସଫଳ ହୋଇଛନ୍ତି। ଉକ୍ତ ବୃତ୍ତି ପରୀକ୍ଷାରେ ସେ ବ୍ଲକ ସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରି ଡାଳିମୁଣ୍ଡି ପ୍ରାଥମିକ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ଖବର ପ୍ରକାଶିତ ହେବା ମାତ୍ରେ ଡାଳିମୁଣ୍ଡି ଗ୍ରାମରେ ଆନନ୍ଦର ଲହରି ଖେଳିଯାଇଛି। ପ୍ରିୟଙ୍କା ମିଶ୍ର ଜଣେ ସମୟାନୁବର୍ତ୍ତୀ, ଶୃଙ୍ଖଳିତ ଓ ମେଧାବୀ ଛାତ୍ରୀ ଅଟନ୍ତି। ପ୍ରିୟଙ୍କା ପିତାମାତା ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ ହିରଣ୍ୟ କୁମାର ବେହେରା ଓ ଶିକ୍ଷୟିତ୍ରୀ ଶ୍ରୀମତୀ ରଞ୍ଜିତା ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ମାନଗୋବିନ୍ଦ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ମାଣତ୍ରୀ, ୧୫ ।୧(ସମିସ):ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ପଞ୍ଚାୟତର ଆଡିଆସାହି ଖେଳ ପଡ଼ିଆରେ ଚାଲିଥିବା ମାନଗୋବିନ୍ଦ ପ୍ରିମିୟମ ଲିଗ୍ ଚତୁର୍ଥ ସଂସ୍କରଣ ଉଦଯାପିତ ହୋଇଯାଇଛି। ସେମିଫାଇନାଲ ମ୍ୟାଚ୍ ମା' ବରୁଣେଇ ଇଲେଭେନ ଓ ତନ୍ମୟ ଟାଇଗର ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ତନ୍ମୟ ଟାଇଗର ୮୩ ରନ କରିଥିବାବେଳେ ମା' ବରୁଣେଇ ୭ ୱିକେଟରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍ ମା' ବରୁଣେଇ ଓ ତନ୍ମୟ ଫାଇଟର ମଧରେ ହୋଇଥିଲା। ଏଥିରେ ମା' ବରୁଣେଇ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ବିନିମୟରେ ୬୪ ରନ କରି ଥିବାବେଳେ ତନ୍ମୟ ଫାଇଟର ୮.୫ ଓଭରରେ ୬୧ ରନ କରି ଚାମ୍ପିଅନ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଲୋକସଭାର ବିଜେଡି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଡା ଦେବାଶିଷ ମାରାଣ୍ଡି, ନୀଳଗିରି ବିଧାନସଭାର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଦାମ ପରିଡ଼ା, ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ସରପଞ୍ଚ ସଂଘର ପ୍ରାକ୍ତନ ସଭାପତି ନରେନ୍ଦ୍ର ସିଂ, ଅମର ସେଠୀ, ପ୍ରଶାନ୍ତ ମହାନ୍ତି ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିମିୟମ ଲିଗର ସଭାପତି ରାକେଶ କୁମାର ମହାପାତ୍ର ପୁରସ୍କାର ବିତରଣୀ ଉତ୍ସବର ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ମକର ଭେଟି ନାଁରେ ମାତିଲେ ସାଇବର ଠକ

# ଥାନାରେ ପହଞ୍ଚିଲା ଔଷଧ ବ୍ୟବସାୟୀ ସଂଘ

ବାରିପଦା,୧୫ ।୧(ସମିସ):ମୁଁ ଡ୍ରଗ୍ସ ଇନ୍ସପେକ୍ଟର(ଡିଆଇ) କହୁଛି। ଟିକେ ସମସ୍ୟାରେ ପଡ଼ିଛି, କ୍ୟୁଆର ପଠାଉଛି, ୫୦୦୦ ଟଙ୍କା ତୁରନ୍ତ ପଠାନ୍ତୁ। ଏମିତି ଜଣେ, ଦୁଇଜଣ ନୁହେଁ ୧୦ରୁ ଅଧିକ ଔଷଧ ବ୍ୟବସାୟୀଙ୍କୁ ଠକିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି ସାଇବର ଠକ। ଶେଷରେ ଏ ଖବର ଜିଲ୍ଲା ଔଷଧ ଦୋକାନୀ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତନାଘନା ଆରମ୍ଭ ହୋଇଛି। ପରେ ଜିଲ୍ଲାର ସବୁ ଔଷଧ ଦୋକାନ ମାଲିକ ଏଭଳି କଲକୁ ବିଶ୍ୱାସ ନ କରି ଟଙ୍କା ନ ଦେବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ମୁତାବକ, ଗତ ତିନିଦିନ ହେବ ବାରିପଦା, ରାଇରଙ୍ଗପୁର, ଠାକୁରମୁଣ୍ଡା ଓ କରଞ୍ଜିଆ ଅଞ୍ଚଳରେ ୧୦ରୁ ଅଧିକ ଔଷଧ ଦୋକାନ ମାଲିକଙ୍କୁ କଲ୍ କରିଥିଲା ସାଇବର ଠକ। ବୁଧବାର ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟଶଙ୍କର ନାଏକ ନାମରେ ପରିଚୟ ଦେଇ ୧୦ରୁ ଅଧିକ ଔଷଧ ଦୋକାନଙ୍କୁ ପଇସା ମାଗିଥିଲେ। ପୂର୍ବରୁ ବାରିପଦାରେ ରହିଥିବା ଏକାଧିକ ଔଷଧ ଦୋକାନକୁ ସିଡିଏମଓଙ୍କ ପରିଚୟ ଦେଇ ୭୬୮୨୮ ୮୫୮୮୭ରୁ କଲ କରି ଟଙ୍କା ମାଗିଥିଲେ ହେଲେ ଏହାକୁ ଗୁରୁତ୍ୱ ଦେଇ ନ ଥିବାବେଳେ ପୁନର୍ବାର ଏହା ରାଇରଙ୍ଗପୁର ସହ ଅନ୍ୟ ଅଞ୍ଚଳରେ ପହଞ୍ଚିଛି। ସଦ୍ୟ ଭାବେ ଡିଆଇ ଭାବେ ଯୋଗ ଦେଇଛନ୍ତି ଦିବ୍ୟରଞ୍ଜନ ନାଏକ। ତାଙ୍କ ନାମରେ କେହି ମୋବାଇଲ ନମ୍ବର କିଣିବା ସହ କ୍ୟୁଆରରେ ଟଙ୍କା ମାଗୁଥିବା ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତ ଡିଆଇ ବାଙ୍ଗିରିପୋଷି ପୁଲିସର ସହଯୋଗ ନେଇଛନ୍ତି।

ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଏମ୍‌ଏସ୍‌ସିବି ନିକଟରୁ ବର୍ଦ୍ଧମାନ ୩ ରନରେ ପରାସ୍ତ

ବାରିପଦା, ୧୫ ।୧(ସମିସ): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକର ମ୍ୟାଚ୍‌ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମଏସସିବି) ବର୍ଦ୍ଧବାନ ବିଶ୍ୱବିଦ୍ୟାଳୟକୁ ୩ ରନରେ ପରାସ୍ତ କରିଛି। ବର୍ଦ୍ଧମାନ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମଏସସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ ହରାଇ ଏକ ୧୭୪ ରନର ବିଜୟ ଲକ୍ଷ୍ୟ ଦେଇଥିଲା। ଏହାର ଜବାବରେ ବର୍ଦ୍ଧମାନ ଦଳ ସଂଘର୍ଷ କରି ୮ ୱିକେଟ ହରାଇ ୧୭୧ ରନ କରିଥିଲା। ଫଳରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦଳ ମାତ୍ର ୩ ରନରେ ବିଜୟ ଲାଭ କରି ପରବର୍ତ୍ତୀ ମ୍ୟାଚ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ହାଡ଼ିବନ୍ଧୁ କିସ୍କୁ ୪୭ ବଲରୁ ୫୬ ରନ୍, ଗୋପାଳ କୃଷ୍ଣ ରେଡ୍ଡୀ ୩୫ ବଲରୁ ୫୬



ରନ୍ ଓ ଜୟ କୁମାର ୩୧ଟି ବଲରୁ ୩୧ ରନ୍ କରିଥିଲେ। ଏମଏସସିବି ଦଳରେ ବାରିପଦାସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସିର ଅଧିକାଂଶ ଖେଳାଳି ସାମିଲ ଅଛନ୍ତି। ଏମସିଏଏମ ତରଫରୁ ଅଧ୍ୟାପକ ତଥା ଟିମ ମ୍ୟାନେଜର କୀର୍ତ୍ତିକୌଶିକ ନାୟକ ଓ ବାସ୍ତବ ମହାନ୍ତ ଓ କୋଚ ରଣଜିତ ନାୟକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଡ. କେ.ଏଲ. ବାରିକ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଭଞ୍ଜନ ମଲିକ ଓ ଏମସିଏଏମର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ବିଜୟୀ ଟିମକୁ ଶୁଭେଚ୍ଛା ଜଣାଇବା ସହ ଅନ୍ୟ ମ୍ୟାଚରେ ମଧ ଭଲ ଖେଳିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଉଦଳା, ୧୫।୧(ସମିସ): ମୟୂରଭଞ୍ଜ ଜିଲ୍ଲା ନଛିପୁର ଅଧରନସ୍ଥ ମନଭଙ୍ଗଆ ଆଞ୍ଚଳିକ ସାଧନା କେନ୍ଦ୍ର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରହ୍ଲାଦ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋଳିଅଳମ ସରପଞ୍ଚ ତିଳୋତ୍ତମା ନାଏକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅଜୟ ଦାସ, ସମ୍ମାନିତ ଅତିଥି ଭାବେ କ୍ଷୀରସିନ୍ଧୁ ନାଏକ, ଅସନବଣି ବିଦ୍ୟାଳୟ ପ୍ରଧାନଶିକ୍ଷକ ପଙ୍କଜ ବେହେରା, ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାଏକ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଚନ୍ଦନ ବାରିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ଭେଙ୍କେଟଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ବେହେରା ସହଯୋଗ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଭେଙ୍କଟେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆଁମରା:** କୁଶଳଦା ପଞ୍ଚାୟତ ଆମ୍ବଯୋଡା ସତ୍ୟନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅରୁଣ



ସାତୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଦୀପାଳି ସିଂ, ସମ୍ମାନିତ ଅତିଥି ସମିତି ସଭ୍ୟ ରାମଚନ୍ଦ୍ର ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୁଢାନ ମାରାଣ୍ଡି, ପୂର୍ବତନ ଶିକ୍ଷକ ନରେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶ୍ୱିନୀ ବେହେରା ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ପ୍ରିୟବ୍ରତ ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀ ଛାତ୍ର ଚିନ୍ମୟ ମହାନ୍ତିଙ୍କୁ ଉତ୍ତମ ଛାତ୍ର ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ମିନାକ୍ଷୀ କୁଅଁର, ବିଷ୍ଣୁପ୍ରିୟା ବେହେରା, ଭବେଶ ସାହୁ, ଜ୍ୟୋତି ହେମ୍ବ୍ରମ, ଦିବ୍ୟପ୍ରଭା ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କୁଆଁମରା:** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ



ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱପ୍ନେଶ୍ୱର ବେହେରା, ମୁଖ୍ୟବକ୍ତା ଶିକ୍ଷାବିତ ବେଣୁଧର ପରିଡ଼ା, ସମ୍ମାନିତ ଅତିଥି ସିଆରସିସି ପ୍ରଶାନ୍ତ ମହାପାତ୍ର, ପ୍ରଧାନ ଗୁରୁଜୀ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ା କୃତୀ ଛାତ୍ରଛାତ୍ରୀ ଓ ମେଧାବୃତ୍ତି ପାଇଥିବା ୭ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କରଞ୍ଜିଆ:** ବାଟପଳସା ପଞ୍ଚାୟତସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟା ହେମଲତା ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ମୁଖ୍ୟବକ୍ତା ଭାବେ ଯୋଗ ଗୁରୁ ଡା. ଧୀରେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଂଶୁମାନ ମହାନ୍ତ ବର୍ମା ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଶଶାଙ୍କ ଶେଖର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏ ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ବାର୍ଷିକ ବିବରଣୀ ପଠନ କରିଥିଲେ। ପୂର୍ବତନ ସଭାପତି ଅଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




**କୁଆଁମରା:** ଖୁଣ୍ଟା ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରୀୟ ଏହି ଉତ୍ସବରେ ଜିଜ୍ଞାସା, କ୍ରୀଡ଼ାଙ୍ଗନ, ସାହିତ୍ୟ ସୃଜନୀ, କୁଶଳୀ ପ୍ରଭୃତି ପ୍ରକଳ୍ପ ସ୍ଥାନ ପାଇଥିଲା। ଆଗାମୀ ୨୦୩୬ ସ୍ୱପ୍ନର ଓଡ଼ିଶା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶନୀ ହୋଇଥିଲା। ଏଥିସହିତ ବ୍ୟବସାୟିକ ମେଳା ସ୍ଥାପନ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଦୋଶ ଦାସ, ଡଃ ଶାନ୍ତନୁ ଜେନା, ସରପଞ୍ଚ ସୁମି ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଝୁଲଣ ବାରସାଳିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନ ମୋହନ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଦୀପାଞ୍ଜଳି ଉପାଧ୍ୟାୟ, ପଦ୍ମିନୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କରଞ୍ଜିଆ:** କରଞ୍ଜିଆ ପିଏମଶ୍ରୀ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ବେଦବ୍ୟାସ ଭୋଇ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର




ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତରୁ ନାଏକ, ଏସବିଆଇର ମୁଖ୍ୟ ପରିଚାଳକ ଦୀପା ମୁର୍ମୁ, ପ୍ରେସ କ୍ଲବ୍‌ର ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ନୋଡାଲ ପ୍ରଧାନଶିକ୍ଷକ ବିଜୟ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ସ୍କୁଲ ପରିଚାଳନା ସମିତି ସଭାପତି ସୁଭାଷ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତି ଚୋବେ, ସରୋଜିନୀ ନାଏକ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁନୀଲ ଜେନା, ଶ୍ୟାମସୁନ୍ଦର ହୋ, ନୃସିଂହ ବେହେରା, ରଣଜିତ୍ ନାଏକ, ଯଶମିନ ଜଙ୍କ, ମିଲନ ଜେରାଇ ପ୍ରମୁଖ ବିଭିନ୍ନ ଷ୍ଟଲକୁ ପରିଚାଳନା କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ହୀରାମଣି କର ଧନ୍ୟବାଦ ଅର୍ପଣ କରିଥିଲେ।

**ସାରସକଣା:** ଝାରପୋଖରିଆ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମୂଲ୍ୟ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ ପାତ୍ର, ମୁଖ୍ୟବକ୍ତା ଭାବେ ସଞ୍ଜୟ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିକର୍ଜନ ବେହେରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ଚୌଧୁରୀ ଭାରତର ମହାନ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିବା ସହିତ ବିଦ୍ୟାଳୟର ପାଠ୍ୟକ୍ରମରେ ଭାରତୀୟ ସଂସ୍କୃତିର ନିବନ୍ଧତାର ଆବଶ୍ୟକ୍ତା ରହିଛି ବୋଲି କହିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀ ପାତ୍ର ବିଦ୍ୟାଳୟର




ସମସ୍ୟା ବାବଦରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ବିତରଣ କରିଥିଲେ। ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶେଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ସାରସକଣା:** ଝାରପୋଖରୀଆ ଲିଟିଲ ଷ୍ଟାର ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତାଙ୍କ ପିତା କାଶୀନାଥ ଭଦ୍ର ଓ ମାତା ମାଳତୀ ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୀମାନ୍ତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଶିଶିର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ, ସମ୍ମାନିତ ଅତିଥି ଭାବେ ଝାରପୋଖରିଆ ଥାନା ଏସଆଇ ଚନ୍ଦ୍ରକାନ୍ତ ମହାନ୍ତି, ସୀମାନ୍ତ ଶିକ୍ଷ ତାଲିମ ପ୍ରତିଷ୍ଠାନର ଅଧ୍ୟାପକ ଅଶୋକ ପୃଷ୍ଟି ଯୋଗ ଦେଇଥିଲେ। ପ୍ରତିଷ୍ଠାତା ଚିନ୍ମୟ ଭଦ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ, ରାଜାରାମ ପଣ୍ଡିତ ମଞ୍ଚ ପରିଚାଳନା କରିଥିଲେ।

**ବାରିପଦା:** ସ୍ଥାନୀୟ ତକତପୁରସ୍ଥ ବିଦ୍ୟାଭାରତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ନାଟ୍ୟ ନିର୍ଦ୍ଦେଶକ ତ୍ରିଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦିଲ୍ଲୀପ ଗିରି, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୟୂରଭଞ୍ଜ ଶାଖା ପ୍ରମୁଖ ଡ. ମାନଗୋବିନ୍ଦ ସେନାପତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ରିତା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦାମ ମହାନ୍ତ, ପ୍ରୀତିପ୍ରତିମା ପତି ସାଂସ୍କୃତିକ



କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଗୁରୁମା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ଓକିଲଙ୍କୁ ଭେଟିଲେ ରୋହିତ

**ସମ୍ବଲପୁର, ୧୫।୧ (ସମିସ)**

ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସଙ୍ଗକୁ ନେଇ ବିଜୁ ଜନତା ଦଳ ଟ୍ରିପଲ୍ ଇଞ୍ଜିନ ସରକାରକୁ ଆକ୍ରମଣାତ୍ମକ ଆଭିମୁଖ୍ୟ ନେବାର ପଣ୍ଡା ତଥା ବରିଷ୍ଠ ଆଇନଜୀବୀ ମାନଙ୍କ ସହିତ ସାକ୍ଷାତକରିଆଲୋଚନା କରିଥିଲେ। ଆଲୋଚନା ସମୟରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଛଡ଼ା ସମ୍ବଲପୁରର ଅନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ଯଥା - ସମ୍ବଲପୁରଠାରେ ବିଶେଷ ଭାବରେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦେବା ଭଳି ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ଏହି ଆଲୋଚନା ସମୟରେ ଆଇନଜୀବୀ ଅଶୋକ ସେନାପତି, ସୁନିଲ ମିଶ୍ର, ମାନଭଞ୍ଜନ ମେହେର, ସତ୍ୟେନ୍ଦ୍ର କୁମାର ଦାସ, ରୁଦ୍ର ଷଡ଼ଙ୍ଗୀ, ପ୍ରଦୋଷ ମହାନ୍ତି, ବିକ୍ରମାଦିତ୍ୟ ପଣ୍ଡା, ଦେବାଶିଷ ପରିଡ଼ା, ଦୁଲାଲ ରାୟ, ପ୍ରହ୍ଲାଦ ଗୁରୁ, ରାଜେଶ ମିଶ୍ର, ଓଁକାର ନାୟକ, ସୁକେସ ସିଂ, ବିକାଶ ଖେତୀ, ପ୍ରଦୀପ ପଟ୍ଟନାୟକ, ଶୟଦ୍





ଅବ୍ୟହତି ପୂର୍ବରୁ ସମ୍ବଲପୁର ଓକିଲ ସଂଘର ମତାମତ ସଂଗ୍ରହ ଓ ସମର୍ଥନ ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ ଜିଲ୍ଲା ଓକିଲ ସଂଘର ବିଭିନ୍ନ କର୍ମକର୍ତ୍ତା ବାର୍ ଆସୋସିଏସନ୍ ସଭାପତି ପ୍ରଦୀପ ବହିଦାର, ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ପୂର୍ବତନ ବାର୍ ସଭାପତି ସୁରେଶ୍ୱର ମିଶ୍ର ଓ ସତ୍ୟନାରାୟଣ ଏମ୍ସ ସ୍ଥାପନ, ଟାଟା ପାୱାର ଦ୍ୱାରା ସରକାରଙ୍କ ପ୍ରଚ୍ଛଦପଟ ସହାୟତା ସାହାଯ୍ୟରେ ସାଧାରଣ ଜନତାଙ୍କୁ ଲୁଟ୍ କରିବାର ଅଭିପ୍ରାୟ, ମହାନଦୀରେ ଛତିଶଗଡ଼ ସରକାର ଦ୍ୱାରା ଜଳ ପ୍ରବାହକୁ ଅଟକାଇବା, ସମ୍ବଲପୁରଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସ୍ଥାୟୀ କାର୍ଯ୍ୟାଳୟ ସ୍ଥାନାନ୍ତରଣ, ସ୍ଥାୟୀ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିଯୁକ୍ତି ଏବଂ ତ୍ରିପାଠୀ, ସଞ୍ଜୀବ ଷଡ଼ଙ୍ଗୀ, ଆନନ୍ଦ ବଡ଼ଗୟା, ବସନ୍ତ ମିଶ୍ର, ପ୍ରଫୁଲ୍ଲ ଦାସ, ରଙ୍ଗେୟା ଷଡ଼ଙ୍ଗୀ, ବ୍ରଜେନ୍ଦ୍ର କିଶୋର ପଣ୍ଡା, ଅଭିନ୍ନ ସେଠ, ପ୍ରଦୀପ ଦୋରା, ଧୀରଜ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବିଜୁ ଜନତା ଦଳର ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଏମ୍ ଡି ସନଉଲା, ସୁବାସ ଜେନା, ଗୋକୁଳ ଶାହାବୁଦ୍ଦିନ୍, ରାଜୁ ମେହେର, ଫିରୋଜ୍ ରାଜାଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। ଆଲୋଚନାର ଫଳସ୍ୱରୂପ ସ୍ଥିରୀକୃତ ହୋଇଥିଲା ଯେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ସାଙ୍ଗରେ ନେଇ ସମ୍ବଲପୁର ଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ।

ଉଲ୍ଲେଖଯୋଗ୍ୟ ଯେ ପୂର୍ବତନ ମନ୍ତ୍ରୀ ଇଂ ପୂଜାରୀ ପରିତାପର ସହ କହିଥିଲେ ଯେ ଯଦି ପ୍ରକୃତରେ ସମ୍ବଲପୁର ଜିଲ୍ଲା ଓ ପଶ୍ଚିମ ଓଡ଼ିଶାର ବିକାଶ କଥା ଚିନ୍ତା କରାଯାଏ ତେବେ ୨୦୧୩ ମସିହାରେ ସେ ବିଜୁ ଜନତା ଦଳର ସଭାପତି ଥିବାବେଳେ ହାଇକୋର୍ଟ ବେଞ୍ଚର ସ୍ଥାପନ ପାଇଁ ସେ ଯେଉଁଭଳି ଭାବରେ ପୌରପରିଷଦ ନିର୍ବାଚନକୁ ନିଜେ ସରକାରୀ ଦଳରେ ଥାଇ ମଧ୍ୟ ବର୍ଜନ କରିଥିଲେ ଏବଂ ସମସ୍ତଙ୍କୁ ବର୍ଜନ କରିବା ପାଇଁ ଆହ୍ୱାନ କରିଥିଲେ, ଅନୁରୂପ ଭାବେ ବର୍ତ୍ତମାନ ସମୟ ଆସିଛି ପ୍ରତ୍ୟେକ ପ୍ରତିଷ୍ଠିତ ରାଜନୈତିକ ଦଳ ଆଗାମୀ ସମସ୍ତ ନିର୍ବାଚନରେ କୌଣସି ଦଳୀୟ ପ୍ରାର୍ଥୀ ନହୋଇ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆହୁରି ମଧ୍ୟ ସେ କହିଥିଲେ ମହାରାଷ୍ଟ୍ରର କୋଲ୍ହାପୁର ଠାରେ ଯଦି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିଲା ତେବେ ସମ୍ବଲପୁର ଠାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରାତନ ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ ପଶ୍ଚିମ ଓଡ଼ିଶାର କୌଣସି ମଧ୍ୟ ଜାଗାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇ ପାରିଲାନାହିଁ। କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ଢାଲ କରି ସମ୍ବଲପୁର ଓ ପଶ୍ଚିମ ଓଡ଼ିଶା ବାସୀଙ୍କୁ ଭଣ୍ଡାଉଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

## ଦୁର୍ଘଟଣାରେ ମହିଳା ମୃତ, ୨ ଗୁରୁତର

**ଜମନକିରା, ୧୫।୧ (ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ବଡ଼ରମା ସାପ୍ତାହିକ ହାଟକୁ ଆସିଥିବା ତିନି ଜଣ ମହିଳାଙ୍କୁ ଦୁର୍ଘଟଣାରେ ଦୁଇ ଆହତ ଓ ଜଣେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଜମନକିରା ପଟୁ ସମ୍ବଲପୁର ଯାଉଥିବା କଣ୍ଟେନର ଗାଡି ନଂ ଡବ୍ଲୁବି୧୯ଏଲ୦୬୯୯ ଟାଟାଏସିଇ ଗାଡ଼ି ନଂ ଓଡ଼ି୧୫ଜେ୯୨୬୫କୁ ଧକ୍କା ଦେବାରୁ ଉକ୍ତ ଗାଡ଼ି ସାପ୍ତାହିକ ହାଟ କାମ ସାରି ଘରକୁ ଫେରୁଥିବା ତିନି ମହିଳାଙ୍କ ମଧ୍ୟରୁ ଧକ୍କା ଦେଲା ଫଳରେ ଟାଟାଏସିଇ ଗାଡ଼ିରେ ଥିବା ତିଳୋତ୍ତମା ସିଂ(୫୦) ଗୁରୁତର ଅବସ୍ଥାରେ ଏବଂ କଳାବତି ସିଂ (୪୫) ପିଙ୍କୁ ସିଂ (୩୬) ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତିଳୋତ୍ତମା ସିଂ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଉଭୟ ଗାଡ଼ିକୁ ପୁଲିସ ଜବତ କରିଛି। କଣ୍ଟେନର୍ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ଜମନକିରା ପୁଲିସ। ସ୍ଥାନୀୟ ଲୋକ ଉତ୍ତ୍ୟକ୍ତ ହୋଇ ସମୟ ଧରି ରାସ୍ତା ଅବରୋଧ କରିଥିଲେ।






## ୧୮ରୁ ସମ୍ବଲପୁରୀ ଧନୁଯାତ୍ରା

# ସମ୍ବଲପୁର ପାଲଟିବ ମଥୁରା, ଚାଉଁରପୁର ସାଜିବ ଗୋପପୁର

**ସମ୍ବଲପୁର, ୧୫।୧(ସମିସ):** ଆଉ ଦୁଇ ଦିନ ଅର୍ଥାତ ଜାନୁଆରୀ ୧୮ରୁ ସମ୍ବଲପୁରୀ ଧନୁଯାତ୍ରା ସମ୍ବଲପୁରରେ ଆୟୋଜିତ ହେବ। ସହର ମଥୁରାନଗର ସାଜିବ, ମହାନଦୀ ଯମୁନା ନଦୀରେ ପରିବର୍ତ୍ତନ ହୋଇ ଚାଉଁରପୁର ଗୋପପୁର ପାଲଟିବ। ସହରର ଗଙ୍ଗାଧର ମଣ୍ଡପ କଂସ ରାଜୁଡି ହେବ। ଏ ନେଇ ପ୍ରସ୍ତୁତି ଏକ ପ୍ରକାରର ଶେଷ ହୋଇଯାଇଛି। ବୋଲି ସମ୍ବଲପୁରୀ ଧନୁଯାତ୍ରା କମିଟିର ସଭାପତି ସଞ୍ଜୟ ବାବୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ବଲପୁରରେ ତୃତୀୟ ବର୍ଷ ପାଇଁ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ ଭାଷାର ଧନୁଯାତ୍ରା ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବାବୁଙ୍କ ସହିତ ସମ୍ପାଦକ ଗୁଣ ରଞ୍ଜନ ସାଲିମା, ଗୋପପୁର ସଭାପତି ଆଦିତ୍ୟ ନାୟକ, ନିର୍ଦ୍ଦେଶକ ବବଲୁ ବାଗ ଓ ପ୍ରଶାନ୍ତ ମହାରଣା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ କଂସ ଅଭିନେତା ଫଣୀନ୍ଦ୍ର ପଣ୍ଡା, ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ, ଉପ ସଭାପତି ରାମଦାସ ପଣ୍ଡା ତଥା ସହ ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ମଞ୍ଚାସୀନ ଥିବା ବେଳେ କାର୍ଯ୍ୟକାରୀ ସଭାପତି କମଳ ପଣ୍ଡା, ଚୈତନ୍ୟ ନାୟକ, ସହ ସମ୍ପାଦିକା ଲିଳିମା ମଲ୍ଲିକ ଅନ୍ୟତମ ଉପ ସଭାପତି ଶଙ୍କର ବେହେରା, ସହ ସାଂସ୍କୃତିକ ସମ୍ପାଦକ ଲଳିତ ବେବର୍ତ୍ତା ସ୍ୱାଧୀନ ପଣ୍ଡା, ରାହୁଲ ଗୁପ୍ତା, ହିମାଂଶୁ ସାହୁ, ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଂସ ଦରବାରରେ ବିଭିନ୍ନ କଳାକାର ତଥା ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକଗୀତ ତଥା ଲୋକନୃତ୍ୟ ପରିବେଷଣ କରାଯିବ। ଗୋପପୁରରେ ଭଜନ ସମାରୋହ, ପାଲା, ସଂକୀର୍ତ୍ତନ ଅନୁଷ୍ଠିତ ହେବ। ନାଟକରେ ବଳରାମ ଭୂମିକାରେ ଚଳିତ ବର୍ଷ ନୂତନ ବାଳକ ଅଭିନେତାଙ୍କୁ ସୁଯୋଗ ଦିଆଯାଇଛି ବୋଲି ସାଂସ୍କୃତିକ ସମ୍ପାଦକ କହିଥିଲେ। ଯାତ୍ରାର ବିଭିନ୍ନ ଦିନ କଂସଙ୍କ ନଗର ଭ୍ରମଣ ବିଶେଷ ଆକର୍ଷଣ ରହିବ। ଆସନ୍ତା ୧୮ ଜାନୁଆରୀ ଦିନ ୧୦ ସମୟରୁ ସମ୍ବଲପୁରୀ ଧନୁଯାତ୍ରା କମିଟି ତରଫରୁ ମା'ସମଲେଶ୍ୱରୀ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭା ଯାତ୍ରା ବାହାରିବ। ଯାତ୍ରାର ଭିନ୍ନ ଭିନ୍ନ ଦିନରେ ଓଡ଼ିଶା ସରକାରଙ୍କ ବିଭିନ୍ନ ନେତା ମନ୍ତ୍ରୀ ତଥା ସମ୍ବଲପୁରର ପ୍ରଶାସନିକ ଅଧିକାରୀଙ୍କୁ ଆମନ୍ତ୍ରିତ କରାଯାଇଛି ବୋଲି ସମ୍ପାଦକ ଶ୍ରୀ ସାଲିମା ଜଣାଇଥିଲେ। ଉପସଭାପତି ରାମଦାସ ପଣ୍ଡା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।




## ସମ୍ବଲପୁର ଜିଲ୍ଲାରେ ଅପରେସନ ଷ୍ଟ୍ରାଇକ୍

# ଦିନକରେ ଲକ୍ଷେରୁ ଊର୍ଦ୍ଧ୍ୱ ଜରିମାନା

**ସମ୍ବଲପୁର, ୧୫।୧(ସମିସ):** ସମ୍ବଲପୁରରେ ଅପରେସନ ଷ୍ଟ୍ରାଇକ। ଜିଲ୍ଲା ପୁଲିସ ଗୋଟାଏ ଦିନରେ ଷ୍ଟ୍ରାଇକ କରି ଏକ ଲକ୍ଷରୁ ଅଧିକ ଟଙ୍କା ଜରିମାନ କରିଥିବା ବେଳେ ୫୦ ଗୋଟି ମାମଲା ରୁଜୁ ହୋଇଛି। ଡିଜିଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲାରେ ୧୩ ଜାନୁଆରୀ ରାତିରେ ଦିନିକିଆ ଅପରେସନ ଷ୍ଟ୍ରାଇକ ହୋଇଥିଲା। ଏଥିରେ ଜିଲ୍ଲା ପୁଲିସ ୩୪ଟି ସ୍ଥାନରେ ଚେକିଂ କରିଥିଲା। ୧୦୫୭ଟି ଗାଡ଼ି ଚେକିଂ କରିଥିବା ବେଳେ ୪୨ ଜଣ ଲୋକଙ୍କୁ ଯାଞ୍ଚ କରିଥିଲା। ସେହିପରି ୫୬ଟି ବିଭିନ୍ନ ହୋଟେଲ ଓ ଧର୍ମଶାଳା ପରକ୍ଷୀଥିଲା। ଜଣକୁ ଗିରଫ କରିଥିଲା। ଅବକାରୀରେ ୩୪ ଗୋଟି ମାମଲା ରୁଜୁ କରି ୬.୫ ଲିଟର ବିଦେଶୀ ମଦ, ୧୬୬.୨ ଲିଟର ପାଉଚ ମଦ ଓ ୧୩୪ ଲିଟର ଦେଶୀ ମଦ ଜବକ କରିଛି। ଗୋଟାଏ କୋରେକ୍ସ ମାମଲା ରୁଜୁ କରି ୩୮ ବୋତଲ ବେଆଇନ କଫସିରପ ଜବତ କରିଛି। ସଟ୍ଟା ପେପର ଜବତି କରି ୨୩୧୦ ଟଙ୍କା ଉଦ୍ଧାର କରି ଗୋଟାଏ ମାମଲା ରୁଜୁ କରିଛି। ସେପଟେ ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବା ୭୪ ଜଣଙ୍କୁ ୭୪ ହଜାର ଟଙ୍କା ଜରିମାନା କରିଥିବା ବେଳେ, ଅଧିକ ସ୍ପିଡ ପାଇଁ ୭ ଜଣଙ୍କୁ ୭ ହଜାର ଫାଇନ କରିଛି ପୁଲିସ। କାର ଚାଳନା ବେଳେ ସିଟ ବେଲ୍ଟ ପିନ୍ଧିନଥିବାରୁ ୬ ଜଣଙ୍କୁ ୬ ହଜାର, ମଦ ପିଇ ଗାଡି ଚଳାଇଥିବାରୁ ୧୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଓଭର ଲୋଡିଂ ଓ ଟ୍ରିପଲ ରାଇଡିଂ ପାଇଁ ୧୧ ଜଣଙ୍କୁ ୧୭ ହଜାର, ଗାଡି ଚାଳନା ବେଳେ ମୋବାଇଲରେ କଥା ହେବା ପାଇଁ ୨ ଜଣଙ୍କୁ ୧୦ ହଜାର ଓ ଅନ୍ୟାନ ପାଇଁ ୨୫ ଶହ ଟଙ୍କା ଜରିମାନା କରିଛି। ପୁଲିସ ଗୋଟାଏ ଦିନରେ ଏକ ଲକ୍ଷ ୨୫ ହଜାର ୫ଶହ ଟଙ୍କା ଜରିମାନା କରିଥିବା ବେଳେ ୫୦ ଗୋଟି ମାମଲା ରୁଜୁ କରିଛି।




# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ୍ୟସ୍ଥତା ଅଭିଯାନ

**ସମ୍ବଲପୁର, ୧୫।୧ (ସମିସ):** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବ ତଥା ଅଧ୍ୟକ୍ଷ ଏବଂ ଜିଲ୍ଲା ଦୌରା ଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଅନେକ ମାମଲାର ସମାଧାନ ନିମନ୍ତେ ଜାନୁଆରୀ ୨ ତାରିଖ ଠାରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ମଧ୍ୟସ୍ଥତା ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ସ୍ତରରେ ଅଦାଲତରେ ଥିବା ସମସ୍ତ ବିଚାରାଧୀନ ମାମଲା ଗୁଡ଼ିକର ସରଳ ଓ ସହଜ ସମାଧାନ ନିମନ୍ତେ ସମଗ୍ର ଦେଶରେ ଦ୍ୱିତୀୟଥର ପାଇଁ ଆଉ ଏକ ନୂତନ ଅଭିଯାନ ଚାଲୁଛି।

ଏହି ମଧ୍ୟସ୍ଥତା ମାଧ୍ୟମରେ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ, ମୋଟର ଦୁର୍ଘଟଣା, କ୍ଷତିପୂରଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ, ସମ୍ପତ୍ତି ବଣ୍ଟନ, ଉଚ୍ଛେଦ ମାମଲା, ବାଣିଜ୍ୟ ଅଦାଲତରେ ଥିବା ମାମଲା, ନିଯୁକ୍ତି ସମ୍ବନ୍ଧୀୟ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ, ଚୁକ୍ତି ଅଧିନିୟମ ମାମଲା, ଖାଉଟି ଅଦାଲତରେ ଥିବା ବିବାଦ ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଶିବିର ଆୟୋଜନ କରାଯାଉଛି। ଅଦାଲତରେ ଥିବା ବିଚାରାଧୀନ ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା, ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣ ଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତ୍ତା ଦ୍ୱାରା ବିବାଦ ଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ।

ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ଉଭୟ ପକ୍ଷଙ୍କ ସମୟ, ଶ୍ରମ ଓ ଅର୍ଥ ସଞ୍ଚୟ ହୋଇ ପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ବଲପୁର ପକ୍ଷରୁ ସୂଚନା ଦିଆଯାଇଛି।

## ରେମେଡରେ ପୁଣି ଦୁର୍ଘଟଣା, ବୃଦ୍ଧ ମୃତ

**ସମ୍ବଲପୁର, ୧୫।୧(ସମିସ):** ଗୋଟେ ଦିନ ବ୍ୟବଧାନ ପରେ ପୁଣି ବରେଇପାଲି ଥାନା ରେମେଡ ଛକରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ଗତ ୧୩ ତାରିଖ ରେମେଡରେ ଟ୍ରକ ଧକ୍କାରେ ମା ସମ୍ମୁଖରେ ୬ ବର୍ଷିଆ ପୁଅର ପ୍ରାଣ ଯାଇଥିଲା। ଆଜି ଧକ୍କାରେ ଅଇଁଠାପାଲି ଥାନା ବୃନ୍ଦାବନ ବିହାରର ରାଜ କିଶୋର ଦାସଙ୍କ(୭୫) ମୃତ୍ୟୁ ହୋଇଛି। ସ୍କୁଟି(ଓଆର୦୭ୱାଇ୪୨୨୦) ରେ ରାଜକିଶୋର ବୁର୍ଲାରୁ ଘରକୁ ଫେରୁଥିଲେ। ରେମେଡ ଛକରେ ଟ୍ରକ(ସିଜି୦୭ସିପି୭୨୭୭) ଧକ୍କା ଦେବା ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସମ୍ବଲପୁରରେ ଚଳିତ ନବବର୍ଷ ପ୍ରଥମ ରବିବାର ଠାରୁ ୧୧ ଦିନ ଭିତରେ ୧୧ଜଣଙ୍କ ମୃତ୍ୟୁ ହୋଇଛି। ବେପାରୁଆ ଗାଡ଼ି ଚାଳନା ପାଇଁ ପ୍ରାଣହାନୀ ଘଟୁଛି।

## ମୋବାଇଲ ପ୍ଲାନେଟୋରିୟମ କାର୍ଯ୍ୟକ୍ରମ



**କୁଚିଣ୍ଡା, ୧୫।୧(ସମିସ):** ବାମରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ମୋବାଇଲ ପ୍ଲାନେଟୋରିୟମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ସ୍ମିତା ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଜ୍ଞାନିକ ପ୍ରଫେସର ଡ଼. ଶିବେଶ କୁମାର ଯଶ ପେସିଫ, ସଂସ୍ଥାପକ ନିର୍ଦ୍ଦେଶକ, ପ୍ୟାସିଫ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ କସ୍ମୋଲଜି ଏଣ୍ଡ ସେଲ୍ଲୋଲଜି (ପିଆଇସିଏସ୍) ତାଙ୍କ ମୋବାଇଲ ପ୍ଲାନେଟୋରିୟମ ସହ ଯୋଗଦେଇ ତାରା, ଗ୍ରହ, ଗ୍ୟାଲାକ୍ସି, ବ୍ଲାକ୍‌ହୋଲ୍ ଓ ବ୍ରହ୍ମାଣ୍ଡର ରହସ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। (ପିଆଇସିଏସ୍) ଟେକ୍ନିସିଆନ୍ ପ୍ରଶାନ୍ତ ସେଠୀ ପ୍ରାଯୁକ୍ତିକ ସହଯୋଗ ପ୍ରଦାନ କରିଥିଲେ। ଭ୍ରାମଣଶୀଳ ପ୍ଲାନେଟୋରିୟମ ମାଧ୍ୟମରେ ଆକାଶ ଜଗତକୁ ନିକଟରୁ ଦେଖିବାର ସୁଯୋଗ ପାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଯାଇଥିଲା। ଶେଷରେ ବିଦ୍ୟାଳୟ ପକ୍ଷରୁ ଅତିଥିଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା।




# ବର୍ଷକ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ୫୭ ମୃତ

**ସମ୍ବଲପୁର, ୧୫।୧ (ସମିସ)**

ଗତ ୨୦୨୫ ମସିହା ଜାନୁଆରୀରୁ ଡିସେମ୍ବର ମାସ ମଧ୍ୟରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟରେ ୫୭ ଜଣ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୩ ଜଣ ମୃତକଙ୍କ ପରିବାରକୁ ଅନୁକଂପା ରାଶି ପ୍ରଦାନ କରାଯାଇଥିବାବେଳେ ବଳକା ୧୪ ଜଣଙ୍କ ଯାଞ୍ଚ ଓ ପ୍ରଦାନ ପ୍ରକ୍ରିୟା ଜାରି ରହିଥିବା ଜରୁରୀକାଳୀନ ବିଭାଗ ସୂତ୍ରରୁ ପ୍ରକାଶ। ୨୦୨୫ ମସିହାରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ଶୂନ ଥିବାବେଳେ ସର୍ପାଘାତରେ ମୃତ୍ୟୁ ସଂଖ୍ୟା ୧୫ ଜଣ, ପାଣିରେ ବୁଡ଼ି ମୃତ୍ୟୁ ସଂଖ୍ୟା ୩୫ ଜଣ, ବଜ୍ରପାତ ମୃତ୍ୟୁ ସଂଖ୍ୟା ୪ ଏବଂ ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୩ ରହିଥିଲା। ସେମାନଙ୍କ ମଧ୍ୟରୁ ସର୍ପାଘାତରେ ୧୧ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି ଓ ୪ ଜଣଙ୍କ ବାକି ରହିଛି। ସେହିପରି ପାଣିରେ ବୁଡ଼ି ମୃତ୍ୟୁ ଘଟଣାରେ ୨୬ ଜଣଙ୍କୁ ଅନୁକମ୍ପା ରାଶି ଦିଆଯାଇଛି, ବଜ୍ରପାତରେ ମୃତକ ସମସ୍ତଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ଅଗ୍ନିକାଣ୍ଡ ଘଟଣାରେ ଜଣେ ମୃତକଙ୍କ ପରିବାରବର୍ଗଙ୍କୁ ଏହା ଏଯାବତ୍ ପ୍ରଦାନ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ସମସ୍ତ କ୍ଷେତ୍ରରେ ରାଜସ୍ୱ ବିଭାଗର ରିପୋର୍ଟ ଓ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ସହ ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ଏସ୍ଆର୍‌ସିଙ୍କ ପାଖକୁ ଜିଲ୍ଲାସ୍ତରରୁ ଅନୁକଂପା ରାଶି ଅନୁମୋଦନ କରିବାକୁ ପତ୍ର ପ୍ରେରଣ କରାଯାଇଥାଏ।

**ସମ୍ବଲପୁର ଜିଲ୍ଲା**

୨୦୨୫ ମସିହାରେ ଅଂଶୁଘାତ ମୃତ୍ୟୁ ଅଭିଯୋଗ ହୋଇଥିଲେ ହେଁ ଯାଞ୍ଚ ପରେ ଜଣେ ହେଲେ ମୃତକ ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି ବୋଲି ନିଶ୍ଚିତ ହୋଇପାରିନାହିଁ। ତଥ୍ୟ ଅନୁଯାୟୀ, ଏହାପୂର୍ବରୁ ସମ୍ବଲପୁର ଜିଲ୍ଲାରେ ୨୦୨୪ରେ ୬ ଜଣଙ୍କ ଅଂଶୁଘାତ ମୃତ୍ୟୁ ହୋଇଥିବାବେଳେ ୨୦୨୩ରେ ଜଣେ, ୨୦୨୨ରେ ୨ ଜଣଙ୍କ ଅଂଶୁଘାତ ମୃତ୍ୟୁ ହୋଇଥିଲା। ସମସ୍ତ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ସମ୍ବଲପୁର ଜିଲ୍ଲାରେ ପ୍ରତିବର୍ଷ ଯେଉଁଭଳି ଭାବେ ଗ୍ରୀଷ୍ମପ୍ରବାହ ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଛି, ଅଂଶୁଘାତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ସରକାରଙ୍କ ଦ୍ୱାରା ୨୧ଟି ବର୍ଗର ପ୍ରାକୃତିକ ବିପର୍ଯ୍ୟୟ ଅନ୍ତର୍ଭୁକ୍ତ ହୋଇଥିବାବେଳେ ସରକାରୀ ଭାବେ ଯାଞ୍ଚ ପରେ ମୃତକଙ୍କ ପରିବାରକୁ ଅନୁକଂପା / କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥାଏ। ଏଥିମଧ୍ୟରେ ୧୨ଟି ବିପର୍ଯ୍ୟୟରେ କେନ୍ଦ୍ର ସରକାରଙ୍କ ଏନ୍‌ଡିଆର୍‌ଏଫ୍ ପାଣ୍ଠିରୁ ଅନୁକଂପା ରାଶି ପ୍ରଦାନ କରାଯାଉଥିବାବେଳେ ୯ଟି ବିପର୍ଯ୍ୟୟ ଘଟଣାରେ ମୃତକଙ୍କ ପରିବାରକୁ ରାଜ୍ୟ ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ଅନୁକଂପା ପ୍ରଦାନ କରାଯାଇଥାଏ। ଉପରୋକ୍ତ ୨୧ଟି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ସମସ୍ତ କ୍ଷେତ୍ରରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଥିବାବେଳେ ବଜ୍ରାଘାତରେ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ଏବଂ ଅଂଶୁଘାତ ମୃତ୍ୟୁ କ୍ଷେତ୍ରରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ନିୟମ ରହିଛି।








ସମ୍ବଲପୁର : ଖଳାରେ ଧାନ, ଜଗିଛି ଚାଷୀ ।

# ବାମରା ମକର ମହୋତ୍ସବରେ ହରିହର ମିଳନ

କୁଚିଣ୍ଡା, ୧୫ ।୧(ସମିସ)

ବାମରା ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ସଦରମହକୁମା ଠାରେ ପଶ୍ଚିମଓଡ଼ିଶା ପ୍ରସିଦ୍ଧ ମକର ମହୋତ୍ସବ ବୁଧବାର ଦିନ ହରିହର ମିଳନ ସହ ଆରମ୍ଭ ହୋଇଛି । କେନ୍ଦୁପାଣିସ୍ଥିତ ଶ୍ରୀ ଧବଳେଶ୍ୱର ମନ୍ଦିରରୁ ହର ମହାପ୍ରଭୁ ସୁସଜ୍ଜିତ ରଥରେ ଆସି ଗୋବିନ୍ଦପୁରସ୍ଥିତ ମିଳନ ପଡ଼ିଆକୁ ପହଞ୍ଚିଥିଲେ । କେନ୍ଦୁପାଣି ଠାରୁ ୮ କିଲୋମିଟର ପର୍ଯ୍ୟନ୍ତ ଉକ୍ତ ରାଲି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଦ୍ୟ ଓ ଦୁଲଦୁଲିର ତାଳେ ତାଳେ ମହିଳାମାନେ ନୃତ୍ୟ କରି ମେଳଣ ପଡ଼ିଆକୁ ପହଞ୍ଚିଥିଲା । ଅନ୍ୟ ପଟେ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରରୁ ହରି ମହାପ୍ରଭୁଙ୍କୁ ମଧ୍ୟ ରଥାରୁଢ଼ କରି ମେଳଣ ପଡ଼ିଆକୁ ନିଆ ଯାଇଥିଲା । ସେଠାରେ ହରି ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଗୋବିନ୍ଦପୁର ଜମିଦାର ସଞ୍ଜୀବ ପାଲ ଉପସ୍ଥିତ ରହିଥିବା ବେଳେ ହର ମହାପ୍ରଭୁଙ୍କ ପ୍ରତିନିଧି ଭାବେ ସୁନିଲ ନାଏକ ଉପସ୍ଥିତ ରହିଥିଲେ । ମେଳଣ ପଡ଼ିଆରେ ରୀତିନୀତି ଅନୁସାରେ ହରିହର ମିଳନ ହୋଇଥିବା ବେଳେ ହରି ଓ ହର ମହାପ୍ରଭୁଙ୍କୁ ରଥରେ ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରକୁ ଅଣାଯାଇଥିଲା । ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇ ଉତ୍ସାହିତ କରିବା ସହ ହରିହର ମହାପ୍ରଭୁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟୋପ୍ପୋ ଉପସ୍ଥିତ ରହିଥିଲେ । ମକର ଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ନାଏକ ଓ ସମ୍ପାଦକ ଜ୍ୟୋତି କୁମାର ଲାଠଙ୍କ ତତ୍ତ୍ୱାବଧାନରେ ମକର ଯାତ୍ରା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ବାମରା ମକର ମହୋତ୍ସବ ୧୧୦ ବର୍ଷ ପୂର୍ତ୍ତି ହୋଇଛି । ଆୟୋଜିତ ମେଳାରେ ମୀନା ବଜାର, ଭୂତ କୋଠୀ ଓ ଜଳ ପରି ସମେତ ବିଭିନ୍ନ ପ୍ରଖ୍ୟାତ ଆର୍କେଷ୍ଟ୍ରା ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା କମିଟି ପକ୍ଷରୁ କୁହାଯାଇଛି ।



## ରେଢ଼ାଖୋଲ ପ୍ରେସକ୍ଲବ୍‌ର କାର୍ଯ୍ୟକାରିଣୀ ବୈଠକ

# ଶଙ୍କର ସଭାପତି, ତପନ ସମ୍ପାଦକ

**ରେଢ଼ାଖୋଲ, ୧୫ ।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଓ ନୂତନ କାର୍ଯ୍ୟକର୍ତ୍ତା ଚୟନ ସ୍ଥାନୀୟ ପ୍ରେସ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତିକୁ ନେଇ ଆଲୋଚନା କରିବା ସହ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଶଙ୍କର ପୃଷ୍ଟି, ଉପସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ତପନ କୁମାର ବିଶ୍ୱାଳ, ସହ ସମ୍ପାଦକ କନ୍ଦର୍ପ ବେହେରା, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ମୁଖ୍ୟଉପଦେଷ୍ଟା ଜୟନ୍ତ କୁମାର ଖଡ଼ିରତ୍ନ, ରବୀନ୍ଦ୍ର କୁମାର ପ୍ରଧାନ ମନୋନୀତ ହୋଇଛନ୍ତି । ବୈଠକରେ ବରିଷ୍ଠ ସାମ୍ବାଦିକ ଶରତ କୁମାର ପ୍ରଧାନ, ରୋହିତ କୁମାର ଭୋଇ, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡିରତ୍ନ, ସରୋଜ କୁମାର ସାହୁ, ଅନିଲ କୁମାର ପୃଷ୍ଟି, ସୁଧୀର ସୁନା, ବିଦ୍ୟା ଧର ମାଝି, ରଶ୍ମିତା ରାଉତ, ଗଜାନନ ଭେଶରା, ଲିଙ୍ଗରାଜ ପ୍ରଧାନ, ମଦନ ବେହେରା, ସରୋଜ ରାଉତ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ଭାବେ ମନୋନୀତ ହୋଇଥିବା ସଭାପତି ଶଙ୍କର ପୃଷ୍ଟି ପ୍ରତିକ୍ରିୟାରେ କହିଥିଲେ ଯେ ପ୍ରେସକ୍ଲବର ଏକତା ବଜାୟ ରଖିବା, ରେଢ଼ାଖୋଲର ଉନ୍ନତି ମୂଳକମୂଳକ କାର୍ଯ୍ୟ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



# ଫେବୃଆରୀ ୧୧ରୁ ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଶକ୍ତିମେଳା

**ସମ୍ବଲପୁର, ୧୫।୧ (ସମିସ) :** ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ଆସନ୍ତା ଫେବୃଆରୀ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା - ୨୦୨୬' ଆୟୋଜିତ ହେବ । ଏନେଇ ଆଜି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମେଳାର ତାରିଖ, ସ୍ଥାନ, ଆୟୋଜନ ପ୍ରକ୍ରିୟା ଓ ଆନୁସଙ୍ଗିକ ବ୍ୟବସ୍ଥା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସୁଭଦ୍ରା ଶକ୍ତିମେଳା ସହିତ ଫେବୃଆରୀ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କୃଷି ମେଳା, ଉଦ୍ୟାନ କୃଷି ମେଳା ତଥା ମତ୍ସ୍ୟ ସମ୍ପଦ ମେଳା ମଧ୍ୟ ଅନୁଷ୍ଠିତ ହେବ । ମେଳା ପରିସରରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍‌ରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ସହ ଖାଦ୍ୟ ଷ୍ଟଲ ମଧ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରତିଦିନ ସନ୍ଧ୍ୟା ୬ଟାରୁ ୯ ଟା ପର୍ଯ୍ୟନ୍ତ ଲୋକନୃତ୍ୟ, ଯୁବ ପ୍ରଦର୍ଶନ ଓ ଜିଲ୍ଲା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ମେଳା ପରିସରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଅଂଶଗ୍ରହଣକାରୀଙ୍କ ପାଇଁ ରହଣୀ ବ୍ୟବସ୍ଥା, ଯାତାୟାତ ବ୍ୟବସ୍ଥା, ପାନୀୟ ଜଳ ତଥା ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବ । ସମସ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ମୁତୟନ ହେବାସହ ଅଗ୍ନି ସୁରକ୍ଷା, ପ୍ରାଥମିକ ଚିକିତ୍ସା ଓ ମେଡିକାଲ ଚେକ୍‌ଅପ୍ ବ୍ୟବସ୍ଥା ନିଶ୍ଚିତ କରାଯିବ । ଏହାବ୍ୟତୀତ ବିଭିନ୍ନ ବ୍ଲକରୁ ଅଂଶଗ୍ରହଣ କରୁଥିବା ମହିଳା ମାନଙ୍କ ସକାଶେ ଏକ୍ସପୋଜର୍ ଭିଜିଟ୍ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି ।



# ଗଞ୍ଜେଇ ଚାଲାଣରେ ୫ ଗିରଫ

**ସମ୍ବଲପୁର, ୧୫।୧ (ସମିସ):** ସମ୍ବଲପୁର ଅବକାରୀ ବିଭାଗ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଦୁଇଟି ପୃଥକ ମାମଲାରେ ୫ ଜଣଙ୍କୁ ଗିରଫ କରିଛି । ସମ୍ବଲପୁର ଅବକାରୀ-୧ ଧନୁପାଲି ଛକ ନିକଟରୁ ୧୪ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବିହାରର ଅର୍ଜୁନ କୁମାର(୩୨), ସଞ୍ଜୟ କୁମାର(୨୯) ଓ ଶିଭାଂଶ ପାଣ୍ଡେ(୬୭) । ସେହିପରି ଧମା ଅବକାରୀ ଧମା ଥାନା ବଡେମୁରା ଛକରୁ ୧୨ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରାଜସ୍ଥାନ ରାଜମଣ୍ଡା ଜିଲ୍ଲାର ପ୍ରକାଶ ଚନ୍ଦ୍ର କଲାଲ(୨୭) ଓ ଗୁଜୁରାଟ ସୁରଟର ମମତା ଦେବୀ ଖାଟିକ(୩୪) । ଅଭିଯୁକ୍ତମାନେ ଫୁଲବାଣୀରୁ ବିହାର ଗଞ୍ଜେଇ ଚୋରା ଚାଲାଣ କରୁଥିଲେ । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।



# ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା ପାଇଁ ସମ୍ବଲପୁର ଦଳ ଘୋଷିତ

**ସମ୍ବଲପୁର, ୧୫।୧ (ସମିସ) :** ଆସନ୍ତା ୧୬ ତାରିଖରୁ ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡ଼ା ପ୍ରାଙ୍ଗଣରେ ତୃତୀୟ ରାଜ୍ୟ ଲନ୍‌ବଲ୍ ପ୍ରତିଯୋଗିତା ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସମ୍ବଲପୁର ଜିଲ୍ଲା ଲନ୍‌ବଲ୍ ଦଳ ଘୋଷଣା କରାଯାଇଛି । ବାଳକ ଦଳରେ ୧୪ ଜଣ ଏବଂ ବାଳିକା ଦଳରେ ୧୪ ଜଣ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ବୋଲିଂ ଆସୋସିଏସନ ସାଧାରଣ ସମ୍ପାଦିକା ରଶ୍ମିତା ପୁରୋହିତ ଜଣାଇଛନ୍ତି ।

# ଭୀମଭୋଇ ଲୋକ ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ରେଢ଼ାଖୋଲ, ୧୫ ।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ହେବାକୁ ଯାଉଥିବା ଭୀମଭୋଇ ଲୋକ ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ପାଇଁ ବିଭିନ୍ନ ପ୍ରକାର ଆଲୋଚନା ହୋଇଥିଲା । ଏହି ଲୋକ ମହୋତ୍ସବରେ ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳର ବିଭିନ୍ନ ଐତିହ୍ୟ, ପରମ୍ପରା, କଳା, ନୃତ୍ୟ, ସାଂସ୍କୃତିକ ଗୁଡ଼ିକୁ ମହୋତ୍ସବରେ ସ୍ଥାନିତ କରାଯିବ । ମହୋତ୍ସବକୁ ଶୃଙ୍ଖଳାର ସହ କରିବା ପାଇଁ ୧୬ ଟି ବିଭାଗ ରହିଛି ସେଥିମଧ୍ୟରୁ ପ୍ରତ୍ୟେକ ବିଭାଗରେ ୩ ଜଣ ଲେଖାଏଁ ରେଢ଼ାଖୋଲର ସାଧାରଣ ଲୋକ ସମେତ ପ୍ରଶାସନ ଅଧିକାରୀ ମାନେ ରହିବେ । ଆସନ୍ତା ଜାନୁୟାରୀ ୨୯ ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଭୀମଭୋଇ ଲୋକ ମହୋତ୍ସବ ହେବାପାଇଁ ତାରିଖ ସ୍ଥିରୀକୃତ ହୋଇଅଛି । ସେଥିମଧ୍ୟରୁ ପ୍ରଥମ ଦୁଇଦିନ ସ୍ଥାନୀୟ କଳାକାରମାନେ କଳା ପ୍ରଦର୍ଶନ କରିବେ ନୃତ୍ୟ, ଗୀତ, ଲୋକ କଳା, ଲୋକବାଦ୍ୟ, ଚିତ୍ରକଳା, ରେଢ଼ାଖୋଲ ର କଳା ସଂସ୍କୃତି ପରମ୍ପରା ବିଷୟରେ କଳା ପ୍ରଦର୍ଶନ କରିବେ । ଆସନ୍ତା ୩୧ ଏବଂ ଫେବୃଆରୀ ୧ ଦୁଇଦିନ ଧରି ରେଢ଼ାଖୋଲ ଭୀମଭୋଇ ଲୋକ ମହୋତ୍ସବ ହେବ । ରାଜ୍ୟସ୍ତରୀୟ କଳାକାର କଳା ପ୍ରଦର୍ଶନ କରିବେ ଓ ବିଭିନ୍ନ ମନୋରଞ୍ଜନର କାର୍ଯ୍ୟକ୍ରମ ରହିଛି । ଏଥିରେ ସ୍ଥାନୀୟ ଲୋକଙ୍କ ବିଭିନ୍ନ ପ୍ରକାର ମତବ୍ୟକ୍ତ କରିଥିଲେ । ଏହାକୁ ଭବ୍ୟତା ସହିତ ପାଳନ କରାଯିବ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରାଯାଇଥିଲା । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ପୂର୍ବତନ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ରେଢ଼ାଖୋଲ ଉପଖଣ୍ଡ ସ୍ତରୀୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା, ୧୫ ।୧(ସମିସ):** ବାମରା ନିକଟ ନନ୍ଦ ମୁଣ୍ଡାଠାରେ ସାମାନ୍ୟ ଘରୋଇ କଳହ ଯୋଗୁଁ ଜଣେ ମହିଳା ମୂଷାମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ନନ୍ଦମୁଣ୍ଡା ଗ୍ରାମର ସୁଷମା କାଣ୍ଡୁଲନା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା ।ଉତ୍‌କ୍ଷିପ୍ତ ହୋଇ ସୁଷମା ଘରେ ଥିବା ମୂଷାମରା ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି ।

# ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୧୫ ।୧(ସମିସ):** ବାମରା ବ୍ଲକ କେନ୍ଦୁପାଣି ଠାରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।ସୂଚନା ଅନୁସାରେ ବାମରାସ୍ଥିତ ହରିପଡ଼ା ଗ୍ରାମର ସ୍ୱର୍ଗତ ଭଦ୍ର କୁଜୁରଙ୍କ ପୁଅ ଯୁଗେଶ୍ୱର କୁଜୁର (୨୫)କେନ୍ଦୁପାଣି ଠାରେ ନିଜ ସମ୍ପର୍କୀୟଙ୍କ ଘରେ ରହି ମଜୁରୀ କାମ କରନ୍ତି । ବୁଧବାର ଦିନ ସେ ରେଳ ଲାଇନ୍ ପାରି ହେଇ ଇଟା ଭାଟିକୁ କାମ କରିବାକୁ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରେନ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ବାମରା ରେଳବାଇ ପୁଲିସ୍ ଅଧିକାରୀ ଅରୁଣ ଭଇଁସାଲ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ । ଗୋବିନ୍ଦପୁର ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । କିଛି

# ଦୀପ ନିଆଁରୁ ଯୁବକ ଗୁରୁତର

**କୁଚିଣ୍ଡା, ୧୫ ।୧(ସମିସ):** ସନ୍ଧ୍ୟା ଦୀପ ଦେଉଥିବା ବେଳେ ଧୋତିରେ ନିଆଁ ଲାଗି କାଦୋଦର ଖମାରଡିହି ଠାରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ବାମରା ବ୍ଲକ ସୀମାବର୍ତ୍ତି କାଦୋଦର ଖମାରଡିହି ଗ୍ରାମର ସନାତନ ନାଏକ ବୁଧବାର ସନ୍ଧ୍ୟାରେ ନିଜ ଘରେ ସନ୍ଧ୍ୟା ଦୀପ ଦେଉଥିବା ବେଳେ ଅସାବଧାନତା ବଶତଃ ସେ ପିନ୍ଧିଥିବା ଧୋତିରେ ନିଆଁ ଲାଗି ଯାଇଥିଲା । ଫଳରେ ତାଙ୍କ ଗୋଡ଼ ପୋଡ଼ି ସେ ଆହତ ହୋଇ ଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି ।

# ବୁଦେଲକାନିରେ ୱାଟର ସେଡ ମହୋତ୍ସବ

**ଜମନକିରା, ୧୫ ।୧(ସମିସ):** ଜମନକିରା ବ୍ଲକ ଗୁଣ୍ଡୁରୁଟୁଆ ପଞ୍ଚାୟତ ବୁଦେଲକାନି ଖେଳପଡ଼ିଆରେ ବ୍ଲକସ୍ତରୀୟ ୱାଟର ସେଡ ମହୋତ୍ସବ ଅନୁଷ୍ଠିତ ହୋଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇ ଥିଲେ । ପ୍ରଥମେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନାଳା ବନ୍ଧ ଭୂମି ପୂଜନର ଶୁଭ ଉଦ୍‌ଘାଟନ କରିଥିଲେ । ୭ଟି ପଞ୍ଚାୟତର ୨୭ଗ୍ରାମରେ ୯ଟି କମିଟି ଗଠନ କରାଯାଇଛି । ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ସମ୍ବଲପୁର ରବୀନ୍ଦ୍ର କୁମାର ପଣ୍ଡାଙ୍କ ପ୍ରଚେଷ୍ଟାରେ ପ୍ରତି ବ୍ଲକରେ ବ୍ଲକସ୍ତରୀୟ ୱାଟର ସେଡ ମହୋତ୍ସବ ଅନୁଷ୍ଠିତ ହେଉ ଅଛି । ଜମନକିରା ପିଆଇଏ ସୁଦୀପ୍ତ କୁମାର ସେଠଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ବ୍ଲକ କୃଷି ଅଧିକାରୀ କାଦମ୍ବିନୀ ଶତପଥି, ଜମନକିରା ପ୍ରାଣୀ ଚିକିତ୍ସକ କୁନାଲ ସାହୁ, ଆକାଶବାଣୀ କଳାକାର ତଥା ସଫଳ ଚାଷୀ ସୁରଥ ଚନ୍ଦ୍ର ନାୟକ, ଗୁଣ୍ଡୁରୁଟୁଆ ଏଲଆଇ ସନ୍ତୋଷ ଜୟପୁରିଆ, ହଟିକଲଚର /ଉଦ୍ୟାନ ବିଭାଗ ଅଧିକାରୀହିତେଶ କୁମାର ବଢ଼ାଇ ପ୍ରଭୃତି ଯୋଗ ଦେଇ ନିଜ ନିଜ ବିଭାଗ ର ଯୋଜନା ଉପରେ ସୁଚନା ପ୍ରଦାନ କରି ଥିଲେ । କାର୍ଯ୍ୟକ୍ରମରେ ଶହ ଶହ ପୁରୁଷ ମହିଳା ଚାଷୀ ଯୋଗଦେଇ ଥିଲେ । ବୁଦେଲକାନି ନାଳାବନ୍ଧ କମିଟି ସମ୍ପାଦକ ଭୁଲେଶ୍ୱର ମୁଣ୍ଡା ସହ ଏସସିଓ ସଦାନନ୍ଦ କିସାନ, କାହ୍ନୁ ଚରଣ ଦଳେଇ, ଲୋକ ନାଥ ନାଏକ, ନରେଶ ନାଏକ, ହରେଶ ପଧାନ, କ୍ଷିରୋଦିନି ନାଏକ, ରଞ୍ଜନ ନାଏକ, ସିରନୁ ମୁର୍ମୁ, ବିନୋଦିନୀ ବାରିକ, ବିନୀତା ଯୋଯୋ ପ୍ରମୁଖ ସହଯୋଗ କରିଥିଲେ । ସଭାକୁ ମଳୟ ବେହେରା ପରିଚାଳନା କରିଥିଲେ ।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ରେଢ଼ାଖୋଲ, ୧୫ ।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ ରାଜୀବ ଗାନ୍ଧୀ ସଭାଗୃହରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଛି । ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ବୈଠକରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମେହେର, ପୁଲିସ ଅଧିକାରୀ ଚନ୍ଦ୍ର ମୋହନ ସିଂ, ଏସଡିଏମଓ ବାସୁଦେବ ହୋତା, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ଦିନ ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସମଗ୍ର ସହରରେ ରାମଧୁନ ପରିବେଷଣ କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭.୩୦ମି ମଧ୍ୟରେ ପତାକା ଉତ୍ତୋଳନ କରାଯିବ । ସକାଳ ଘ ୮.୩୦ ମିନିଟ୍ ରେ ରେଢ଼ାଖୋଲ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ଏଥି ନିମନ୍ତେ ଓଡ଼ିଆ ରଚନା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଦେଶାବୋଧକ ସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତା ଗୁଡିକ ରାଣୀ ଅନ୍ନପୂର୍ଣ୍ଣା ମହିଳା ବିଦ୍ୟାଳୟରେ ଆୟୋଜିତ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ବିଭିନ୍ନ ବିଭାଗ ର ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଏଥିରେ ଦେବୋତ୍ତର ବୋର୍ଡ ମ୍ୟାନେଜର ରାଜେନ୍ଦ୍ର ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଣୀ ଚନ୍ଦ୍ରମା ମରାଇ, ଭାସ୍କର ପ୍ରଧାନ, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।






# ଟିକିରା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଜୁରାପାଲି ଚାମ୍ପିଅନ

ନାକଟିଦେଉଳ, ୧୫ ।୧(ସମିସ)

ନାକଟିଦେଉଳ ବ୍ଲକ ସରାପାଲି ହାଇସ୍କୁଲ ଖେଳପଡ଼ିଆରେ ସୁପର ସିକ୍ସ ଟିକିରା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୯ଟି ଦଳ ଅଂଶଗ୍ରହଣ କରି ଥିବାବେଳେ ଫାଇନାଲ ମ୍ୟାଚ୍ ଜୁରାପାଲି ଓ ଉପରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍‌ରେ ଜୁରାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୫୦ରନ କରିଥିବା ବେଳେ ଜବାବରେ ଉପରମୁଣ୍ଡା ଦଳ ଦଳ ୩୨ରନ କରି ଅଲ୍‌ଆଉଟ ହୋଇଯାଇଥିଲା । ଉପରମୁଣ୍ଡା ଦଳର ଓମ ପ୍ରକାଶ ମାଝୀ ମ୍ୟାନ ଅଫଦି ସିରିଜ ଓଜୁରାପାଲି ଦଳର ତାପସ ପାତ୍ର ମ୍ୟାନ ଅଫ ଦି ମେଚ ହୋଇଥିଲେ । ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ମୁଖ୍ୟବକ୍ତା ଭାବେ ଡ଼ଃ ଅମୂଲ୍ୟ ରତ୍ନ ମହନ୍ତ ସନମାନିତ ଅତିଥିଭାବେ ଯୁବ ବୈଜ୍ଞାନିକ ଡ଼ ଶେଷଦେବ କିସାନ, ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ଯାମୁଯୋରୀ ସମିତି ସଭ୍ୟା ସ୍ୱର୍ଣ୍ଣଲତା ପ୍ରଧାନ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତିଆଓ ପ୍ରମୋଦ କୁମାର ସାହୁ, ମଣ୍ଡଳ ସଭାପତି ସୁଶାନ୍ତ ଭୁତିଆ, ଦିଲ୍ଲୀପ ସାହୁ, ନେତ୍ରା ନନ୍ଦ ରାଉଳ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ମହାଲକ୍ଷ୍ମୀ ଯୁବକ ସଂଘ ସଭାପତି ମଞ୍ଚ ପରିଚାଳନା କରିଥିଲେ ।ସ୍ୱାଭିମାନ ବିଶ୍ୱାଳ ଓ ଚନ୍ଦନ ମଲ୍ଲିକ ଖେଳ ପରିଚାଳନା କରିଥିବା ବେଳେ ଶ୍ରୀପତି ସାହୁ, ମଣ୍ଟୁ ସାହୁ, ହିମାଂଶୁ ଶେଖର ପ୍ରଧାନ, ମନୋରଞ୍ଜନ ସାହୁ, ନିହାର ରଞ୍ଜନ ବଡପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



# ଖଗେଶ୍ୱର ସାହିତ୍ୟ କଳା ପରିଷଦ ଭବନର ଶିଳାନ୍ୟାସ

ବିଜେପୁର, ୧୫।୧(ସମିସ)



ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଖଗେଶ୍ୱର ସାହିତ୍ୟ କଳାପରିଷଦ ଭବନର ଶିଳାନ୍ୟାସ ହୋଇଛି। ବିଜେପୁର ଅଗ୍ନିଶମ ବିଭାଗ ପାଖରେ ନିର୍ମିତ ହେବାକୁ ଥିବା ଏହି ଭବନ ନିର୍ମାଣର ଶିଳାନ୍ୟାସ ମୁଖ୍ୟ ଅତିଥି ବିଧାୟକ ସନତ ଗଡ଼ତିଆଙ୍କ ଦ୍ୱାରା ହୋଇଯାଇଛି। ଆଗାମୀ ଦିନରେ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠଙ୍କ ପ୍ରଚାର ପାଇଁ ଅଧିକ ଉଦ୍ୟମ କରାଯିବ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ବିଧାୟକଙ୍କ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଥିବାରୁ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଭାପତି ମୋହନ ସିଂ କହ୍ନେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ, ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ, ଉପସଭାପତି ହୃଦମଣି ସାହୁ, ମହେଶ ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। ସହ ସମ୍ପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ ଓ ସୁଷମା ଭୋଇ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ସଭାକୁ ସଂଯୋଜନା କରିଥିଲେ। ଏହି ଅଞ୍ଚଳର ସ୍ୱାଭିମାନ ପାର୍ବତୀ ଗିରି, ଖଗେଶ୍ୱର ଶେଠ, ବିଶିଷ୍ଟ କଳାକାର ତୁଳସୀ ପ୍ରସାଦ ଗଡ଼ତିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ସାବିତ୍ରୀ ମେହେର, ଅଧ୍ୟାପିକା ରଶ୍ମିରେଖା ବାରିକ, ଦେବାଶିଷ ମେହେର, ଈଶ୍ୱର ମେହେର, ଯୁଗେଶ୍ୱର ତାଣ୍ଡି, ନୀଳମଣି ମେହେର, ସରୋଜ ପୁରୋହିତ, ଦୁର୍ବାଦଳ ବଡଗୋଛିଆ, ପ୍ରଭାତ ରଞ୍ଜନ ସାହୁ, ଚିନ୍ତାମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଡ.ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ଟ୍ୟାକ୍ସି ଷ୍ଟାଣ୍ଡ ଓ ପିକ୍ ଅପ୍ ଷ୍ଟାଣ୍ଡର ଶିଳାନ୍ୟାସ

**ବରଗଡ଼, ୧୫।୧(ସମିସ):** ବରଗଡ଼ ସହରର ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖରେ ନୂତନ ଭାବେ ଟ୍ୟାକ୍ସି ଷ୍ଟାଣ୍ଡ ଓ ପିକ୍‌ଅପ୍ ଷ୍ଟାଣ୍ଡ ପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଶୁଭ ଦେଇଛନ୍ତି। ଏହାଦ୍ୱାରା ରାସ୍ତା ଉପରେ ଅନିୟନ୍ତ୍ରିତ ପାର୍କିଂ କମିବ ଓ ଯାତାୟାତ



ବ୍ୟବସ୍ଥା ଅଧିକ ସୁସଂଗଠିତ ହେବ। ଏଠାରେ ଡ୍ରାଇଭର ଭାଇ ମାନଙ୍କ ପାଇଁ ସୁଲଭ ଶୌଚାଳୟ, ଅଫିସ ଗୃହ, ଗାଡି ପାର୍କିଂ ପାଇ ଜାଗା ସହ ଆଉ ଅନ୍ୟାନ୍ୟ ସୁବିଧା ସବୁ କରାଯିବ ବୋଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ କହିଛନ୍ତି। ଟ୍ୟାକ୍ସି ଚାଳକମାନେ ମଧ୍ୟ ଏହା ଦ୍ୱାରା ଖୁବ୍ ଉପକୃତ ଓ ସୁରକ୍ଷିତ ଭାବେ ରହି ପାରିବେ। ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ପିଡବ୍ଲ୍ୟୁଡିଏସଡିଓ ଶତ୍ରୁଘ୍ନ କାଲୋ, ରାଜସ୍ୱ ନିରୀକ୍ଷକ ଅଧିକାରୀ ସଞ୍ଜୀବ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଅତାବିରା, ୧୫।୧(ସମିସ):** ଅତାବିରା ଏନ୍‌ଏସି ଅସି ବୈମାନଟିକ୍ରା ଟାଙ୍ଗରପଡ଼ାର ଗୁରେସ ଦୀପଙ୍କ ପୁଅ ମାନଭଞ୍ଜନ ଦୀପ (୨୩)ଙ୍କ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ସ୍ଥାନୀୟ ବନ୍ଧନ ବ୍ୟାଙ୍କ ପାଖ କ୍ରିଷ୍ଟା କଲୋନୀର ନୂତନ ଘରେ ମାନଭଞ୍ଜନଙ୍କ ସହ ତିନି ଜଣ ରଙ୍ଗ ମାରୁଥିଲେ। ଘର ଉପରେ ୧୧ କେଭି ତାର ଯାଇଥିଲା। ଘର ରଙ୍ଗ ମାରୁଥିବା ବେଳେ ପାଖାପାଖି ୨ଟା ସମୟରେ କୌଣସି କାରଣରୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇ ତଳେ ପଡ଼ିଯାଇଥିଲେ। ଖବର ପାଇ ପାଖ ପଡ଼ାର ଲୋକ ଅତାବିରା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଆସି ଅନୁସନ୍ଧାନ ଚଳାଇଛି।

## ନାବାଳିକାକୁ ଉଦ୍ଧାର କଲା ପାଇକମାଲ ପୁଲିସ

**ପାଇକମାଲ, ୧୫।୧(ସମିସ):** ପାଇକମାଲ ଥାନା ହୀରାପୁର ଗାଁର ଜଣେ ନାବାଳିକା ନିଖୋଜ ଥିବା ନାବାଳିକା ଉଦ୍ଧାର କରି ପାଇକମାଲ ପୁଲିସ ପରିବାରକୁ ହସ୍ତାନ୍ତର କରିଛି। ପ୍ରାପ୍ତ ସୂଚନା ଅନୁସାରେ, ହୀରାପୁର ଗାଁର ଜଣେ ନାବାଳିକା ଗତ ଜାନୁଆରୀ ୧୩ ତାରିଖ ରାତିରେ ତାଙ୍କ ଘରୁ ନିଖୋଜ ହୋଇଥିଲେ। ଗାଁର ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଯାଇଥିବା ଜଣାପଡ଼ିଥିଲା। ଏନେଇ ପରିବାର ବର୍ଗ ପାଇକମାଲ ଥାନାକୁ ଆସି ପକ୍ସୋ ଆକ୍ଟରେ ମାମଲା ଦାୟର କରିଥିଲେ। ତଦନ୍ତ କରି ପାଇକମାଲ ପୁଲିସ ବୁଧବାର ରାତିରେ ଝାରମୁଣ୍ଡା ଗାଁରୁ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା ପରେ ପରିବାରକୁ ହସ୍ତାନ୍ତର କରିଛି। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ନିର୍ମାଣର ବର୍ଷାଧିକ କାଳ ବିତିଲା: କାର୍ଯ୍ୟକ୍ଷମ ହେଲାନି 'ସୃଜନିକା'

**ଦହିତା, ୧୫।୧(ସମିସ):** ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ତରଫରୁ ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ବ୍ରାହ୍ମଣଡିହି ଠାରେ ଦୀର୍ଘ ବର୍ଷ ହେବ ସୃଜନିକା ଗୃହ ନିର୍ମାଣ ହୋଇଛି। ଅଞ୍ଚଳର ବାଉଁଶ ଶିଳ୍ପୀ ମାନଙ୍କୁ ରୋଜଗାର କାମ କରିବା ସହିତ ଆଧୁନିକ ଶୈଳୀରେ ରୋଜଗାର କାମ କରିବା ଉଦ୍ଦେଶ୍ୟରେ ଏହି ଗୃହ ନିର୍ମାଣ ହୋଇଛି। ବାଉଁଶ ଶିଳ୍ପ ପାଇଁ ଆଧୁନିକ ଯନ୍ତ୍ରପାତୀ ମଧ୍ୟ ବର୍ଷରୁ ଊର୍ଦ୍ଧ୍ୱ ହେଲା ପହଞ୍ଚି ସାରିବା ସହିତ ବିଦ୍ୟୁତ ସଂଯୋଗ ମଧ୍ୟ ହୋଇଛି। ମାତ୍ର ଏହା କାର୍ଯ୍ୟକ୍ଷମ ହେଉ ନଥିବାରୁ ଅଞ୍ଚଳର ବାଉଁଶ ଶିଳ୍ପୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପଦ୍ମପୁର ବ୍ଲକ ବ୍ରାହ୍ମଣ ଡିହୀ ବାଉଁଶ ଶିଳ୍ପ ପାଇଁ ପ୍ରସିଦ୍ଧ। ଏହି ଗାଁର ପ୍ରାୟ ୭୦ ପ୍ରତିଶତ ପରିବାର ଏହି ଶିଳ୍ପ ଉପରେ ନିର୍ଭର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଠାରେ ସୃଜନିକା ଗୃହ ନିର୍ମାଣ କରିଥିଲେ। ଦର୍ଲୀଗୁଡା ବ୍ରାହ୍ମଣ ଡିହୀ ରାସ୍ତା ପାର୍ଶ୍ୱ ପ୍ରାୟ ଏକ ଏକର ଜମିରେ ଏହା ନିର୍ମାଣ ହୋଇଛି। ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ଧ୍ୟାନ ଦେବାକୁ ବାଉଁଶ କାରିଗରମାନେ ଦାବି କରିଛନ୍ତି।

## ପଡ଼ା ଗାଁରେ ହେବ ଜାତୀୟ ସମ୍ବଲପୁରୀ ଭେଟ୍‌ଘାଟ୍

**ବିଜେପୁର, ୧୫।୧(ସମିସ):** ସମ୍ବଲପୁରୀ ଭାଷା ସାହିତ୍ୟର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବା ଅଗ୍ରଣୀ ଅନୁଷ୍ଠାନ ମନୋହର ସାଂସ୍କୃତିକ ସଂସଦ, ଭେଡେନ ଓ ପ୍ରକାଶ ସାଂସ୍କୃତିକ ସଂସଦ, ପଡ଼ାର ମିଳିତ ଆୟୋଜନରେ ପଡ଼ା ଗାଁରେ ଅନୁଷ୍ଠିତ ହେବାକୁ ଥିବା ୫୭ତମ ଜାତୀୟ ସମ୍ବଲପୁରୀ ଭେଟ୍ ଘାଟ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ସାଂସ୍କୃତିକ ସଂସଦର ସଭାପତି ପ୍ରଦୀପ ପଧାନଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିଲ୍ଲୀପ ଦେବତାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ ଭୋଇ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସୂଚନା ଦେଇଥିଲେ। ନାଟ୍ୟକାର ତେଜରୁ ବାରିକ, କଥାକାର ନରେନ୍ଦ୍ର ମହାନ୍ତି, କ୍ରାନ୍ତିକବି ହରିଲାଲ ସାହୁ, ସାହିତ୍ୟିକ ଲଳିତ ସାହୁ, ସୁରେଶ ଚନ୍ଦ୍ର ଭୋଇ, ଉମେଶ ପ୍ରଧାନ, ଅଧ୍ୟାପକ ସୁଭାଷ ଚନ୍ଦ୍ର ଭୁଏ, ରବିଶଙ୍କର ଗୁରୁ, ବିସିକେଶନ ମେହେର, ମୋହନ ସିଂ କନହେଇ, ଚତୁର୍ଭୁଜ ବଢ଼େଇ, ଡା ଭୋଳାନାଥ ମେହେର, ସୁରେନ୍ଦ୍ର ଦାଶ, ଅକ୍ଷୟ ଦାଶ, ପ୍ରମୋଦ ପଧାନ, ଟିଖେଲାଲ ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଦିନ ଜାତୀୟ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହେବା ସହ କବି ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ବଲପୁରୀ ଭାଷା ଓ ସଂସ୍କୃତି ଦିଗରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଛତିଶଗଡ଼ ସରେଇପାଲିର ବିଧାୟିକା ଚାତୁରୀ ନନ୍ଦ, ନୂଆଦିଲ୍ଲୀ ନୃତ୍ୟାଞ୍ଜଳି ଅନୁଷ୍ଠାନର ମୁଖ୍ୟ ସମୀର ମେହେର, ଦିବ୍ୟାଙ୍ଗ କବି ଗୋବିନ୍ଦ ମେହେର, ଗୀତିକବି କିଶୋର ପାତ୍ର, ସାଂସ୍କୃତିକ କର୍ମୀ ଜଗନ୍ନାଥକୁମ୍ଭାର ତଥା ସୋନପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ତନୁଶକ୍ଷନ ପରିବାରକୁ ସମ୍ବର୍ଦ୍ଧିତ କରାଯିବ। ଏହା ସହ ଯୁବ ନାଟ୍ୟକାରରାଜ ସାହୁଙ୍କୁ ବୁଦ୍ଧଦେବ ନାଟ୍ୟ ସମ୍ମାନ ପ୍ରଦାନ କରାଯିବ। ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ନାଟକ, ଲୋକନୃତ୍ୟ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ସଦାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଭିକାରୀ ଚରଣ ସାହୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

**ଅତାବିରା, ୧୫।୧(ସମିସ):** ଅବିଭକ୍ତ ସମ୍ବଲପୁର ଜିଲ୍ଲା ସୋହେଲା ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, କ୍ରୀଡାବିତ ତଥା ତତ୍‌କାଳୀନ ସମ୍ବଲପୁର ଜିଲ୍ଲା ଯୋଜନା ବୋର୍ଡର ପ୍ରଥମ ଅଧ୍ୟକ୍ଷ ଭିକାରି ଚରଣ ସାହୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ନିଜ ପୈତୃକ ଜନ୍ମଭୂମି ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଘନଘାଟିରେ ଉଦ୍‌ଘାଟିତ ହୋଇଯାଇଛି। ଘନଘାଟି ଗାଁର ପ୍ରସିଦ୍ଧ ମକରସଙ୍କ୍ରାନ୍ତି ଯାତ୍ରା ଅବସରରେ ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କ କରକମଳରେ ଉନ୍ମୋଚନ ହୋଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ମହାନନ୍ଦ, ମୁଖ୍ୟବକ୍ତା ଅମୁଲ୍ୟ ପତି, ସମ୍ମାନିତ ଅତିଥି ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ କଳାସାହେବ ଭୋଇ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ସାହୁ। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଅନିଲ ପଧାନ।

## ସର୍ଟସର୍କିଟରେ ଜଳିଗଲା ଲକ୍ଷାଧିକ ମୂଲ୍ୟର ସାମଗ୍ରୀ

**ପାଇକମାଲ, ୧୫।୧(ସମିସ):** ପାଇକମାଲ ବ୍ଲକ ଛିଦେଇକେଲା ରାମ ମନ୍ଦିର ପଡ଼ାରେ ଥିବା ଏକ ସେଲୁନ ଦୋକାନରେ ରାତିରେ ସର୍ଟ ସର୍କିଟ ଯୋଗୁଁ ଲକ୍ଷାଧିକ ସାମଗ୍ରୀ ନଷ୍ଟ ହୋଇଛି। ଡୁଡୁକିଝରିଆ ଗାଁର ଯାଦବ ବାରିକ ଛିଦେଇକେଲା ରାମଜୀ ମନ୍ଦିର ପଡ଼ାରେ ଏକ ସେଲୁନ ଦୋକାନ ଦେଇ ପରିବାର ଚଳାଉଥିଲେ। ଗୁରୁବାର ରାତିରେ ସର୍ଟ ସର୍କିଟ ଯୋଗୁଁ ଦୋକାନ ଭିତରେ ଥିବା ଦାମିକା ସାମଗ୍ରୀଗୁଡିକ ସମ୍ପୂର୍ଣ୍ଣ ନିଆଁରେ ପୋଡି ହୋଇଯାଇଛି। ଏନେଇ ଶ୍ରୀ ବାରିକ ସକାଳେ ଦୋକାନ ଆସି ଖୋଲିବାରୁ ଦୋକାନରୁ ଧୂଆଁ ବାହାରୁ ଥିବାରୁ ସେ ନିଆଁକୁ ଆୟତ୍ତ କରୁ କରୁ ସାମଗ୍ରୀଗୁଡିକ ପୋଡି ନଷ୍ଟ ହୋଇଯାଇଥିଲା। ଏନେଇ ଛିଦେଇକେଲା ଆରଆଇ କର୍ତ୍ତୃପକ୍ଷ ଆସି ଘଟଣା ଉପରେ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ୪ ଲକ୍ଷରୁ ଊଦ୍ଧ୍ୱରୁ ସାମଗ୍ରୀ ନଷ୍ଟ ହୋଇଛି ବୋଲି ଶ୍ରୀ ବାରିକ କହିଛନ୍ତି। ଏନେଇ ଶ୍ରୀବାରିକଙ୍କୁ ଶିଘ୍ର ସରକାର ସହାୟତା ଯୋଗାଇଦେବାକୁ ଜନସାଧାରଣରେ ଦାବି ହୋଇଛି।



## ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ପଦ୍ମପୁରର ସାନ ଓ ଫିରୋଜ ଚାମ୍ପିଅନ

**ପାଇକମାଲ, ୧୫।୧(ସମିସ):** ପାଇକମାଲ ମାଳପଡ଼ାରେ ହେଉ ଥିବା ଶିବଶକ୍ତି ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ପଦ୍ମପୁରର ସାନ ଓ ଫିରୋଜ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ପାଇକମାଲ ଭୋଇପଡ଼ାର ମନୋରଞ୍ଜନ ଓ ଯତୀନ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦରଥ, ଆକାଶ ପାଣିଗ୍ରାହୀ ଅତିଥି ଭାବେଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ସହୟତ ସତ୍ୟରଞ୍ଜନ ସାହୁ, ଦିନେଶ ମହାନ୍ତି, ଆଦିତ୍ୟ ମାହାର, ବଳରାମ ବରିହା କରିଥିଲେ। ଏକ ଦିନିକିଆ ଏହି ଟୁର୍ଣ୍ଣାମେଣ୍ଟ ୩୬ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ବରମକେଲା ଶିଶୁବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

**ବରପାଲି, ୧୫।୧(ସମିସ):** ବରପାଲି ବ୍ଲକ ବରମକେଲା ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡଙ୍ଗୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବରପାଲି ଏବିଇଓ ଦୁର୍ଯୋଧନ ସିଂ ଏବଂ ପୂର୍ବତନ ମୁଖ୍ୟ କ୍ଲର୍କ ଜୟ କିଶାନ ସାହୁ ଉପସ୍ଥିତ ଥିଲେ। ସଭାପତି ବେଦବର ପ୍ରଧାନ ସ୍ୱାଗତ ଭାଷଣ ମାଧ୍ୟମରେ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ରଞ୍ଜିତ ପଧାନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର ରଣା ଶିକ୍ଷାଳୟର ବାର୍ଷିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ବିବରଣୀ ପଠନ କରିଥିଲେ। ଯୁଗ୍ମ ସମ୍ପାଦକ ସୁଦାମ ପୋଡ ଧନ୍ୟବାଦ ଅର୍ପଣ କରିଥିଲେ।

## ସହକାର ଭାରତୀର ସ୍ଥାପନା ଦିବସ

**ବରଗଡ଼, ୧୫।୧(ସମିସ):** ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ବରଗଡ଼ ସହକାର ଭାରତୀର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ଡୋଲାମଣି ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ସୁଜାତା ପଣ୍ଡା, ସମ୍ପାଦକ ନରେନ୍ଦ୍ର ସାହୁ, ସହ ସମ୍ପାଦକ ଚିନ୍ମୟ ମିଶ୍ର ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇ ସହକାର ଭାରତୀର କାର୍ଯ୍ୟକାରିତା, ବୁଣାକାର ଭାଇ ମାନଙ୍କ ତଥା ଗୋ ପାଳକ ମାନଙ୍କ ଉନ୍ନତି ପାଇଁ କି କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେଦାର ମିଶ୍ର, ବାଦଲ ଷଡଙ୍ଗୀ, ଦାସରଥି ଭୋଇ ଓ ଆହୁରି ଅନେକ ଯୋଗଦେଇ ନିଜ ନିଜ ସୁଚିନ୍ତିତ ମତାମତ ଦେଇଥିଲେ। ଶେଷରେ ଚିନ୍ମୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଲରେ ରାଓ ପରିବାର ପକ୍ଷରୁ ପୋଙ୍ଗଲ ପର୍ବ

**ପାଇକମାଲ, ୧୫।୧(ସମିସ):** ପାଇକମାଲ ଶିବ ମନ୍ଦିର ନିକଟରେ ରାଓ ପରିବାର ପକ୍ଷରୁ ପଙ୍ଗୋଲ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ପରିବାରର ମୁଖ୍ୟ ବିଜୟ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଙ୍ଗୋଲ ପର୍ବରେ ଛୋଟମାନେ ବଡମାନଙ୍କୁ ନମସ୍କାର କରି ଆର୍ଶୀବାଦ ନେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପାଇକମାଲ ଅଞ୍ଚଳର ବହୁ ମାନ୍ୟଗନ ବ୍ୟକ୍ତି ବିଶେଷମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଶେଷରେ କୁସୁମ ରାଓ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ଜୋନସ୍ତରୀୟ ଜନ କଲ୍ୟାଣ ଦିବସ



**ବରଗଡ଼, ୧୫।୧(ସମିସ):** ବହୁଜନ ସମାଜ ପାର୍ଟି ବରଗଡ଼ ଜିଲ୍ଲା ଆନୁକୂଲ୍ୟରେ ବିଏସ୍‌ପି ରାଷ୍ଟ୍ରୀୟ ଅଧ୍ୟକ୍ଷା, ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତିଙ୍କ ୭୦ ତମ ଜନ୍ମଦିବସ ଅବସରରେ ସମ୍ବଲପୁର ଜୋନ ସ୍ତରୀୟ 'ଜନ କଲ୍ୟାଣ ଦିବସ' ବରଗଡ଼ କଲ୍ୟାଣ ମଣ୍ଡପ ପଡ଼ିଆରେ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ନାରାୟଣ ଭେଶ୍ରା, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜୋନ ସଂଯୋଜକରାଜୁ ନନ୍ଦ, ଆଡଭୋକେଟ ଦିଲୀପ ସିଂ, ଜିଲ୍ଲା ସଂଯୋଜକ ଆଡଭୋକେଟ୍ ଜୟରାମ ବାଘ୍, ରାଜ୍ୟ ସମ୍ପାଦକ ଗାନ୍ଧୀ ମହାନନ୍ଦ, ବରଗଡ଼ ଜିଲ୍ଲା ସଭାପତି ଅଜୟ କୁମ୍ଭାର, ସମ୍ବଲପୁର ଜିଲ୍ଲା ସଭାପତି ରିଜ୍ୱାନ୍ ଖାନ୍ ମଞ୍ଚାସୀନ ଥିଲେ। ଦିବଂଗତ ବିଏସ୍‌ପି ନେତା ପୂର୍ବତନରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଲୁହୁରାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜନ କଲ୍ୟାଣ କାର୍ଯ୍ୟକ୍ରମ ଅବସରରେ ବୃଦ୍ଧ ବୃଦ୍ଧା ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବିଜେପି ଶାସନରେ ରାଜ୍ୟରେ କୃଷକମାନେ କିପରି ଅସୁବିଧା ଭୋଗୁଛନ୍ତି ସେ ବିଷୟରେ ମୁଖ୍ୟ ଅତିଥି ନାରାୟଣ ଭେଶ୍ରା ଆଲୋକପାତ କରିଥିଲେ। ଚାଷୀଙ୍କ ଧାନ ଠିକ୍ ସମୟରେ ନ ଉଠିଲେ ଆଗାମୀ ଦିନରେ ବିଏସ୍‌ପି ତରଫରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସରକାରକୁ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତରୁଣ ତାଣ୍ଡି, ଦେବ, ଦିଲୀପ ବାଗ, ବିନୟକୁମ୍ଭାର, ଇପ୍ସିତା ନାୟକ, ଇନ୍ଦୁବତି ବାଗ, ତୁଳସୀରାଜହଂସ, ଅନିଲ ନାୟକ, କୈଳାସ ଲୁହା, ଜରୋଣ୍ଡରାଜହଂସ, ସତ୍ୟ ମହାନନ୍ଦ, ନୃପ ମେହେର, ଯୁଧିଷ୍ଠିର ଜାଲ, ଶିବ ପାଇକ, ସଚି କନ୍ଧେର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସରୋଜ କୁମ୍ଭାର ସଂଯୋଜନା କରୁଥିବା ବେଳେ ଧବଳେଶ୍ୱର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରଗଡ଼, ୧୫।୧(ସମିସ):** ବରଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଉଡାନ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗଦାନ କରି ଉତ୍ସବର ଶୋଭାବର୍ଦ୍ଧନ ପୂର୍ବକ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟସାଗର ଏକାଡେମୀର ଅଧ୍ୟକ୍ଷ ତଥା ବିଦ୍ୟାଳୟର ପଞ୍ଚ ସଖା ଶିକ୍ଷା ସେତୁର ସଭାପତି ବିକାଶ ସେନ୍ ଛାତ୍ରମାନଙ୍କୁ ପ୍ରେରଣା ମୂଳକ ଉପଦେଶ ପ୍ରଦାନ କରିଥିଲେ। ଏହାସହ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରେଣୁ ଦାସ ଶର୍ମା ସମ୍ମାନିତ ଅତିଥିଭାବେ ଏବଂ ସିଆରସିସି ଅର୍ଚିତା ପାଣଗ୍ରାହୀ ବିଶିଷ୍ଟ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ନରସିଂହ ବିଶିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଡୋଲାମଣି ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ରଜନୀ ପାତ୍ର ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦୀର୍ଘ ଦିନର ବିରତି ପରେ ବାର୍ଷିକ ଉତ୍ସବ ପାଳିତ ହେଉଥିବାରୁ ଛାତ୍ରଛାତ୍ରୀ ଅବିଭାବକ ମହଲରେ ଅପାର ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନା ଦେଖାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ର ମାନଙ୍କୁ ଅତିଥି ମାନଙ୍କଦ୍ୱାରା ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ବଶିଷ୍ଠ ଖମାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷାର୍ଥୀଙ୍କ ଶୈକ୍ଷିକକ୍ଷେତ୍ର ପରିଭ୍ରମଣ

**ବରଗଡ଼, ୧୫।୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତା ଓ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାର ବିଜ୍ଞାନ କ୍ଲବ୍, ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍‌ର ଛାତ୍ରଛାତ୍ରୀ ଶୈକ୍ଷିକକ୍ଷେତ୍ର ପରିଭ୍ରମଣରେ ଆସି ଚଢ଼େଇଗାଁ ସ୍ଥିତ ଇମ୍ପେରିଆଲ ମହାବିଦ୍ୟାଳୟ, ଟୁକୁର୍ଲା ସ୍ଥିତ ବରଗଡ଼ ବିଜ୍ଞାନ କେନ୍ଦ୍ର ଓ ପିପଲମୁଣ୍ଡା ସ୍ଥିତ ଜିଲ୍ଲା ସମନ୍ୱିତ ଚାରା କେନ୍ଦ୍ରରେ ଥିବା ଜିଆ ପ୍ରଜନନ ଓ ଜିଆ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ। ଶୈକ୍ଷିକ ପରିଭ୍ରମଣରେ ଆସିଥିବା ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତା ଏବଂ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ, ରୁଚିଦାର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ଇମ୍ପେରିଆଲ୍ ମହାବିଦ୍ୟାଳୟର ନିର୍ଦ୍ଦେଶକ ଦୀପକ ଗୋୟଲ ସସମ୍ମାନେ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀଙ୍କ ଶିକ୍ଷଣ ପ୍ରକ୍ରିୟା ବୃଦ୍ଧି, ପରିବେଶ ସଚେତନତା ଓ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଭୁକ୍ତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଙ୍କିତ ମହନ୍ତ ଓ ଶିକ୍ଷୟିତ୍ରୀ ରୋଜାଲିନ ଭୋଇଙ୍କ ସହ ଜନତା ହାଇସ୍କୁଲ ଭୁକ୍ତାର ୪୧ ଜଣ ଶିକ୍ଷାର୍ଥୀ ଏବଂ ରୁଚିଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ ମେହେରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୁବୋଧ ଭୋଇ, ବଳରାମ ରଣା ଓ ଶିକ୍ଷୟିତ୍ରୀ ତନୟା ତନସନାଙ୍କ ସହ ରୁଚିଦା ହାଇସ୍କୁଲର ୪୦ ଜଣ ଶିକ୍ଷାର୍ଥୀ ଆସିଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ସରସ୍ୱତୀ ବାଟିକା ବୃନ୍ଦବନମ୍ ପରିଦର୍ଶନ କରିବା ସହ ଭୂତଳ ଜଳ ସଂରକ୍ଷଣ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରାଯାଉଥିବା ଏହି ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ଇମ୍ପେରିଆଲ୍ ମହାବିଦ୍ୟାଳୟର ନିର୍ଦ୍ଦେଶକ ଦୀପକ ଗୋୟଲଙ୍କୁ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉପହାର ସ୍ୱରୂପ ଏକ ଆମ୍ବ ଚାରା ଓ ସପେଟା ଚାରା ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ କେନ୍ଦ୍ର ଟୁକୁର୍ଲାରେ ଗୋପୀନାଥ ସାହୁ ସ୍ୱାଗତ କରିବା ପରେ ଶିକ୍ଷାର୍ଥୀମାନେ ପ୍ରଦର୍ଶିତ କ୍ଷୁଦ୍ର ଚଳଚ୍ଚିତ୍ର ଓ ବିଭିନ୍ନ ମଡେଲରୁ ଅନେକ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିଥିଲେ। ଠିକ୍ ସେହିପରି ଶିକ୍ଷାର୍ଥୀମାନେ ପିପଲମୁଣ୍ଡା ସ୍ଥିତ ଜିଆ ପ୍ରଜନନ ଓ ଜିଆ ଖତ ପ୍ରସ୍ତୁତି କେନ୍ଦ୍ରରେ ବନରକ୍ଷୀ କକୟା ବେସନ, ଫେମିନା ପାଲ ଓ କର୍ମଚାରୀ ପ୍ରଦୀପ ବୁଧିଆ ଓ ଛେଳିଆ ସାହୁଙ୍କ ଠାରୁ ଆଫ୍ରିକୀୟ ଓ ୟୁରୋପୀୟ ଜିଆକୁ ବ୍ୟବହାର କରି କିପରି ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି କରାଯାଉଛି ତଦ୍ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ।

# ପିଲାଟି ଦିନରୁ ସମାଜସେବା ନିଶା ଦେଇଛି ସ୍ୱତନ୍ତ୍ର ପରିଚୟ

ଝାରବନ୍ଧ, ୧୫।୧(ସମିସ)



ଆଧୁନିକତାର ଚକ୍ରବ୍ୟୁହରେ ପଡ଼ି ସମସ୍ତେ ନିଜ ନିଜ କର୍ମମୟ ଜୀବନରେ ଆଜି ସମସ୍ତେ ବ୍ୟସ୍ତ। ଏପରି ସ୍ଥିତିରେ କିଛି ବିରଳ ବ୍ୟକ୍ତିତ୍ୱ ସମାଜରେ ମାନବିକତା ଓ ସମାଜସେବାର ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ସମାଜ ପାଇଁ ନିରନ୍ତର ସେବା କରୁଥିବା ଏମିତି ଭିନ୍ନ ମଣିଷଙ୍କ ମଧ୍ୟରୁ ଝାରବନ୍ଧ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ଅନ୍ୟତମ। ଆଜିର ସମୟରେ ସାମାଜିକ କାର୍ଯ୍ୟ କେବଳ ଫଟୋ ଓ ଭିଡିଓ ମାଧ୍ୟମରେ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ପ୍ରଚାର ପାଇଁ କରାଯାଉଛି। ହେଲେ ଏବେବି କିଛି ବିରଳ ବ୍ୟକ୍ତିତ୍ୱ ନିରବରେ ଶହ ଶହ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି। ସନ୍ତୋଷ ବେହେରା ୧୯୯୩ ରୁ ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ସାଧାରଣ ଲୋକଙ୍କ ଆବେଦନପତ୍ର ଲେଖିବା, ଫର୍ମ ପୂରଣ କରିବାରେ ସହଯୋଗ କରିଆସୁଛନ୍ତି। ଏହାସହ ଅଫିସରେ ଅଟକିଥିବା କାମକୁ ଶୀଘ୍ର ସମାଧାନ ଯୋଗାଇଦେବାକୁ ନିରନ୍ତର ପ୍ରୟାସ କରିଛନ୍ତି। ଯେଉଁ ସମୟରେ ବିନା ପରିଶ୍ରମିକରେ କିଛି କରିବାକୁ ଲୋକେ ଆଗ୍ରହୀ ନୁହଁନ୍ତି, ସେଠାରେ ସେ ପ୍ରତିଦିନ ଶହ ଶହ ଲୋକଙ୍କୁ ନିଃଶୁଳ୍କ ସେବା ଦେଇଆସୁଛନ୍ତି। ତାଙ୍କ ସମାଜସେବା ମନୋଭାବକୁ ଦେଖି ୨୦୦୭ ମସିହାରେ ଲୋକମାନେ ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରିତ କରିଥିଲେ। ସେହିବର୍ଷ ଛୋଟଅନକି ପଞ୍ଚାୟତର ସମିତି ସଦସ୍ୟ ଭାବେ ବିଜୟୀ ହୋଇଥିଲେ। ପରେ ୨୦୧୨ ମସିହାରେ ଝାରବନ୍ଧ ପଞ୍ଚାୟତର ସମିତି ସଦସ୍ୟ ଭାବେ ପୁନଃ ଲୋକଙ୍କ ବିଶ୍ୱାସ ଅର୍ଜନ କରିଥିଲେ। ୨୦୨୨ ମସିହାରୁ ବର୍ତ୍ତମାନ ସୁଦ୍ଧା ସେ ଝାରବନ୍ଧ ଜିଲ୍ଲା ପରିଷଦ ଜୋନ-୨ର ଜିଲ୍ଲା ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

### ଆବେଦନ ପତ୍ର ପୂରଣ ସନ୍ତୋଷଙ୍କ ନିଆରା ପ୍ରୟାସ

ଲୋକଙ୍କ ସମସ୍ୟାର ସମାଧାନକୁ ନିଜ ଜୀବନର ପ୍ରମୁଖ ଲକ୍ଷ୍ୟ ଭାବେ ନେଇଥିବା ସନ୍ତୋଷଙ୍କ ଏହି ସେବା ମନୋଭାବ ଦ୍ୱାରା ଆଜି ପର୍ଯ୍ୟନ୍ତ ହଜାର ହଜାର ଲୋକ ଉପକୃତ ହୋଇଛନ୍ତି। ଜୀବନର ଶେଷରକ୍ତବିନ୍ଦୁ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଲଢ଼େଇ କରିବା ଓ ତାଙ୍କ ସମସ୍ୟା ସମାଧାନରେ ନିରନ୍ତର କାମ କରିବି ବୋଲି ସେ ଦୃଢ଼ ସଙ୍କଳ୍ପ ପ୍ରକାଶ କରିଛନ୍ତି।

ଦ୍ୱିତୀୟ ଦିବସରେ କଳାହାଣ୍ଡି ଉତ୍ସବ 'ଘୁମୁରା'

# ସାଂସ୍କୃତିକ ଅଭିପ୍ସାକୁ ଚରିତାର୍ଥ କରିଛି ଘୁମୁରା

ଭବାନୀପାଟଣା, ୧୫ ।୧(ସମିସ)

ରେଣ୍ଡୋମାଝୀ ଓ ପାରବା ମଞ୍ଚ ଭାଷାରେ ଭାବରେ ଭଙ୍ଗୀରେ ନୃତ୍ୟର ଛନ୍ଦରେ ଏବଂ ସଙ୍ଗୀତର ତାଳ କଳାପ୍ରେମୀଙ୍କୁ ବିମୁଗ୍ଧ କରିଛି। କଳାର ଅପୂର୍ବ କ୍ଷେତ୍ର କଳାହାଣ୍ଡି। ଏ ଜିଲ୍ଲାର ସାଧାରଣଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ସରଳ ହୋଇଥିଲେ ହେଁ ପରକୁ ଆପଣାଇ ନେବାରେ କଳାହାଣ୍ଡିଆମାନେ ବେଶ ମାହିର। ଥରେ ଯିଏ ଏ ମାଟିରେ ପାଦ ଥାପିଛି, ନିଜକୁ ଭୁଲିଯାଇଛି ଏଠାକାର ଜୀବନ ସ୍ରୋତରେ ନିଜକୁ ମିଶେଇ ଦେଇଛି। କଳାହାଣ୍ଡି କେବଳ ଏକ ଭୂଖଣ୍ଡ ନୁହେଁ, ହୃଦୟ ତନ୍ତ୍ରୀକୁ ହଲଚଲ କରିଦେବାର ଏକ ସୁମଧୁର ବୀଣାର ସୁର ଏଣୁ ମୁଁ ଏ ମାଟିକୁ ଭଲ ପାଏ, ଅତି ନିଜର ଭାବେ। ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଚାଲିଥିବା ଜିଲ୍ଲାବାସୀଙ୍କ ଆତିଥ୍ୟ ଆଦୌ ଭୁଲିହେବନି ବୋଲି ନିଜ ବକ୍ତବ୍ୟରେ କଳାହାଣ୍ଡିର ଭୁରିଭୁରି ପ୍ରଶଂସା କରିଛନ୍ତି ରଖିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର। କଳାହାଣ୍ଡି ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, ମ.ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷ ସବିତା ମେହେର, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, କଲମପୁର ବ୍ଲକ ଅଧ୍ୟକ୍ଷ ଜ୍ୟୋତି ନାଏକ, ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ, କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ଭବାନୀପାଟଣା ମୁନିସିପାଲିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ନୃପରାଜ ଯାଦବ, ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ, ଧର୍ମଗଡ଼ ଏନ୍ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟ ନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ସହିଦ ରେଣ୍ଡୋମାଝୀ ମଞ୍ଚରେ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା ସଙ୍ଗୀତ ବିଚିତ୍ରା। ସେହିପରି ସଭା ପ୍ରାରମ୍ଭରେ ମହ୍ଲାର ଅନୁଷ୍ଠାନ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଶିଶୁ ଘୁମୁରା ଦଳ, ନୃତ୍ୟପ୍ରଜ୍ଞା ପବ୍ଲିକ ଚେରିଟେବୁଲ ଟ୍ରଷ୍ଟ ଓ କଳାହାଣ୍ଡି କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଆସାମର ବୋଡା ନୃତ୍ୟ, ବଲାଙ୍ଗିର କୋଶଳ ଫୋକ ଏକାଡେମୀ, ଗୁଜୁରାଟର ସିଦ୍ଧି ଧମାଲ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ସଙ୍ଗମ ଅନୁଷ୍ଠାନ ଓ ସୋହାଗପୁରର ବଜାଶାଲ, ସୁବର୍ଣ୍ଣପୁରର ରୁମକୁଝୁମା, ପ୍ରାଞ୍ଜଳ କଳାନିକେତନ ଓ ନୃତ୍ୟ ରସିକାର ସମ୍ବଲପୁରୀ ନୃତ୍ୟ, କାଶ୍ମିରୀ ନୃତ୍ୟ, ମାଆ ବଞ୍ଜାରୀ ନୃତ୍ୟ ଦଳ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ଆକର୍ଷଣୀୟ ନୃତ୍ୟ ରୁମକୁଝୁମା, ପ୍ରାଞ୍ଜଳ କଳାନିକେତନ ଓ ନୃତ୍ୟ ରସିକାର ସମ୍ବଲପୁରୀ ନୃତ୍ୟ, କାଶ୍ମିରୀ ନୃତ୍ୟ, ମାଆ ବଞ୍ଜାରୀ ନୃତ୍ୟ ଦଳ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ତଥା ରାଜ୍ୟ ଏବଂ ରାଜ୍ୟ ବାହାରର ନୃତ୍ୟ ଓ ବାଦ୍ୟ ଦର୍ଶକଙ୍କୁ ଝୁମିବାକୁ ବାଧକଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଅମର ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ମେଲୋଡି କାର୍ଯ୍ୟକ୍ରମ ବିଳମ୍ବିତ ରାତିଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା।





**ପରକୁ ଆପଣେଇବାରେ କଳାହାଣ୍ଡିଆଙ୍କ ମନର ମୌଳିକତା**

# ଜିଲ୍ଲାସ୍ତରୀୟ କବି ସମ୍ମିଳନୀ

**ଭବାନୀପାଟଣା, ୧୫ ।୧(ସମିସ):** ସାହିତ୍ୟ ସୃଷ୍ଟି ସମୟରେ ସ୍ରଷ୍ଟା ଚିତ୍ତ ଓ ଅନୁଭୂତି ଠାରୁ ଉର୍ଦ୍ଧ୍ୱକୁ ଉଠି ଶବ୍ଦ ଏବଂ ବିଷୟ ସହ ଏକାକାର ହୋଇଯାଏ। ମସ୍ତିଷ୍କର ଝଙ୍କାର ମଧ୍ୟରେ ବିଚକ୍ଷଣତାର କଳାକ୍ଷକ ଅଭିବ୍ୟକ୍ତି ଜଣେ ସଫଳ ସ୍ରଷ୍ଟାଙ୍କୁ ଅନ୍ତଃପ୍ରେରଣାର ସ୍ୱାକ୍ଷର ବହନ କରେ। ବୁଦ୍ଧଙ୍କ ବାଣୀ ଭଳି ନିଜ ଆଖପାଖରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ନିଜସ୍ୱ ଢଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ନିଜ ମଧ୍ୟରେ କରୁଣା, ସମ୍ବେଦନା ଭଳି ମାନବୀୟ ଗୁଣ ଅବଧାରଣା କରିବା କବିର ଧ୍ୟେୟ ହେବା ଉଚିତ ବୋଲି ଆଜି କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କବି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି, ଲେଖକ ଓ ଗବେଷକ ଡ. ବାସୁଦେବ ସୁନାନୀ ନିଜ ବକ୍ତବ୍ୟରେ କହିଛନ୍ତି। ଆଜି ସ୍ଥାନୀୟ ଟାଉନହଲଠାରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ଡ.ବାସୁଦେବ ସୁନାନୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ପଦ୍ମଲୋଚନ ମିଶ୍ର, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ତଥା କବି ସମ୍ମିଳନୀ କମିଟିର ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ମଞ୍ଚାସୀନ ଥିଲେ। କବି ସମ୍ମିଳନୀ ଉପସମିତିର ଅଧ୍ୟକ୍ଷ ଡ. ତପନ କୁମାର ରଥ, ଉପାଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଆବାହକ ଡିଲେଶ୍ୱର ରଣାଙ୍କ ଉପସ୍ଥିତିରେ ସଭ୍ୟ ଜୟଦ୍ରଥ ସୁନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧୀର କୁମାର ଧଙ୍ଗଡ଼ାମାଝୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲାର ୨୦୦ ରୁ ଊର୍ଦ୍ଧ୍ୱ କବିଙ୍କ କବିତାରେ ସମୃଦ୍ଧ ସଂକଳନ 'ନିଶାନ୍' ଲୋକାର୍ପିତ ହୋଇଥିଲା। ସେହିପରି ବରିଷ୍ଠ କବି ସୋହନଲାଲ ଅଗ୍ରୱାଲଙ୍କ ବ୍ୟଙ୍ଗ କବିତା ପୁସ୍ତିକା 'ହାସ୍ୟଂ ଶରଣଂ ଗଚ୍ଛାମି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉପସମିତି ସଭ୍ୟ ଯାଦବେନ୍ଦ୍ର ସାହା, ସୁମତି ମୁଣ୍ଡ, ସଞ୍ଜୀବ କୁମାର ପଣ୍ଡା, ତପନ ସାହୁ, ବିଶ୍ୱରଞ୍ଜନ ପଣ୍ଡା ଓ କଳ୍ପନା ରଥଙ୍କ କବିତା ସଂଯୋଜନାରେ ଜିଲ୍ଲାର କୋଣ ଅନୁକୋଣରୁ ୨୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କବି ଐଶ୍ୱର୍ଯ୍ୟା ପ୍ରଧାନ, ସୁବ୍ରତା ମହାପାତ୍ର, ନିବେଦିତା ମହାନ୍ତି, ଆଶୁତୋଷ ପୁରୋହିତ, ତ୍ରିନାଥ ଶ୍ୟାମ କୁମାର ପ୍ରମୁଖ ସହଯୋଗ କରିଥିଲେ।

















# ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ

ଧର୍ମଗଡ଼, ୧୫ ।୧(ସମିସ)

ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ ହୋଇଯାଇଛି। ସକାଳେ ମାଁ ଭଣ୍ଡାରଘରଣୀ ପୀଠରୁ ଭବ୍ୟ ଶୋଭାଯାତ୍ରାରେ କଳସ ଯାତ୍ରା ହେବା ପରେ ଉତ୍ସବ ମଞ୍ଚରେ ମାଁ ଭଣ୍ଡାରଘରଣୀଙ୍କ ପ୍ରତୀକକୁ ସ୍ଥାପନା କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଉତ୍ସବ କମିଟିର ଅଧ୍ୟକ୍ଷା ତଥା ଉପଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚର ଭୁରି ଭୁରି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୁଧିର ପାଟଯୋଷୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। କଳାହାଣ୍ଡିର ସଂସ୍କୃତି ହେଉଛି ବିଶ୍ୱସ୍ତରୀୟ। ସଂସ୍କୃତିର ସୁରକ୍ଷା ସହ ଶିକ୍ଷା ଓତଃପ୍ରୋତଭାବେ ଜଡ଼ିତ। ତେଣୁ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସମୟୋପଯୋଗୀ କରିବା ପାଇଁ ପିଏମଶ୍ରୀ ହାଇସ୍କୁଲ ଓ ଗୋଦାବରୀଶ ବିଦ୍ୟାଳୟ ଯୋଜନା କରିଛନ୍ତି। ଶିକ୍ଷାର ବିକାଶ ହିଁ ଦେଶର ପ୍ରଗତିରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବଙ୍କିମ ଚନ୍ଦ୍ର ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ମାଧବ ଲହଜଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଘୁମୁରା, ଧର୍ମଗଡ଼ ହେଲୋ କିଡସ ଦ୍ୱାରା ଓଡ଼ିଶୀ, ଲଗନ ସାଂସ୍କୃତିକ ଅନୁଷ୍ଠାନର ଡାବ, ଝାଡ଼ଖଣ୍ଡର କରମା, ସିଂହମର ଅପରେସନ ସିନ୍ଦୁର, ମୃଣ୍ମୟୀ ସାଂସ୍କୃତିକ ଅନୁଷ୍ଠାନର ବଜାଶାଲ, ଆସାମର ବିହୁ, ଗଞ୍ଜାମର ପପେଟ ଡ୍ୟାନ୍ସ ସହ ମଦନପୁର ହାସ୍ୟ କବି ସୁଶାନ୍ତ ମିଶ୍ରଙ୍କ ହାସ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଷ୍ଟାର ପ୍ରୋଗ୍ରାମରେ ଉସ୍ତାଦ ବିସମିଲ୍ଲା ଖାଁ ଯୁବା ପୁରସ୍କାରପ୍ରାପ୍ତ ସର୍ବେଶ୍ୱର ଭୋଇଙ୍କ ପରିବେଷଣ ଦର୍ଶକଙ୍କୁ ସମ୍ମୋହିତ କରି ରଖିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନେନ୍ଦ୍ର ଭୋଇ, ରାଜେନ୍ଦ୍ର ମୁନି, ଚିତ୍ତରଞ୍ଜନ ଦଳପତି, ସଞ୍ଜୀବ କୁମାର ମୁଣ୍ଡ ପ୍ରମୁଖ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟି ରେ ରଖି ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶତାଧିକ ପୁଲିସ ମୁତୟନ ହୋଇଛନ୍ତି।



## ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା




**ଧର୍ମଗଡ଼, ୧୫ ।୧(ସମିସ):** ଧର୍ମଗଡ଼ରେ ଆୟୋଜିତ ହେଇଥିବା ସମ୍ପ୍ରସାରିତ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ଅବସରରେ ନିର୍ମଳା ଦେବୀ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଚାର ପ୍ରସାର ଉତ୍ସବ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଜାଲ, ଉପାଧ୍ୟକ୍ଷ ବୈଦ୍ୟନାଥ ବେହେରା, କାର୍ଯ୍ୟକ୍ରମ ପ୍ରାୟୋଜକ କ୍ଷୀରୋଦ ବାଗ, ପୂର୍ବତନ ନଗର ପାଳ ସୁଶ୍ରୀ ହୀରା ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୫ ଜଣ ଶିଶୁ ଭାଗ ନେ ଥିଲେ। ଡ.ରାମ ମଙ୍ଗରାଜ, ତପସ୍ୱିନୀ ମେହେର ଓ ମନସ୍ୱିନୀ ପଟ ନାୟକ ବିଚାରକ ଭାବେ ଉପସ୍ଥିତ ଥିଲେ। ତ୍ରିସା ବିଶି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଶ୍ୱୀନୀ ମହାନ୍ତି ଦ୍ୱିତୀୟ ଏବଂ ଚିଲି ଚିଲାର ତନିଶା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କ୍ରୀଡ଼ା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, ଶ୍ରବଣ କୁମାର ଜାଲ, ସନ୍ତୋଷ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

# ଦର୍ଶକ ଓ କଳାକାରଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାରବା ମୁକ୍ତମଞ୍ଚ

**ଭବାନୀପାଟଣା, ୧୫ ।୧(ସମିସ):** କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦର୍ଶକ ଓ କଳାକାରଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ପାରବା ଖୋଲାମଞ୍ଚ। ବିଶେଷ ସଭା କାର୍ଯ୍ୟକ୍ରମ ନଥିବା ଓ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିବିଧତା ଯୋଗୁଁ ଏହି ମଞ୍ଚରେ ସନ୍ଧ୍ୟା ହେଉଣୁ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ଉତ୍ସବ ପଡ଼ିଆରେ ବିଭିନ୍ନ ଷ୍ଟଲ ବୁଲି ଦେଖୁଥିବା ମୁକ୍ତ ମଞ୍ଚରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଶୁ ଓ କିଶୋର କଳାକାର ସହିତ ଜିଲ୍ଲା ବାହାର ଓ ରାଜ୍ୟ ବାହାରର କଳାକାରମାନେ ଏଠାରେ ନିଜର କଳା ପ୍ରଦର୍ଶନ କରୁଛନ୍ତି। ଏହି ମୁକ୍ତମଞ୍ଚ ଗ୍ରାମାଞ୍ଚଳ ଓ ଦୂର ଦୁରାନ୍ତରରୁ ଆସୁଥିବା ଲୋକଙ୍କ ପାଇଁ ମନୋରଞ୍ଜନ ଯୋଗାଉ ଥିବାବେଳେ ଏଥିରେ ସନ୍ଧ୍ୟାରୁ ବିଳମ୍ବିତ ରାତିଯାଏଁ ଭିଡ଼ ଲାଗି ରହିବା ଦେଖିବାକୁ ମିଳୁଛି। ଆଜି ଦ୍?ତୀୟ ସନ୍ଧ୍ୟାରେ ଶାସ୍ତ୍ରିଜୀ ମଡେଲ ସ୍କୁଲ, ଅତ୍ରୀଷା ନାୟକ, ଫୁଣ୍ଡା ଏସଏସଡି ସ୍କୁଲ, ସଞ୍ଚିତା ଶୁଭଦର୍ଶିନୀ ଓ ସାଥୀ, ଭିଲେଜ୍ ଭାଇବ, ସକ୍ଷମ ଏକାଡେମୀ, ଦେବାଂଶୀ ମହାରଣା, ଅର୍ପିତା ରାଉତ, ତ୍ରିଷ୍ଟା ଡ୍ୟାନ୍ସ ସ୍କୁଲ ଅଫ୍ ଡ୍ୟାନ୍ସ, ମାହେଶ୍ୱରୀ ଝାକର, ଚକାଡୋଳା ଡ୍ୟାନ୍ସ ଗ୍ରୁପ୍, ଉଦୟ ଡ୍ୟାନ୍ସ ଗ୍ରୁପ, କଳାହାଣ୍ଡି ଜିଏନ୍ଏମ୍ ନର୍ସିଙ୍ଗ ସ୍କୁଲ, ଆହାନା ହନୁମାନ୍, ଆଭା ଅଭିଷ୍ଟା ପଟ୍ଟନାଏକ ଓ ଗ୍ରୁପ୍, ଅର୍ନବୀ ପଣ୍ଡା, ଭିଲେଜ୍ କ୍ୱିନ୍, ସ୍କେଲା ପଣ୍ଡା, କଳାହାଣ୍ଡି କଳା କେନ୍ଦ୍ର, ଆରୋହୀ ବାଗ, ଆଦର୍ଶ ନାଟ୍ୟ ସଂସ୍ଥା, ମଝୀପଡ଼ା ନୋଡାଲ ସ୍କୁଲ, ଈଶାନ୍ଭି ସାହୁ, ଆରାଧ୍ୟା ପଣ୍ଡା, ଦେବୀ ଅଫ୍ କଳାହାଣ୍ଡି (ସବ୍ ଜୁନିୟର), ଦେବୀ ଅଫ୍ କଳାହାଣ୍ଡି (ସିନିୟର), ସୋନୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।




# କୋମନା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

**କୋମନା, ୧୫ ।୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଭାଗୃହ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ। ଶିବିରରେ ମୋଟ ୧୦୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୨ଟିଏବଂ ଗୋଷ୍ଠୀଗତ ଅଭିଯୋଗ ୧୯ଟି ଥିଲା। ସମସ୍ତ ଅଭିଯୋଗର ଅନୁଧ୍ୟାନ କରିବା ପରେ, ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଠୋର ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ଅସହାୟ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିତେନ୍ଦ୍ର ଦୀପ (ବୁଧିକୋମନା): ୧୦ହଜାର ଟଙ୍କା, ବୁଧିମତି କୈବର୍ତ୍ତ (ଲଖନା): ୫ହଜାର ଟଙ୍କା, ଲଳିତା ଦୁରିଆ (ଜେଠୁପାଲି) ୫ହଜାର ଟଙ୍କା।ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୁର୍ମି ସୋରେନ୍ ଏବଂ ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ବିଡିଓ ସର୍ବେଶ୍ୱର ଜାଲ, ଡେପୁଟି କଲେକ୍ଟର ଶେଖ୍ ନସିମ, ଚିନ୍ମୟ ସାଗର ଏବଂ ଏବିଡିଓ ଭକ୍ତବନ୍ଧୁ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।



■ ପଏଁର ପଞ୍ଚାୟତରେ ଅନିୟମିତତା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**କୋମନା, ୧୫ ।୧ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଏଁର ପଞ୍ଚାୟତରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରପଞ୍ଚ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୋଗଗୁଡ଼ିକ ମଧ୍ୟରେ ମନରେଗା ଦୁର୍ନୀତି। ଯାହାକି ମାଷ୍ଟର ରୋଲ୍‌ରେ ଜାଲ୍ ଦସ୍ତଖତ କରି ଶ୍ରମିକଙ୍କ ବଦଳରେ ମେସିନ୍ ସାହାଯ୍ୟରେ କାମ କରାଯାଇ ଅର୍ଥ ଅର୍‌ସାତ କରାଯାଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ କାମ ନପାଇ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନିମ୍ନମାନର କାର୍ଯ୍ୟ ମଧ୍ୟରେ ପଞ୍ଚାୟତରେ ନିର୍ମିତ ଡ୍ରେନ୍, ସିସି. ରୋଡ୍ ଏବଂ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ହୋଇଛି। ବିଭିନ୍ନ କାର୍ଯ୍ୟ ଅଧପନ୍ତରିଆ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବିଲ୍ ଉଠାଯାଇଥିବା ଦର୍ଶାଯାଇଛି। ପଲ୍ଲୀସଭାର ଅବମାନନା କରି ସରକାରୀ ନିୟମ ଅନୁଯାୟୀ ପଲ୍ଲୀସଭା ଓ ଗ୍ରାମସଭା ନକରି ସରପଞ୍ଚ ନିଜ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ବିଧାୟକ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ପତ୍ରଲେଖି ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଶିରିମସ୍କା ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

**ଥୁଆମୂଳରାମପୁର, ୧୫ ।୧ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଶିରିମସ୍କା ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି ପିଏମଶ୍ରୀ ଉତ୍ସବ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈରାଗୀ ଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମା'ମାଣିକେଶ୍ୱରୀ ପସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇଥିଲେ। ବ୍ଲକର ଜୋନ୍ ନଂ-୧୧ ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, ପଞ୍ଚସଖା ଶିକ୍ଷା ସେତୁ କଳାହାଣ୍ଡିର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ, ଭାରପ୍ରାପ୍ତ ସଂଯୋଜକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାହାଣ୍ଡି ବିରେନ୍ଦ୍ର ଆଚାର୍ଯ୍ୟ ଏବଂ ସରପଞ୍ଚ ସିନ୍ଧିପଦର ପଞ୍ଚାୟତ ଗିତାଞ୍ଜଳୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସହି ଶିକ୍ଷାର ବିକାଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୨୦୩୬ ମସିହା ସୁଦ୍ଧା ଦେଶର ଭବିଷ୍ୟତ ରୂପରେଖ କିଭଳି ହୋଇପାରିବ। ଏହାକୁ ନେଇ ଏକ ଗଠନମୂଳକ ପ୍ରକଳ୍ପ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ ଛାତ୍ରଛାତ୍ରୀ।ଆମନ୍ତ୍ରିତ ଅତିଥିମାନେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମର ମଞ୍ଚ ସଂଯୋଜନା କରିଥିଲେ ବିଦ୍ୟାଳୟର ସହ ଶିକ୍ଷକ ଶିବରାମ କାର୍ଜି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ନବୀନ ଝାଙ୍କର, ପଦ୍ମଲୋଚନ ଶବର, ଦିନେଶ ଦୁର୍ଗା, ପିଣ୍ଟୁ ମେହେର, ବାନ୍ଦ୍ରା ମାଝୀ, କପିଳାସ ନାଏକ, ନିଳାଞ୍ଚଳ ନାଗ, ତପସ୍ୱିନୀ ପ୍ରଧାନ, ସସ୍ମିତା ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନ ସହଯୋଗ କରିଥିଲେ।




# ବେପରୁଆ ଗାଡ଼ି ଚାଳନା; ୨୪ ଘଣ୍ଟାରେ ୮ ଦୁର୍ଘଟଣା

ଚମ୍ପୁଆ, ୧୫।୧ (ସମିସ)



ବେପରୁଆ ଗାଡ଼ି ଚାଳନା ଫଳରେ ମକର ସଂକ୍ରାନ୍ତିରେ ୨୪ ଘଣ୍ଟାରେ ଘଟିଛି ୮ ଦୁର୍ଘଟଣା। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ୧୪ ତାରିଖ ଦିନ ୧୦ଟାରୁ ୧୫ ତାରିଖ ଦିନ ୧୦ଟା ମଧ୍ୟରେ ୮ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୬ ଜଣଙ୍କୁ ଚମ୍ପୁଆ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ଜଣଙ୍କୁ ରେଫର କରାଯାଇଥିବା ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଗଣପର୍ବ ମକର ସଂକ୍ରାନ୍ତି ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ପର୍ବ ଭାବରେ ପରିଚିତ ହୋଇଆସୁଥିବା ବେଳେ ଘରେ ଘରେ ଏହି ପର୍ବକୁ ଆନନ୍ଦ ଉଲ୍ଲାସ ସହ ପାଳନ କରାଯାଇଥାଏ। ଫଳରେ ୨ ଚକିଆ ଯାନଠାରୁ ଆରମ୍ଭ କରି ୪ ଚକିଆ ଯାନ ଚଳାଚଳ ବୃଦ୍ଧି ପାଇଛି। ଏହାସହ ବେପରୁଆ ଗାଡ଼ି ଚାଳନା ସହିତ ଦ୍ରୁତ ଗତି ଯୋଗୁଁ ଦୁର୍ଘଟଣା ଘଟିଛି। ଅନ୍ୟପକ୍ଷରେ ଦୂରଦୁରାନ୍ତରୁ ସ୍ଥାନୀୟ ଅଞ୍ଚଳରେ ଲାଗୁଥିବା ସଂକ୍ରାନ୍ତି ମେଳାକୁ ହଜାର ହଜାର ଲୋକଙ୍କ ଆଗମନ ହେଉଛି। ଏହି ଦୃଷ୍ଟିରୁ ଯାନବାହନ ଚଳାଚଳ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ଦେଖାଯାଇଛି। ଏହି ସ୍ଥିତିରେ ସଡ଼କ ସୁରକ୍ଷା ନିୟମକୁ ଖୋଲାଖୋଲି ଉଲଙ୍ଘନ କରାଯାଉଥିବା ମଧ୍ୟ ପରିଲକ୍ଷିତ ହେଉଛି। ପୁଲିସ ଓ ପରିବହନ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ସତର୍କ ଓ ଜାଗ୍ରତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ପୁଣି ଜନନୀ ଯନ୍ତ୍ରଣା

# ଗାଁକୁ ରାସ୍ତା ନାହିଁ; ଖଟିଆରେ ବୁହାହେଲେ ଗର୍ଭବତୀ




ତେଲକୋଇ, ୧୫।୧(ସମିସ): ପୁଣି ଜନନୀ ଯନ୍ତ୍ରଣା। ଖଟିଆରେ ବୁହାହେଲେ ଗର୍ଭବତୀ ମହିଳା। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ତାଳପଦା ମୁଣ୍ଡାସାହିରେ। ଗତକାଲି ସନ୍ଧ୍ୟା ସାଢେ ପାଞ୍ଚଟା ବେଳକୁ ତାଳପଦା ମୁଣ୍ଡା ସାହିର ସାମୁଏଲ ମୁଣ୍ଡାଙ୍କ ସ୍ତ୍ରୀ ଲିପି ମୁଣ୍ଡାଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ସାହିରେ ମୋବାଇଲ ନେଟୱର୍କ ନଥିବାରୁ ଆମ୍ବୁଲାନ୍ସକୁ ଡାକିବା ସମ୍ଭବ ହୋଇପାରି ନଥିଲା। ଗଛ ଉପରକୁ ଯାଇ ସାହିର କିଛି ଯୁବକ ବହୁ କଷ୍ଟରେ ଆମ୍ବୁଲାନ୍ସକୁ କଲ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିଲା ହେଲେ ସାହିକୁ ଯାଇ ପାରି ନଥିଲା। ସମାକୋଇ ନଦୀ ଉପରେ ପୋଲ ତିଆରି ହେଉଥିବାରୁ ଗାଡ଼ି ଯାତାୟାତ ନିମନ୍ତେ ନଦୀ ଭିତରେ ଡ୍ରାଇଭରସନ ତିଆରି କରାଯାଇଛି। ହେଲେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ ଡ୍ରାଇଭରସନ ରୋଡକୁ ପଥର ଓ କାଠ ଖୁଣ୍ଟା ପକାଇ ରାସ୍ତାକୁ ଅବରୋଧ କରିଥିବାରୁ ଆମ୍ବୁଲାନ୍ସ ଯାଇ ପାରି ନଥିଲା। ଫଳରେ ସାହି ଲୋକେ ଦୁଇ କିଲୋମିଟରର ରାସ୍ତା ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ।

# ଗଞ୍ଜେଇ ଜବତ; ୨ କୋର୍ଟ ଚାଲାଣ



ହାଟଡ଼ିହୀ,୧୫।୧(ସମିସ): ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକ ନିଜ ଷ୍ଟାଫଙ୍କୁ ନେଇ ନନ୍ଦିପଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଗୋପାଳପୁର ଗ୍ରାମ ନିକଟରେ ଜଣେ ମହିଳା ଅଭିନବ ଉପାୟରେ ଏକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିବାର ଖବର ପାଇ ସମ୍ପୃକ୍ତ ମହିଳାଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ଏହି ସମୟରେ ତାଙ୍କଠାରୁ ୨ କିଲୋ ୭ ଶହ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଥିଲା ଅବକାରୀ ବିଭାଗ। ଏହିପରି ଆନନ୍ଦପୁର ଥାନା ପଦ୍ମପୁର ନିକଟରେ ସନାତନ ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୪ କିଲୋ ୩ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ସନାତନଙ୍କୁ ଗିରଫ କରିଛି। ଗଞ୍ଜେଇ କାରବାର ଅଭିଯୋଗରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ଇନ୍ସପେକ୍ଟର ବ୍ରଜମୋହନ ମଲ୍ଲିକ କହିଛନ୍ତି।

# ମକର ବୁଡ଼ ପାଇଁ ଶ୍ରଦ୍ଧାଳୁଙ୍କ ଉତ୍ସାହ



ଚମ୍ପୁଆ, ୧୫।୧(ସମିସ): କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲାରେ ମକର ସଂକ୍ରାନ୍ତି ଏକ ପ୍ରମୁଖ ଗଣପର୍ବ ଭାବରେ ପାଳନ କରାଯାଉଥିବା ବେଳେ ଶ୍ରଦ୍ଧାଳୁମାନେ ଏହି ପବିତ୍ର ପୁଣ୍ୟତିଥିରେ ମକର ବୁଡ଼ ପକାଇ ଶୈବପୀଠରେ ପୂଜାର୍ଚ୍ଚନା କରିଛନ୍ତି। ସେହିକ୍ରମରେ ମକର ଚାଉଳ ଗ୍ରହଣ କରି ନିଜ ତଥା ସମାଜର ମଙ୍ଗଳ କାମନା କରିଛନ୍ତି। ବିଶେଷ ଭାବରେ ସାଂପ୍ରଦାୟିକତା ସଦଭାବନାର ସମାହାର ଏହିଦିନ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଉପଖଣ୍ଡର ପବିତ୍ର ପୁଣ୍ୟୋତୟା ଦ୍ୱିତୀୟ ଗଙ୍ଗା ଭାବରେ ପରିଚିତ ପବିତ୍ର ବୈତରଣୀ ନଦୀରେ ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ବୁଡ ପକାଇଛନ୍ତି। ଚମ୍ପୁଆସ୍ଥିତ ବୈତରଣୀ ନଦୀତଟ ରାମତୀର୍ଥ, କେଶରୀ କୁଣ୍ଡଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତ୍ୟୁଷରୁ ଲାଗି ରହିଥିଲା। ଏପରିକି ଶୈବପୀଠଗୁଡ଼ିକରେ ମଧ୍ୟ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ବିଭିନ୍ନ ମକର କମିଟି ପକ୍ଷରୁ ମେଳା ମଧ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଉନ୍ନୟନ କାମ ପାଇଁ ଚାଲିଛି ରାଜନୈତିକ ଛକାପଞ୍ଝା

ହାଟଡ଼ିହୀ,୧୫।୧(ସମିସ): ହାଟଡ଼ିହୀ ବ୍ଲକରେ ଗତ ଏକ ସପ୍ତାହ ଧରି ଶାସକ ଦଳ ଓ ବିରୋଧୀ ବିଜେଡି ମଧ୍ୟରେ ବିବାଦ ଦେଖାଦେଇଛି। ବ୍ଲକ୍ ଉନ୍ନୟନ କାର୍ଯ୍ୟ ନେଇ ସୃଷ୍ଟି ହୋଇଛି ରାଜନୈତିକ ବିବାଦ। ତେବେ, କୌଣସି ବଡ଼ଧରଣର କାରଣ ନଥାଇ ସୁଦ୍ଧା କେବଳ ଅଧିକାର ପତିଆରା ଥିବାର ପ୍ରମାଣ କରିବାରେ ଲାଗିଛନ୍ତି ଉଭୟ ଦଳ। ଆନନ୍ଦପୁର ବିଧାୟକଙ୍କୁ ହାଟଡ଼ିହୀ ବ୍ଲକର କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ତୀର ମାରିବା ଘଟଣା ଗତ ଶୁକ୍ରବାର ଚର୍ଚ୍ଚାରେ ଥିବାବେଳେ ଗତ ରବିବାର ଭୂତପଦାଠାରୁ ପରମାନନ୍ଦପୁର ରାସ୍ତାକାମକୁ ନେଇ ଉଭୟ ଦଳ ମଧ୍ୟରେ ଟେକାପଥର ମାଡ଼ ଘଟଣାରେ ୧୦ରୁ ଉର୍ଦ୍ଧ୍ୱ ଆହତ ଏବଂ ଜଣେ ଗୁରୁତର ହେବା ଘଟଣା ସାରା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ରାସ୍ତାକାମ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷର ଅଭିଯୋଗ ଅନୁସାରେ ୯୨ ଜଣଙ୍କ ନାମରେ ଥାନାରେ ଏତଲା ହୋଇଥିବା ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଶାସକ ଦଳର ପ୍ରଭାବରେ ବିରୋଧୀ ବିଜେଡ଼ି ଦଳର କର୍ମୀମାନେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିପାରୁ ନଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ଶାସକ ଦଳର ଛାମୁଆ ନେତାଙ୍କ ନିର୍ଦ୍ଦେଶରେ କିଛି ଅପ୍ରାପ୍ତ ବୟସ୍କ ପିଲାମାନେ ଗୁଣ୍ଡାରାଜ ଚଳାଉଥିବା ନେଇ ବିଜେଡ଼ି ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି। ବିଧାୟକଙ୍କୁ ତୀର ମାରିବା କଥାକୁ ନେଇ ଖୋଦ୍ କନିଷ୍ଠ ଯନ୍ତ୍ରୀ ଜଣଙ୍କ ବିଧାୟକଙ୍କୁ ମନା କରିଥିବା ବେଳେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷା ଉକ୍ତ କଥାରେ ଉତକ୍ଷିପ୍ତ ହୋଇ ତାଙ୍କର କିଛି କର୍ମୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଡ଼ିଓଙ୍କୁ ଦୁର୍ବ୍ୟବହାର କରିବାରୁ ଶାସକ ଦଳର କର୍ମୀମାନେ ଏହାକୁ ନେଇ ନିନ୍ଦା କରିଛନ୍ତି। ତୀର ମାରିବାକୁ ନେଇ ଉପୁଜିଥିବା ବିବାଦର ମୂକସାକ୍ଷୀଙ୍କଠାରୁ ଏଯାଏଁ ସେ ବିଷୟରେ କୌଣସି ବୟାନ ଗଣମାଧ୍ୟମରେ ସ୍ପଷ୍ଟ ହୋଇପାରି ନାହିଁ। ଜଣେ କର୍ମୀଙ୍କ ପ୍ରମାଣବିହୀନ କଥାରେ ବିଧାୟକ ଏବଂ ବ୍ଲକ ଅଧ୍ୟକ୍ଷା ତାଙ୍କର କିଛି କର୍ମୀଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ ହଙ୍ଗାମା କରିବା ଏବେ ସବୁଠି ଚର୍ଚ୍ଚା ଚାଲିଛି। ଅନ୍ୟପଟେ ବିଧାୟକ ଏବଂ ବ୍ଲକ ଅଧ୍ୟକ୍ଷା ଶକ୍ତିବିହୀନ ହୋଇପଡ଼ିବାରୁ ଏଭଳି କାଣ୍ଡ ଭିଆଉଥିବା ନେଇ ଶାସକ ଦଳର ଲୋକେ କହିଛନ୍ତି। ସେପଟେ ବିଧାୟକ ପାଣି ପଞ୍ଚାୟତ କାଡ଼ା ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟାଉଟର, ଚୋର କହିବା ଏବଂ ହାଟଡ଼ିହୀ ବିଡ଼ିଓଙ୍କୁ ବ୍ଲକ ଅଧ୍ୟକ୍ଷା ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଶାସକ ବିଜେପି ଦଳ କ୍ଷୋଭ ପ୍ରକାଶ କରିଛି। ବର୍ତ୍ତମାନ ଉଭୟ ପକ୍ଷରୁ ବିବାଦ ଥମି ଯାଇଥିଲେ ସୁଦ୍ଧା ଆସନ୍ତା ଦିନରେ ରାଜନୈତିକ ବିବାଦ ଦାନା ବାନ୍ଧୁଥିବା ନେଇ ଆଶଙ୍କା କରାଯାଇଛି। ଅନ୍ୟପକ୍ଷରେ, ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଉଭୟ ଦଳର ବିଭିନ୍ନ ଶିବିର ଏବେଠୁ ସରଗରମ ହେଉଥିବା ଚର୍ଚ୍ଚା ହେଉଛି।

# ପୁନଃଶିକ୍ଷା ପାଇଁ ନାମଲେଖା ଓ ସଚେତନତା



ହାଟଡ଼ିହୀ,୧୫।୧(ସମିସ): ପୂର୍ବାହ୍ନରେ ହାଟଡ଼ିହୀ ହାଇସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଏସଆଇଓଏସ ପ୍ରତିଷ୍ଠାନ ପକ୍ଷରୁ ନାମଲେଖା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁନଃଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରି ଦଶମ ଶ୍ରେଣୀରେ ପାଠ ପଢ଼ିବାର ସୁଯୋଗ ପାଇଁ ନାମ ପଞ୍ଜୀକରଣ କରାଯାଇଛି। ଏସଆଇଓଏସ ମାଧ୍ୟମରେ ଗ୍ରାମାଞ୍ଚଳର କିଶୋର କିଶୋରୀ ଏବଂ ଯୁବପିଢ଼ୀଙ୍କ ଶିକ୍ଷାର ବିକାଶ କରିବା ସହ ସେମାନଙ୍କୁ ସଠିକ୍ ତାଲିମ୍ ମାଧ୍ୟମରେ କର୍ମ ଯୋଗାଇଦେବା ଏହାର ମୂଳଲକ୍ଷ୍ୟ। ଶିକ୍ଷାରେ ଶିକ୍ଷାଦାନ ଓ ଗବେଷଣାକୁ ଗୁରୁତ୍ୱ ଦିଆଯାଇଥାଏ; ଯାହାକି, ସେମାନେ ଆତ୍ମନିଯୁକ୍ତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ। ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା ଓ ହାଟଡ଼ିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।



ଆନନ୍ଦପୁର: ଗୁରୁବାର ଯାଜପୁର-କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ ମ୍ୟାଚ୍‌ର ମୁଖ୍ୟ ଅତିଥି ନିରଞ୍ଜନ ପଟ୍ଟନାୟକ ଖେଳାଳିଙ୍କୁ ଭେଟୁଛନ୍ତି

# ବାଇଡ଼ଙ୍କ ବାବାଙ୍କୁ ଫକୀରମୋହନ ହାସ୍ୟ ବ୍ୟଙ୍ଗ ସାହିତ୍ୟ ସମ୍ମାନ



ହାଟଡ଼ିହୀ,୧୫।୧(ସମିସ): ଫକୀରମୋହନଙ୍କ ଜୟନ୍ତୀ ଉତ୍ସବ ଓ ମକରସଂକ୍ରାନ୍ତିର ଶୁଭ ଅବସରରେ ଫକୀରମୋହନ ସାହିତ୍ୟ ପରିଷଦ, ମଲ୍ଲିକାଶପୁର, ବାଲେଶ୍ୱର ତରଫରୁ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ସୌଜନ୍ୟରୁ ଓଡ଼ିଶାର ବହୁ ଚର୍ଚ୍ଚିତ ଆକାଶବାଣୀ, ଦୂରଦର୍ଶନ, ମଞ୍ଚ ଓ ସାମାଜିକ ଗଣମାଧ୍ୟମର ବ୍ୟଙ୍ଗକାର ତଥା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦିସ୍ଥିତ ବିଶ୍ୱତାରିଣୀ ମହିଳା କଲେଜର ସାହିତ୍ୟ ଅଧ୍ୟାପକ ବାଇଡ଼ଙ୍କ ବାବା ଓରଫ୍ ସୁବାସଚନ୍ଦ୍ର ପାତ୍ରଙ୍କୁ ସମ୍ମାନଜନକ ଛବିରାୟ ସ୍ମୃତିରେ ଫକୀରମୋହନ ହାସ୍ୟ ବ୍ୟଙ୍ଗ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ସୁସାହିତ୍ୟିକ ତରୁଣକାନ୍ତି ମିଶ୍ର ଓ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଗାଳ୍ପିକ ରାମଚନ୍ଦ୍ର ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେ ପୂର୍ବରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେବା ସହ ହାସ୍ୟ ସମ୍ରାଟ, ବ୍ୟଙ୍ଗ ସମ୍ରାଟ, କାତ୍ତୁମର୍ଦ୍ଦନ, ବ୍ୟଙ୍ଗ ମଣି, ବ୍ୟଙ୍ଗ ବେପାରୀ ପ୍ରଭୃତି ଉପାଧି ପ୍ରାପ୍ତ ହୋଇଛନ୍ତି। ଏବର୍ଷ ପାଇଁ ସର୍ବ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ କଟକ ଦ୍ୱାରା ନୀରଦପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନ ପାଇଥିବା ବେଳେ ଆସନ୍ତା ଜାନୁଆରୀ ୧୭ରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ତରଫରୁ ତାଙ୍କୁ ଶ୍ରେଷ୍ଠ ବ୍ୟଙ୍ଗକାର ଭାବେ ସମ୍ବର୍ଦ୍ଧିତ କରାଯିବ। ସାହିତ୍ୟ ଘର ହାଟଡିହୀ, ବଉଳା ସାହିତ୍ୟ ସଂସଦ, ଆନନ୍ଦପୁର ଲେଖକ ସମବାୟ ସମିତି, ପ୍ରତିଭା ପ୍ରଣାମ ମଞ୍ଚ, ଆନନ୍ଦପୁର ତରଫରୁ ବାଇଡଙ୍କ ବାବାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


# ପିଇବା ପାଣି ପାଇଁ ଘଷିପୁରା ବ୍ଲକ୍ ଘେରିଲେ ମହିଳା



ଆନନ୍ଦପୁର, ୧୫।୧ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ଭୋଳନୂଆ ଗାଁ ହରିଜନ ସାହିରେ ମାଘ ମାସରେ ଜଳ ସଙ୍କଟ ଦେଖାଦେଇଛି। ପାଣି ମୁନ୍ଦେ ପାଇଁ ମହିଳାମାନେ ଲୋକ ପ୍ରତିନିଧିଠୁ ଆରମ୍ଭକରି ବ୍ଲକ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଗୁହାରି କରି ନିରାଶ ହେବାରୁ ଶେଷରେ ଆଜି ବହୁ ସଂଖ୍ୟାରେ ମହିଳା ଘଷିପୁରା ବିଡ଼ିଓଙ୍କୁ ଘେରି ପିଇବା ପାଣି ପାଇଁ ଦାବି କରିଛନ୍ତି। ବାରମ୍ବାର ପାଣି ପାଇଁ ଦାବିନେଇ ବିଫଳ ହେବା ପରେ ଧାରଣା ଦେବାକୁ ଆସିଥିବା ଗ୍ରାମବାସୀ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ମହିଳାଙ୍କୁ ଖୁବ୍‌ଶୀଘ୍ର ପାଣି ସମସ୍ୟା ଦୂର କରିବା ପାଇଁ ଦାବି କରୁଛନ୍ତି; କିନ୍ତୁ ପିଇବା ପାଣି ପାଇଁ ଯେତେ ଗୁହାରି କଲେ ବି କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି। ଘଷିପୁରା ବିଡିଓ ବିନିତା ବିଜୟିନୀଙ୍କୁ ଭୋଳନୂଆ ଗାଁର ମହିଳାମାନେ ପାଣି ସମସ୍ୟା ପାଇଁ ବାରମ୍ବାର ଦାବି କରି ଆସୁଥିବା ବେଳେ ପ୍ରତିଶ୍ରୁତିରେ ସୀମିତ ରହିଯାଉଛି। ଅନ୍ୟପଟେ ଟ୍ୟାଙ୍କର ଯୋଗେ ପାଣି ଯୋଗେଇ ଦିଆଯିବ ବୋଲି କହିଛନ୍ତି ଘଷିପୁରା ବିଡିଓ।

## ବୈତରଣୀ କୂଳ ପର୍ଯ୍ୟଟନର ନୂଆ ସମ୍ଭାବନା

# ବଗାଛେରା ଜଳଧାର ପାଖରେ ଜମୁଛି ବଣଭୋଜି



ଆନନ୍ଦପୁର, ୧୫।୧ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସହର ନିକଟରେ ଏକ ପିକ୍‌ନିକ୍ ସ୍ପଟ। ଘସିପୁରା ବ୍ଲକ ଗୋହିରା ପଞ୍ଚାୟତର ଇନ୍ଦୁପୁରା ବୈତରଣୀ ନଦୀକୂଳରେ ଭୋଜିଭାତ ପାଇଁ ପର୍ଯ୍ୟଟକ ଆକୃଷ୍ଟ ହେଉଛନ୍ତି। ଆନନ୍ଦପୁର ବ୍ୟାରେଜ୍ ହେବା ପରେ ଏହି ସ୍ଥାନର ନୀଳ ଜଳରାଶି ଓ ଜଙ୍ଗଲିଆ ପରିବେଶ ପାଇଁ ଚର୍ଚ୍ଚାରେ ରହିଛି। ଇନ୍ଦୁପୁରା ନିକଟରେ ରହିଥିବା ଏହି ସ୍ଥାନର ଦୂରତା ଆନନ୍ଦପୁର ଓ ଘସିପୁରାରୁ ମାତ୍ର ତିନି କିମି। ଏହି ସ୍ଥାନରେ ପହଞ୍ଚିବା ପାଇଁ ରାସ୍ତା ମଧ୍ୟ ନିର୍ମାଣ ହୋଇଛି। ବୈତରଣୀ ନଦୀର ଏହି ସ୍ଥାନର ପୌରାଣିକ କିମ୍ବଦନ୍ତୀ ରହିଥିବା ନେଇ ସ୍ଥାନୀୟ ବାସିନ୍ଦା ଜୟରାମ ଦାସ କହିଛନ୍ତି। ଏହି ଘାଟରେ ପୂଜାର୍ଚ୍ଚନା କରିବା ପରେ ପରଦିନ ନଦୀ ଭିତରୁ ସାମାଜିକ କାର୍ଯ୍ୟ ପାଇଁ ହାଣ୍ଡି, ଗରା ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥାଏ। ଆନନ୍ଦପୁର ବ୍ୟାରେଜ୍ ଗେଟ୍ ପଡ଼ିବା ପରେ ଏଠାକାର ନୀଳ ଜଳରାଶି ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରିଛି। ବିଶେଷ କରି ବୈତରଣୀ ନଦୀର ବଗଛେରା ଜଳଧାରା ପାଖରେ ଭୋଜି କରିବାକୁ ଲୋକେ ଅଧିକ ପରିମାଣରେ ଆକୃଷ୍ଟ ହେଉଥିବା ଜଣାପଡ଼ିଛି। ଏଠାରେ ରହିଥିବା ଗଛମୂଳେ ଭୋଜିଭାତ କରିବାର ଅନୁଭୂତି ନିଆରା ବୋଲି ଆନନ୍ଦପୁରର ସପନ କୁମାର ବେହେରା କହିଛନ୍ତି। ଗତ ତିନିବର୍ଷ ହେଲା ସେମାନେ ଏଠାକୁ ଭୋଜି କରିବାକୁ ଆସୁଥିବା ସେ ପ୍ରକାଶ କରିଛନ୍ତି। ତେବେ ନଦୀକୂଳରେ ଘାଟ ନିର୍ମାଣ କରାଯାଇ ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ନଦୀରୁ ପାଣି ଆଣିବା ପରେ ସମସ୍ୟା ସୃଷ୍ଟି ହୋଇଛି। ଏଠାରେ ଏକ ଘାଟ ନିର୍ମାଣ କରାଯିବା ସହିତ ଭୋଜି କରିବାକୁ ପିଣ୍ଡି ନିର୍ମାଣ ଆବଶ୍ୟକତା ରହିଛି। ଏନେଇ ଦୃଷ୍ଟି ଦିଆଯିବ ବୋଲି ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର କହିଛନ୍ତି। ପର୍ଯ୍ୟଟନ ଦୃଷ୍ଟିରୁ ଏହି ସ୍ଥାନଟିର ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ଏଠାରେ, ବିଶେଷ କରି, ପିଣ୍ଡି ନିର୍ମାଣ, ପାନୀୟଜଳ ଯୋଗାଣ ଏବଂ ଅନ୍ୟାନ୍ୟ କିଛି ବିକାଶ ହୋଇପାରିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ଘଟିବ ବୋଲି ସ୍ଥାନୀୟ ଚନ୍ଦନ କୁମାର ଧର, ଶଶିଭୂଷଣ ଝାଲିଆ, ମନ୍ମଥ ଜେନା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ୧୪ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ୭୮ତମ ସେନା ଦିବସ



କେନ୍ଦୁଝର, ୧୫।୧(ସମିସ): ଭାରତୀୟ ସେନାର ସାହସ, ଶୃଙ୍ଖଳା ଏବଂ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ୭୮ତମ ସେନା ଦିବସ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି ତରଫରୁ ଉତ୍ସାହ ସହିତ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କମାଣ୍ଡିଂ ଅଫିସର୍ କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ଅଧ୍ୟକ୍ଷତା କରିଥିଲେ। କେନ୍ଦୁଝର ଜିଲ୍ଲା ପୂର୍ବତନ ସୈନିକ ଲିଗ୍ ସଭାପତି ଲେଫ୍ଟନାଣ୍ଟ କର୍ଣ୍ଣଲ ନଟବର ଜେନା ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାଡଗେ, ସୁବେଦାର ମେଜର ଏସ୍ ମହମ୍ମଦ ଶାହିଦ ଅଲ୍ଲୀ, ଅବସରପ୍ରାପ୍ତ ୱାରେଣ୍ଟ ଅଫିସର୍ ସନ୍ତୋଷ ତ୍ରିପାଠୀ, ଅବସରପ୍ରାପ୍ତ ସୁବେଦାର ମେଜର ବଳଭଦ୍ର ସାହୁ ଯୋଗ ଦେଇଥିଲେ। ଗାର୍ଲସ କ୍ୟାଡେଟ ଇନ୍‌ଷ୍ଟ୍ରକ୍ଟର ନେହା ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ୩୦ ଜଣ ପୂର୍ବତନ ସୈନିକ, ୬ ଜଣ ଏନ୍‌ସିସି ଅଫିସର, ୧୦ ଜଣ ପିଆଇ ଷ୍ଟାଫ୍ ଏବଂ ୪୮୦ ଜଣ ଏନ୍‌ସିସି କ୍ୟାଡେଟ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ କ୍ୟାଡେଟମାନେ ତିନୋଟି ସେନା ବାହିନୀର ପୂର୍ବତନ ସୈନିକଙ୍କ ଅଭିଜ୍ଞତା ସମ୍ବନ୍ଧରେ ଜାଣିବାକୁ ପାଇଥିଲେ। କ୍ୟାଡେଟମାନେ ସ୍ୱଚ୍ଛତା ଏବଂ ନାଗରିକ ଦାୟିତ୍ୱକୁ ପ୍ରୋତ୍ସାହିତ କରି ଏକ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଦେଶକୁ ସୁରକ୍ଷା ଦେବା ପାଇଁ ନିଜର ଜୀବନ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ସୈନିକମାନଙ୍କୁ ସାଲ୍ୟୁଟ୍ ଦେଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ୭୮ତମ ସ୍ଥଳସେନା ଦିବସ ପାଳିତ



ବାଲେଶ୍ୱର,୧୫ ।୧(ସମିସ): ଅଲ ଓଡ଼ିଶା ଭେଟେରାନ୍ସ ସୋଲଜର୍ସ ଆସୋସିଏସନ ପକ୍ଷରୁ ଗାନ୍ଧିସ୍ମୃତି ଭବନ ପରିସରରେ ୭୮ତମ ସ୍ଥଳ ସେନା ଦିବସ ପାଳିତ ହୋଇଯାଇଛି। ଆସୋସିଏସନ ବାଲେଶ୍ୱର ସଭାପତି ଚନ୍ଦ୍ରମଣି ମହାନ୍ତଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ମହେଶ୍ୱର ବେହେରା, ସମ୍ପାଦକ ଧୀରେନ୍ଦ୍ର କୁମାର ପଣ୍ଡା, ବିଶ୍ୱଭାନୁ କର, କୋଷାଧ୍ୟକ୍ଷ ପ୍ରମୋଦ କୁମାର ପାଢ଼ୀ, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ବେହେରା, ସୈନିକ କଲ୍ୟାଣ ସଂଘର ସଭାପତି ଅବସରପ୍ରାପ୍ତ ସୈନିକ ଶରତ କୁମାର ନାୟକ ପ୍ରମୁଖ ମଂଚାସୀନ ହୋଇ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା ଅବସରପ୍ରାପ୍ତ ସ୍ଥଳସେନା ଅଧିକାରୀ ଓ କର୍ମଚାରୀଙ୍କ ପରିବାର ଦିନକ ପାଇଁ ଏକାଠି ହେବା ସହ ପରସ୍ପର ମଧ୍ୟରେ ଭାବ ଦିଆନିଆ ହେବାର ସୁଯୋଗ ପାଆନ୍ତି ବୋଲି କହିଥିଲେ। ଏହାଛଡା ସ୍ଥଳସେନାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରି ଅବସର ନେବା ପରେ ନିଜ ଚାକିରୀ ଜୀବନର ଅନୁଭୁତି ସମ୍ପର୍କରେ ସୂଚନା ଦେଇଥିଲେ। ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶରତ କୁମାର ନାୟକ, କୈଳାସଚନ୍ଦ୍ର ନାଥ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ବାୟୁସେନା କର୍ମଚାରୀ ସୁଶାନ୍ତ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## ବାହାନଗା ବ୍ଲକରେ ଜିଏସ୍‌ଟି ଜାଲିଆତି ଘଟଣା

# ବାଲେଶ୍ୱର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ତଦନ୍ତ ନିର୍ଦ୍ଦେଶ

**'ସକାଳ' ପ୍ରଭାବ**

ବାହାନଗା, ୧୫।୧(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଜିଏସ୍‌ଟି ଫାଙ୍କିବା ପାଇଁ ଜାଲିଆତି କରାଯିବା ଘଟଣାରେ "ସକାଳ'ରେ ଖବର ପ୍ରକାଶ ପରେ ଆକ୍ସନ ମୋଡରେ ରାଜ୍ୟ ବାଣିଜ୍ୟକର ବିଭାଗ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ବାଣିଜ୍ୟକର ବିଭାଗ ପକ୍ଷରୁ ବାଲେଶ୍ୱର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଥିବାର ଜଣାପଡିଛି।

ବାହାନଗା ବ୍ଲକ ୨୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ବାର୍ଷିକ ପ୍ରତି ପଞ୍ଚାୟତରେ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଉନ୍ନୟନ ମୂଳକ କାର୍ଯ୍ୟ ହେଉଛି। ବିଭିନ୍ନ ଯୋଜନାରେ ହେଉଥିବା କାର୍ଯ୍ୟ ଗୁଡିକର କାର୍ଯ୍ୟାଦେଶ ଯନ୍ତ୍ରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ରହିଛି। ହେଲେ ସେମାନେ ପ୍ରକୃତରେ କାମ କରୁନଥିବା ବେଳେ ସ୍ଥାନୀୟ ଲୋକଙ୍କୁ ଲଗାଇ କାମ କରାଉଛନ୍ତି। ଏଥିନିମନ୍ତେ କାର୍ଯ୍ୟ ସମ୍ପାଦନ କରୁଥିବା କାର୍ଯ୍ୟଗ୍ରାହୀ ସ୍ଥାନୀୟ ବଜାରରୁ ଆବଶ୍ୟକୀୟ ସିମେଣ୍ଟ, ବାଲି, ଚିପ୍ସ, ମେଟାଲ, ଇଟା, ପେଭର ବ୍ଲକ, ରଙ୍ଗ ସହ ଆବଶ୍ୟକୀୟ ସମସ୍ତ ସାମଗ୍ରୀର ଜିଏସଟି ସଂଯୁକ୍ତ ହୋଇଥିବା ଦରରେ ନିଜ ଟଙ୍କାରେ କ୍ରୟ କରି କାର୍ଯ୍ୟ ସମ୍ପାଦନ କରିଥାଏ। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟର ବିଲ ସମୟରେ ଏହି ଜିଏସଟି ବିଲ୍ ଫାଇଲରେ ଲଗାଇବାକୁ ଅମଙ୍ଗ ହେଉଛନ୍ତି ବିଭାଗୀୟ ଯନ୍ତ୍ରୀ। ବ୍ଲକର ବିଭାଗୀୟ ଯନ୍ତ୍ରୀ କିଛି ବ୍ୟକ୍ତିଙ୍କ ସହ ମଧୁଚନ୍ଦ୍ରିକା କରି ଜିନିଷ କିଣା ଯାଇନଥିବା ସ୍ଥାନରୁ ବ୍ଲକରେ କିଛି ହାତଗଣତି ବ୍ୟକ୍ତିବିଶେଷଙ୍କଠାରୁ ଜିଏସଟି ବିଲ୍ ଭାଉଚର ଆଣି ସଂଯୁକ୍ତ କରିଥାନ୍ତି। ଏଥିନିମନ୍ତେ କାର୍ଯ୍ୟ କରୁଥିବା ସ୍ଥାନୀୟ କାର୍ଯ୍ୟଗ୍ରାହୀଙ୍କ ଠାରୁ ଜିଏସଟି ବିଲ୍ ଭାଉଚର ବାବଦକୁ ୧ ପ୍ରତିଶତ ଟଙ୍କା ଦାବିକରିବା ସହ ସଂପୂର୍ଣ୍ଣ ବିଲରୁ ୧ ପ୍ରତିଶତ ଟଙ୍କା କାଟି ରଖିଥାନ୍ତି ଯନ୍ତ୍ରୀ। କାର୍ଯ୍ୟ ପାଇଁ ଆବଶ୍ୟକୀୟ ସାମଗ୍ରୀ ସ୍ଥାନୀୟ ବଜାରରୁ କିଣାଯାଇ ବ୍ୟବହୃତ ହେଉଥିବା ବେଳେ ତଥାକଥିତ ଭେଣ୍ଡରଙ୍କଠାରୁ ଯନ୍ତ୍ରୀ ସାମଗ୍ରୀ କିଣାର ଫଲସ ବିଲ ଭାଉଚର ଆଣି ସଂଯୁକ୍ତ କରିବା ଏବଂ ଏଥିନିମନ୍ତେ ୧ ପ୍ରତିଶତ ଟଙ୍କା ଆଦାୟ କରିବା ଘଟଣା ଯନ୍ତ୍ରୀ ଏବଂ ଫଲସ ବିଲ ଭାଉଚର ଦେଉଥିବା ବ୍ୟକ୍ତିଙ୍କ ସହଭାଗିତା ସହ ବ୍ଲକ ପ୍ରଶାସନର ଜିଏସଟି ଠକେଇର ଚିତ୍ର ପଦାରେ ପଡିଛି। ମାସିକ କେବଳ କାଗଜ ଖଣ୍ଡେ ଖଣ୍ଡେ ଦେଇ ୧ ପ୍ରତିଶତ ଟଙ୍କା ନେଇ ମାସକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ବେଳେ ସରକାରୀ ରାଜସ୍ୱ ହାନି ଘଟୁଥିବାର ଅଭିଯୋଗ ହୋଇଛି। କୌଣସି ସାମଗ୍ରୀ କିଣିଲେ ଜିଏସଟି ବାବଦକୁ କେଉଁ ସାମଗ୍ରୀରେ ୧୨ ତ କେଉଁ ସାମଗ୍ରୀରେ ୧୮ ପ୍ରତିଶତ ଟଙ୍କା ବାଣିଜ୍ୟ କର ବାବଦକୁ ଦେବାକୁ ପଡିଥାଏ। ହେଲେ ବାହାନଗା ବ୍ଲକରେ ଜିନିଷ କିଣା ଯାଇ ନ ଥିବା ସ୍ଥାନରୁ ମାତ୍ର ୧ ପ୍ରତଶତ ଟଙ୍କାରେ ଜିଏସଟି ବିଲ ଭାଉଚର ମିଳିବା ଏବଂ ଏହି ଜିଏସଟି ବିଲ ଭାଉଚର ଜାଲିଆତି ଘଟଣାରେ ଯନ୍ତ୍ରୀ ମଧ୍ୟସ୍ଥି ସାଜିଥିବା ଅନେକ ସ୍ଥାନୀୟ କାର୍ଯ୍ୟଗ୍ରାହୀ ନିଜନାମକୁ ଗୋପନ ରଖି ଅଭିଯୋଗ ଆଣିଥିଲେ। ଏ ନେଇ ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ ସବୁ ଜାଣିଶୁଣି ଚୁପ୍ ଥିବାର ଅଭିଯୋଗ ମଧ୍ୟ ହୋଇଥିଲା। ଘଟଣା ନେଇ ଗୁରୁବାର "ସକାଳ'ରେ "ବାହାନଗା ବ୍ଲକରେ ଜିଏସଟି ଜାଲିଆତି, ୧ ପ୍ରତିଶତ ଟଙ୍କା ଦେଲେ ମିଳୁଛି ଫଲସ ଜିଏସଟି ବିଲ ଭାଉଚର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବର ରାଜ୍ୟ ବାଣିଜ୍ୟକର ଭବନର ଅଧିକାରୀଙ୍କ ନଜରକୁ ଆସିବା ପରେ ଅବିଳମ୍ବେ ଆକ୍ସନ ମୋଡକୁ ଆସିଥିଲା ରାଜ୍ୟ ବାଣିଜ୍ୟକର ବିଭାଗ। ତ୍ୱରିତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲେଶ୍ୱର ଜିଏସଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଥିବାର ଜଣାପଡିଛି।

# ଫକୀରମୋହନ ଜୟନ୍ତୀ ଓ ପ୍ରତିଭା ସମ୍ବର୍ଦ୍ଧନା



ବାଲେଶ୍ୱର,୧୫।୧(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ପରିସରସ୍ଥ ବିଜ୍ଞାନଭବନ ସମ୍ମେଳନ କକ୍ଷରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦିନେଶ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଅଧିସ୍ନାତକ ଇଂରାଜୀ ବିଭାଗମୁଖ୍ୟ ପ୍ରଫେସର ରଞ୍ଜନ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସମିତି ସମ୍ପାଦକ ତଥା ଅଧିସ୍ନାତକ ଓଡ଼ିଆ ବିଭାଗମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ବାର୍ଷିକ ବିବରଣୀ ପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ତଥା ବିଶିଷ୍ଟ ସାହିତ୍ୟିକ ଡ. ଶିରୀଶ ଚନ୍ଦ୍ର ଜେନା ଯୋଗଦେଇ ଫକୀରମୋହନଙ୍କ ଅନନ୍ୟ ପ୍ରବନ୍ଧ, ଅଭିଭାଷଣ ଓ ରମ୍ୟରଚନା ତଥା ତାଙ୍କର ଜୀବନାୟନର ଅନୁପମ ବୈଶିଷ୍ଟ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲାବେଳେ ସମ୍ମାନିତ ଅତିଥି ପ୍ରଫେସର୍ ଡ. ସନ୍ତୋଷ କୁମାର ରଥ ସାହିତ୍ୟ ସହିତ ବ୍ୟାକରଣଶାସ୍ତ୍ର, ଆୟୁର୍ବିଜ୍ଞାନ, ଇତିହାସଶାସ୍ତ୍ର ପ୍ରଭୃତିରେ ଫକୀରମୋହନଙ୍କ ଗଭୀର ଅନୁପ୍ରବେଶ ଥିବା କଥା ନିଜ ବକ୍ତବ୍ୟରେ ପ୍ରମାଣିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର୍ ଫିରୋଜ କୁମାର ପାଢ଼ୀ ଫକୀରମୋହନଙ୍କ ସଂସ୍କାର, ଆଦର୍ଶ ଜୀବନାୟନ ଓ ଅଭିଜ୍ଞତା ତାଙ୍କ ସାହିତ୍ୟର ଅସଲ ପୃଷ୍ଠଭୂମି ବୋଲି କହିଥିଲାବେଳେ ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର୍ ଡ. ସାନ୍ତ୍ୱନା ହାଲଦାର ଫକୀରମୋହନଙ୍କ କଥାସାହିତ୍ୟର କ୍ଲାସିକ୍ ପଣିଆ ଓ ଏହାର ଉଚ୍ଚତା ସମ୍ପର୍କରେ ତୁଳନାତ୍ମକ ବ୍ୟାଖ୍ୟାନ ରଖିଥିଲେ। ଚଳିତ ବର୍ଷ ଫକୀରମୋହନ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଫେସର୍ ସନ୍ତୋଷ କୁମାର ରଥଙ୍କୁ ଫକୀରମୋହନ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା ଏବଂ ଏଥିପାଇଁ ପ୍ରଫେସର୍ ରଥଙ୍କୁ ମାନପତ୍ର, ଉପେକନ ଓ ସ୍ମାରକୀଚିହ୍ନ ସ୍ୱରୂପ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଯଥାକ୍ରମେ ଅଧିସ୍ନାତକ ଓଡ଼ିଆ ଦ୍ୱିତୀୟ ବର୍ଷ ଛାତ୍ରୀ ଗୀତା ରାଉତ, ଦ୍ୱିତୀୟ ବର୍ଷ ସମନ୍ୱିତ କଳାଶିକ୍ଷା ଛାତ୍ରୀ ଦିପ୍ସା ତ୍ରିପାଠୀ ଓ ସ୍ନାତକ ତୃତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଅନୁପମା ମଣ୍ଡଳ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣପତ୍ର ସହ ପୁରସ୍କାର ରାଶି ପାଇଥିଲେ। ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡ. ମୁଧୁସ୍ମିତା ଘଡ଼ାଇ ଧନ୍ୟବାଦ ଦେଇଥିଲେ।

**ସନ୍ତୋଷ କୁମାର ରଥଙ୍କୁ ଫକୀରମୋହନ ସାରସ୍ୱତ ସମ୍ମାନ**

# ଏଫ୍‌ଏମ୍‌ୟୁରେ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟିତ




ବାଲେଶ୍ୱର,୧୫।୧(ସମିସ): ନାରୀ ସଶକ୍ତିକରଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ସ୍ୱାବଲମ୍ବନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ 'କଳିକା' ନାମରେ ସାନିଟାରୀ ପ୍ୟାଡ୍ ଉତ୍ପାଦନ ୟୁନିଟର ଉଦ୍‌ଘାଟନ କରାଯାଇଛି। ଏହି ପ୍ରକଳ୍ପକୁ ଇମାମୀ ପେପର୍ ମିଲ୍ସ ଲିମିଟେଡ୍‌ର ଆର୍ଥିକ ସହଯୋଗ ମିଳିଥିବା ବେଳେ ଝାରସୁଗୁଡ଼ାର ପ୍ରଶାନ୍ତ ଏଣ୍ଟରପ୍ରାଇଜେସ୍ ଏଥିସହ ଟେକ୍ନିକାଲ୍ ପାର୍ଟନର ଭାବେ କାର୍ଯ୍ୟ କରୁଛନ୍ତି। ଏହି ୟୁନିଟର ଉଦ୍‌ଘାଟନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଇମାମୀ ପେପର୍ ମିଲ୍ସ ଲିମିଟେଡ୍‌ର ସିନିୟର ପ୍ରେସିଡେଣ୍ଟ ଆଶିଷ ଅବିନାଶ ଗୁପ୍ତା, ଏଜିଏମ୍ ଡ. ମନୋଜ ପାଢ଼ୀ, ଓଡ଼ିଶାର 'ପ୍ୟାଡ୍-ଗର୍ଲ' ଭାବେ ପରିଚିତ ପାୟଲ୍ ପଟେଲ୍, ସହିତ ଇମାମୀ ପେପର୍ ମିଲ୍ସ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# କୁରୁଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୫।୧ (ସମିସ): ସହର ଉପକଣ୍ଠ କୁରୁଡାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ମୁଖ୍ୟବକ୍ତା ଭାବରେ ସାଂସଦ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ ଏବଂ ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଉପଦେଷ୍ଟା ଭାସ୍କର ଚନ୍ଦ୍ର ପଣ୍ଡା ଓ ସାବିତ୍ରୀ ଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କମିଟିର ସଭାପତି ଶରତ କୁମାର ଜେନା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଉପ ପ୍ରଧାନ ଆଚାର୍ଯ୍ୟ ସଂଯୁକ୍ତା ପ୍ରଧାନ ତାଙ୍କର ଭାଷଣ ରଖିଥିଲେ। ଶେଷରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବଗଳାଦେବୀଙ୍କ ଜନ୍ମୋତ୍ସବ



ବାଲେଶ୍ୱର,୧୫।୧(ସମିସ): କୁରୁଡାସ୍ଥିତ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠର ତ୍ରୟୋଦଶ ବାର୍ଷିକୋତ୍ସବ ଓ ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଉତ୍ସବର ପ୍ରଥମ ଦିବସ ସକାଳୁ ମା' ବଗଳାମୁଖୀ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିରେ ମା'ଙ୍କ ଭବନକୁ ପୁଷ୍ପ ଅଳଙ୍କାରରେ ଅତ୍ୟନ୍ତ ଆକର୍ଷଣୀୟ ଢ଼ଙ୍ଗରେ ସଜ୍ଜିତ କରାଯାଇଛି। ପରେ ମା'ଙ୍କ ସମେତ ପୀଠରେ ପୂଜିତ ଅନ୍ୟ ଦେବଦେବୀଙ୍କ ଅଭିଷେକ ଓ ଅର୍ଚ୍ଚନ ସହିତ ତିନି ଦିନିଆ ଯଜ୍ଞ କର୍ମକାଣ୍ଡ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀପୁର ଶିବ ମନ୍ଦିର ପୋଖରୀରୁ ଉତୋଳିତ ଘଟ ଏକ ଶୋଭାଯାତ୍ରାରେ ବଗଳାମୁଖୀ ମନ୍ଦିରରେ ପହଂଚିଥିଲା। ପରେ ଘଟସ୍ଥାପନ ସହ ପ୍ରଥମ ଦିନରେ ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ ଓ ଯଜ୍ଞାହୁତି ଆଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଅଂଚଳରୁ ଶତାଧିକ ବେଦଜ୍ଞ ବ୍ରାହ୍ମଣମାନେ ପୀଠରେ ପହଞ୍ଚିଛନ୍ତି। ଶୁକ୍ରବାର ମଧ୍ୟ ମା'ଙ୍କୁ ବିଶେଷ ରୀତିନୀତିରେ ପୂଜାର୍ଚ୍ଚନା ସହ ଶେଷଦିନ ଶନିବାର ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଉତ୍ସବର ଶେଷ ଦିନ ମା' ବଗଳାମୁଖୀଙ୍କ ଆବିର୍ଭାବ ଅର୍ଥାତ ଜନ୍ମୋତ୍ସବ ପାଳିତ ହେବ। ଏହି ଅବସରରେ ମା'ଙ୍କ ନିକଟରେ ୧୦୦୮ ପ୍ରକାର ବ୍ୟଞ୍ଜନ ସମ୍ବଳିତ ପ୍ରସାଦ ଅର୍ପଣ ନେଇ ବ୍ୟବସ୍ଥା ହୋଇଛି ବୋଲି ପୀଠ ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି।

# 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ସାମାଜିକ ଚେତନା' ଆଲୋଚନାଚକ୍ର

ବାଲେଶ୍ୱର,୧୫।୧(ସମିସ): ବାଲେଶ୍ୱର ମହିଳା କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ସାମାଜିକ ଚେତନା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଉମାକାନ୍ତ ନାୟକ ଅଧ୍ୟକ୍ଷତା କରି ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ରକ୍ଷକ କାଳଜୟୀ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମଦିବସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ରାଜକିଶୋର ପଣ୍ଡିତ ଯୋଗ ଦେଇ



ନିଜର ଗବେଷଣା ଲବ୍ଧ ତଥ୍ୟକୁ ବେଶ୍ ଯୁକ୍ତି ସଙ୍ଗତ ଭାବେ ଉପସ୍ଥାପନ କରିଥିଲେ। ବିଭାଗର ମୁଖ୍ୟ ରିୟା ଦାସ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ସାମାଜିକ ଚେତନା କିପରି ରହିଥିଲା ତାହା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅନ୍ୟତମ ସହ ଆୟୋଜକ ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ଉକ୍ତ ଆଲୋଚନା ଚକ୍ରକୁ ସୁପରିଚାଳନା କରିଥଲେ। କଲେଜର ବରିଷ୍ଠ ପ୍ରାଧ୍ୟାପକ ପ୍ରଶାସନିକ ମୁଖ୍ୟ ଚିତ୍ତରଞ୍ଜନ ସାନ୍ତରା ଛାତ୍ରୀମାନଙ୍କ ଶିକ୍ଷା ସମାଜ ଗଠନରେ ଦୃଢ଼ ପରିଚାୟକ ବୋଲି ନିଜର ଅଭିଭାଷଣରେ ଉପସ୍ଥାପନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଡ. ପୂଜାରାଣୀ ପରିଡ଼ା ଅତିଥିଙ୍କ ପରିଚୟ ପ୍ରଦାନ କରିଥଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ସୁଶାନ୍ତ ମଣ୍ଡଳ ସ୍ୱରଚିତ ଏକ ପ୍ରବନ୍ଧ ପିଲାମାନଙ୍କ ଉଦ୍ଦେଶ୍ୟରେ ପାଠ କରିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପିକା ଡ. ରୂପାଲି ଚୌଧୁରୀଙ୍କ ସହଯୋଗ ଏକାନ୍ତ ପ୍ରଣିଧାନଯୋଗ୍ୟ। ମୁଖ୍ୟବକ୍ତା ତଥା ସୁସାହିତ୍ୟିକ ଏକ ମନ୍ତ୍ରମୁଗ୍ଧ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ବିଭାଗର ଛାତ୍ରୀ କ୍ରିଷ୍ଣା ରାଣୀ ଜେନା, ମଧୁସ୍ମିତା ମଲ୍ଲିକ, ଇପ୍ସିତା ମଲ୍ଲିକ ବିଷୟ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ।

## ବ୍ୟାସକବିଙ୍କ ଜୟନ୍ତୀର ଦ୍ୱିତୀୟ ଦିବସ

# ସମ୍ବର୍ଦ୍ଧନା ଓ ସାହିତ୍ୟ ଏକାଡେମୀର ଆଲୋଚନା ସଭା



ବାଲେଶ୍ୱର,୧୫।୧(ସମିସ)

ଫକୀରମୋହନ ଜୟନ୍ତୀ ଓ ପରିଷଦର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ସକାଳେ ଛତୁଆ ପୋଖରୀ ନିକଟସ୍ଥ ସମାଧି ପୀଠରେ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଡ. ରମାକାନ୍ତ ନାୟକ, ଡ. ଶତ୍ରୁଘ୍ନ ମଲ୍ଲିକ, ନୟନା କୁମାରୀ ବିଦ୍ୟାଳୟ ଓ ବାଲିଆ ଶିଶୁ ମନ୍ଦିର ଛାତ୍ରଛାତ୍ରୀମାନଙ୍କ ଗହଣରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ଓ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ଡ. ସୁବାସ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ବରିଷ୍ଠ କଥାକାର ତଥା ପୂର୍ବତନ ମୁଖ୍ୟ ଶାସନସଚିବ ତରୁଣକାନ୍ତି ମିଶ୍ର ମୁଖ୍ୟ ଅତିଥି, ଅନ୍ୟତମ ବରିଷ୍ଠ କଥାକାର ତଥା ବରେଣ୍ୟ ଅତିଥି ପ୍ରଫେସର ରାମଚନ୍ଦ୍ର ବେହେରା ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ରଖିଥିବା ବେଳେ କାର୍ଯ୍ୟକାରୀ ସଭାର ସଦସ୍ୟ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଇଂରାଜୀ ପ୍ରଫେସର ବିଜୟ କୁମାର ଦେ ପରିଷଦର ଇତିବୃତ୍ତ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାହିତ୍ୟ ପରିଷଦର ମୁଖପତ୍ର "ସାହିତ୍ୟ ବାହିକା' ଉନ୍ମୋଚିତ ହୋଇଥିଲା। ଭ୍ରମଣ ସାହିତ୍ୟରେ ସମ୍ବର୍ଦ୍ଧିତ ପ୍ରତିଭା ପୁଷ୍ପାଞ୍ଜଳି କରଙ୍କ "ଭିନ୍ନ ଦେଶ ଭିନ୍ନ ପ୍ରକୃତି' ମଧ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବକୁ କୋଷାଧ୍ୟକ୍ଷ ତପନ ରାୟ ପରିଚାଳନା କରିଥିଲେ। ସାହିତ୍ୟ ଏକାଡେମୀ ସହ ସମ୍ପାଦକ ସଂଜୟ କୁମାର ଛୁଆଳ ସିଂହ ସାହିତ୍ୟ ଏକାଡେମୀ କିପରି ବରପୁତ୍ର ମାନଙ୍କ ପାଇଁ ଉତ୍ସର୍ଗୀକୃତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଡ. ଅରବିନ୍ଦ ରାୟ, ମୁଖ୍ୟ ବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଓ ଗବେଷକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଅନ୍ୟତମ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଦେବାଶିଷ ପାତ୍ର ଉପସ୍ଥିତ ଥିଲେ। ଶେଷରେ ପରିଷଦ କାର୍ଯ୍ୟକାରୀ ସଦସ୍ୟା ସ୍ମୃତିଲେଖା ଦେ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଗାରୁଡିମନ୍ତ୍ର ନାଟକ ଫକୀରମୋହନ ସାହିତ୍ୟ ପରିଷଦର ସଦସ୍ୟା ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଫକୀରମୋହନଙ୍କ ଗାରୁଡିମନ୍ତ୍ର ଗଳ୍ପଟିକୁ ଡ. ହରିଶ୍ଚନ୍ଦ୍ର ବେହେରା ନାଟ୍ୟ ରୂପାନ୍ତର କରିଥିଲେ ଓ ନିର୍ଦ୍ଦେଶନା ଅର୍ଣ୍ଣବ କର ଦେଇଥିଲେ।




# ନିର୍ମାଣର ୬ମାସ ପରେ ବି ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ଅଚଳ





**● ବାରମ୍ବାର ତାଗିଦ ସତ୍ତ୍ୱେ ଆସୁନାହାନ୍ତି ବ୍ୟବସାୟୀ**
**● ବାତିଲ ହେବ ପୂର୍ବ ଆଲଟମେଣ୍ଟ**

ବ୍ରହ୍ମପୁର,୧୫ ।୧(ସମିସ): ସାଢ଼େ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ (ମର୍ଦ୍ଦରାଜ ଭେଣ୍ଡିଂ ଜୋନ) ନିର୍ମାଣ ହୋଇଥିଲେ ହେଁ ତାହା କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି। ପୁରୁଣା ଭେଣ୍ଡିଂ ଜୋନକୁ ଉଚ୍ଛେଦ କରି ଅଧିକ ସଂଖ୍ୟକ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ଭିତ୍ତିଭୂମି ସହିତ ନିର୍ମାଣ କରାଯାଇଛି ଦୁଇମହଲା ବିଶିଷ୍ଟ ଭେଣ୍ଡିଂ ଜୋନ। ବିଭିନ୍ନ କାରଣରୁ ଏପରିକି କୋଠାର ପ୍ଲାନରେ ବାରମ୍ବାର ପରିବର୍ତ୍ତନ ଯୋଗୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟିଥିଲା। ଫଳରେ ବ୍ୟୟସାୟୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ପୁରୁଣା ଭେଣ୍ଡିଂ ଜୋନକୁ ଉଚ୍ଛେଦ ପରେ ସେଠାରୁ ୬୦ରୁ ଉର୍ଦ୍ଧ୍ୱ ପନିପରିବା ବ୍ୟବସାୟୀ କମ୍ପାପଲ୍ଲୀ ଓଭର ବ୍ରିଜ ତଳେ ରାସ୍ତାକଡକୁ ସ୍ଥାନାନ୍ତର ହୋଇଥିଲେ। ବର୍ତ୍ତମାନ ସେମାନେ ରାସ୍ତାକଡରେ ଖୋଲା ଆକାଶ ତଳେ ବ୍ୟବସାୟ କରୁଛନ୍ତି। ଗତ ଜୁଲାଇ ୨୮ରୁ ନୂତନ ଭେଣ୍ଡିଂ ଜୋନ କୋଠାର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଗତ ସ୍ୱାୟତ୍ତଶାସନ ଦିବସ ଅବସରରେ ମର୍ଦ୍ଦରାଜ ଭେଣ୍ଡିଂ ଜୋନକୁ ଲୋକାର୍ପିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ତାହା ସମ୍ଭବପର ହୋଇନଥିଲା। ନିର୍ମାଣ ଶେଷ ହେବାର ଦୀର୍ଘ ୬ମାସ ପରେ ସୁଦ୍ଧା ବ୍ୟବସାୟୀମାନେ ସେଠାକୁ ଆସିନାହାନ୍ତି କି ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ବିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ବାରମ୍ବାର ତାଗିଦ୍ କରାଯାଇଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ସେମାନେ ଆସୁନାହାନ୍ତି। ଯାହା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏଭଳି ପରିସ୍ଥିତିରେ ନିଗମ କର୍ତ୍ତୃପକ୍ଷ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଭେଣ୍ଡିଂ ଜୋନକୁ ସ୍ଥାନାନ୍ତର ହେବାକୁ ୧୫ଦିନର ମହଲତ ଦେଇ ନୋଟିସ ଜାରି କରିଥିବା ଜଣାପଡିଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ପୂର୍ବ ଆଲଟମେଣ୍ଟକୁ ରଦ୍ଦ କରାଯିବ ବୋଲି ନିଗମ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ବିଏମସିର ତାଗିଦକୁ ପୂର୍ବରୁ ବ୍ୟବସାୟୀମାନେ ଖାତିର କରିନଥିବା ବେଳେ ବର୍ତ୍ତମାନ କି ନିଷ୍ପତ୍ତି ନେଉଛନ୍ତି ଓ ନିଗମ କର୍ତ୍ତୃପକ୍ଷ କି ଆଭିମୁଖ୍ୟ ନେଉଛନ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର।

# ବିଜେଡି ଯୁବନେତାଙ୍କୁ ଖଣ୍ଡାଚୋଟ
# ପୁଲିସ କବ୍‌ଜାରେ ୩ କଂଗ୍ରେସ କର୍ମୀ





ବ୍ରହ୍ମପୁର,୧୫।୧(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ କାଳୀମନ୍ଦିର ନିକଟରେ ଗୁରୁବାର ସକାଳେ ବିଜେଡି ଯୁବନେତା ଅମିତ୍ ମୁଖୀଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଓ ପରେ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ମେଡ଼ିକାଲରେ ପହଞ୍ଚି ତଦନ୍ତ କରିଥିଲେ। ୬ଜଣ ଯୁବକ ପହଞ୍ଚି ତାଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ କରି ପଳାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ପୁଲିସ ମେଡ଼ିକାଲରେ ପହଞ୍ଚି ଅମିତଙ୍କ ବୟାନ

## ଗୁରୁତର ଅମିତ୍‌ଙ୍କୁ ବିଶାଖାପାଟଣା ସ୍ଥାନାନ୍ତର

ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ଅମିତଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀର ଯୁବକମାନେ ହାଣିହତ୍ୟା ଉଦ୍ୟମ କରିଥିବା ପୁଲିସ ସୂଚନା ପାଇଛି। ଏଥିରେ ସମ୍ପୃକ୍ତ ୩ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅନ୍ତର୍ଗତ ଧାନମେରା ସାହିରେ ରୁହନ୍ତି ଅମିତ୍। ସେ ପୂର୍ବତନ କର୍ପୋରେଟର ଅନିଲ ନାୟକଙ୍କ ଭଣଜା। ଗତ ଦୀପାବଳିରେ ନରୋତ୍ତମ ଓରଫ ନରତ ନାୟକ ଓ ଅମିତ୍ ମୁଖୀ ଗୋଷ୍ଠୀଙ୍କ ମଧ୍ୟରେ ହଣାମରା ହୋଇଥିଲା। ଏଥିରେ ନରତ ଆହତ ହୋଇଥିଲେ। ନରତଙ୍କ ସ୍ତ୍ରୀ ଅନିତା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାରେ ଏକାଧିକଙ୍କୁ ଗିରଫ କରିଥିବା ବେଳେ ଅମିତ୍ ଫେରାର ଥିଲା। କିଛିଦିନ ସେ କୋର୍ଟରୁ ଆଗୁଆ ଜାମିନ ଆଣିଥିଲେ। ବର୍ତ୍ତମାନ ଅମିତ ବିଏମ୍‌ସିରେ ଅଳିଆ ଆବର୍ଜନା ଉଠାଇବା କାମ ପାଇଁ କଣ୍ଟ୍ରାକ୍ଟୁଆଲରେ ସୁପରଭାଇଜର ଭାବେ କାମ କରୁଛନ୍ତି। ଗୁରୁବାର ସକାଳେ ନୂଆ ବସ୍‌ଷ୍ଟାଣ୍ଡ କାଳୀ ମନ୍ଦିର ନିକଟରେ ଥିବା କାର୍ଗିଲ ପଡ଼ିଆଠାରେ ଅମିତ୍ କାମରେ ଥିବାବେଳେ ହଠାତ୍ ଦୁଇଟି ବାଇକ୍‌ରେ ରେକର୍ଡ କରିଛି। ସେପଟେ ଘଟଣାକୁ ନେଇ ଅମିତଙ୍କ ସ୍ତ୍ରୀ ତୁଳସୀ ମୁଖୀ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୨୨/୨୬) ରୁଜୁ କରି ତଦନ୍ତ ଚଳାଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିବା ଜଣାପଡ଼ିଛି। ଏଥିରେ ଏକାଧିକ କଂଗ୍ରେସ କର୍ମୀ ସମ୍ପୃକ୍ତ ଥିବା ଜଣାପଡିଛି। ତଦନ୍ତରେ ବାଧା ଆଶଙ୍କାରୁ ପୁଲିସ ସେମାନଙ୍କ ନାମ ଗୁପ୍ତ ରଖିଛି।

# ବୃହତ ନାମଲେଖା ଓ ଅଭିମୁଖୀକରଣ ଶିବିର

ବ୍ରହ୍ମପୁର,୧୫ ।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସିଟି ହାଇସ୍କୁଲ ପରିସରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ମେଗା ବୃହତ ନାମଲେଖା ଓ ଅଭିମୁଖୀକରଣ ଶିବିର (ଆଡ଼ମିସନ କମ୍ ଓରିଏଣ୍ଟେସନ କ୍ୟାମ୍ପ) ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ କୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର କୁମାର ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୂପେନ କୁମାର ମହାନ୍ତି, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ମନ୍ମୟୀ ପଣ୍ଡା, ଗଞ୍ଜାମ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଓ ବିଦ୍ୟାଳୟ ପରିଚାଳନା ସଭାପତି ନରସିଂହ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସହ ସଂଯୋଜକ ଅଶୋକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଜାତା ମହାରଣା ସ୍ୱାଗତ ଭାଷଣ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୧୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ୨୦ଜଣ ବିଦ୍ୟାର୍ଥୀ ନୂତନ ଭାବେ ନାମ ଲେଖାଇଥିଲେ।




# ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୫ ।୧(ସମିସ): ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ୪୯ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଣ୍ଡା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ଏସ୍‌ଏମ୍‌ସି ସଭାପତି ନିଳାଦ୍ରି ବିହାରୀ ଦାସ, ସିଆରସିସି ଭଗବାନ ବିଶ୍ୱାଳ ଓ ଆଇନଜୀବୀ ସଂଜିତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିଥି ମାନେ ବିଦ୍ୟାଳୟ ପରିସରରେ ରହିଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ନିଜ ଜୀବନରେ ଛାତ୍ରଛାତ୍ରୀ ଜଣେ ଉତ୍ତମ ନାଗରିକ ହେବାକୁ ଅତିଥି ମାନେ ପରାମର୍ଶ ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାକ୍ତନ ଶିକ୍ଷକ କେଦାର ଚୌଧୁରୀ, ଶିଶିର କୁମାର ସାବତ, ମାଳବିକା ପାଢ଼ୀ, ଶାନ୍ତିଲତା ଦେବୀ ଓ ବିଦ୍ୟାଳୟର ସବିତା ପଣ୍ଡା, ସବିତା ଚୌଧୁରୀ ଓ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ କରୁଛନ୍ତି ଘରୋଇ ସ୍କୁଲ
# ବିଇଓଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ବ୍ରହ୍ମପୁର,୧୫ ।୧(ସମିସ): ଆର୍ଥିକ ଅନଗ୍ରସର ବର୍ଗର ପିଲାମାନେ କିଭଳି ଘରୋଇ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଉତ୍ତମ ଶିକ୍ଷା ପାଇପାରିବେ ସେନେଇ ଶିକ୍ଷା ଅଧିକାର ଆଇନ୍ (ଆରଟିଇ) ରହିଛି। ପ୍ରତି ଘରୋଇ ସ୍କୁଲ ୨୫ ପ୍ରତିଶତ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲୁଏସ୍) ପିଲାଙ୍କୁ ଆଡମିଶନ କରିବା ସହ ମାଗଣାରେ ପାଠ ପଢ଼ିବାର ନିୟମ ରହିଛି। କିନ୍ତୁ ଏହି ନିୟମକୁ ସହରର ବହୁ ଘରୋଇ ବିଦ୍ୟାଳୟ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସହରର ରାମହରି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଢୁଥିବା ଜଣେ ଛାତ୍ରଙ୍କ ଅଭିଭାବକ ରାଜେନ୍ଦ୍ର ବେହେରା ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାଜେନ୍ଦ୍ରଙ୍କ ପୁଅ ୨୦୧୯-୨୦ଶିକ୍ଷା ବର୍ଷରୁ ରାମହରି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଥିବା ବେଳେ ଚଳିତବର୍ଷ ତାଙ୍କ ପୁଅ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଉକ୍ତ ଘରୋଇ ବିଦ୍ୟାଳୟ ପକ୍ଷରୁ ତାଙ୍କ ପୁତ୍ରଙ୍କ ପାଠପଢ଼ା ବାବଦକୁ ବିଦ୍ୟାଳୟ ଶୁଳ୍କ ମଗାଯାଉଥିବା ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ଟଙ୍କା ନଦେଲେ ପୁଅକୁ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ବିଦ୍ୟାଳୟ ପକ୍ଷରୁ ଧମକ ଦିଆଯାଉଥିବା ସେ କହିଛନ୍ତି। ଘଟଣାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଅଭିଯୋଗକୁ ସ୍ୱୀକାର କରି ଯାଞ୍ଚ କରାଯାଉଛି। ଅଭିଯୋଗ ରହିଥିବା ଘରୋଇ ବିଦ୍ୟାଳୟକୁ ଆବଶ୍ୟକ ସ୍ଥଳେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା କହିଛନ୍ତି। କେବଳ ସହରର ରାମହରି ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦର ନୁହେଁ ବରଂ ଅନେକ ଘରୋଇ ବିଦ୍ୟାଳୟ ଶୁଳ୍କ ବାବଦକୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ରହିଛି। ଏଭଳି ଘରୋଇ ସ୍କୁଲ ଉପରେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

ବ୍ରହ୍ମପୁର,୧୫।୧(ସମିସ): ଜନୈକା ଛାତ୍ରୀଙ୍କୁ ଅପହରଣ କରି ଦୁଷ୍କର୍ମ ଅଭିଯୋଗରେ ବୈଦ୍ୟନାଥପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗରର ଶିବ ପ୍ରଧାନ(୨୪)। ପୁଲିସ ପୀଡ଼ିତା ନାବାଳିକା ଛାତ୍ରଙ୍କୁ ବ୍ରହ୍ମପୁରରୁ ଉଦ୍ଧାର କରିଛି। ସେହିପରି ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଶିବଙ୍କୁ କାବୁ କରିଛି। ଗୁରୁବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ହୋଇଛି। ପୀଡ଼ିତାଙ୍କ ବୟାନ ଆଧାରରେ ଶିବଙ୍କୁ ପୁଲିସ ମାମଲା (ନଂ.୧୭/୨୬)ରେ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପଟେ ପୀଡ଼ିତାଙ୍କୁ ସିଡବ୍ଲ୍ୟୁସିରେ ହାଜର ପରେ ଗୋଷାଣୀନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଛି। କୋର୍ଟରେ ଶୁକ୍ରବାର ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ।

ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖରେ ଜଣେ ଛାତ୍ରୀ କଲେଜ ଯାଇ ଘରକୁ ନଫେରିବାରୁ ପରିବାର ଲୋକ ଅପହରଣ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମୋବାଇଲ ଟ୍ରାକିଂ କରି ଛାତ୍ରୀଙ୍କୁ ଏକ ଘରୁ ଉଦ୍ଧାର କରିବା ସହ ସାଙ୍ଗରେ ଥିବା ଯୁବକଙ୍କୁ କାବୁ କରିଥିଲା। ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଦୁଷ୍କର୍ମ କରାଯାଇଥିବା ଛାତ୍ରୀ ଜଣକ ଅଭିଯୋଗ କରିଥିଲେ।

# ଅନ୍‌ଲାଇନ ନିବେଶ ନାଁରେ ୧୩ ଲକ୍ଷ ଠକେଇ

ବ୍ରହ୍ମପୁର,୧୫।୧(ସମିସ): ଅନ୍‌ଲାଇନ ଇନଭେଷ୍ଟ ନାଁରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୧୩ଲକ୍ଷ ଟଙ୍କା ଠକେଇ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ତଦନ୍ତ ଆରମ୍ଭ କରିଛି।

ତୁଳସୀନଗର ୩ୟ ଲାଇନରେ ରହୁଥିବା ଜଣେ ୫୦ବର୍ଷୀୟ ବ୍ୟକ୍ତିଙ୍କ ନିକଟକୁ ସପ୍ତାହ ତଳେ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ସେଥିରେ ଥିବା ଲିଙ୍କରେ କ୍ଲିକ କରିବା ପରେ ଜଣେ ବ୍ୟକ୍ତି ଫୋନ୍ କରି ନିଜକୁ ଏକ ପଞ୍ଜିକୃତ ଇନ୍‌ଭେଷ୍ଟମେଣ୍ଟ କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେଇ କମ୍ ଦିନରେ ମୋଟା ଅଙ୍କର କମିଶନ ଲୋକ ଦେଖାଇ ବିଭିନ୍ନ ଇନଭେଷ୍ଟମେଣ୍ଟ ସ୍କିମ ବିଷୟରେ ବୁଝାଇଥିଲେ। ଅଭିଯୋଗକାରୀ ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ୧୨ଲକ୍ଷ ୭୭ହଜାର ଟଙ୍କା ଇନ୍‌ଭେଷ୍ଟ କରିଥିଲେ। ଯେତେବେଳେ ନିଜ ମୂଳ ଟଙ୍କା ଓ ମିଳିଥିବା ଲାଭାଂଶରୁ କିଛି ଟଙ୍କା ଉଠାଇବାକୁ ଚାହିଁଲେ ତାହା ସମ୍ଭବ ହୋଇନଥିଲା। ସେ କମ୍ପାନୀ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେମାନେ ଟଙ୍କା ଉଠାଣ ଦିଗରେ ସହଯୋଗ କରିବା ବଦଳରେ ଅଧିକ ଟଙ୍କା ଇନଭେଷ୍ଟ ପାଇଁ କହିଥିଲେ। ତେବେ ବିଭିନ୍ନ ଆଡୁ ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣରେ ବ୍ରହ୍ମପୁରର ସମ୍ମାନ ରକ୍ଷା ପାଇଁ ପ୍ରୟାସ



## ମେୟରଙ୍କ ସହ କର୍ପୋରେଟରଙ୍କ ଆଲୋଚନା

ବ୍ରହ୍ମପୁର,୧୫ ।୧(ସମିସ): ଜାତୀୟ ସ୍ତରରେ ସହରକୁ ପରିଚିତ କରିବା ସହିତ ସ୍ୱଚ୍ଛତା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରାଳୟ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଜନସଂଖ୍ୟା ଆଧାରରେ ୫ଟି ବର୍ଗରେ ହେଉଥିବା ପ୍ରତିଯୋଗିତାର ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ବ୍ରହ୍ମପୁର ମହାନଗର ନିଗମ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛି। ୨୦୨୧ମସିହାରେ କ୍ରମାଗତ ଭାବେ ରାଜ୍ୟର ଶୀର୍ଷରେ ଏବଂ ଜାତୀୟ ସ୍ତରରେ ୫୯ସ୍ଥାନ ହାସଲ କରିଥିବା ବ୍ରହ୍ମପୁର ସହରର ସ୍ଥିତି ତଳକୁ ଖସି ଚାଲିଛି। ଚଳିତ ବର୍ଷ ପାଇଁ ସ୍ୱଚ୍ଛ ସର୍ବେକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବ୍ରହ୍ମପୁରର ସମ୍ମାନ ରକ୍ଷା ପାଇଁ ଆଗକୁ ଆସିଛନ୍ତି ବହୁ କର୍ପୋରେଟର। ହାତରେ କମ୍ ସମୟ ଥିବା ବେଳେ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ବର୍ତ୍ତମାନ ଠାରୁ ଆଗୁଆ ପ୍ରସ୍ତୁତି ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଦାବି କରିଛନ୍ତି। ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ଉପାଦାନ ସହିତ ଜନମତ ଓ ଲୋକଙ୍କ ସମସ୍ୟାର ସମାଧାନ ପ୍ରତିଯୋଗିତାର ଅନ୍ୟତମ ପ୍ରମୁଖ ମାପକାଠି ରହିଛି। ପୂର୍ବରୁ ବ୍ରହ୍ମପୁରକୁ ଶୀର୍ଷ ସ୍ଥାନରେ ରଖିବାକୁ ଯାଇ କର୍ପୋରେଟରମାନେ ନିଜ ନିଜ ଅଞ୍ଚଳରେ ଲୋକଙ୍କ ସହଯୋଗରେ ଅନେକ ପଦକ୍ଷେପ ନେଇଥିଲେ। ଏଣୁ ପୂର୍ବଭଳି ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସହରବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କର୍ପୋରେଟରମାନେ ମେୟର ସଂଘମିତ୍ରା ଦଳେଇଙ୍କ ସହିତ ତାଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଏଥିରେ ଦୁର୍ଗା ପ୍ରସାଦ ଲାୟକ, ଧୀରେଶ ସାବତ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଟି. କିଶୋର ଓ ଅଶ୍ୱିନୀ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ପୋରେଟରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏନେଇ କମିସନରଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମେୟର ପ୍ରତିଶ୍ରୁତି ଦେଇଥିଲେ।




## ମହାନଗର ମହୋତ୍ସବର ସପ୍ତମ ସନ୍ଧ୍ୟା
# ଶୀତୁଆ ସନ୍ଧ୍ୟାରେ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ବ୍ରହ୍ମପୁର,୧୫।୧(ସମିସ): ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ତମ ମହାନଗର ମହୋତ୍ସବର ଗୁରୁବାର ସପ୍ତମ ସନ୍ଧ୍ୟାରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ଼ା. କୁଳମଣି ଓଝା ଯୋଗଦେଇ ଶୁଭାରମ୍ଭ କରିଥିଲେ। ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରର ନିର୍ଝରଣା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଦର୍ଶକ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ମନଭରି ଉପଭୋଗ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ଶେଷରେ ବହୁ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାର୍ବତୀ ସାସମଲ ଓ କାହ୍ନୁ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ସମ୍ପାଦକ ନାରାୟଣ ମହାକ୍ଷୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ସୁଦୀପ କୁମର ସାହୁ ଓ ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ସଂସ୍କୃତି ବିଭାଗ ଅତିରିକ୍ତ କମିଶନର ବିକ୍ରମ ଶୁଣ୍ଠି, ଚଳଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ମିଶ୍ର, ଯାମିନୀକାନ୍ତ ଦାସ ଓ ସମାଜସେବୀ ଅଜିତ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିବା ଜଣାପଡ଼ିଛି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଜଙ୍ଗ,୧୫ା୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବୋରିଖିସ୍ଥିତ ସରକାରୀ ନୋଡାଲ ହାଇସ୍କୁଲର ଶିକ୍ଷୟିତ୍ରୀ ସଂଯୁକ୍ତା ବେଉରାଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ହୋଇଯାଇଛି । ସ୍କୁଲର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହୃଦାନନ୍ଦ ବେଉରା, କ୍ରୀଡ଼ା ଶିକ୍ଷକ କବି ଶା ଲଗବ ଚରଣ ସ୍ୱାଇଁ, ବିମ୍ବାଧର ବିଶ୍ୱାଳ ପ୍ରମୁଖ ପ୍ରାକ୍ତନ ଶିକ୍ଷକ, ଅତିଥି ଶିକ୍ଷକ ବନ୍ ବିହାରୀ ନାୟକ, ଏସଏମସି ସଭାପତି ଆମର କୁମାର ବିହାରୀ, ଶଙ୍କର ଚରଣ କାଣ୍ଡି, ସଚଳା ମୁଦୁଲି, କିରଣବାଳା ପଶାୟତ, ରେଣୁକା ଗୋଚ୍ଛାୟତ ପ୍ରମୁଖ ଶିକ୍ଷୟିତ୍ରୀଙ୍କ ଶିକ୍ଷକ ଜୀବନର ସ୍ମରଣୀୟ ମୁହୂର୍ତ୍ତ ସମ୍ପର୍କରେ ଅବତାରଣା କରିଥିଲେ । ଶିକ୍ଷକ ଭାନୁ ପ୍ରକାଶ ନନ୍ଦୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇ ଥିବା ବେଳେ ବିଜ୍ଞାନ ଶିକ୍ଷକ ସୁମନ୍ତ କୁମାର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଭିଜିତ ବାରିକ, ମନୋଜ କୁମାର ମଲ୍ଲିକ ସହଯୋଗ କରିଥଲେ । ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀଙ୍କ ମାନପତ୍ର, ଅଙ୍ଗ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲ୍‌ର ପିଲାମାନେ ବିଦାୟୀଙ୍କ ସରଳ ପାଠ ପଢ଼ା, ଅତୁଟ ସ୍ନେହ ଓ ନିଜ ପୁଅ ଝିଅଙ୍କ ପରି ଦେଇ ଥିବା ମାତୃତ୍ୱ ଆଜିର ସମୟ ରେ ବିରଳ ବୋଲି କହିଥିଲେ ।

## ସମାଜସେବୀ ଦାଶରଥି ଭୋଳଙ୍କ ବିୟୋଗରେ ଶୋକ

ବାଲିକୁଦା,୧୫ା୧(ସମିସ): ବାଲିକୁଦା ବ୍ଲକ୍ କାଳିଓ ପଞ୍ଚାୟତ ଆଳିଜଙ୍ଗା ଗ୍ରାମର ସମାଜସେବୀ ସ୍ୱର୍ଗତ ଦାଶରଥି ଭୋଳଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଯାଇଛି । ତାଙ୍କ ଏକାଦଶାହ



ଅବସରରେ ଆୟୋଜିତ ଏହି ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, ଯୁବ ନେତା ସଞ୍ଜୀବ ବିଶ୍ୱାଳ, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ବିଜେପି ନେତା ଶିବବ୍ରତ ଦାସ, କାକଟପୁର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, କଂଗ୍ରେସ ନେତା ବିକ୍ରମ ପରିଡା, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ, ବିଜେଡି ନେତା କମଳାକାନ୍ତ ମହାପାତ୍ର, ଶିକ୍ଷାବିତ ବୈରାଗୀ ଚରଣ ରାଉତ, ସରପଞ୍ଚ ଜେଜେନ୍ଦ୍ର ନାୟକ, ସମିତି ସଭ୍ୟ ସମୀର ସେନାପତି, ବିଜେପି ନେତା ମୋହିତ ମହାନ୍ତି, ଶ୍ରୀକାନ୍ତ ଦାସ, ଶିବପ୍ରସାଦ ପାତ୍ର, ପୂର୍ବତନ ସରପଞ୍ଚ ନୃସିଂହ ସ୍ୱାଇଁ, କୃଷକ ନେତା ଦୁର୍ଗା ଚରଣ ସ୍ୱାଇଁଙ୍କ ପୁତ୍ର ନିରଞ୍ଜନ ଭୋଳ, ଦିଲ୍ଲୀପ ଭୋଳ, ସୁବଳ ଭୋଳ, ସଞ୍ଜୟ ଭୋଳ, ରଞ୍ଜିତ ଭୋଳ, ରାଜୀବ ଭୋଳ, ଗଗନ ପରିଡ଼ା, ଅକ୍ଷୟ ସାହୁ, ବିମଳ ସାମଲ ପ୍ରମୁଖ ସ୍ୱର୍ଗତ ଭୋଳଙ୍କ ସ୍ମୃତି ଚାରଣ କରିଥିଲେ ।

## କୂଳତର୍ଓଙ୍ଗ ତ୍ରିନାଥ ଜରା ସେବାଶ୍ରମର ବାର୍ଷିକ ଉତ୍ସବ

ଜଗତସିଂହପୁର,୧୫ା୧(ସମିସ): ଜଗତସିଂହପୁର ସଦର ବ୍ଲକ କୂଳତର୍ଓଙ୍ଗ ସ୍ଥିତ ତ୍ରିନାଥ ଜରା ସେବାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବନ୍ଧୁ ମିଳନ ଏବଂ ଚତୁର୍ଥ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ କୈଳାସ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ ସମାଜସେବୀ ଭଗବାନ ଦାଶ ଏବଂ ତରତଙ୍ଗ ପଞ୍ଚାୟତ ସମିତି ସଭ୍ୟା ମଧୁସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇ ପରିଣତ ବୟସରେ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଆଶ୍ରୟ ପ୍ରଦାନ ସହିତ ସେମାନଙ୍କୁ ସେବା ଯୋଗାଇବା ଭଳି ମହତ କାର୍ଯ୍ୟ ଜାରି ରଖିଥିବାରୁ ସେବାଶ୍ରମର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ସେବାଶ୍ରମ ପରିସରରେ ବିଧାୟକ ଶ୍ରୀ ଦାସଙ୍କ ଦ୍ୱାରା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ ହେବା ସହିତ ଭୋଜନ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଥିଲା । ଜରାଶ୍ରମର ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ପ୍ରତିଷ୍ଠାତା ସଭ୍ୟ ଶ୍ରୀକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଜରାଶ୍ରମ ପ୍ରତିଷ୍ଠାତା ନିରଞ୍ଜନ ଜେନା, ଗିରିଜା ମହାପାତ୍ର, ଯୁଧିଷ୍ଠିର ସାହୁ, ଶୁକଦେବ ସାହୁ, ଅଦ୍ୱୈତ ସ୍ୱାଇଁ, ସୁବାସ ଚାନ୍ଦ, ଦିଲ୍ଲୀପ ପ୍ରଧାନ, ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୂରଣରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

ବିରିଡ,୧୫ା୧(ସମିସ): ବିରିଡି ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପୂରଣରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଦେଲିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ପୂର୍ବାହ୍ନରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା, ଶିକ୍ଷାବିତ ଅଲେଖ ଚରଣ ବେହେରା, ଏସ୍ଏମସି ସଭାପତି କୃପାସିନ୍ଧୁ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅପରାହ୍ନରେ ଉଦ୍‌ଯାପନ ତଥା ପୁରସ୍କାର ପ୍ରଦାନ ଉତ୍ସବରେ ପ୍ରଧାନଶିକ୍ଷକ ଅଶୋକ କୁମାର ମାଦେଲି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟତିଥିଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ବିଇଓ ମିହିର କୁମାର ପାଲ, ସାଂସଦଙ୍କ ପ୍ରତିନିଧି ଗୀତାଞ୍ଜଳି ସାହୁ, ଏସ୍ଏମସି ସଭାପତି କୃପାସିନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ସମୀକ୍ଷା ଡାକୁଆ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ବାଦଲ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଧାଂଶୁ ମଞ୍ଜରୀ ଦାଶ ଧନ୍ୟବାଦ ଦେଇଥିଲେ ।

**ତୃଣକ ପରିଚାଳନା ଓ କୃଷି ପାଣିପାଗ ସମ୍ବନ୍ଧୀୟ ସଚେତନତା ଶିବିର**

## ‘ଚାଷୀ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ଗ୍ରହଣ କରିବା ଆବଶ୍ୟକ’

ଜଗତସିଂହପୁର,୧୫ା୧(ସମିସ)

ସର୍ବଭାରତୀୟ ସମନ୍ୱିତ କୃଷି ଜଳବାୟୁ ପ୍ରକଳ୍ପ, ସର୍ବଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ସଂପ୍ରତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ବ୍ଲକ୍‌ର ବାଗୋଇ ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଆନୁକୂଲ୍ୟରେ ଏକ କୃଷକ ସଚେତନତା ଶିବିର ତଥା କୃଷି ସାମଗ୍ରୀ ବିତରଣ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ୭୦ଜଣ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ଡ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓୟୁଏଟି କୃଷି ପାଣିପାଗ ପ୍ରକଳ୍ପର ମୁଖ୍ୟ ପ୍ରଫେସର୍ ଡ. ତୁଷାର ରଞ୍ଜନ ମହାନ୍ତି କୃଷି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ତଥା ଏହାର ସଫଳ ମୁକାବିଲା ପାଇଁ ଓୟୁଏଟି ଦ୍ୱାରା ଜାରି କରାଯାଉଥିବା ସାପ୍ତାହିକ ପାଣିପାଗ ଭିତ୍ତିକ କୃଷି ପରାମର୍ଶକୁ ଗ୍ରହଣ କରି ଚାଷକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଖିଳ ଭାରତୀୟ ସମନ୍ୱିତ ତୃଣକ ପରିଚାଳନା ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ବୈଜ୍ଞାନିକ ଡ. ମହମ୍ମଦ ଅବଦୁଲ ଆଲିମ୍ ଉଦବୋଧନ ଦେଇଥିଲେ । ସେ କହିଥିଲେ ଯେ ଧାନ ଚାଷରେ ଘାସ ହେଉଛି ଉତ୍ପାଦନ କମିବାର ଏକ ପ୍ରମୁଖ କାରଣ । ସେ କହିଥିଲେ ଯେ ଉଚିତ୍ ସମୟରେ ଓ ଉଚିତ୍ ମାତ୍ରାରେ ଖରପତ୍ର ନାଶକ ପ୍ରୟୋଗ କରାଗଲେ ଧାନ ଉତ୍ପାଦନ ୨୦ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଡ. ଆଲିମ୍ ଧାନ ଚାଷରେ ଧାନ ରୋଇବାର ୩ ରୁ ୫ ଦିନ ମଧ୍ୟରେ ପେଣ୍ଡି ମେଥାଲିନ୍ ୩୦ ଇ.ସି ଓ ୨୦-୨୫ ଦିନ ମଧ୍ୟରେ ଫେନୋକ୍ସାପ୍ରପ ଇଥାଇଲ୍ ସିଞ୍ଚନ କରିବାପାଇଁ ଉଲ୍ଲେଖ କରିଥିଲେ । ତୃଣ ନାଶକ ପ୍ରୟୋଗ ସମ୍ବନ୍ଧରେ ଉପଯୁକ୍ତ ମାତ୍ରା ଓ ସମୟ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ କିମ୍ବା କୃଷି କାର୍ଯ୍ୟାଳୟର ଅଧିକାରୀମାନଙ୍କ ଠାରୁ ପରାମର୍ଶ ନେଇପାରିବେ । ଓ.ୟୁ.ଏ.ଟି ଗ୍ରାମୀଣ କୃଷି ମୌସମ ସେବାର ବୈଜ୍ଞାନିକ ଚିନ୍ମୟ କୁମାର ସାହୁ,ଓ.ୟୁ.ଏ.ଟି ଦ୍ୱାରା ଜାରି କରାଯାଉଥିବା କୃଷି ପାଣିପାଗ ସେବା ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଗୃହବିଜ୍ଞାନୀ ଶ୍ରୀମତୀ ସସ୍ମିତା ପୁରୋହିତ କୃଷି ମହିଳା ମାନଙ୍କୁ ଉଦବୋଧନ କରିବା ସହ ସେମାନେ କିପରି ଚାଷ କାର୍ଯ୍ୟରେ ଲାଭବାନ ହେଇପାରିବେ,ସେଥିପ୍ରତି ଆଲୋଚନା କରିଥିଲେ । ଓ.ୟୁ.ଏ.ଟିର କୃଷି ପାଣିପାଗ ନିରୀକ୍ଷକ ଗୌରଶଙ୍କର ପାଣିଗ୍ରାହୀ ଏବଂ କୃଷି ଓଭର୍ଶିଅର୍ ଅରୁଣ ସାହୁ ମଧ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସର୍ବଶେଷରେ ଉକ୍ତ ଅଞ୍ଚଳର ସରପଞ୍ଚ ପ୍ରଭାଞ୍ଜଳି ସେଠୀ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କୃଷି ଯନ୍ତ୍ରପାତି, ସଚେତନତା ପତ୍ରିକା ଓ ଉନ୍ନତ ଗୁଣମାନର ଗୁଆଚାରା ବିତରଣ କରିଥିଲେ । ଗ୍ରାମବାସୀମାନେ ଏପରି କାର୍ଯ୍ୟକ୍ରମ ଦ୍ୱାରା ନୂତନ କୃଷି ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଲାଭ କରିଥିବାରୁ ଓ.ୟୁ.ଏ.ଟି ଓ ସଂପୃକ୍ତ ପ୍ରକଳ୍ପକୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଅନୁସୂଚିତ ଜାତି କୃଷକ ମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ । ପରିଶେଷରେ ଉକ୍ତ ଗ୍ରାମର ଉମେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

**● ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ**

## ‘ଆଗପରି ଆଉ ପାଠକୀୟ ପ୍ରେରଣା ମିଳୁନି’

ଜଗତସିଂହପୁର,୧୫ା୧(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ୨୭ତମ ଜଗତସିଂହପୁର ପୁସ୍ତକମେଳା ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ଭାଗିରଥି ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ଦାସ କହିଥିଲେ ଯେ ପୂର୍ବରୁ ଲେଖାଟିଏ ପଢ଼ି ପାଠକମାନେ ପ୍ରେରଣା ଦେଉଥିଲେ । ବର୍ତ୍ତମାନ ସମୟରେ ପାଠକୀୟ ପ୍ରେରଣା ଆଉ ଆଗପରି ନାହିଁ । ଏହି ଅବସରରେ ସେ ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଆଦର ରଖିବା ପାଇଁ ଆହ୍ୱାନ ଦେବା ସହ ଆୟୋଜକଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଉଦଘାଟନୀ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବହିର ଏକ ସ୍ୱତନ୍ତ୍ର ବାସ୍ନା ଥାଏ ବୋଲି କହିବା ସହିତ ଜଗତସିଂହପୁର ମାଟିରେ ସାରସ୍ୱତ ସାଧକ ମାନଙ୍କର ଅଭାବ ନାହିଁ ଏବଂ ଆମେ ସମସ୍ତେ ସେହି ମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଖୁବ୍ ଶୀଘ୍ର ଜଗତସିଂହପୁର ସଦରମହକୁମାରେ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ବିଧାୟକ କହିଥିଲେ । ଅନ୍ୟତମ ଅତିଥି ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା କହିଥିଲେ ଅଭିଭାବକ ମାନେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଧ୍ୟାନ ନ ଦେଇ ସମୟ ସମୟରେ



କିଛି ମହାପୁରୁଷଙ୍କ ଜୀବନୀ ତଥା ସମାଜରେ ସଂସ୍କାର ଆଣିପାରୁଥିବା ଭଳି ପୁସ୍ତକ ପଢିବା ପାଇଁ ଉତ୍ସାହିତ କରିବା ଉଚିତ୍ । କାରଣ ଏଭଳି ପୁସ୍ତକ ପଠନ ଦ୍ୱାରା ଚରିତ୍ର ମାର୍ଜିତ ହୋଇଥାଏ । ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟରେ ଗୋଟିଏ ଗୋଟିଏ ଭଲ ପାଠାଗାରର ବ୍ୟବସ୍ଥା କରିବା ପାଇଁ ଏହି ଅବସରରେ ସେ ପରାମର୍ଶ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ହିଁ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ । ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍ ଏଥିରେ ଅଧ୍ୟକ୍ଷତା କରି ଆମେ ଯେତେବେଳେ ପୁସ୍ତକ ପଠନ କରୁଛେ ପୁସ୍ତକର ପ୍ରତିଟି ପୃଷ୍ଠାକୁ ଗଭୀର ଭାବେ ଅନୁଶୀଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଡଃ ବିରଞ୍ଚି ନାରାୟଣ ରଥ ?ଦେପାଠ କରିଥିଲେ । ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଜିର ଆସର ଜଗତସିଂହପୁରର ପୂର୍ବତନ ବିଧାୟକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଥିଲା । ଏହି ଅବସରରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଦ୍ୱାରା ଅନୁବାଦିତ ଶରତ ଚନ୍ଦ୍ରଙ୍କ “ପରିଣୀତା “କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପରିଶେଷରେ ପରିଷଦର ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତ୍ୟୁଷରେ ଜଗତସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କ ନିକଟରୁ ଶାରଳା ଜ୍ୟୋତି ଅଣାଯାଇ ପୁସ୍ତକ ମେଳା ପରିସରରେ ସ୍ଥାପନ କରାଯାଇଥିଲା । ସଂଧ୍ୟା ଆସର ପରିଶେଷରେ ମା ଶାରଳା ଘଟ ନୃତ୍ୟ, କନକପୁର ଓ ଜୟ ସୀତାରାମ ଭଜନ ସଂଧ୍ୟା, ଫୁଲହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ମଞ୍ଚ ସଂଚାଳନ କରିଥିଲେ । ଏହି ପୁସ୍ତକ ମେଳା ସାତ ଦିନ ଧରି ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ବୈଠକ

ଜଗତସିଂହପୁର,୧୫ା୧(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବିରିଡ଼ି ବ୍ଲକ୍ ପୂରଣ ମଣ୍ଡଳ ଅନ୍ତର୍ଗତ କୁଳକଇଜଙ୍ଗା ପଞ୍ଚାୟତ ମା’ ଦୁଲାଦେବୀ ପୀଠରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ ସଭାପତିତ୍ୱ କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ



ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ରାଜକିଶୋର ବେହେରା, ଜିଲ୍ଲା ସମ୍ପାଦକ ତରୁଣ ଦାସ, ହାଜିପୁର ମଣ୍ଡଳ ସଭାପତି ଦୀପ୍ତିପ୍ରସାଦ ପରିଜା, ପୂରଣ ମଣ୍ଡଳ ସାଧାରଣ ସମ୍ପାଦକ ଟୁଟୁ ମଲ୍ଲିକ, ପୂର୍ବତନ ସଭାପତି ସୁଦର୍ଶନ ପଣ୍ଡା, ଶିଶିର ମହାନ୍ତି, ପାର୍ଥସାରଥି ଭୋଇ, ପତିତପାବନ ସାହୁ, ଅଭୟ ଜେନା, ହରେକୃଷ୍ଣ ମଲ୍ଲିକ, ଚିତ୍ତରଞ୍ଜନ ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ ।

## ଦୈନିକ ‘ସୁଦେଷ୍ଣା’ର ବାର୍ଷିକ ଉତ୍ସବ

ଏରସମା,୧୫ା୧ (ସମିସ): ମକରଧ୍ୱଜ ଶିଳ୍ପ ତାଲିମ୍ କେନ୍ଦ୍ରଠାରେ ପୁରୀ ଜିଲ୍ଲା କଣାସ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ “ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ’ ଓ ଦୈନିକ ଖବରକାଗଜ “ସୁଦେଷ୍ଣା’ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦ ତଥା ଖବରକାଗଜର ସଭାପତି ସଂଗ୍ରାମ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଡକ୍ଟର ବସନ୍ତ ମଞ୍ଜରୀ ଦାସ ଯୋଗ ଦେଇଥିଲେ । ପଣ୍ଡିତ ନାଗୁ ଚରଣ ଦେବତା ଏବଂ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବିଶିଷ୍ଟ ଅତିଥି ଭାବେ “ନବକାକଳୀ”ର ସମ୍ପାଦକ ସ୍ୱପ୍ନିଳ କବି ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦାନ କରିଥିବା ବେଳେ ମହେଶ୍ୱର ସ୍ୱାଇଁ, ରବୀନ୍ଦ୍ରନାଥ ସ୍ୱାଇଁ, ଆଇନଜୀବୀ ମଞ୍ଜୁଲତା ରାଉତ ଉପସ୍ଥିତ ଥିଲେ । ଉତ୍ସବରେ ମୈନାକ ସାହିତ୍ୟ ସଂସଦର ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ଅତିଥି ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ସୁଦେଷ୍ଣା ସମ୍ପାଦକ ଶିବ ପ୍ରସାଦ ବାହିନୀପତି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି କବୟିତ୍ରୀ ଯୋଗଦାନ କରିଥିଲେ । କବିତା ସଂଯୋଜନା କରିଥିଲେ ସୂର୍ଯ୍ୟୋଦୟ ସଭାପତି ପ୍ରଶାନ୍ତ କୁମାର ସେଠୀ । ଖବରଦାତା ଯଯାତି କେଶରୀ ସାମନ୍ତରାୟ, ଶ୍ୟାମଳେନ୍ଦୁ ପରିଡ଼ା, ସହସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଚନ୍ଦ୍ରଜିତ ଦାସ, ତୃପ୍ତି ରଞ୍ଜନ ମହାନ୍ତି, ଅଂଶୁମାନ ମିଶ୍ର, ତନ୍ମୟ ସେଠୀ, ବଲ୍ଲଭ ପ୍ରଧାନ, ବୈଦ୍ୟନାଥ ସାହୁ, ଅରୁପାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ହୃଷିକେଶ ଜେନା ଧନ୍ୟବାଦ୍ ଦେଇଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

ଏରସମା,୧୫ା୧(ସମିସ): ଏରସମା ବ୍ଲକ ଜନକାଡ଼ଦେଇପୁର ଗ୍ରାମପଞ୍ଚାୟତ ହାଇସ୍କୁଲ ସାହାଡ଼ାର ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୋରେଖନାଥ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୁରୁପୂଜନ ଓ ଶିକ୍ଷାବିତ ବସନ୍ତ କୁମାର ଦାସଙ୍କୁ ଅଙ୍ଗବସ୍ତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ପାଦିକା ପୁଷ୍ପଲତା ପ୍ରଧାନ ବିବରଣୀ ପାଠ କରିଥିଲେ । ସମାଜସେବୀ ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରଜୀବନର ଶୃଙ୍ଖଳା ମାନବ ଜୀବନପାଇଁ ଆବଶ୍ୟକତା ସମ୍ପର୍କରେ କହିଥିଲେ । ଶିକ୍ଷକ ରବୀନ୍ଦ୍ର ପରିଡ଼ା, ଛାତ୍ର ସଂସଦର ସଭ୍ୟ ପବିତ୍ର ବେହେରା, ପବିତ୍ର ସାହୁ, ବିସ୍ମିତ ବାରିକ, ଦିଲ୍ଲୀପ ମହାରଣା, ଦିଲ୍ଲୀପ ସାହୁ, ବିଭୂତି ରଞ୍ଜନ ଦାସ, ସୁଧାକର ବାରିକ, ଗୌରାଙ୍ଗ ପ୍ରଧାନ, ବେଣୁଧର ସ୍ୱାଇଁ, ବିପିନ ବେହେରା, ଛାତ୍ରୀ କନକଲତା ସାହୁ, ମମତା ସାହୁ, କୁନିଲତା ସାହୁ, ସୁଲୋଚନା ପତି, ଅନ୍ନପୂର୍ଣ୍ଣା ରଥ, ଝିଲି ସ୍ୱାଇଁ,



ବିଶିଷ୍ଟ ଶିକ୍ଷାବିତ ବସନ୍ତ କୁମାର ଦାସ ଯୋଗଦେଇଥିଲେ । ପୁରାତନ ଛାତ୍ର ସଂସଦ ର ସଭାପତି ବାସୁଦେବ ଦାସ,ପ୍ରାରମ୍ଭିକ ସୂଚନା ଓ ପରିଚୟ ପ୍ରଦାନ କରିଥିଲେ । ଗୁରୁବନ୍ଦନା ବେଲବତୀ ସ୍ୱାଇଁ, ପ୍ରମିଳା ବେହେରା, ସସ୍ମିତା ଓଝା ପ୍ରମୁଖ ଯୋଗଦେଇଥିଲେଷ । ଗୋରେଖ ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପ୍ରଶାନ୍ତ ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।




**● ମର୍ଣ୍ଣିଂ କ୍ରିକେଟ୍ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

## ଭୁବନେଶ୍ୱର ଚାମ୍ପିଅନ; ଜଗତସିଂହପୁର ରନର୍ସ ଅପ୍



ପାରାଦୀପ,୧୫ା୧(ସମିସ)

ମର୍ଣ୍ଣିଂ କ୍ରିକେଟ କ୍ଲବ ପାରାଦୀପ ପକ୍ଷରୁ ଜୟଦେବ ସଦନ ସମ୍ମୁଖ ପଡ଼ିଆରେ ଛାଲିଥିବା କ୍ରିକେଟ ମ୍ୟାଚ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ଚାମ୍ପିଅନ୍ ହୋଇଥିବାବେଳେ ଜଗତସିଂହପୁର ରନର୍ସଅପ ହୋଇଛି । ପାରାଦୀପର ଏହି ଅଗ୍ରଣୀ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଆୟୋଜିତ ୧୫ତମ ବାର୍ଷିକ ଟୁର୍ଣ୍ଣମେଣ୍ଟକୁ ପାରାଦୀପ ବନ୍ଦରର ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର ଓ ପୁରୀର ୮ ଟି ନାମୀ କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିଥିଲେ । ଚାମ୍ପିଅନ ଟିମ୍‌କୁ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବହୁ ଦର୍ଶକ ଖେଳକୁ ଉପଭୋଗ କରିଥିଲେ । କ୍ଲବ ପକ୍ଷରୁ ଇରା ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବ୍ୟବସାୟୀଙ୍କ ପରଲୋକ

ପାରାଦୀପ,୧୫ା୧(ସମିସ):ପାରାଦୀପ ବଡ଼ପଡ଼ିଆ ଜୁବୁଲି ମାର୍କେଟର ବରିଷ୍ଠ ବ୍ୟବସାୟୀ ସନ୍ନତ କୁମାର ନନ୍ଦୀ (ବଙ୍ଗାଳି ଦାଦା) ଙ୍କର ୬୮ ବର୍ଷ ବୟସରେ ଦେହାନ୍ତ ହୋଇଛି । ସେ ଆଜି ସକାଳୁ ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ । ତେବେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ । ପରେ ଡାକ୍ତରଙ୍କ ନିର୍ଦ୍ଦେଶରେ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମାର୍କେଟ ବ୍ୟବସାୟୀ ମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଜୁବଲି ମାର୍କେଟର କିଛି ପଡ଼ୋଶୀ ବ୍ୟବସାୟୀ ଦୋକାନ ବନ୍ଦ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଦୀର୍ଘ ଦିନ ହେବ ବଡ଼ପଡ଼ିଆ ମାର୍କେଟରେ ଇଲେକ୍ଟ୍ରି ପାର୍ଟସ ବ୍ୟବସାୟ କରି ଆସୁଥିଲେ । ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ ।

# ଶ୍ରୀକ୍ଷେତ୍ର ସିଟି

୧୫/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧୧,୨୮,୯୭୦/- ସୁନା:୧୩.୬୫୦ ଗ୍ରାମ୍ ରୁପା: ୨୫୩.୦୦୦ ଗ୍ରାମ୍



## ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଲା ୧୧.୨୮ ଲକ୍ଷ ଟଙ୍କା

ପୁରୀ,୧୫।୧(ସମିସ): ବୁଧବାର ଥିଲା ମକର ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମକର ସଂକ୍ରାନ୍ତିର ସ୍ୱତନ୍ତ୍ର ନୀତିକାନ୍ତି ସାଙ୍ଗକୁ ମହାସ୍ନାନ ପାଇଁ ନୀତି ବିଳମ୍ବ ହୋଇଥିଲା। ଫଳରେ ବୁଧବାର ରାତ୍ର ପହୁଡ଼ ହୋଇ ନ ଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିଥିଲେ। ଗୁରୁବାର ବି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହି ଦୁଇଦିନ ଭିଡ଼ର ପ୍ରଭାବ ହୁଣ୍ଡିରେ ପ୍ରତିଫଳିତ ହୋଇଛି। ଗୁରୁବାର ହୁଣ୍ଡିରୁ ବାହାରିଛି ୧୧ଲକ୍ଷ ୨୮ ହଜାର ୯୭୦ ଟଙ୍କା। ଏଥିସହ ୧୩ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଏବଂ ୨୫୩ ଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏଥିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥା'ନ୍ତି। କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥା'ନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ଏବେ ସାଧାରଣ ଦିନମାନଙ୍କରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହୁଣ୍ଡିରୁ ବାହାରିଥାଏ। କିନ୍ତୁ କୌଣସି ପର୍ବପର୍ବାଣୀ ବା ଛୁଟି ଦିନମାନଙ୍କରେ ଏହି ଟଙ୍କା ପରିମାଣ ବଢ଼ିଥାଏ।

## ଫକୀର ମୋହନ ଜୟନ୍ତୀ ପାଳିତ

ପୁରୀ,୧୫।୧(ସମିସ): ସ୍ଥାନୀୟ ସଞ୍ଜୀବନୀ ହସ୍ପିଟାଲ ପରିସରରେ ବୁଧବାର ଆଇନଜୀବୀଙ୍କୁ ନେଇ ପ୍ରତିଷ୍ଠିତ ପ୍ରତିଭା ପୂଜା ପରିଷଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇଛି। ପରିଷଦ ସଭାପତି ଗୁଣ୍ଡିଚା ବରାଳଙ୍କ ଅଧ୍ୟକ୍ଷତାରେ ଓଡିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଏସ୍‌ସିଏସ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଭଗବାନ ଜୟସିଂହ, ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା, ଡାକ୍ତର ଦେବେନ୍ଦ୍ରନାଥ ତରେଇ, ଗବେଷକ ନୀଳମଣି ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ପ୍ରତି ଫକୀର ମୋହନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପରିଷଦର ସମ୍ପାଦକ ଡ. ପ୍ରଧାନ ଧୀରେନ୍ଦ୍ର ରାୟ ବିବରଣୀ ପାଠ କରିଥିଲେ। ସଭ୍ୟ ସୁବାସ ଚନ୍ଦ୍ର ପରିଡ଼ା, ବିପିନ ବିହାରୀ ଦଳାଇ, ପ୍ରମୋଦ ପ୍ରଧାନ, ଅରୁଣ କୁମାର ଗଜେନ୍ଦ୍ର, ନରେଶ ମହାନ୍ତି, ଅଭୟ ସ୍ୱାଇଁ, ସଞ୍ଜୟ ରାଉତରାୟ, ପ୍ରମୋଦ ପାଣ୍ଡି, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଯଥା ଓ ଅତ୍ୟଧିକ ଜରିମାନା

# ରାସ୍ତାରେ ଗାଡ଼ି ଗଡ଼ାଇବାକୁ ଭୟ କଲେଣି ମାଲିକ



ପୁରୀ,୧୫।୧(ସମିସ): ମନମାନୀ ଚଳାଇଛି ପରିବହନ ବିଭାଗ। ଜିଲ୍ଲାସ୍ତରରେ ବି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଜୁଲମ୍ ବଢ଼ିଚାଲିଛି। କୌଣସି ପୂର୍ବ ସୂଚନା ବିନା ମନଇଚ୍ଛା ଫାଇନ କଟାଯାଉଛି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥାନ୍ତୁ ବା ନ କରିଥାନ୍ତୁ ଅନେକଙ୍କ ମୋବାଇଲକୁ ଚାଲାଣ ପଳାଇ ଆସୁଛି। ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ତ ଗାଡ଼ି ଚଳାଚଳ କରିବାକୁ ଭୟ କଲେଣି ମାଲିକ ଓ ଚାଳକ। ଏମିତି ବି ଆଲୋଚନା ହେଉଛି ଏହି ରାଜପଥରେ ଗାଡ଼ି ନେଇ ଯାଇଛ ଅର୍ଥ ଜରିମାନା ନିଶ୍ଚିତ। ସେହିଭଳି କୋଣାର୍କରେ ପାର୍କିଂ କଲେ ଆପଣଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ। ନୋ ପାର୍କିଂ ଜୋନ୍ କହି ୫୦୦ ଟଙ୍କାର ଚାଲାଣ ଆସୁଛି। ଗୋଟିଏ ଭଡ଼ାରୁ ଯେତିକି ଲାଭ ନ ଆସିବ ତା'ଠୁ ଅଧିକ ଫାଇନ୍‌ରେ ପଳାଇବାର ଭୟ ଘାରିଛି। ଏଭଳି ସ୍ଥିତିରେ ଚିନ୍ତାରେ ପଡ଼ିଗଲେଣି ନୀଳାଚଳ ଲାଇଟ୍ ଯାନବାହନ ମାଲିକ ସଂଘ। ଏ ନେଇ ମାଲିକମାନେ ଗୁରୁବାର ଦ୍ୱିତୀୟ ଥର ପାଇଁ ଆର୍‌ଟିଓଙ୍କୁ ଭେଟି ତାଙ୍କ ଅସୁବିଧା ବିଷୟରେ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ମାଲିକ ସଂଘ ପକ୍ଷରୁ କୁହାଯାଇଛି, ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜତୀୟ ରାଜପଥରେ ଲାଗିଥିବା କ୍ୟାମେରା ମାଧ୍ୟମରେ ଅନେକ ସମୟରେ ଅଯଥା ଓ ଅତ୍ୟଧିକ ଜରିମାନା କରାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପିଡ୍ ଲିମିଟ୍ ଗୋଟିଏ ପ୍ରକାର ଲେଖା ଥିଲାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନ ଲେଖାଯାଇଛି। ବାସ୍ତବରେ ଗାଡ଼ି ଚାଳକମାନେ କାହାକୁ ମାନି କେତେ ସ୍ପିଡ୍‌ରେ ଗାଡ଼ି ଚଲାଇବେ ସେ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ୬୦ ସ୍ପିଡ୍ ଥିବାବେଳେ ୫୦ ସ୍ପିଡ୍‌ରେ ବି ଚାଲାଣ ଆସିଯାଉଛି। ତେଣୁ ସରକାର ସାଧାରଣ ଜନତାଙ୍କ ହିତ ପାଇଁ କେତେ ସ୍ପିଡ୍‌ରେ କେଉଁ ଯାନ ଯିବ ବିଭିନ୍ନ ସ୍ଥାନରେ ବୋର୍ଡ ମାରି ଅବଗତ କରାଇବା ଦରକାର। ସେହିପରି ପୁରୀ ସହର ମଧ୍ୟରେ ପାର୍କିଂକୁ ନେଇ ଅଯଥା ଚାଲାଣ କଟାଯାଉଛି। ଯାତ୍ରୀଙ୍କୁ ଓହ୍ଲାଇବା ଏବଂ ଚଢ଼ାଇବା ପାଇଁ ରାସ୍ତାକଡ଼ରେ ଗାଡ଼ି ରଖିଲେ ଇଲିଗାଲ ପାର୍କିଂ କହି ସଙ୍ଗେ ସଙ୍ଗେ ଫାଇନ କଟାଯାଉଛି। କୋଣାର୍କରେ ମଧ୍ୟ ସମାନ ଅବସ୍ଥା। ରାସ୍ତାର ଯେ କୌଣସି ଜାଗାରେ ଯାତ୍ରୀଙ୍କ ସୁବିଧା ପାଇଁ ଗାଡି ପାର୍କିଂ କଲେ ସଙ୍ଗେ ସଙ୍ଗେ ଚାଲାଣ କଟାଯାଉଛି। ଏହାଦ୍ୱାରା ଗାଡ଼ି ମାଲିକ ଏବଂ ଚାଳକମାନେ ବହୁତ ହଇରାଣ ହେଉଛନ୍ତି। ଅଧିକାଂଶ ମାଲିକ ଋଣ ଆଣି ଗାଡ଼ି କରିଛନ୍ତି। ଯଦି ଏହିପରି ଭାବେ ଅଯଥା ଜରିମାନା ପଡ଼େ ଅଧିକାଂଶ ମାଲିକ ଇଏମ୍‌ଆଇ ଦେଇପାରିବେ ନାହିଁ। କାରଣ ଗୋଟିଏ ଭଡ଼ାରେ ଯଦି ୫୦୦ ଟଙ୍କା ଆୟ ହେଉଛି ଜରିମାନା କେତେବେଳେ ଏହାର ଦୁଇଗୁଣା କଟାଯାଉଛି। ତେଣୁ ଗାଡ଼ି ମାଲିକମାନେ ରାସ୍ତାରେ ଗାଡ଼ି ଗଡ଼ାଇବାକୁ ଭୟ କଲେଣି। ବାସ୍ତବତାକୁ ଅନୁଭବ କରି ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ସେମାନେ ଆର୍‌ଟିଓଙ୍କୁ ଅନୁରୋଧ କରିଥିଲେ। ସୂଚନା ଅନୁଯାୟୀ, ଆର୍‌ଟିଓ ସନ୍ଧ୍ୟାରେ ମାଲିକ ସଂଘକୁ ଡାକି ଆଲୋଚନା କରିଛନ୍ତି। ଆଉ ଅଯଥା ଫାଇନ କଟାଯିବ ନାହିଁ। ଜାତୀୟ ରାଜପଥରେ ୬୦ ଭିତରେ ଗାଡ଼ି ଚଳାଇବାକୁ କୁହାଯାଇଛି। ସେହିପରି ସହର ଭିତରେର ଇଲିଗାଲ ପାର୍କିଂ ନାଁରେ ଯେଉଁ ଫାଇନ କଟାଯାଇଛି ତାହା ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି ଆଶ୍ୱାସନା ଦିଆଯାଇଥିବା ଜଣାପଡ଼ିଛି।

### ● ସାଇବର ଅପରାଧ ବିରୋଧରେ ସଫଳତା

## ୨୦୨୫ରେ ୫୮ କୋଟି ଟଙ୍କା ଫ୍ରିଜ୍ ହୋଇଛି

ପୁରୀ,୧୫।୧(ସମିସ): ସାଇବର ଅପରାଧ ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଲାଣି। ସାମାନ୍ୟ ସତର୍କ ନ ହେଲେ ଯେ କୌଣସି ମୁହୂର୍ତ୍ତରେ କେହି ବି ସାଇବର ଠକଙ୍କ ଶିକାର ହୋଇପାରନ୍ତି। ତେବେ ଏଭଳି ଠକେଇ ବିରୋଧରେ ପୁରୀ ସାଇବର ଥାନାକୁ ବିଶେଷ ସଫଳତା ମିଳିଛି। ଡିଜିଟାଲ୍ ଯୁଗରେ ବଢୁଥିବା ସାଇବର ଅପରାଧ, ଅନ୍‌ଲାଇନ୍ ଠକେଇ, ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟ, ନକଲି ୱେବ୍‌ସାଇଟ୍ ଓ ଭୁଲ୍ ମୋବାଇଲ ନମ୍ବର ମାଧ୍ୟମରେ ହେଉଥିବା ଅପରାଧକୁ ରୋକିବା ଉଦ୍ଦେଶ୍ୟରେ ପୁରୀ ପୁଲିସ ଅଧୀନସ୍ଥ ସାଇବର ଥାନା ଗତବର୍ଷ ଅର୍ଥାତ୍ ୨୦୨୫ରେ ସକ୍ରିୟ ଓ ପ୍ରଭାବଶାଳୀ ହୋଇପାରିଛି। ଏହି ଗୋଟିଏ ବର୍ଷରେ ସାଇବର ଥାନାରେ ସମୁଦାୟ ୩୧ଟି ସାଇବର ସମ୍ପର୍କିତ ମାମଲା ପଞ୍ଜୀକରଣ ହୋଇଛି। ସବୁ ମାମଲାକୁ ଗୁରୁତ୍ୱର ସହିତ ତଦନ୍ତ କରାଯାଇ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଯେଉଁମାନେ ଅନ୍‌ଲାଇନ୍ ଆର୍ଥିକ ଠକେଇ, ଡିଜିଟାଲ୍ ଓ ନକଲି ପରିଚୟ ମାଧ୍ୟମରେ ଲୋକମାନଙ୍କୁ ଠକିଥିଲେ। ସାଇବର ଥାନା ପକ୍ଷରୁ ମୋଟ ୫୮ କୋଟି ୪୦ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

ସାଇବର ଠକେଇ ଦ୍ୱାରା ପୀଡ଼ିତମାନେ ଆର୍ଥିକ କ୍ଷତି ଏବଂ ମାନସିକ ଅଶାନ୍ତିର ସାମ୍ନା କରନ୍ତି। ସାଇବର ଠକେଇ କେବଳ ଗୋଟିଏ ଦୁଇଟି ପଦ୍ଧତି ମଧ୍ୟରେ ଆଉ ସୀମିତ ନାହିଁ। ବରଂ ନୂଆ ନୂଆ ପ୍ରଯୁକ୍ତି ଏବଂ ବ୍ୟବହାରକାରୀଙ୍କ ଆଚରଣକୁ ଆଧାର କରି ସାଇବର ଅପରାଧୀମାନେ ଠକେଇ ପାଇଁ ନୂଆ ନୂଆ ଉପାୟ ଏବଂ ପଦ୍ଧତି ଅବଲମ୍ବନ କରୁଛନ୍ତି। ତେଣୁ ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍ଥିକ କ୍ଷତିକୁ ରୋକିବା ପାଇଁ ପୁରୀ ସାଇବର ଥାନା ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିଛି। ୨୦୨୫ରେ ମୋଟ ୫୮କୋଟି ୪୦ ଲକ୍ଷ ଟଙ୍କା ରାଶିକୁ ହୋଲ୍ଡ କରାଯାଇ ଅନେକ ନିର୍ଦ୍ଦୋଷ ନାଗରିକଙ୍କୁ ବଡ଼ ଆର୍ଥିକ କ୍ଷତିରୁ ରକ୍ଷା କରାଯାଇଛି। ନକଲି ସୋସିଆଲ୍ ମିଡିଆ, ୱେବ୍‌ସାଇଟ୍ ଓ ମୋବାଇଲ୍ ନମ୍ବର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ସାଇବର ଅପରାଧୀଙ୍କ ନେଟ୍‌ୱର୍କକୁ ଭାଙ୍ଗିବା ଉଦ୍ଦେଶ୍ୟରେ ପୁରୀ ସାଇବର ଥାନା ଦ୍ୱାରା ୨୩୦ଟି ନକଲି, ଅପରାଧିକ ସୋସିଆଲ୍ ମିଡିଆ ଆକାଉଣ୍ଟ ବ୍ଲକ୍, ୭୦ଟି ନକଲି ୱେବ୍‌ସାଇଟ୍ ବ୍ଲକ୍, ୬୪ଟି ନକଲି ମୋବାଇଲ୍ ନମ୍ବର ବ୍ଲକ୍ କରାଯାଇଛି। ଏହା ଫଳରେ ଭବିଷ୍ୟତରେ ଅନେକ ସମ୍ଭାବ୍ୟ ସାଇବର ଠକେଇକୁ ଅଟକାଯିବା ସମ୍ଭବ ହୋଇପାରିଛି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ସାମ୍ପ୍ରତିକ ସମାଜରେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ। ପୁରୀ ପୁଲିସ ସାଧାରଣ ଜନତାଙ୍କ ଆର୍ଥିକ ଓ ଡିଜିଟାଲ୍ ସୁରକ୍ଷା ପାଇଁ ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ଘଟିଲେ ତୁରନ୍ତ ଅଭିଯୋଗ କଲେ ଟଙ୍କା ଫେରି ପାଇବାର ସମ୍ଭାବନା ବଢ଼ିଥାଏ। ଲୋକମାନେ ସଚେତନ ରୁହନ୍ତୁ ଓ ସନ୍ଦିଗ୍ଧ ଲିଙ୍କ୍, କଲ୍ ଏବଂ ଓଟିପିଠାରୁ ଦୂରେଇ ରୁହନ୍ତୁ। କୌଣସି ପ୍ରକାର ଡିଜିଟାଲ୍ କିମ୍ବା ସାଇବର ଅପରାଧ ଘଟିଲେ ତୁରନ୍ତ ହେଲ୍ପଲାଇନ୍ ନମ୍ବର ୮୨୮୦୪୯୧୩୦୦ରେ ସମ୍ପର୍କ କରିବାକୁ ଏସ୍‌ପି ଶ୍ରୀ ସିଂ ଅନୁରୋଧ କରିଛନ୍ତି। ପୁରୀ ସାଇବର ଥାନା ଆଗାମୀ ଦିନରେ ମଧ୍ୟ ସାଇବର ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖି ପୁରୀ ଜିଲ୍ଲାକୁ ଏକ ସୁରକ୍ଷିତ ଡିଜିଟାଲ୍ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

## ଲନ୍ ବଲ୍ ଖେଳାଳିଙ୍କ ବଲାଙ୍ଗିର ଯାତ୍ରା



ପୁରୀ,୧୫।୧(ସମିସ): ଚଳିତ ମାସ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବଲାଙ୍ଗିରଠାରେ ଅନୁଷ୍ଠିତ ହେବ ତୃତୀୟ ରାଜ୍ୟସ୍ତରୀୟ ଲନ୍ ବଲ୍ ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ଅଂଶଗ୍ରହଣ କରିବା ଲାଗି ଗୁରୁବାର ପୁରୀ ଲନ୍ ବଲର ଖେଳାଳିମାନେ ଟ୍ରେନ୍ ଯୋଗେ ବଲାଙ୍ଗିର ଅଭିମୁଖେ ଯାତ୍ରା କରିଛନ୍ତି। ପୁରୀ ଜିଲ୍ଲା ଲନ୍ ବଲ୍‌ର ସମ୍ପାଦକ ହରେଶ କୁମାର ମିଶ୍ର, ଝଡ଼େଶ୍ୱରୀ କ୍ଲବ୍‌ର ସମ୍ପାଦକ ପାର୍ଥସାରଥୀ ମହାପାତ୍ର, ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ଝାଡ଼େଶ୍ୱରୀ କ୍ଲବ୍ ପ୍ରାଙ୍ଗଣରେ ଏହି ୭ ଜଣିଆ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କର ଯାତ୍ରା ସଫଳତା କାମନା କରିବା ସହ ଭଲ ପ୍ରଦର୍ଶନ କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି।

## ରାସ୍ତାରୁ ହଟିଲା ଜବରଦଖଲ

ପୁରୀ,୧୫।୧(ସମିସ): ପୌରପାଳିକା ପକ୍ଷରୁ ଗୁରୁବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ଘାଟକୁ ପଡ଼ିଥିବା ରାସ୍ତାରୁ ଅବରୋଧ ହଟାଯାଇଛି। କିଛି ଦୋକାନ ରାସ୍ତାର ଉଭୟ ପାର୍ଶ୍ୱକୁ ମାଡ଼ି ଆସିଥିବାରୁ ଉଚ୍ଛେଦ କରାଯାଇଛି। ପୌରପାଳିକା



ପକ୍ଷରୁ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନରେ ସାଗର ବିଜେସ୍ଥଳୀ ସଂଲଗ୍ନ ରାସ୍ତାରେ ଏହି ଉଚ୍ଛେଦ ହୋଇଛି। ପୌର ଅଧିକାରୀଙ୍କ ସୂଚନା ମୁତାବକ, ସ୍ୱର୍ଗଦ୍ୱାର ନିକଟରେ ଥିବା ସାଗର ବିଜେ ରାସ୍ତାରେ କିଛି ଦୋକାନୀ ରାସ୍ତା ଉପରକୁ ମାଡ଼ି ଆସିଥିଲେ। ସାଗର ବିଜେ ରାସ୍ତାକୁ ଅବରୋଧ କରିଥିବାରୁ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ବେଳେ ସମସ୍ୟା ଉପୁଜୁଛି। ଏ ନେଇ ଅଭିଯୋଗ ଆସିବା ପରେ ଉଚ୍ଛେଦ କରାଯାଇଛି। ଏହାବ୍ୟତୀତ ବେଳାଭୂମିରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ବାଟରେ ଥିବା କିଛି ଦୋକାନକୁ ମଧ୍ୟ ହଟାଯାଇଛି।

## ପଦ୍ମ ବିଭୂଷଣ ଜଗଦ୍‌ଗୁରୁ ରାମ ଭଦ୍ରାଚାର୍ଯ୍ୟଙ୍କ ଜୟନ୍ତୀ



ପୁରୀ,୧୫।୧(ସମିସ): ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ରାଘବ ପରିବାର ଓଡିଶା ତରଫରୁ ଆଳିପଡା ଗ୍ରାମସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳାରେ ଚିତ୍ରକୂଟ ତୁଳସୀ ପିଠାଧୀଶ୍ୱର ଜଗତଗୁରୁ ପଦ୍ମ ବିଭୂଷଣ ସ୍ୱାମୀ ରାମ ଭଦ୍ରାଚାର୍ଯ୍ୟଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ୯ଦିନ ଧରି ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଛି। ଜୟନ୍ତୀ ଅବସରରେ ଟ୍ରଷ୍ଟର ପ୍ରତିଷ୍ଠାତା ଓ ସମ୍ପାଦକ ତଥା ଜଗଦ୍‌ଗୁରୁଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ, ହାତୀ ଆଖଡ଼ା ମଠ ମହନ୍ତ ସୁଖରାମ ଦାସ, ପଣ୍ଡିତ ସୌମ୍ୟରଞ୍ଜନ ଆଚାର୍ଯ୍ୟ, ମହନ୍ତ କୃଷ୍ଣ ଚନ୍ଦ୍ର ଦାସ ମହାରାଜ ପ୍ରମୁଖ ଯୋଗଦେଇ ଜଗଦ୍‌ଗୁରୁଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀ ଭଜନ କୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରେ ଜଗଦ୍‌ଗୁରୁଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ମହାପ୍ରଭୁଙ୍କ ମହାପ୍ରସାଦ ନେଇ ରାଜସ୍ଥାନର ଜୟପୁରଠାରେ ଅବସ୍ଥାନ କରୁଥିବା ଜଗଦ୍‌ଗୁରୁ ରାମ ଭଦ୍ରାଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ।




### ଜିଲ୍ଲା କ୍ରୀଡ଼ା ସଂସଦ ରଦ୍ଦକୁ ୩ ବର୍ଷ ପୂରିବ

# ନୂଆ ସଂସଦ ଗଠନ ନ କରିବାକୁ ଷଡ଼ଯନ୍ତ୍ର

ପୁରୀ,୧୫।୧(ସମିସ): ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ପ୍ରତିଭାବାନ୍ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ ପୂର୍ବର ବିଜେଡି ସରକାର। ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିଥିଲେ। ଏହି ମହତ୍ ଲକ୍ଷ୍ୟ ରଖି ପୁରୀ ପେଣ୍ଠକଟାରେ ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଜିଲ୍ଲାର କ୍ରୀଡ଼ା ପ୍ରତିଭାଙ୍କୁ ଉନ୍ନତ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ପରିତାପର ବିଷୟ ହେଉଛି ପ୍ରାୟ ୩ ବର୍ଷ ହୋଇଯିବ ଏ ପର୍ଯ୍ୟନ୍ତ ଗଠନ ହୋଇପାରିନି ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ। ରଦ୍ଦ ସମୟରେ ଯେଉଁଭଳି ତତ୍ପରତା ଦେଖିବାକୁ ମିଳିଥିଲା ପରବର୍ତ୍ତୀ ସମୟରେ ତାହା ଶିଥିଳ ପଡ଼ିଯାଇଛି। ଫଳରେ ଜିଲ୍ଲା କ୍ରୀଡ଼ା ସଂସଦ କେବେ ଗଠନ ହେବ ତାକୁ ନେଇ ଦେଖାଦେଇଛି ଅନିଶ୍ଚିତତା। କାରଣ ନୂଆ ସଂସଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ କୋର୍ଟଙ୍କ ନୋଟିସ୍ ଚାଲିଆସୁଛି, ଯଦ୍ୱାରା ଗଠନ ହୋଇପାରୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖେଳାଳିମାନେ କୌଣସି ଅନିୟମିତତା କିମ୍ବା ଚୟନରେ ପକ୍ଷପାତିତାର ଶିକାର ହୋଇଥିବା ଅନୁଭବ କରନ୍ତି ତେବେ ସେମାନେ କାହା ପାଖରେ ଆପତ୍ତି ଅଭିଯୋଗ କରିବେ? ସେହିପରି କାହାଠାରୁ ଉପଯୁକ୍ତ ଦିଗ୍‌ଦର୍ଶନ ନେବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି।

ପୁରୀ ଜିଲ୍ଲାରେ କ୍ରୀଡ଼ାର ବିକାଶ ତଥା ଯୁବ କ୍ରୀଡ଼ାବିତ୍‌ଙ୍କୁ ଉଚିତ୍ ଦିଗ୍‌ଦର୍ଶନ ଦେବା ଉଦ୍ଦେଶ୍ୟରେ ୨୦୨୩ ଏପ୍ରିଲ୍ ମାସରେ ପୁରାତନ ଜିଲ୍ଲା କ୍ରୀଡ଼ା ସଂସଦକୁ ରଦ୍ଦ କରାଯାଇଥିଲା। ଖୁବ୍‌ଶୀଘ୍ର ନୂତନ କ୍ରୀଡ଼ା ସଂସଦ ଗଠନ ହେବ ବୋଲି କୁହାଯାଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦ ରଦ୍ଦ ନେଇ ପ୍ରଶାସନ ପକ୍ଷରୁ ନୋଟିସ୍ ବାହାରିଥିଲା। ସେତେବେଳେ ସାଧାରଣ ସମ୍ପାଦକଙ୍କୁ ସାଧାରଣ ପରିଷଦ ସଦସ୍ୟଙ୍କ ତାଲିକା, ଆଜୀବନ ସଭ୍ୟଙ୍କ ତାଲିକା, ସହବନ୍ଧିତ କ୍ଲବ୍, ବାଇ'ଲ, ବୈଠକ ରିଜୋଲ୍ୟୁସନ ଖାତା ଏବଂ ଅନ୍ୟାନ୍ୟ କାଗଜପତ୍ର ୭ ଦିନ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। ଦୀର୍ଘଦିନ ପରେ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ ବହୁ ପୁରୁଖା କ୍ରୀଡ଼ାବିତ୍। ନୂତନ ଭାବେ ଗଢ଼ା ହେବାକୁ ଥିବା କ୍ରୀଡ଼ା ସଂସଦ ସଭ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କୁ ପ୍ରାଧାନ୍ୟ ଦେବାକୁ ସେମାନେ ଦାବି କରିଥିଲେ।

ବିଜ୍ଞପ୍ତି ଅନୁଯାୟୀ, ପୂର୍ବତନ ସାଧାରଣ ସମ୍ପାଦକ ଆବଶ୍ୟକ କାଗଜପତ୍ର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଇତିମଧ୍ୟରେ ୩ ବର୍ଷ ବିତିବାକୁ ବସିଛି, କିନ୍ତୁ ନୂତନ କ୍ରୀଡ଼ା ସଂସଦ ଗଠନ ହୋଇପାରି ନାହିଁ। କିନ୍ତୁ ବିଭିନ୍ନ ସମୟରେ ପୁରୀ ଜିଲ୍ଲାର ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ବେଳେ ପକ୍ଷପାତିତାର ଶିକାର ହେଉଥିବା ଅଭିଯୋଗ ଉଠିଛି। ଗତ ସେପ୍ଟେମ୍ବର ମାସରେ ଜଣେ କ୍ରିକେଟର ଖେଳାଳି ଚୟନରେ ଅନିୟମିତତାର ଅଭିଯୋଗ ଆଣି ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲେ। କେବଳ ସମ୍ପୃକ୍ତ କ୍ରିକେଟର ନୁହନ୍ତି ବିଭିନ୍ନ କ୍ରୀଡ଼ାର ଖେଳାଳିମାନେ ଆପତ୍ତି ଅଭିଯୋଗ ଆଣୁଥିଲେ ମଧ୍ୟ ସଠିକ୍ ଫୋରମ୍‌ରେ ଉପସ୍ଥାପନ କରିପାରୁ ନାହାନ୍ତି। ଯଦି କ୍ରୀଡ଼ା ସଂସଦ ଥାଆନ୍ତା, ତେବେ ସେଠାରେ ଅଭିଯୋଗ ଉଠାଇ ନ୍ୟାୟ ପାଇବା ସହଜ ହୋଇପାରିଥା'ନ୍ତା ବୋଲି ଅନେକ କ୍ରୀଡ଼ାବିତ୍ କହିଛନ୍ତି। ତେବେ ଦୀର୍ଘ ୩ ବର୍ଷ ହେବ କାହିଁକି ଜିଲ୍ଲା କ୍ରୀଡ଼ା ସଂସଦ ଗଠନ ହୋଇପାରୁ ନାହିଁ ସେ ସମ୍ପର୍କରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି, ନିଶ୍ଚିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ନୂଆ କ୍ରୀଡ଼ା ସଂସଦ ଗଠନ ଏତେ ବିଳମ୍ବ ହେବା କଥା ନୁହେଁ। କିନ୍ତୁ ଆଇନଗତ ବିବାଦ ଏଥିରେ ପ୍ରତିବନ୍ଧକ ସାଜୁଛି। ସେ ୪ ଥର ନୂଆ ସଂସଦ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କଲେଣି। ହେଲେ ପ୍ରକ୍ରିୟା ଆଗେଇବା ପୂର୍ବରୁ କୋର୍ଟଙ୍କ ନୋଟିସ୍ ପହଞ୍ଚି ଯାଉଛି। ଫଳରେ କାମ ଆଗେଇପାରୁ ନାହିଁ। କେହି ବ୍ୟକ୍ତି କୋର୍ଟରେ ପିଟିସନ ଫାଇଲ୍ କରିବା ପରେ ଆମ ପାଖକୁ ନୋଟିସ୍ ପଳାଇ ଆସୁଛି। ଆମେ ବାଧ୍ୟ ହୋଇ ଏହି ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେଇପାରୁ ନାହୁଁ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ କହିଛନ୍ତି। ତେବେ କିଏ ସେହି ଷଡ଼ଯନ୍ତ୍ରକାରୀ, କ'ଣ ତାଙ୍କର ଉଦ୍ଦେଶ୍ୟ ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାଥାଉକି, ଶେଷଥର ପାଇଁ ୨୦୦୪ରେ ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ହୋଇଥିଲା। ସେବେଠାରୁ ଆଉ କାର୍ଯ୍ୟକର୍ତ୍ତା ଚୟନ ହୋଇନାହାନ୍ତି। ଦୀର୍ଘବର୍ଷ ହେବ କ୍ରୀଡ଼ା ସଂସଦ କେବଳ ନାମକୁ ମାତ୍ର ରହିଥିଲା। ଏହାର କାର୍ଯ୍ୟକାରିତାକୁ ନେଇ ଅସନ୍ତୋଷ ଦେଖାଦେବାରୁ ୨୦୧୫ରେ ଜଣେ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୧୬ରେ ଉଚ୍ଚ ନ୍ୟାୟାଳୟ ନିର୍ବାଚନ କରି ନୂତନ କର୍ମକର୍ତ୍ତା ଚୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରାଯାଇ ପାରି ନ ଥିବାବେଳେ ୨୦୨୩ ଏପ୍ରିଲ ୫ରେ ଜିଲ୍ଲା କ୍ରୀଡ଼ା ସଂସଦ ସଭାପତି ଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂସଦକୁ ରଦ୍ଦ କରିଥିଲେ।